ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୪/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, December 4/2025 | Page 16 | ₹ 7.00
୫୨ଶ ଭାଗ ୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 11 | ମୂଲ୍ୟ ₹୭/-

# ପଛଘୁଞ୍ଚା ଦେଲେ ସରକାର

## 'ସଞ୍ଚାର ସାଥୀ' ଆପ୍ ଇନ୍ଷ୍ଟଲ ନିର୍ଦ୍ଦେଶନାମାକୁ ରଦ୍ଦ କଲା କେନ୍ଦ୍ର

**ସମସ୍ତ ସ୍ମାର୍ଟଫୋନ୍ ତିଆରି ବେଳେ ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗ ପକ୍ଷରୁ ବିକଶିତ 'ସଞ୍ଚାର ସାଥୀ' ଆପ୍‌କୁ ବାଧ୍ୟତାମୂଳକ ଭାବେ ଇନ୍ଷ୍ଟଲ୍ କରିବା ପାଇଁ ଆପଲ୍, ସାମ୍‌ସଙ୍ଗ, ସାଓମି ଆଦି ସମସ୍ତ ନିର୍ମାତାଙ୍କୁ କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ସରକାର ଗତ ନଭେମ୍ବର ୨୮ରେ ଦେଇଥିବା ନିର୍ଦ୍ଦେଶନାମାକୁ ବୁଧବାର ରଦ୍ଦ କରିଦେଇଛନ୍ତି। ଏହି ଆପ୍ ଦ୍ୱାରା ବ୍ୟବହାରକାରୀଙ୍କ ପ୍ରିଭେସି ପ୍ରଘଟ ହେବା ଏବଂ ସେମାନଙ୍କ ଉପରେ ସମ୍ଭାବ୍ୟ ସରକାରୀ ସର୍ଭେଲାନ୍ସ ରଖାଯିବା ନେଇ ବିଭିନ୍ନ ବିରୋଧୀ ଦଳ, ଡିଜିଟାଲ ଅଧିକାର ସଂଗଠନ ଏବଂ ସାଧାରଣ ଲୋକେ ଚିନ୍ତା ପ୍ରକଟ କରିବା ସହ ଜୋରଦାର ବିରୋଧ କରିଥିଲେ। ଗ୍ରାହକଙ୍କ ପ୍ରିଭେସି ଗୁରୁତ୍ୱପୂର୍ଣ୍ଣ ମନେକରି ଅଗ୍ରଣୀ ସ୍ମାର୍ଟଫୋନ୍ ନିର୍ମାତା ଆପଲ୍ ବିରୋଧ କରିବା ସହ ସରକାରଙ୍କ ନିର୍ଦ୍ଦେଶକୁ ମାନିବ ନାହିଁ ବୋଲି କହିଥିଲା। ଅନ୍ୟ ସ୍ମାର୍ଟଫୋନ ନିର୍ମାତାମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ବିଭିନ୍ନ ମହଲରେ ଏଭଳି ଦୃଢ଼ ବିରୋଧ ପରେ ମୋଦି ସରକାର ପଛଘୁଞ୍ଚା ଦେଇଛନ୍ତି।**




ନୂଆଦିଲ୍ଲୀ,୩।୧୨

ଭାରତରେ ବିକ୍ରି ପୂର୍ବରୁ ସମସ୍ତ ମୋବାଇଲ୍ ଫୋନ୍‌ରେ ସଞ୍ଚାର ସାଥୀ ଆପ୍ ୯୦ ଦିନ ମଧ୍ୟରେ ବାଧ୍ୟତାମୂଳକ ସଂଯୋଗ ପାଇଁ କେନ୍ଦ୍ର ସରକାର ସ୍ମାର୍ଟଫୋନ୍ କମ୍ପାନୀଗୁଡ଼ିକୁ ଦେଇଥିବା ନିର୍ଦ୍ଦେଶକୁ ବୁଧବାର ରଦ୍ଦ କରିଦେଇଛନ୍ତି। ମୋବାଇଲ୍ ଫୋନ୍ କମ୍ପାନୀଗୁଡ଼ିକୁ ନୂଆ ସ୍ମାର୍ଟଫୋନ୍‌ରେ ସରକାରଙ୍କ ଦ୍ୱାରା ବିକଶିତ ସାଇବର ସୁରକ୍ଷା ଆପ୍ଲିକେଶନ ସଞ୍ଚାର ସାଥୀ ଆପ୍ ଇନ୍ଷ୍ଟଲ କରିବାକୁ କେନ୍ଦ୍ର ସରକାର ନଭେମ୍ବର ୨୮ରେ କହିଥିଲେ। ଉକ୍ତ ଆପ୍ ୟୁଜରମାନଙ୍କ ପ୍ରିଭେସିର ଉଲ୍ଲଂଘନ କରିବ ଏବଂ ସେମାନଙ୍କ କଥାବାର୍ତ୍ତା ଓ ବାର୍ତ୍ତା ଉପରେ ସରକାରଙ୍କ ନଜର ରହିବ ବୋଲି ବିରୋଧୀ ଅଭିଯୋଗ ଆଣିଥିଲେ। ସଞ୍ଚାର ସାଥୀ ସଂଯୋଗ ନିର୍ଦ୍ଦେଶକୁ ଆପଲ୍ ଅନୁପାଳନ କରିବ ନାହିଁ ବୋଲି କହିବା ସହ ଭାରତ ସରକାରଙ୍କୁ ନିଜର ଉଦ୍‌ବେଗ ଜଣାଇବ ବୋଲି କହିଥିଲା। ୟୁଜରମାନଙ୍କ ପ୍ରିଭେସି ସହ ସାଲିସ କରାଯାଇପାରିବ ☞ପୃଷ୍ଠା-୪

# ବିରୂପା ନଦୀକୁ ଖସିପଡ଼ିଲା କାର୍ | ଜଣେ ଉଦ୍ଧାର, ଜଣେ ନିଖୋଜ

ମଙ୍ଗୁଳି-ଜଗତପୁର,୩।୧୨(ମାନସ ସାମଲ)

କଟକ ଜିଲା ଜଗତପୁର ଥାନା ୪୮ ନମ୍ବର ୱାର୍ଡ ପଣ୍ଡାସାହି ନିକଟ ବିରୂପା ନଦୀକୁ ଏକ କାର ଭାରସାମ୍ୟ ହରାଇ ବୁଧବାର ସନ୍ଧ୍ୟାରେ ଖସିପଡ଼ିଛି। ଜଣେ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ଜଣେ ଖବର ଲେଖାହେବା ପର୍ଯ୍ୟନ୍ତ ନିଖୋଜ ରହିଛନ୍ତି। ନିଖୋଜ ଯୁବକ ହେଲେ ଭୁବନେଶ୍ୱର ଲିଙ୍ଗିପୁର ଅଞ୍ଚଳର ଉଦିତ ସାହୁ (୨୨) ଓ ଉଦ୍ଧାର ଯୁବକ ଭୁବନେଶ୍ୱର ଓଲ୍ଡ ଟାଉନର ଅଭିଷେକ ସାହୁ (୨୨)। ଖବର ପାଇବାର ଅଧଘଣ୍ଟା ମଧ୍ୟରେ ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ସାଥିରେ ଆଣିଥିବା ଉପକରଣ କାମ କରି ନ ଥିଲା। ସେଥିପାଇଁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଉଦ୍ଧାର କାର୍ଯ୍ୟ ବିଳମ୍ବ ହେବାରୁ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ କଟକ ଡିସିପି ☞ପୃଷ୍ଠା-୪




ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଚାଲିଥିବା ଦିନିକିଆ ସିରିଜ୍‌ରେ ଲଗାତର ଦୁଇ ମ୍ୟାଚ୍‌ରେ ୨ ଶତକ ହାସଲ ପରେ ବିରାଟ କୋହଲି।

## ଗୁଳି ବିନିମୟରେ ୩ ଯବାନ ଶହୀଦ, ୧୨ ମାଓବାଦୀ ନିହତ

ମାଲକାନଗିରି,୩।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାର ଗଙ୍ଗାଲୁର ଥାନା ନିକଟ ଜଙ୍ଗଲରେ ବୁଧବାର ସକାଳେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ବଡ଼ ଧରଣର ଗୁଳି ବିନିମୟ ଘଟିଛି। ପୋଲିସ ଏନ୍‌କାଉଣ୍ଟରରେ ବର୍ତ୍ତମାନ ସୁଦ୍ଧା ୧୨ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ତେବେ ମାଓବାଦୀଙ୍କ ଗୁଳିରେ ୩ ଯବାନ ଶହୀଦ ହୋଇଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ସସୀମରୁ ଅସୀମ**

# ୧ ଡଲାରର ମୂଲ୍ୟ ୯୦.୧୫ ଟଙ୍କା



**ସର୍ବକାଳୀନ ନିମ୍ନସ୍ତର**

**ଭାରତୀୟ ଟଙ୍କା ଆମେରିକୀୟ ଡଲାର ତୁଳନାରେ ଦୁର୍ବଳ ହେବାର ଧାରା ଜାରି ରହି ବୁଧବାର ପ୍ରଥମ ଥର ପାଇଁ ୯୦ ସ୍ତରକୁ ପାର କରିଛି। ଅର୍ଥାତ୍ ଦିନର କାରବାର ଶେଷ ହେବାବେଳକୁ ୧ ଡଲାର ମୂଲ୍ୟ ୯୦ ଟଙ୍କା ୧୫ ପଇସା ହୋଇଛି, ଯାହାକି ସର୍ବକାଳୀନ ନିମ୍ନ ସ୍ତର। ମଙ୍ଗଳବାର ଟଙ୍କା ମୂଲ୍ୟରେ ୪୨ ପଇସା ହ୍ରାସ ପାଇ ୧ ଡଲାରର ମୂଲ୍ୟ ୮୯ ଟଙ୍କା ୯୫ ପଇସା ହୋଇଥିଲା। ବୁଧବାର ଟଙ୍କାର ମୂଲ୍ୟ ୮୯.୯୬ରୁ ଆରମ୍ଭ ହୋଇଥିଲା ଏବଂ ଦିନର କାରବାର ସମୟରେ ତାହା ୯୦.୩୦ ଟଙ୍କାକୁ ଖସିଆସିଥିଲା। ଏହି ମୂଲ୍ୟ ହ୍ରାସ ପଛରେ ଅନେକ କାରଣ ରହିଥିବା ବଜାର ବିଶେଷଜ୍ଞମାନେ କହୁଛନ୍ତି, ଯେପରିକି ବିଦେଶୀ ପାଣ୍ଠିର କ୍ରମାଗତ ବହିର୍ଗମନ, ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଏବଂ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିକୁ ନେଇ ଅନିଶ୍ଚିତତା। ଏଭଳିସ୍ଥଳେ କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଭି. ଅନନ୍ତ ନାଗେଶ୍ୱରନ କହିଛନ୍ତି, ସରକାର ଟଙ୍କାର ଅବମୂଲ୍ୟାୟନକୁ ନେଇ ଚିନ୍ତିତ ନୁହନ୍ତି। ଏଭଳି ମୂଲ୍ୟ ହ୍ରାସର ମୁଦ୍ରାସ୍ଫୀତି କିମ୍ବା ରପ୍ତାନି ଉପରେ କୌଣସି ନକାରାତ୍ମକ ପ୍ରଭାବ ପଡ଼ିନାହିଁ। ଅନ୍ୟପକ୍ଷରେ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକ୍‌ରେ କହିଛନ୍ତି, ଭାଜପାର 'ଅଚ୍ଛେ ଦିନ୍' ଭାରତୀୟଙ୍କ ପାଇଁ ନୁହେଁ, ଅନ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ।**

ମୁମ୍ବାଇ,୩।୧୨(ପି.ଟି.)

ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ମାନଙ୍କ ଦ୍ୱାରା କ୍ରମାଗତ ଇକ୍ୱିଟି ବିକ୍ରୟ ଟଙ୍କା ମୂଲ୍ୟ ହ୍ରାସର ଏକ ପ୍ରମୁଖ କାରଣ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି। ସେହିପରି ଆମେରିକା ସହିତ ବାଣିଜ୍ୟ ଚୁକ୍ତି ସମାପ୍ତ ହେବାରେ ବିଳମ୍ବ ଟଙ୍କା ପ୍ରତି ବଜାରର ମନୋଭାବକୁ ନକାରାତ୍ମକ ଭାବରେ ପ୍ରଭାବିତ କରିଛି। କେତେଜଣ ବିଶ୍ଳେଷକଙ୍କ ମତରେ ଟଙ୍କାକୁ ସମର୍ଥନ କରିବା ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ମଧ୍ୟସ୍ଥତା ଗୁରୁତ୍ୱପୂର୍ଣ୍ଣ, ସେଥିରେ ଅଭାବ ରହିଥିବା କାରଣରୁ ମଧ୍ୟ ଏହି ମୂଲ୍ୟହ୍ରାସ ବଢ଼ିଯାଇଛି। ବୈଶ୍ୱିକ କାରଣକୁ ଦେଖିଲେ, ☞ପୃଷ୍ଠା-୪

# ବିଧାନସଭାରେ '୬୯' ଝଡ଼

ଭୁବନେଶ୍ୱର,୩।୧୨ (ରବିନାରାୟଣ ଜେନା)

ରାଜ୍ୟରେ କୃଷକମାନଙ୍କୁ ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ, ମନ୍ତ୍ରୀମାନେ ବିଭିନ୍ନ କାର୍ଯ୍ୟକ୍ରମରେ କହୁଛନ୍ତି। ତେବେ ସରକାର ଚଳିତବର୍ଷ ଚାଷୀଙ୍କଠାରୁ କେତେଟଙ୍କାରେ ଧାନ ସଂଗ୍ରହ କରିବେ, ତାହା ସ୍ପଷ୍ଟ କରନ୍ତୁ। ଇତିମଧ୍ୟରେ କେନ୍ଦ୍ର ସରକାର କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଯେଉଁ ୬୯ ଟଙ୍କା ବୃଦ୍ଧି କରିଛନ୍ତି (୨୩୦୦ରୁ ୨୩୬୯ ଟଙ୍କା), ତାହାସହ ୮୦୦ ଟଙ୍କା ମିଶିବ କି ନାହିଁ ତାହା ବିଭାଗୀୟ ମନ୍ତ୍ରୀ ଗୃହରେ ସ୍ପଷ୍ଟ କରନ୍ତୁ। ବାସ୍ତବରେ ରାଜ୍ୟ ସରକାର କଥା ଦେଇ କେତେକଥା ରଖିଛନ୍ତି ତାହା ଚାଷୀଭାଇମାନେ ଜାଣିବା ଆବଶ୍ୟକ। କେନ୍ଦ୍ରର ୬୯ ଟଙ୍କାକୁ ରାଜ୍ୟ ସରକାର ହାଇଜାକ୍ କରିଛନ୍ତି ନା ନାହିଁ, ତାହା ଜଣାପଡ଼ିବ ବୋଲି କହି ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ବିଧାନସଭାରେ ମୁଲତବି ଆଲୋଚନା କାଳରେ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି।

ଏହାର ଜବାବ ରଖି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ରାଜ୍ୟ ସରକାର ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାକୁ ଘୋଷଣା କରିଥିଲେ। ସେଥିରେ କୌଣସି ଦ୍ୱିମତ ନାହିଁ। ପୂର୍ବ ସରକାର ୧୦୦ ଟଙ୍କା ବୋନସ୍ ଦେବାକୁ ଘୋଷଣାକରି ଦେଇପାରି ନ ଥିବାବେଳେ ଭାଜପା ସରକାର ୮୦୦ ଟଙ୍କାର ସବ୍‌ସିଡି ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ବାଚସ୍ପତି ସୁରମା ପାଢ଼ୀ ଉଭୟ ବିରୋଧୀ ଓ ଶାସକ ଦଳର ଆଲୋଚନା ଶୁଣିବା ପରେ ମୁଲତବି ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶକରି ବିରୋଧୀ ବିଜେଡି ଓ କଂଗ୍ରେସ କକ୍ଷତ୍ୟାଗ କରିଥିଲେ।

ବୁଧବାର ଗୃହରେ 'ବ୍ୟାପକ ଅବ୍ୟବସ୍ଥାରେ ଚାଲିଛି ମଣ୍ଡି' ଶୀର୍ଷକ ମୁଲତବି ଆଲୋଚନା ☞ପୃଷ୍ଠା-୪

## ମାଧୁରୀଙ୍କ ପାଇଁ ୧.୬୦ କୋଟି

ଭୁବନେଶ୍ୱର,୩।୧୨ (ରବିନାରାୟଣ ଜେନା)



ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍ ନେନେଙ୍କୁ ୨୦୨୫ରେ ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତି ପାଇଁ ମାଧୁରୀଙ୍କୁ ରାଜ୍ୟ ରାଜକୋଷରୁ ୧ କୋଟି ୬୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଗୃହକୁ ଜଣାଇଛନ୍ତି। ବିଜେଡି ସଦସ୍ୟ ଅରୁଣ କୁମାର ସାହୁଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି, ମାଧୁରୀଙ୍କ ଯିବାଆସିବା ଲାଗି ଫ୍ଲାଇଟ୍ ଟିକେଟ, ରହଣି ଏବଂ ଖାଇବାପିଇବା ବ୍ୟବସ୍ଥା କରାଯାଇଛି। ଓଡ଼ିଶା ହସ୍ତତନ୍ତର ଚାହିଦାକୁ ଅନ୍ତର୍ଜାତୀୟ ବଜାରରେ ବ୍ୟାପକ କରିବା ପାଇଁ ବିଶ୍ୱସ୍ତରରେ ଖ୍ୟାତିସମ୍ପନ୍ନ ବଲିଉଡ୍ ☞ପୃଷ୍ଠା-୪

## ଫେବୃଆରୀ ୧୮ରୁ ଯୁକ୍ତ୨ ପରୀକ୍ଷା

- **ପ୍ରାକ୍ଟିକାଲ ପରୀକ୍ଷାର ହେବ ଲାଇଭ୍ ଷ୍ଟ୍ରିମିଂ**
- **ପରୀକ୍ଷା ସରିବାର ୪୦ ଦିନରେ ରେଜଲ୍ଟ**

ଭୁବନେଶ୍ୱର,୩।୧୨ (ସୁଚିସ୍ମିତା ସାହୁ)

ଚଳିତ ଶିକ୍ଷାବର୍ଷ ପାଇଁ ଯୁକ୍ତ୨ ପରୀକ୍ଷା ସୂଚୀ ବୁଧବାର ଘୋଷଣା କରାଯାଇଛି। ଫେବୃଆରୀ ୧୮ରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ଚାଲିବ। ତେବେ ଏହା ପୂର୍ବରୁ ଅର୍ଥାତ୍ ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ବୁଧବାର ସୂଚନା ଦେଇଛନ୍ତି। ସେହିପରି ଡିସେମ୍ବର ୨୨ରୁ ୩୧ ତାରିଖ ଯାଏ ଇଣ୍ଟରନାଲ ପରୀକ୍ଷା ହେବ। ଯେଉଁମାନେ ଏହି ସମୟରେ ପରୀକ୍ଷା ଦେଇପାରିବେ ନାହିଁ, ସେମାନେ ଜାନୁଆରୀ ୧୦ରୁ ୧୫ ତାରିଖ ମଧ୍ୟରେ ଇଣ୍ଟରନାଲ ପରୀକ୍ଷା ଦେବେ। ଚଳିତବର୍ଷ ସାରା ରାଜ୍ୟରେ ମୋଟ ୧୩୫୦ଟି ପରୀକ୍ଷା କେନ୍ଦ୍ର କରାଯାଇଛି। କପି ରୋକିବା ଓ ସ୍ୱଚ୍ଛତାର ସହ ପରୀକ୍ଷା କରିବା ପାଇଁ ସିଏଚ୍‌ଏସ୍‌ଇ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସୁପରିଚାଳନା ଓ ସ୍ୱଚ୍ଛତା ପାଇଁ ସିସିଟିଭି କ୍ୟାମେରା, ☞ପୃଷ୍ଠା-୪



**ବିତାଡ଼ିତ ବାଂଲାଦେଶୀ ଗର୍ଭବତୀଙ୍କୁ ପ୍ରବେଶ ଅନୁମତି ଦେଲେ ସୁପ୍ରିମକୋର୍ଟ**

ମାନବିକତା ଦୃଷ୍ଟିରୁ ସୁପ୍ରିମକୋର୍ଟ ବୁଧବାର ବାଂଲାଦେଶୀ ଗର୍ଭବତୀ ମହିଳା ସୁନାଲି ଖାତୁନ୍ ଓ ତାଙ୍କର ୮ ବର୍ଷର ସନ୍ତାନ ସୁଇଟି ବିବିଙ୍କୁ ଭାରତରେ ପ୍ରବେଶ ପାଇଁ ଅନୁମତି ଦେଇଛନ୍ତି। ବେଆଇନ ଆପ୍ରବାସୀ ଦର୍ଶାଇ ଏହି ମା'ଝିଅ ଓ ସେମାନଙ୍କ ପରିବାରକୁ ବାଂଲାଦେଶକୁ ବିଦା କରିଦିଆଯାଇଥିଲା। ଏହାକୁ କୋଲକାତା ହାଇକୋର୍ଟ ଖାରଜ କରିଦେବା ପରେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା।

## ଦିଲ୍ଲୀରେ ଆଜି




ବାୟୁ ପ୍ରଦୂଷଣ ପ୍ରତିବାଦରେ ଦିଲ୍ଲୀର ନାଗରିକ ସଂଗଠନ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଦିଲ୍ଲୀ ବାୟୁ ଗୁଣବତ୍ତା ସୂଚକାଙ୍କ ବିପଜ୍ଜନକ ସ୍ତରରେ ପହଞ୍ଚିଥିବା ବେଳେ ସ୍ୱଚ୍ଛ ବାୟୁ ପାଇଁ ସେମାନେ ଦାବି କରିଛନ୍ତି। (ଫଟୋ- ଚମନ ଗୌତମ)

# ଆଜି ଆସିବେ ପୁଟିନ୍

### ଭାରତ ସହ ବେସାମରିକ ଆଣବିକ ସହଯୋଗ ନେଇ ଏମ୍ଓୟୁ ସ୍ୱାକ୍ଷର କରିବ ରୁଷିଆ

**ନୂଆଦିଲ୍ଲୀ,୩।୧୨**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଗୁରୁବାରଠାରୁ ୨ ଦିନିଆ ଭାରତ ଗସ୍ତରେ ଆସୁଥିବାବେଳେ ଏହି ଅବସରରେ ୨ ଦେଶ ମଧ୍ୟରେ ବେସାମରିକ ଆଣବିକ ସହଯୋଗ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହେବାକୁ ଯାଉଛି। ରୁଷିଆ କ୍ୟାବିନେଟ ଉକ୍ତ ଏମ୍ଓୟୁକୁ ମଞ୍ଜୁରୀ ପ୍ରଦାନ କରିଛି। ତାମିଲନାଡୁର କୁଦନକୁଲମ ଆଣବିକ ଶକ୍ତି ପ୍ରକଳ୍ପରେ ଅନେକ ରିଆକ୍ଟର ନିର୍ମାଣ କରିଥିବା ରୁଷିଆର ରୋସାଟମ୍‌କୁ ରୁଷିଆ ସରକାରଙ୍କ ତରଫରୁ ଉକ୍ତ ଏମ୍ଓୟୁ ସ୍ୱାକ୍ଷର କରିବାକୁ କ୍ଷମତା ଦିଆଯାଇଛି।

ପୁଟିନ୍‌ଙ୍କ ଗସ୍ତ ଅବସରରେ ଭାରତ-ରୁଷିଆ ସମିଟ୍‌ରେ ଅର୍ଥନୀତି, ପ୍ରତିରକ୍ଷା ଓ ଶକ୍ତି କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯିବ। ରୁଷିଆ ରାଷ୍ଟ୍ରପତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଶୁକ୍ରବାର ଆଲୋଚନା କରିବେ। ଏହି ଅବସରରେ ଦ୍ୱିପାକ୍ଷିକ ସହଯୋଗର ସମୀକ୍ଷା ହେବା ସହ ବିଭିନ୍ନ ଆଞ୍ଚଳିକ ପ୍ରସଙ୍ଗରେ ଆଲୋଚନା ହେବ ବୋଲି ଆଶା କରାଯାଉଛି। ଏଥିସହିତ କେତେଗୁଡ଼ିଏ ସରକାରୀ ଓ ବ୍ୟବସାୟିକ ଚୁକ୍ତିନାମା ସ୍ୱାକ୍ଷର ହେବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ପୁଟିନ୍‌ଙ୍କ ଗସ୍ତ ପାଇଁ ନୂଆଦିଲ୍ଲୀରେ ୫ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ରୁଷିଆ ରାଷ୍ଟ୍ରପତିଙ୍କ ସୁରକ୍ଷା



ଭ୍ଲାଡିମିର ପୁଟିନ୍

ସେବାର ଉଚ୍ଚ ପ୍ରଶିକ୍ଷିତ ଯବାନଙ୍କ ସମେତ ଭାରତର ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍ଏସ୍ଜି)ର ଶୀର୍ଷ କମାଣ୍ଡୋମାନଙ୍କୁ ନିୟୋଜିତ କରାଯାଇଛି। ଏଥିସହିତ ସ୍ନାଇପର, ଡ୍ରୋନ୍, ଜାମର ମୁତୟନ ହୋଇଥିବାବେଳେ ଏଆଇ ମନିଟରିଂ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶୁକ୍ରବାର ରାଷ୍ଟ୍ରପତି ଭବନରେ ପୁଟିନ୍‌ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ସେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ସ୍ମାରକୀ ପରିଦର୍ଶନ କରିବା ସହ ହାଇଦ୍ରାବାଦ ହାଉସ୍‌ରେ ଭାରତ-ରୁଷିଆ ବାର୍ଷିକ ସମିଟ୍‌ରେ ଯୋଗଦେବେ। ଏଥିସହିତ ଭାରତ ମଣ୍ଡପମ୍‌ରେ ଏକ କାର୍ଯ୍ୟକ୍ରମରେ ସାମିଲ ହେବେ।

## କୋଲ୍ଡରିଫ୍ କମ୍ପାନୀ ମାଲିକଙ୍କ ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

### କଫ୍ ସିରପ୍‌ଜନିତ ମୃତ୍ୟୁ ମାମଲା

**ନୂଆଦିଲ୍ଲୀ,୩।୧୨**

ମଧ୍ୟପ୍ରଦେଶରେ ୨ ମାସ ପୂର୍ବେ ବିଷାକ୍ତ କୋଲ୍ଡରିଫ୍ କଫ୍ ସିରପ୍ ଖାଇ ଅନ୍ୟୁନ ୨୦ ଜଣ ପିଲାଙ୍କ ମୃତ୍ୟୁ ଘଟିଥିଲା। ଏହି କଫ୍ ସିରପ୍ ପ୍ରସ୍ତୁତକାରୀ କମ୍ପାନୀ ସ୍ରେସାନ ଫାର୍ମାସ୍ୟୁଟିକାଲ୍ସର ମାଲିକ ଜି. ରଙ୍ଗନାଥନ୍‌ଙ୍କ ଚେନ୍ନାଇରେ ଥିବା ୨ଟି ଫ୍ଲାଟ୍‌କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବାଜ୍ୟାପ୍ତ କରିଛି। ମନିଲଣ୍ଡରିଂ ପ୍ରତିକାର ଆଇନରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବୁଧବାର ଇଡି କହିଛି। ୨ଟି ଫ୍ଲାଟ୍‌ର ମୂଲ୍ୟ ୨.୦୪ କୋଟି ଟଙ୍କା ହେବ। ଗତ ଅକ୍ଟୋବରରେ ମଧ୍ୟପ୍ରଦେଶ ପୋଲିସ ରଙ୍ଗନାଥନ୍‌ଙ୍କୁ ଗିରଫ କରିଥିଲା। କମ୍ପାନୀ ଏହାର ଉତ୍ପାଦନ ଖର୍ଚ୍ଚ କମାଇବା ସହ ଅଧିକ ଲାଭ କରିବା ପାଇଁ ଅସାଧୁ ବ୍ୟବସାୟିକ ପନ୍ଥା ଆପଣାଇଥିଲା ବୋଲି ଇଡି ଅଭିଯୋଗ କରିଛି। ତଦନ୍ତ ଅନୁଯାୟୀ, କମ୍ପାନୀ କଫ୍ ସିରପ୍ ପ୍ରସ୍ତୁତି ପାଇଁ ଔଷଧ ଗ୍ରେଡ୍‌ର କଞ୍ଚାମାଲ୍ ପରିବର୍ତ୍ତେ ଶିଳ୍ପ ପାଇଁ ଉଦ୍ଦିଷ୍ଟ କଞ୍ଚାମାଲ୍ ବ୍ୟବହାର କରୁଥିଲା। ସେଗୁଡ଼ିକା ମାନ ଉପଯୁକ୍ତ ଯାଞ୍ଚ କରାଯାଉ ନ ଥିଲା। ରେକର୍ଡରେ ନ ରହିବା ପାଇଁ ବିନା ଇନ୍‌ଭଏସ୍‌ରେ ନଗଦ ଅର୍ଥ ଦିଆଯାଇ କଞ୍ଚାମାଲ୍ କିଣାଯାଉଥିଲା।

# ୨୦୦ ବିମାନ ବାତିଲ, ୧,୪୦୦ ଉଡ଼ାଣ ବିଳମ୍ବ

### ଇଣ୍ଡିଗୋରେ କର୍ମଚାରୀ ସଙ୍କଟରୁ ସମସ୍ୟା

### ଯାତ୍ରୀଙ୍କ ଅସୁବିଧା ପାଇଁ କ୍ଷମା ମାଗିଲା ଏୟାରଲାଇନ୍ସ

**ନୂଆଦିଲ୍ଲୀ,୩।୧୨**




ଭାରତର ସବୁଠୁ ବଡ଼ ଏୟାରଲାଇନ୍ସ ଇଣ୍ଡିଗୋ ଗମ୍ଭୀର ପରିଚାଳନାଗତ ସଙ୍କଟର ସମ୍ମୁଖୀନ ହୋଇଛି। ଦେଶ ଭିତରେ ଏହାର ୨୦୦ ବିମାନ ବାତିଲ ହେବା ସହ ଅନେକର ଉଡ଼ାଣ ବିଳମ୍ବିତ ହୋଇଛି। କର୍ମଚାରୀ ଅଭାବ, ପ୍ରଯୁକ୍ତି ସମସ୍ୟା ଏବଂ ବିମାନବନ୍ଦରରେ ଭିଡ଼ ଆଦି ବିଭିନ୍ନ କାରଣରୁ ବିଭିନ୍ନ ଏୟାରପୋର୍ଟରେ ଇଣ୍ଡିଗୋ ବିମାନ ଅଟକି ରହିଛି। ଅନେକ ହଜାର ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିବାରୁ ଇଣ୍ଡିଗୋ ଏଥିପାଇଁ କ୍ଷମା ମାଗିଛି। ୨ ଦିନ ହେଲା ସମଗ୍ର ନେଟ୍‌ୱର୍କରେ ବିମାନ ଚଳାଚଳ ଗୁରୁତର ବାଧାପ୍ରାପ୍ତ ହୋଇଥିବା ଇଣ୍ଡିଗୋ ସ୍ୱୀକାର କରିଛନ୍ତି। ଏଥିଯୋଗୁ ସୃଷ୍ଟ ଅସୁବିଧା ପାଇଁ ଆମେ ଆମ ଗ୍ରାହକମାନଙ୍କ ନିକଟରେ କ୍ଷମା ମାଗୁଛୁ ବୋଲି ଉକ୍ତ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି।

ବିମାନ ବାତିଲକୁ ନେଇ ଉତ୍ୟକ୍ତ ଯାତ୍ରୀମାନେ କର୍ମଚାରୀମାନଙ୍କ ସହ ଯୁକ୍ତି କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଛାଇହୋଇଯାଇଛି। ଅନେକ ସେଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁଙ୍କୁ ଟ୍ୟାଗ୍ କରି Xରେ ସେମାନଙ୍କ ଅସନ୍ତୋଷ ଜଣାଇଛନ୍ତି। ଜଣେ ଯାତ୍ରୀ ଲେଖିଛନ୍ତି, ତାଙ୍କ ବିମାନ ୭ ଘଣ୍ଟା ବିଳମ୍ବ ହେଲାଣି। ସେ ଆଉ କେବେ ଇଣ୍ଡିଗୋରେ ଯାତ୍ରା କରିବେ ନାହିଁ। ଏହି ଘଟଣାର ତଦନ୍ତ ହେବା ଆବଶ୍ୟକ ବୋଲି ସେ ଲେଖିଛନ୍ତି। ବିଭିନ୍ନ ବିମାନବନ୍ଦରରେ ଯାତ୍ରୀମାନେ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ପ୍ରତୀକ୍ଷା କରିବା ସତ୍ତ୍ୱେ ବିମାନ ଉଡ଼ାଣ ହେବ କି ନାହିଁ ସ୍ପଷ୍ଟ ହୋଇପାରି ନ ଥିଲେ। ହାଇଦ୍ରାବାଦ ଏୟାରପୋର୍ଟରେ ଆୟାପ୍ପା ଶ୍ରଦ୍ଧାଳୁମାନେ ବିକ୍ଷୋଭ କରିବାକୁ ବାଧ୍ୟ ହୋଇଥିଲେ। ଯାତ୍ରୀମାନେ ସ୍ୱଚ୍ଛତା ଏବଂ ଦାୟିତ୍ୱସମ୍ପନ୍ନ ସେବା ପାଇବାକୁ ହକ୍‌ଦାର ବୋଲି ସେମାନେ କହିଥିଲେ। ସୂଚନାଯୋଗ୍ୟ, ନଭେମ୍ବରରେ ବିମାନ ଉଡ଼ାଣର ନୂଆ ସମୟସୀମା (ଏଫ୍‌ଡିଟିଏଲ୍) ଜାରି ହେବା ପରଠାରୁ ବିଭିନ୍ନ କାରଣକୁ ନେଇ ଇଣ୍ଡିଗୋ ବିମାନ ଉଡ଼ାଣ ବିଳମ୍ବ ହେବା ସହ ବାତିଲ ସମସ୍ୟା ଲାଗି ରହିଛି। ଉକ୍ତ ନିୟମ ଯୋଗୁ ପାଇଲଟ୍‌ଙ୍କ ରୋଷ୍ଟରରେ ପରିବର୍ତ୍ତନ ହେବା ସହ ଉପଲବ୍ଧ ସମ୍ବଳରେ ଅଭାବ ଦେଖାଦେଇଥିଲା। ମୁଖ୍ୟତଃ ପାଇଲଟ୍ କାର୍ଯ୍ୟଶକ୍ତି ବିଶେଷ ପ୍ରଭାବିତ ହୋଇଥିଲା। ଶୀତଦିନେ ଯାତ୍ରୀସଂଖ୍ୟା ବଢ଼ିବା ସହ ଏୟାରଲାଇନ ସମ୍ବଳ ଉପରେ ଅତିରିକ୍ତ ଚାପ ପକାଇଛି। ଇଣ୍ଡିଗୋରେ ପାଇଲଟ୍ ଅଭାବର ମୁଖ୍ୟ କାରଣ ଏଫ୍‌ଡିଟିଏଲ୍ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଇଣ୍ଡିଗୋ କହିଛି, ନିକଟରେ ବିମାନ ଚଳାଚଳ ପ୍ରଭାବିତ ହେବାର ମୁଖ୍ୟ କାରଣ ପ୍ରଯୁକ୍ତିଗତ ସମସ୍ୟା। ଏଥିପାଇଁ ଯାତ୍ରୀ ଉଠାଇବା ପ୍ରକ୍ରିୟା ବିଳମ୍ବିତ ହେଉଛି। ଏଥିସହିତ ଶୀତଋତୁ, ପ୍ରତିକୂଳ ପାଗ, ଯାତ୍ରୀ ଭିଡ଼ ଆଦିକୁ ମଧ୍ୟ ଏୟାରଲାଇନ୍ସ ଦାୟୀ କରିଛି।

ଇଣ୍ଡିଗୋ ୱେବ୍‌ସାଇଟ୍ ଅନୁଯାୟୀ, ଏହି ଏୟାରଲାଇନ୍ସ ଦୈନିକ ୨,୨୦୦ରୁ ଊର୍ଦ୍ଧ୍ୱ ଉଡ଼ାଣ କରିଥାଏ। ଏହାର ସମୟୋଚିତ ପ୍ରଦର୍ଶନ ମଙ୍ଗଳବାର ୩୫%କୁ ହ୍ରାସ ପାଇଛି। ଅର୍ଥାତ୍ ମଙ୍ଗଳବାର ୧,୪୦୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ ବିଳମ୍ବିତ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ବୁଧବାର ଅପରାହ୍ଣ ସୁଦ୍ଧା ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦରେ ପାଖାପାଖି ୨୦୦ ବିମାନ ବାତିଲ ହୋଇଛି।

## ଇଣ୍ଡୋନେସିଆ ବନ୍ୟା ମୃତ୍ୟୁସଂଖ୍ୟା ୮୦୦

**ଜାକର୍ତ୍ତା,୩।୧୨**

ଇଣ୍ଡୋନେସିଆରେ ପ୍ରଳୟଙ୍କରୀ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୮୦୦ରେ ପହଞ୍ଚିଛି। ଏହା ୨୦୦୪ ସୁନାମିଠାରୁ ଅଧିକ କ୍ଷତି ପହଞ୍ଚାଇଥିବା କୁହାଯାଉଛି। ଏହି ବନ୍ୟାକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବାକୁ ଇଣ୍ଡୋନେସିଆ ସରକାରଙ୍କ ଉପରେ ଚାପ ବଢ଼ୁଚାଲିଛି। ସୂଚନାଯୋଗ୍ୟ, ୧୯୯୨ ଭୂକମ୍ପ ଓ ସୁନାମି, ୨୦୦୪ର ସୁନାମି ଏବଂ କୋଭିଡ ମହାମାରୀକୁ ଇଣ୍ଡୋନେସିଆ ଜାତୀୟ ବିପର୍ଯ୍ୟୟ ଘୋଷଣା କରିଥିଲା।ସୁମାତ୍ରାର ୩ଟି ପ୍ରଦେଶରେ ୮୦୦ ଲୋକ ବନ୍ୟାରେ ପ୍ରାଣ ହରାଇଥିବାବେଳେ ଏହାକୁ ଜାତୀୟ ବିପତ୍ତି ଘୋଷଣା କରାଯିବା ଆବଶ୍ୟକ ବୋଲି ବିରୋଧୀ ନେତା ଏବଂ ସିଭିଲ୍ ସୋସାଇଟି ସଂଗଠନଗୁଡ଼ିକ ଦାବି କରିଛନ୍ତି। ଜାତୀୟ ବିପର୍ଯ୍ୟୟ ଘୋଷଣା ହେବା ଜରୁରୀ। ଏହା ଦ୍ୱାରା ବନ୍ୟା ପୀଡ଼ିତଙ୍କୁ ପର୍ଯ୍ୟାପ୍ତ ଘରୋଇ ଏବଂ ବିଦେଶୀ ସହାୟତା ମିଳିପାରିବ ବୋଲି ଆମନେଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡୋନେସିଆ କହିଛି।

## ଆରାବଳି ପାଇଁ 'ଡେଥ୍ ୱାରେଣ୍ଟ' ଭଳି ପଦକ୍ଷେପ ନେଇଛି କେନ୍ଦ୍ର: ସୋନିଆ

**ନୂଆଦିଲ୍ଲୀ,୩।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଆରାବଳି ପର୍ବତମାଳା ପାଇଁ 'ମୃତ୍ୟୁ ପରୱାନା' ଭଳି ପଦକ୍ଷେପ ନେଇଥିବା କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ଅଭିଯୋଗ କରିଛନ୍ତି। ସରକାର ଆଣିଥିବା ସଂଜ୍ଞାରେ ଆରାବଳିର ୧୦୦ ମିଟରରୁ କମ୍ ଉଚ୍ଚତା ମଧ୍ୟରେ ଥିବା ଅଞ୍ଚଳକୁ ଖଣି ଖନନ ପାଇଁ ଅନୁମତି ମିଳିଛି। ଗୁଜରାଟରୁ ରାଜସ୍ଥାନ ଓ ହରିୟାଣାକୁ ବ୍ୟାପିଥିବା ଏହି ପର୍ବତମାଳା ଦୀର୍ଘବର୍ଷ ଧରି ଭାରତର ଇତିହାସ ଓ ଭୂଗୋଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସିଛି। ଅବୈଧ ଖନନ ପୂର୍ବରୁ କ୍ଷତିଗ୍ରସ୍ତ ହୋଇଥିବା ଏହି ପର୍ବତମାଳା ପାଇଁ କେନ୍ଦ୍ର ସରକାର ପ୍ରାୟତଃ ଡେଥ୍ ୱାରେଣ୍ଟରେ ସ୍ୱାକ୍ଷର କରିଛନ୍ତି। ଫଳରେ ୧୦୦ ମିଟରରୁ କମ୍ ଉଚ୍ଚା ପାହାଡ଼ ଖନନ ପାଇଁ କଟକଣା ପରିସରଭୁକ୍ତ ହେବ ନାହିଁ। ସରକାରଙ୍କ ଏହି ନିଷ୍ପତ୍ତି ବେଆଇନ ଖନନକାରୀ ଏବଂ ମାଫିଆମାନଙ୍କୁ ଖୋଲା ଆମନ୍ତ୍ରଣ। ଏହାଦ୍ୱାରା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସୀମା ତଳେ ଥିବା ୯୦ ପ୍ରତିଶତ ପର୍ବତାଞ୍ଚଳକୁ ମଧ୍ୟ ସେମାନେ ସଫା କରିଦେବେ ବୋଲି ସୋନିଆ ଅଭିଯୋଗ କରିଛନ୍ତି।

## ୩୨ହଜାର ଶିକ୍ଷକଙ୍କ ନିଯୁକ୍ତି ରଦ୍ଦ ରାୟ ଖାରଜ

**କୋଲକାତା,୩।୧୨**

### ରଦ୍ଦ ନିର୍ଦ୍ଦେଶ ଦେଇଥିଲେ କୋଲକାତା ହାଇକୋର୍ଟର ଜଣିକିଆ ଖଣ୍ଡପୀଠ

ପଶ୍ଚିମବଙ୍ଗରେ ପ୍ରାଥମିକ ସ୍କୁଲ୍ ଶିକ୍ଷକ ନିଯୁକ୍ତିରେ ଅନିୟମିତତାକୁ ନେଇ କୋଲକାତା ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ୩୨ ହଜାର ଶିକ୍ଷକଙ୍କ ନିଯୁକ୍ତିକୁ ରଦ୍ଦ କରିଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ହାଇକୋର୍ଟର ଏକ ଖଣ୍ଡପୀଠ ଉକ୍ତ ରାୟକୁ ଖାରଜ କରିଦେଇଛନ୍ତି। ୨୦୧୪ରେ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି) ଜରିଆରେ ଉକ୍ତ ଶିକ୍ଷକମାନେ ନିଯୁକ୍ତି ପାଇଥିଲେ। ସମସ୍ତଙ୍କ ନିଯୁକ୍ତିରେ ଅନିୟମିତତା ହୋଇଥିବାର ପ୍ରମାଣ ନାହିଁ ବୋଲି ଜଷ୍ଟିସ୍ ତପବ୍ରତ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିବା ସହ ଜଣିକିଆ ଖଣ୍ଡପୀଠଙ୍କ ରାୟ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ୯ ବର୍ଷର ନିଯୁକ୍ତି ପରେ ଏହାକୁ ରଦ୍ଦ କରିଦିଆଯିବା ପ୍ରାଥମିକ ଶିକ୍ଷକ ଏବଂ ସେମାନଙ୍କ ପରିବାର ଉପରେ ବହୁତ ବଡ଼ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ଅଦାଲତ କହିଛନ୍ତି। ଉକ୍ତ ଅନିୟମିତତାର ତଦନ୍ତ ଦାୟିତ୍ୱ ହାଇକୋର୍ଟ ସିବିଆଇକୁ ଦେଇଥିଲେ। ୨୬୪ଟି ନିଯୁକ୍ତିରେ ଅନିୟମିତତା ହୋଇଥିବା ସିବିଆଇ ଚିହ୍ନଟ କରିଥିଲା। ତେଣୁ ସମ୍ପୂର୍ଣ୍ଣ ଚୟନ ପ୍ରକ୍ରିୟାକୁ ବାତିଲ କରିଦିଆଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୩ ମେ' ୧୨ରେ ଜଷ୍ଟିସ୍ ଅଭିଜିତ ଗଙ୍ଗୋପାଧ୍ୟାୟଙ୍କ ଖଣ୍ଡପୀଠ ୩୨ ହଜାର ଶିକ୍ଷକଙ୍କ ନିଯୁକ୍ତିକୁ ରଦ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ମୁନିର ଭାରତ ସହ ଯୁଦ୍ଧ ଚାହୁଁଥିଲେ: ଇମ୍ରାନ୍‌ଙ୍କ ଭଉଣୀ



ଆଲିମା ଖାନ୍

**ଇସ୍‌ଲାମାବାଦ,୩।୧୨**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଭାରତ ସହ ବନ୍ଧୁତା ବଢ଼ାଇବାକୁ ଉଦ୍ୟମ କରୁଥିବାବେଳେ ସେନାମୁଖ୍ୟ ଅସିମ ମୁନିର ଯୁଦ୍ଧ ଲାଳସା ରଖିଥିଲେ। ଇମ୍ରାନ୍‌ଙ୍କ ଭଉଣୀ ଆଲିମା ଖାନ୍ ଏହା କହିଛନ୍ତି। ମୁନିର ଜଣେ କଠୋରପନ୍ଥୀ ଇସ୍‌ଲାମୀୟ ଏବଂ ରୁଢ଼ିବାଦୀ ବୋଲି ଆଲିମା ସ୍କାଏ ନ୍ୟୁଜ୍‌କୁ କହିଛନ୍ତି। ଗତ ମେ'ରେ ଭାରତ-ପାକିସ୍ତାନ ଯୁଦ୍ଧ ପଛର କାରଣ ସମ୍ପର୍କରେ ପ୍ରଶ୍ନ ହେବାରୁ ସେ ସବୁ ଦୋଷ ମୁନିରଙ୍କ ଉପରେ ଲଦିଥିଲେ। ତାଙ୍କର ଇସ୍‌ଲାମୀୟ କଠୋରପନ୍ଥୀ ଓ ରକ୍ଷଣଶୀଳତା ତାଙ୍କୁ ଇସ୍‌ଲାମ ଉପରେ ବିଶ୍ୱାସ କରୁନ ଥିବା ଲୋକଙ୍କ ବିରୋଧରେ ଯୁଦ୍ଧ କରିବାକୁ ବାଧ୍ୟ କରୁଥିବା ଆଲିମା କହିଛନ୍ତି। ଇମ୍ରାନ୍ ଜଣେ ଉଦାରବାଦୀ। ସେ କ୍ଷମତାକୁ ଆସିବା ପରେ ସବୁବେଳେ ଭାରତ ସହ ବନ୍ଧୁତା କରିବାକୁ ଉଦ୍ୟମ କରିଥିଲେ। ଏପରିକି ଭାଜପା ସହ ମଧ୍ୟ ସେ ବନ୍ଧୁତା ଚାହୁଁଥିଲେ। ସେ ଇମ୍ରାନ୍‌ଙ୍କ ଏକ ସମ୍ପତ୍ତି ବୋଲି କହିବା ସହ ତାଙ୍କ ମୁକ୍ତି ପାଇଁ ପାଶ୍ଚାତ୍ୟ ଦେଶ ଉଦ୍ୟମ କରିବାକୁ ଆଲିମା ନିବେଦନ କରିଛନ୍ତି।

### ଫୁରସତ୍

# ଆଫ୍ରିକାରେ ରହସ୍ୟମୟ ନୃତ୍ୟ



**ନୂଆଦିଲ୍ଲୀ**

ପ୍ରତ୍ୟେକ ଦେଶର କିଛି ନା କିଛି ଇତିହାସ ଥାଏ, ଯାହା ଏହାକୁ ସ୍ୱତନ୍ତ୍ର କରିଥାଏ। ଆଫ୍ରିକା ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର । ମାନବ ସଭ୍ୟତାର ମୂଳଦୁଆ ଆଫ୍ରିକାରେ ହୋମୋ ସାପିଅନ୍ସ ଦ୍ୱାରା ସ୍ଥାପିତ ହୋଇଥିଲା। ଆଫ୍ରିକାରେ ମୋଟ ୫୪ଟି ଦେଶ ଅଛି, ଯାହା ମଧ୍ୟରୁ ୪୯ଟି ଭୂମିଭିତ୍ତିକ ଏବଂ ୫ଟି ଦ୍ୱୀପପୁଞ୍ଜ। ତେବେ ଆଫ୍ରିକାର କେତେକ ସ୍ଥାନରେ ଜାଙ୍ଗବେଟୋ ନୃତ୍ୟ ପ୍ରଦର୍ଶିତ ହୁଏ। ଏହି ଶବ୍ଦଟି ପଛରେ ଥିବା ରହସ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିପାରେ। ଜାଙ୍ଗବେଟୋର ପ୍ରକୃତ ଅର୍ଥ 'ରାତି ଜଗୁଆଳି'।

ଭୂଡୁ ସମ୍ପ୍ରଦାୟରେ ସେମାନଙ୍କୁ ବିଶେଷ ରକ୍ଷକ ଭାବରେ ଦେଖାଯାଏ। ଭୂଡୁ ଶବ୍ଦଟି ଶୁଣିବା ମାତ୍ରେ, ଏହାକୁ ଯାଦୁବିଦ୍ୟା କିମ୍ବା ଗୁପ୍ତ କାର୍ଯ୍ୟକଳାପ ସହ ଜଡ଼ିତ ବୋଲି ଧରାଯାଏ, କିନ୍ତୁ ପ୍ରକୃତପକ୍ଷେ ଏହା ନୁହେଁ। ଭୂଡୁ ହେଉଛି ଏକ ଆଫ୍ରିକୀୟ ଧର୍ମ ଯାହା ମୁଖ୍ୟତଃ ପଶ୍ଚିମ ଆଫ୍ରିକୀୟ ଦେଶଗୁଡ଼ିକରେ ବିଶେଷକରି ଘାନା, ନାଇଜେରିଆ ଏବଂ ବେନିନ୍‌ରେ ପ୍ରଚଳିତ।

ଆଫ୍ରିକୀୟ ଜାଙ୍ଗବେଟୋ ନୃତ୍ୟ ଘାନା, ଟୋଗୋ ଏବଂ ବେନିନ୍‌ର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଉତ୍ପନ୍ନ ହୋଇଥିବା କୁହାଯାଏ। ଜାଙ୍ଗବେଟୋ ନୃତ୍ୟର ମୂଳ ଉଦ୍ଦେଶ୍ୟ ଥିଲା ଏହି ସଂରକ୍ଷିତ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକୁ ବାହ୍ୟ ଆକ୍ରମଣରୁ ରକ୍ଷା କରିବା। ଆଜି ସମଗ୍ର ଦେଶରେ ଆଫ୍ରିକୀୟ ଜାଙ୍ଗବେଟୋ ନୃତ୍ୟ କେବଳ ପ୍ରମୁଖ ଜାଙ୍ଗବେଟୋ ଉତ୍ସବ ସମୟରେ ପ୍ରଦର୍ଶନ ହେଉଥିବା ଦେଖାଯାଏ।

# ସାମନ୍ଥାଙ୍କୁ ସ୍ୱତନ୍ତ୍ର ଉପହାର

**ମୁମ୍ବାଇ**

ଦକ୍ଷିଣ ଭାରତୀୟ ଷ୍ଟାର ସାମନ୍ଥା ରୁଥ୍ ପ୍ରଭୁ ନିକଟରେ ଦ୍ୱିତୀୟ ବିବାହ କରିଛନ୍ତି। ସେ 'ଦି ଫ୍ୟାମିଲି ମ୍ୟାନ୍' ନିର୍ଦ୍ଦେଶକ ରାଜ୍ ନିଦିମୋରୁଙ୍କ ହାତ ଧରିଛନ୍ତି । ଏହି ଦମ୍ପତି ଏକ ସରଳ ଢଙ୍ଗରେ ବିବାହ କରିଥିଲେ। ବିବାହ ପରେ ସାମନ୍ଥାଙ୍କୁ ଏକ ଦାମୀ ଉପହାର ମିଳିଛି। ଏହି ଉପହାର ଆଉ କେହି ନୁହେଁ, ସ୍ୱାମୀ ଦେଇଛନ୍ତି। ସାମନ୍ଥାଙ୍କୁ ଏକ ସୁନ୍ଦର ଘର ଉପହାର ଦେଇଛନ୍ତି ରାଜ୍ । ଏହି ଘର ହାଇଦ୍ରାବାଦର ଜୁବୁଲି ହିଲ୍ସରେ ଅବସ୍ଥିତ। ବିବାହ ସମୟରେ ସାମନ୍ଥାଙ୍କୁ ଘରର ଚାବି ଦେଇଥିଲେ। ସୂଚନାଯୋଗ୍ୟ, ସିଟାଡେଲ ଶୁଟିଂ ସମୟରେ ସାମନ୍ଥା ଏବଂ ରାଜ୍ ପ୍ରେମରେ ପଡ଼ିଯାଇଥିଲେ। ଏହା ରାଜ୍ ଏବଂ ସାମନ୍ଥା ଉଭୟଙ୍କ ପାଇଁ ଦ୍ୱିତୀୟ ବିବାହ। ରାଜ୍ ପ୍ରଥମେ ଶ୍ୟାମଳୀ ଦେଙ୍କୁ ବିବାହ କରିଥିଲେ। ଏହି ଦମ୍ପତି ୨୦୧୫ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ଏବଂ ୨୦୨୨ରେ ଅଲଗା ହୋଇଥିଲେ। ସାମନ୍ଥା ପୂର୍ବରୁ ନାଗା ଚୈତନ୍ୟଙ୍କୁ ବିବାହ କରିଥିଲେ। ଏହି ବିବାହ ମାତ୍ର ୪ ବର୍ଷ ତିଷ୍ଠିଥିଲା। ସାମନ୍ଥା ଏବଂ ନାଗା ୨୦୧୭ରେ ବିବାହ କରିଥିଲେ ଏବଂ ୨୦୨୧ରେ ଅଲଗା ହୋଇଥିଲେ।



ସାମନ୍ଥା ରୁଥ୍ ପ୍ରଭୁ

# FASHION FACTORY

# FREE SHOPPING WEEK

7 ଡିସେମ୍ବର ପର୍ଯ୍ୟନ୍ତ

NETPLAY · PARK AVENUE · CODE 61 · Doodle · avaasa · LOUIS PHILIPPE · JOHN PLAYERS · JUNIPER · CRIMSOUNE CLUB · ColorPlus · Allen Solly · FOUNDRY · PETER ENGLAND · Levi's · TWILLS · VAN HEUSEN · Lee · Wrangler · Pepe Jeans LONDON · DUKE · indi bee · spykar · KILLER · parx · intribe · Raymond · PARK AVENUE · Levi's · NAAM · Lee Cooper · yazzle · johnplayers.jeans · PINE CLUB · TURTLE · PASSPORT JEANS · JOHN PLAYERS · NETWORK · MUFTI · Allen Solly · SADDLE & MALLET

SCAN THIS QR CODE TO CONNECT WITH US ON WHATSAPP

₹5000 ଏମ୍‌ଆର୍‌ପି ମୂଲ୍ୟର ଯେକୌଣସି ବସ୍ତ୍ର ଶପିଂ କରନ୍ତୁ

ଏବଂ କେବଳ ₹2000 ପେ଼ଠ କରନ୍ତୁ

ଏବଂ ତାହାହିଁ ଫେରସ୍ତ ପାଆନ୍ତୁ



₹1000 MRP ମୂଲ୍ୟର ନିଶ୍ଚିତ ମାଗଣା ଉପହାର + ₹1000 ମୂଲ୍ୟର ଗିଫ୍ଟ ଭାଉଚର

VALUE ₹500 MRP · GIFT VOUCHER

For More Info.: https://reliff.com/4mRkEJ *T&C Apply.

Levi's · Lee · Wrangler · KILLER · Raymond · PARK AVENUE · LOUIS PHILIPPE · Pepe Jeans LONDON · Lee Cooper · TURTLE · PETER ENGLAND · Allen Solly · spykar · VAN HEUSEN · indi bee · JOHN PLAYERS

# FASHION FACTORY
BRANDS FOR LESS

Scan for store location

ଭୁବନେଶ୍ୱରରେ ଷ୍ଟୋର୍: ବିଏମ୍‌ସି ଭବାନୀ ମଲ୍, ଶହୀଦ ନଗର
କଟକରେ ଷ୍ଟୋର୍: ଚଣ୍ଡି ଛକ, ଏସ୍‌ବି ଓମେନ୍ସ କଲେଜ୍ ସାମ୍ନା
ସମ୍ବଲପୁରରେ ଷ୍ଟୋର୍: ବୁଢ଼ାରାଜା ମେନ୍ ରୋଡ୍, ଜଗନ୍ନାଥ ମନ୍ଦିର ସାମ୍ନା

ଷ୍ଟୋର୍ ମ୍ୟାନେଜର:
9861363962 / 7815923064 / 8144491874



FASHION FACTORY
FREE SHOPPING WEEK
7 ଡିସେମ୍ବର ପର୍ଯ୍ୟନ୍ତ
SCAN THIS QR CODE TO CONNECT WITH US ON WHATSAPP
₹5000 ଏମ୍ଆର୍‌ପି ମୂଲ୍ୟର ଯେକୌଣସି ବସ୍ତ୍ର ଶପିଂ କରନ୍ତୁ
ଏବଂ କେବଳ ₹2000 ପୈଠ କରନ୍ତୁ
ଏବଂ ତାହା ହିଁ ଫେରସ୍ତ ପାଆନ୍ତୁ
₹1000 MRP ମୂଲ୍ୟର ନିଶ୍ଚିତ ମାଗଣା ଉପହାର
+
₹1000 ମୂଲ୍ୟର ଗିଫ୍ଟ ଭାଉଚର
VALUE ₹500 MRP
GIFT VOUCHER
For More Info.: https://relff.com/4mRkEj
*T&C Apply.
FASHION FACTORY
BRANDS FOR LESS
Scan for store location
ଭୁବନେଶ୍ୱରରେ ଷ୍ଟୋର୍: ବିଏମ୍‌ସି ଭବାନୀ ମଲ୍, ଶହୀଦ ନଗର
କଟକରେ ଷ୍ଟୋର୍: ଚଣ୍ଡି ଛକ, ଏସ୍‌ବି ଓମେନ୍ସ କଲେଜ୍ ସାମ୍ନା
ସମ୍ବଲପୁରରେ ଷ୍ଟୋର୍: ବୁଢ଼ାରାଜା ମେନ୍ ରୋଡ୍, ଜଗନ୍ନାଥ ମନ୍ଦିର ସାମ୍ନା
ଷ୍ଟୋର୍ ମ୍ୟାନେଜର:
9861363962 / 7815923064 / 8144491874

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୧୫ତମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ, ସ୍ଥାନ: ଚନ୍ଦ୍ରଭାଗା ବିଚ୍, ସମୟ: ସକାଳ ୯ଟା।
- ଶ୍ରୀ ହନୁମାନ ଦେବଙ୍କ ବିଶ୍ୱ ଶାନ୍ତି ମହାଯଜ୍ଞ, ସ୍ଥାନ: ବାଲିଅନ୍ତା ବ୍ଲକର ବେଣ୍ଟପୁର ସ୍ଥିତ ଶ୍ରୀ ମହାବୀର ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରୀୟ ଟ୍ରେଡ ୟୁନିୟନ୍ ମିଳିତ ମଞ୍ଚ ପକ୍ଷରୁ ଗଣଧାରଣା, ସ୍ଥାନ: ଗାନ୍ଧୀମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସାର୍ବଜନୀନ ପାଠାଗାର ସମ୍ମିଳନୀ ୨୦୨୫ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ଢେଙ୍କାନାଳ ଉତ୍ସବ ୨୦୨୫ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୪ଟା।
- ଭାଗବତ ମହାପୁରାଣ ଓ ପ୍ରବଚନ ଜ୍ଞାନଯଜ୍ଞ ଉଦଯାପନୀ ଉତ୍ସବ, ସ୍ଥାନ: ଗଡ ନହରକଣ୍ଟା ସ୍ଥିତ ମହାଦେବ ସଭା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ୩୬ତମ କୋଣାର୍କ ଉତ୍ସବ, ସ୍ଥାନ: ଓପନ୍ ଏୟାର୍ ଅଡିଟୋରିୟମ୍, କୋଣାର୍କ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଗୋପମଥୁରା ମହାଲକ୍ଷ୍ମୀ ପୂଜା ମହୋତ୍ସବ ଉଦଘାଟନ, ସ୍ଥାନ: ଗୋପମଥୁରା ବକୂଳ ମଣ୍ଡପ, ବଡ଼ମ୍ବା, ସମୟ ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଶଙ୍ଖାମେରୀ ଗୋପୀନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣ, ବଡ଼ମ୍ବା, ସମୟରେ ଅପରାହ୍ନ ୫ଟା।
- ରତାପାଟ ମହାଲକ୍ଷ୍ମୀ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ରତାପାଟ, ବଡମ୍ବା, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କୁରାଢମଲ୍ଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଆଇନଗତ ପୋଷ୍ୟସନ୍ତାନ ସମ୍ପର୍କିତ ତାଲିମ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ପରମିଟ୍ ଫିଲ୍ଡ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରାଜଘାଟ ଛକ, ଭଦ୍ରକ, ସମୟ: ସକାଳ ୮ଟା।
- ତିହିଡି କଲେଜ ପ୍ରତିଷ୍ଠାତା ସମ୍ପାଦକଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଯୁକ୍ତ ୨ କଲେଜ ପରିସର, ତିହିଡି, ସମୟ: ପୂର୍ବାହ୍ନ ୧୦ଟା।
- ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।
- ସାନ୍ତାଳୀ ସଙ୍ଗୀତ ପରିବେଷଣ,ସ୍ଥାନ:ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ ବାରିପଦା,ସମୟ:ସନ୍ଧ୍ୟା ୭ଟା।

## କନ୍ଧମାଳ

- ଆଦିବାସୀ ମହାବିଦ୍ୟାଳୟର ୩୮ ତମ ବାର୍ଷିକ କ୍ରୀଡା, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ, ବାଲିଗୁଡ଼ା, ସମୟ: ସକାଳ ୯ ଟା ୩୦ ।

## ଅନୁଗୋଳ

- ମାଣବସା ଲକ୍ଷ୍ମୀପୂଜାର ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକ ଲିପିଲୋଇ ଗ୍ରାମ, ସମୟ: ସକାଳ ୭ ଟା।
- ମାଣବସା ଲକ୍ଷ୍ମୀ ପୂଜା ଉପଲକ୍ଷେ ଚୁଡ଼ାଖାଇ ଯାତ୍ରା, ସ୍ଥାନ: ଆଠମଲ୍ଲିକ କମ୍ପଲା ଗ୍ରାମ, ସମୟ :ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ସାଂସ୍କୃତିକ ମହୋତ୍ସବ ଷଷ୍ଠ ସନ୍ଧ୍ୟାରେ ପୋର୍ଟ ମେଡ଼ିକାଲ ଟିମ୍ ପକ୍ଷରୁ ନାଟକ ଭାଲୁ ମଞ୍ଚସ୍ଥ, ସ୍ଥାନ: ଜୟଦେବ ଭବନ, ବଡପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ ଟା।

## କେନ୍ଦ୍ରାପଡ଼ା

- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ଅଙ୍ଗୁଲାଇ ମିନି ଷ୍ଟାଡିୟମ, ମାର୍ଶାଘାଇ, କୋରୁଆ ହାଇସ୍କୁଲ ପଡିଆ, ଗରଦପୁର, ସମୟ: ସକାଳ ୯ଟା।
- ନୂତନ ଭାରତ, ଜାଗ ଔର ଜଗା ଓ ଅଭିଯାନରେ ହିନ୍ଦୁରାଷ୍ଟ୍ର ଘୋଷଣା ପାଇଁ ଦସ୍ତଖତ ସଂଗ୍ରହ କାର୍ଯ୍ୟକ୍ରମ, ସ୍ଥାନ: ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ମାଣବସା ପର୍ବ ଉଦ୍‌ଯାପିତ, ସ୍ଥାନ:ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ଗୋକୁଳାନନ୍ଦପୀଠ, ସମୟ: ସକାଳ ୬ଟା ।
- ଘୋଡଲାଗି ପର୍ବର ଅଷ୍ଟମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡଲାଗି ପର୍ବର ଅଷ୍ଟମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର,ସମୟ: ସକାଳ ୭ଟା୩୦ ।

## ନବରଙ୍ଗପୁର

- ଖବରଦାତାଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବିମା କାର୍ଡ ବିତରଣ, ସ୍ଥାନ: ନବରଙ୍ଗପୁର ଡିଆଇପିଆର୍‌ଓଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଉମରକୋଟ ରାମ ଲକ୍ଷ୍ମଣ ଇଣ୍ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପରିଷଦ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ: ନବରଙ୍ଗପୁର ଜିଲା ପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ମୃତ କେନ୍ଦୁପତ୍ର ତୋଳାଳିଙ୍କ ଉତ୍ତରାଧିକାରୀଙ୍କୁ ସରକାରଙ୍କ ତରଫରୁ ଆର୍ଥିକ ଅନୁଦାନ ପ୍ରଦାନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ୩୦ତମ ଜାତୀୟ ରୋଡ ସାଇକ୍ଲିଂ ଚାମ୍ପିୟନଶିପର ତୃତୀୟ ଦିବସ, ସ୍ଥାନ : ବାଟମଙ୍ଗଳା ମନ୍ଦିର, ସମୟ : ପୂର୍ବାହ୍ନ ୯ଟା।
- ମୁଣ୍ଡା ସମାଜର ବୈଠକ, ସ୍ଥାନ : ଜିଲା ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ପିଏମ୍ ସୂର୍ଯ୍ୟଘର– ମାଗଣା ବିଜୁଳି ଯୋଜନା କାର୍ଯ୍ୟକ୍ରମ, ସ୍ଥାନ : ମାନେଶ୍ୱର ବ୍ଲକ ଅର୍ନ୍ତଗତ ଡକବା ଗ୍ରାମ, ସମୟ : ଅପରାହ୍ନ ୧ଟା।
- ସାରେ ଯାହାଁ ସେ ଆଚ୍ଛା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଲଳିତ କଳା ଏକାଡେମୀ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା।

## ବଲାଙ୍ଗୀର

- ବୈଶାଖୀ ନାଟ୍ୟ ମହୋତ୍ସବ–୨୦୨୫ ଦ୍ୱିତୀୟ ଦିବସ, ସ୍ଥାନ: ବୁର୍ଡା ରାଧାକୃଷ୍ଣ ମଣ୍ଡପ, ଲୋଇସିଂହା ବ୍ଲକ, ସମୟ: ସନ୍ଧ୍ୟା ୬ଟା ୩୦।

## ରାଉରକେଲା

- ବାଟ ମା'ମଙ୍ଗଳା ଜନ୍ମଉତ୍ସବ, ସ୍ଥାନ: ଜଗଦା, ସମୟ: ସକାଳ ୮ଟା।
- ଇସ୍ପାତ ନାଟ୍ୟମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ସିଭିକସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

## ସୁନ୍ଦରଗଡ଼

- ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର,ସ୍ଥାନ: ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ୧୦ଟା।

## ବରଗଡ଼

- ମହାଲକ୍ଷ୍ମୀ ପୂଜା, ସ୍ଥାନ: ସାହୁପଡା ଛକ, ଗାଇସିଲେଟ୍, ସମୟ: ସକାଳ ୯ଟା।
- ମହାଲକ୍ଷ୍ମୀ ପୂଜା ଅବସରରେ କଳସଯାତ୍ରା, ସ୍ଥାନ: କନ୍ଦୁମୁଣ୍ଡା, ଗାଇସିଲେଟ, ସମୟ: ସକାଳ ୯ଟା।
- ଜୀବ ବିଜ୍ଞାନ ବିଭାଗର ଜାତୀୟ ସେମିନାର, ସ୍ଥାନ: ପଞ୍ଚାୟତ କଲେଜ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଏସିସି କ୍ରୀଷ୍ଣା ବିକାଶ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସିମେଣ୍ଟ ନଗର, ବରଗଡ଼, ସମୟ: ଅପରାହ୍ନ ୪ଟା ୩୦।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଦେବଗଡ଼ ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରିଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ୍ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁବ ମହୋତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ସକାଳ ୯ଟା।
- ଅଧିବକ୍ତା ପରିଷଦ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ସମ୍ବିଧାନ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ସୁନାବେଡା ଅଭୟାରଣ୍ୟ ଭିତରେ ମା' ବୁଢ଼ିମା' ଯାତ୍ରା, ସ୍ଥାନ: କୋମନା ବ୍ଲକ ସୁନାବେଡା ପଞ୍ଚାୟତ ଜାମଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନୂତନ ଗୃହ ପ୍ରବେଶ ଉତ୍ସବ, ସ୍ଥାନ: ପିଏଚ୍‌ଡି କଲୋନି ଖଡିଆଳ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ର ବୈଷୟିକ ସୁଖ, ସମ୍ପଦର ଅଭିବୃଦ୍ଧିଜନିତ ପ୍ରଫୁଲ୍ଲତା ଅନୁଭବ କରିବେ। ଦୂରଯାତ୍ରାର ସୁଯୋଗ ପାଇବେ ମାତ୍ର ରାସ୍ତାରେ କୌଣସି ବ୍ୟକ୍ତିଙ୍କ ସହ ବିରୋଧୀ ହୋଇପାରନ୍ତି। ଆଜି ହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ।

**ବୃଷ** ଦୈହିକ ସୁସ୍ଥତା ସାଙ୍ଗକୁ ମାନସିକ ସ୍ଥିତି ମଧ୍ୟ ଭଲ ରହିବ। ବନ୍ଧୁଙ୍କ ସହ ଆଲୋଚନା ପରିସରରେ ବିନୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବେ। କୃତ୍ତିକା ନକ୍ଷତ୍ରର ଆର୍ଥିକ ଅଭିବୃଦ୍ଧି ସହ ବନ୍ଧୁମିଳନ ମାଧ୍ୟମରେ ଦିନଟି ଅତିବାହିତ କରିବେ। ମତାନ୍ତର ଜନିତ କର୍ମ ଓ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଉପୁଜିପାରେ।

**ମିଥୁନ** ସାଧାରଣ କଥାକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ ଅନ୍ୟଥା ଆପଣ ହିଁ ସମସ୍ୟାର କେନ୍ଦ୍ରବିନ୍ଦୁ ହୋଇ ପଡିବେ। ଆଗାମୀ ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ସକାଶେ ତତ୍ପରତା ବଢ଼ିପାରେ। ଆର୍ଦ୍ରା ନକ୍ଷତ୍ରର କଚେରି ମାମଲା କ୍ଷେତ୍ରରେ ନୈରାଶ୍ୟଜନକ ସ୍ଥିତି ଦୂରେଇଯିବ।

**କର୍କଟ** କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ଭ୍ରମଣ ସୁଖ, ବନ୍ଧୁଙ୍କ ଆତିଥ୍ୟ ପ୍ରଦାନ ଯୋଗୁ ଖୁସି ରହିବେ। ଅତି ନିକଟରେ ରହୁଥିବା ମିତ୍ରମାନେ କିଛି ପାଇବା ଆଶାରେ ପ୍ରଶଂସା ଗାନ କରିପାରନ୍ତି। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବିବାଦୀୟ କ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ନୀରବ ରହିବାକୁ ବାଧ୍ୟ ହେବେ।

**ସିଂହ** ଆଜିର ଗ୍ରହସ୍ଥିତି ଏକାଧାରରେ ଅର୍ଥ, ସମ୍ମାନ ଓ ନୂତନ ସମ୍ପର୍କ ସୃଷ୍ଟିରେ ସାହାଯ୍ୟ କରିବ। ଅତୀତ ଘଟଣାର ସମୀକ୍ଷା କରି ଭାବବିହ୍ୱଳ ହେବା ସାଙ୍ଗକୁ ପ୍ରକୃତ ଉଦ୍ଦେଶ୍ୟକୁ ଉପସ୍ଥାପିତ କରିପାରିବେ ନାହିଁ। ପରୀକ୍ଷା, ସାହିତ୍ୟ ସାଧନା କ୍ଷେତ୍ରରୁ ପ୍ରଶଂସିତ ହେବେ। ଉତ୍ତରା ଫାଲଗୁନୀ ନକ୍ଷତ୍ରର ପାରିବାରିକ ସମସ୍ୟା ଦୂର ହେବାର ସୂଚନା ରହିଛି ।

**କନ୍ୟା** ଦୀର୍ଘଦିନର ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ହେବାରୁ ସାମୟିକ ଖୁସି ରହିବେ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ହସ୍ତା ନକ୍ଷତ୍ରର କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ରାଦି କ୍ଷେତ୍ରରେ ଥିବା ସମସ୍ୟା ସୁଧୁରି ଯିବ। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇ ବିବାଦ ଭିତରକୁ ଟାଣି ହୋଇପାରନ୍ତି।

**ତୁଳା** ସ୍ୱାତୀ ନକ୍ଷତ୍ର ସକାଶେ ପାରିବାରିକ ସଦ୍ଭାବ ଅକ୍ଷୁଣ୍ଣ ରହିବ ମାତ୍ର ନିଜକୁ ଟିକିଏ ନରମି କହିବାକୁ ପଡ଼ିପାରେ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆପଣଙ୍କ କାମରେ ସହଯୋଗ ମଧ୍ୟ କରିବେ। ନିର୍ମାଣ କିମ୍ବା କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ଟଙ୍କା, ପଇସାର ଘୋର ଅଭାବ ପରିଲକ୍ଷିତ ହୋଇପାରେ ।

**ବିଛା** ଉଚ୍ଚରାଶିସ୍ଥ ଚନ୍ଦ୍ର ପ୍ରଭାବରେ ଆଜି ଯେଉଁ କାମରେ ହାତଦେବେ ସଫଳତା ପାଇବେ। ଲୋକସମ୍ପର୍କ ବୃଦ୍ଧି ପାଇବାରେ ନିଜ ଲୋକ ପ୍ରତିବନ୍ଧକ ସୃଷ୍ଟି କରିବେ। କର୍ମକ୍ଷେତ୍ରରେ ଥିବା ସମୟରେ ବନ୍ଧୁଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଘରୋଇ ସମସ୍ୟା ପ୍ରସଙ୍ଗରେ ପର କଥାରେ ଘର ଲୋକଙ୍କୁ ଭୁଲ୍ ବୁଝିବେ।

**ଧନୁ** ବନ୍ଧୁଙ୍କ ଆହ୍ୱାନ କ୍ରମେ ଶୁଭକାର୍ଯ୍ୟରେ ଯୋଗଦେବାର ସୂଚନା ରହିଛି। ରାଜନୀତି, ପ୍ରକାଶନ, ଗବେଷଣା ଓ ଆନୁଷ୍ଠାନିକ କିମ୍ବା ଧାର୍ମିକ କାର୍ଯ୍ୟ ସକାଶେ ସମୟ ଦେଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ ସଭା ସମିତିରେ ସୁନାମ ଅର୍ଜନ କରିବେ। ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ଆଜି ଅର୍ଥ ଓ ପାରିବାରିକ କ୍ଷେତ୍ର ପୂର୍ବବତ୍ ଅକ୍ଷୁଣ୍ଣ ରହିବ।

**ମକର** ଆପଣଙ୍କ କଥା ଓ କାମରେ ତାଳମେଳ ନ ରହିବାରୁ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଭର୍ତ୍ସିତ ହେବେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଆଶା ପୂରଣ ହେବାରେ ବନ୍ଧୁ ସାହାଯ୍ୟ କରିବେ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ସଭାସମିତିରେ, ଆଲୋଚନା କ୍ଷେତ୍ରରେ, ଗଠନମୂଳକ କାମରେ ଶୁଭଫଳ ପାଇବେ।

**କୁମ୍ଭ** ପାରିବାରିକ ସମସ୍ୟା ସମାଧାନର ରାସ୍ତା ବାହାର କରିବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା ଓ ସନ୍ଦେହ କାରଣରୁ ନିଷ୍ପତ୍ତି ନେବାରେ ସମୟ ଲାଗିପାରେ। ଯାତ୍ରାସମୟରେ ଜିନିଷପତ୍ର ପ୍ରତି ସତର୍କ ନ ରହିଲେ ଅନୁତାପ କରିବାକୁ ପଡ଼ିବ। ଶତଭିଷା ନକ୍ଷତ୍ରର ବ୍ୟବସାୟ, ସଭାସମିତି, ନୂତନ କର୍ମାରମ୍ଭ ପାଇଁ ଅସୁବିଧା ହେବନାହିଁ।

**ମୀନ** ରେବତୀ ନକ୍ଷତ୍ର ନିଜେ କଷ୍ଟ ସ୍ୱୀକାର କଲେ ମଧ୍ୟ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସ୍ୱାର୍ଥ ସାଧନର ମସୁଧା କରି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ଆତ୍ମତୃପ୍ତି ଅନୁଭବ କରିପାରନ୍ତି।

ଆଜି ଡିସେମ୍ବର ୪ ତାରିଖ, ଭାରତୀୟ ନୌସେନା ଦିବସ, ମାର୍ଗଶିର ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପଣ୍ଡୁପୂର୍ଣ୍ଣିମା ଗୁରୁବାର, ଶ୍ରୀମନ୍ଦିରରେ ପଣ୍ଡୁ ନୃସିଂହ ବିଜେ, ପଣ୍ଡୁଓଷା, ମାଣବସା ଗୁରୁବାର ଶେଷପାଳି। ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ରାଶିନକ୍ଷତ୍ର–କୃତ୍ତିକା/ବୃଷ। ଦିବା ଘ.୦୨.୫୪ ଗତେ ରୋହିଣୀ ନକ୍ଷତ୍ର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୧୦ ଗତେ ଘ.୦୭.୩୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ. ୧୨.୫୮ ଗତେ ଘ. ୦୨.୧୯ ମଧ୍ୟେ ରାହୁ କାଳ ।

## ଗୁଳି ବିନିମୟରେ ୩ ଯବାନ ...

ପୋଲିସ ସୂଚନା ଅନୁଯାୟୀ ବିଜାପୁର ଜିଲା ଡିଆର୍‌ଜି, କୋବ୍ରା, ଏସ୍‌ଟିଏଫ୍ ଏବଂ ସିଆର୍‌ପିଏଫ୍ ବାହିନୀ ମିଳିତ ଭାବେ ବୁଧବାର ସକାଳେ ଗଙ୍ଗାଲୁର ଥାନା ନିକଟ ଜଙ୍ଗଲରେ କୋମ୍ବିଂ ଅପରେଶନ କରୁଥିଲେ। ଏହି ସମୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହେବାରୁ ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ପୋଲିସ୍ ଗୁଳିରେ ବର୍ତ୍ତମାନ ସୁଦ୍ଧା ୧୨ଜଣ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ସେହିପରି ଏହି ଗୁଳି ବିନିମୟରେ ୩ଜଣ ଯବାନ ଶହୀଦ ହୋଇଥିବା ବେଳେ ୨ ଜଣ ଯବାନ ଆହତ ହୋଇଛନ୍ତି। ଆହତଙ୍କୁ ଉତ୍ତମ ଚିକିତ୍ସା ନିମନ୍ତେ ରାୟପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଛି । ତେଣୁ ମାଓବାଦୀଙ୍କ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଛତିଶଗଡ଼ ଆଇଜି ସୁନ୍ଦରରାଜ ପି ସୂଚନା ଦେଇଛନ୍ତି। କୋମ୍ବିଂ ଅପରେଶନ ସାରି ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ଆଇଜି ସୁନ୍ଦର ରାଜ ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଡ଼ି ବସିଛନ୍ତି ଗେହ୍ଲା ପୁଅ, ବାଘ ଦୁଧ ଆଣି ଟୋପାଏ ଦିଅ ।**

ପୁଅ ହେଉକି ଝିଅ ପରିବାର ମଧ୍ୟରେ ଜଣେ ସନ୍ତାନ ଥିଲେ ଅଧିକ ଗେଲବସର ହୋଇଥାଏ। ଏପରି ସ୍ଥିତିରେ ତା'ର ଅଳି ନିର୍ବିଘ୍ନରେ ପୂରଣ ହୋଇଯାଉଥିବାରୁ ସେ ଟିକିଏ ଏକଜିଦିଆ ହୋଇଯାଇଥାଏ। ବେଶ୍ ଅଲିଅଳରେ ବଢ଼ିଆସିଥିବା ପୁଅ ଦୁର୍ମୂଲ୍ୟ ଦ୍ରବ୍ୟକୁ ହାତେଇବା ନେଇ ଅଡ଼ି ବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଣ୍ଟି ଛୁରି ତଣ୍ଟି କାଟେ।**

ବ୍ୟକ୍ତି ନିଜର ବ୍ୟବହାର ପାଇଁ ଛୁରିଟିକୁ ନିଜ ଅଣ୍ଟି ବା କମର ପାଖରେ ରଖିଥାଏ। ଏହାଦ୍ୱାରା ସେ ନିଜକୁ ଅନେକ ବିପତ୍ତିରୁ ରକ୍ଷା କରିପାରିଥାଏ। ତେବେ ବେଳେବେଳେ ସେହି ଛୁରିଟି ତା'ର ଅନେକ କ୍ଷତିସାଧନ କରୁଥିବା ଭଳି ଅତି ଆତ୍ମୀୟ ଲୋକ ନିଜର ଅନେକ ଅପକାର ବା କ୍ଷତି କରିଥାନ୍ତି। ଆତ୍ମୀୟ ବ୍ୟକ୍ତିର ବିଶ୍ୱାସଘାତକତା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ବିଧାନସଭାରେ ...

ଆରମ୍ଭକରି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବରଗଡ଼ ଓ ପଶ୍ଚିମ ଓଡ଼ିଶାରୁ ଅଧିକ ଧାନ ସଂଗ୍ରହ ହୁଏ। ଏ ବର୍ଷ ଧାନକିଣା ପ୍ରକ୍ରିୟା ୧ ମାସରୁ ଅଧିକ ବିଳମ୍ବ ହୋଇଛି। ଚାଷୀ ପାଖରେ ଧାନ ରଖିବାକୁ ଜାଗା ନାହିଁ କି ଟଙ୍କା ନାହିଁ। ସେ ସାହୁକାରଠାରୁ ଯେଉଁ କରଜ କରି ଧାନଫସଲ କରିଥିବ ତାକୁ ଶୁଝିବା ପାଇଁ ତରତର। ଏହାର ସୁଯୋଗ ନେଇ ଦଲାଲମାନେ ୧୬୦୦ରୁ ୧୭୦୦ ଟଙ୍କାରେ କେତେଜଣ ଚାଷୀଙ୍କଠାରୁ ଧାନ କିଣିଲେଣି। ଏ କଥାକୁ ସରକାର ଗୁରୁତ୍ୱ ନ ଦେଇ କେତେ ଚାଷୀ ପଞ୍ଜୀକରଣ କଲେ, ସେଥିରେ ସରକାର ବାହାବା ନେବାକୁ ବସିଛନ୍ତି। ବରଗଡ଼ରେ ୫ ହଜାର ଚାଷୀ ଏପର୍ଯ୍ୟନ୍ତ ପଞ୍ଜୀକରଣ କରି ନାହାନ୍ତି। ସେମାନେ ଏବେ ଧାନ ବିକିବେ କେଉଁଠି? ପୂର୍ବରୁ ଗୋଟିଏ ପରିବାର ପାଇଁ ଜଣେ ବ୍ୟକ୍ତି ପଞ୍ଜୀକରଣ କରୁଥିବାବେଳେ ଏବେ ଯେତେ ଭାଇକୁ ସେତେଭାଗ ନ୍ୟାୟରେ ପଞ୍ଜୀକରଣ କରାଯାଉଥିବାରୁ ସଂଖ୍ୟା ବଢୁଛି। ହେଲେ ଚାଷଜମି ବଢ଼ିନାହିଁ। ବିଭାଗୀୟ ମନ୍ତ୍ରୀ ଚଳିତବର୍ଷ ଚାଷୀଙ୍କଠାରୁ କେତେ ଧାନ ସଂଗ୍ରହ କଲେଣି, କେତେ ଏମ୍‌ଏସ୍‌ପିରେ ଧାନ ସଂଗ୍ରହ କରିବେ ସେନେଇ ଏକ ସ୍ପଷ୍ଟ ଚିତ୍ର ରଖନ୍ତୁ। ଏହାସହିତ ମିଲର ଏବଂ ମଣ୍ଡି ଟ୍ୟାଗିଂ ପ୍ରକ୍ରିୟା କେତେଦୂର ହୋଇଛି, ଏଫ୍‌ସିଆଇ କେତେ ଚାଉଳ ଉଠାଇଛି ଏବଂ କେତେ ଉଠାଇବ, ତାହାର ମଧ୍ୟ ସ୍ପଷ୍ଟ ଉତ୍ତର ରଖିବାକୁ ସେ ଦାବି କରିଥିଲେ। ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, କହିଥିଲ ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି। ଏବେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା କେତେ ଦେବ ତାହା ସ୍ପଷ୍ଟ କର। ପୂର୍ବ ସରକାର ସମୟରେ ମୋତେ ଘେରାଉ କରିଥିଲେ ଟୋକନ ବ୍ୟବସ୍ଥା ଉଠାଇଦିଅ। ଏବେ ପୂର୍ବ ସରକାର ବ୍ୟବସ୍ଥା ଠିକ୍ ଥିଲା ବୋଲି ସ୍ୱୀକାର କରିବେ କି? କଟ୍‌ନି ଛଟ୍‌ନି ପାଇଁ କେଉଁ ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବିଭାଗୀୟ ମନ୍ତ୍ରୀ ତାହାର ଉତ୍ତର ରଖିବାକୁ ସେ ଦାବି କରିଥିଲେ। ବିଜେଡି ସଦସ୍ୟ ପ୍ରଦୀପ ଦିଶାରୀ କଳାହାଣ୍ଡିରେ ଜିଲାପାଳ କେବଳ ଏଗ୍ରିମେଣ୍ଟ କରିଛନ୍ତି, ହେଲେ ଧାନକିଣା ଆରମ୍ଭ ହୋଇନାହିଁ ବୋଲି କହିଥିଲେ। କଂଗ୍ରେସ ସଦସ୍ୟ ଅଶୋକ ଦାସ ସରକାରଙ୍କ ପାଖରେ ଧାନ ସଂରକ୍ଷଣ କରିବାକୁ ଭଣ୍ଡାର ନ ଥିବାବେଳେ ଚଳିତବର୍ଷ କି ଯୋଜନା ରଖିଛନ୍ତି ତାହା ଜାଣିବାକୁ ଚାହିଁଥିଲେ। ଭାଜପା ସଦସ୍ୟ ଅଶ୍ୱିନୀ ଷଡ଼ଙ୍ଗୀ କହିଥିଲେ, ଗତ ସରକାରରେ ଧାନ ଟଙ୍କା ପାଇବାକୁ ୧୫ରୁ ୨୦ ଦିନ ଲାଗୁଥିଲା। ଏବେ ୪୮ ଘଣ୍ଟାରେ ଚାଷୀ ଟଙ୍କା ପାଉଛନ୍ତି। ନୂଆପଡ଼ାରେ ବୋଧେ ବିରୋଧୀ କିଛି ଶିଖିପାରିଲେ ନାହିଁ। ଏ ସରକାର ଉପରେ ଚାଷୀଙ୍କ ବିଶ୍ୱାସ ଅଛି। ଚାଷୀଙ୍କ ନାଁରେ ଦଲାଲି ବ୍ୟବସ୍ଥା ସମାପ୍ତ ହେବ। ମିଲର୍‌ଙ୍କ ପାଇଁ ଆପଣ ଗୋଦାମ କରୁ ନ ଥିଲେ, ଏବେ ସରକାର ଗୋଦାମ କରିବାକୁ ପ୍ରତିଶ୍ରୁତିବଦ୍ଧ। ଆଲୋଚନାରେ ସଦସ୍ୟ ସନତ୍ କୁମାର ଗଡ଼ତିଆ ଏବଂ ମାନସ କୁମାର ଦତ୍ତ ଭାଗ ନେଇଥିଲେ। ମନ୍ତ୍ରୀ କୃଷ୍ଣଚନ୍ଦ୍ର ବିରୋଧୀଙ୍କୁ ଜବାବ ଦେଇ କହିଥିଲେ, ଚଳିତ ବର୍ଷ ଚାଷୀଙ୍କ ସୁବିଧା ପାଇଁ ଜିଲା ପ୍ରଶାସନକୁ ଟୋକନ ଅବଧି ନିର୍ଦ୍ଦିଷ୍ଟ ସମୟସୀମାଠାରୁ ୧୫ ଦିନ ପର୍ଯ୍ୟନ୍ତ ବଢ଼ାଇବା କ୍ଷମତା ଦିଆଯାଇଛି। ବିଗତବର୍ଷ ତୁଳନାରେ ୨୦୨୪–୨୫ରେ ୮୦ପ୍ରତିଶତ ଅଧିକ ଧାନ ସଂଗ୍ରହ କରାଯାଇଛି।

## ପଛଘୁଞ୍ଚା ଦେଲେ ....

ନାହିଁ ବୋଲି ଏହି ସ୍ମାର୍ଟଫୋନ୍ ନିର୍ମାତା ସ୍ପଷ୍ଟ କରିଦେଇଥିଲା। ବିଶ୍ୱର କୌଣସି ଜାଗାରେ ଏଭଳି ନିର୍ଦ୍ଦେଶନାମା ନାହିଁ। ସେମାନେ କମ୍ପାନୀର ଆଇଓଏସ୍ ବ୍ୟବସ୍ଥା ପାଇଁ ଅନେକ ପ୍ରିଭେସି ଓ ସୁରକ୍ଷା ପ୍ରସଙ୍ଗ ଉଠାଇଛନ୍ତି। ବିଗ୍ ବ୍ରଦର ଆମ ଉପରେ ନଜର ରଖିପାରିବ ନାହିଁ। ସୁରକ୍ଷାଗତ ସମସ୍ୟା କାରଣରୁ ଆପଲ୍ ଉକ୍ତ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିପାରିବ ନାହିଁ ବୋଲି କହିଥିଲା। ବିବାଦ ବଢ଼ିବା ପରେ ସରକାର ଜାରି କରିଥିବା ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନେଇଛନ୍ତି। ସଞ୍ଚାର ସାଥୀ ଆପ୍ କେବଳ ଚୋରି ଫୋନ୍‌କୁ ଠାବ କରିବାରେ ସହାୟକ ହେବା ସହ ଏହାର ଅପବ୍ୟବହାର ରୋକିବ ବୋଲି ସରକାର କହିଥିଲେ। ଆପ୍ ଷ୍ଟୋରରେ ଉପଲବ୍ଧ ଏହି ସାଇବର ସୁରକ୍ଷା ଆପ୍‌କୁ ସ୍ୱେଚ୍ଛାକୃତ ଭାବେ ଯେକେହି ଡାଉନଲୋଡ କରିପାରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ମୋବାଇଲ୍ ଫୋନ୍ ନିର୍ମାତାଙ୍କ ଦ୍ୱାରା ଉକ୍ତ ଆପ୍ ଇନ୍‌ଷ୍ଟଲ କରିବାକୁ ବାଧ୍ୟତାମୂଳକ ନ କରିବାକୁ ସରକାର ନିଷ୍ପତ୍ତି ନେଇଥିବା ଯୋଗାଯୋଗ ମନ୍ତ୍ରଣାଳୟ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ବିପକ୍ଷ ଦଳ ଏବଂ ପ୍ରିଭେସି ସପକ୍ଷବାଦୀମାନଙ୍କ ବିରୋଧ ଯୋଗୁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଆପଲ୍ ଏବଂ ସାମ୍‌ସଙ୍ଗ ଆଦି ସ୍ମାର୍ଟଫୋନ୍ ନିର୍ମାତାମାନେ ମଧ୍ୟ ସରକାରଙ୍କ ନିର୍ଦ୍ଦେଶନାମାକୁ ବିରୋଧ କରିଥିଲେ। ସଞ୍ଚାର ସାଥୀ ଆପ୍ ନାଗରିକଙ୍କ ପ୍ରିଭେସି ଅଧିକାରର ଉଲ୍ଲଂଘନ କରିବ ବୋଲି ପାର୍ଲାମେଣ୍ଟରେ ବିରୋଧୀ ଚିନ୍ତା ପ୍ରକଟ କରିଥିଲେ। ଭାଜପା ନେତୃତ୍ୱାଧୀନ ସରକାର ନିର୍ଲଜ ଭାବରେ ନାଗରିକମାନଙ୍କ ଉପରେ ଗୁପ୍ତଚରଗିରି କରୁଛନ୍ତି ଏବଂ ଧରାପଡ଼ିଲେ ବିଭ୍ରାନ୍ତିକର ସ୍ପଷ୍ଟୀକରଣ ଦେଉଛନ୍ତି ବୋଲି କଂଗ୍ରେସ ନେତା ପୱନ ଖେରା ବୁଧବାର ଅଭିଯୋଗ କରିଥିଲେ। ସଞ୍ଚାର ସାଥୀ ଆପ୍ ସଂଯୋଗ ଲାଗି ସରକାରଙ୍କ ନିର୍ଦ୍ଦେଶ ନାଗରିକମାନଙ୍କ ପ୍ରିଭେସି ଅଧିକାର ଉପରେ ଏକଛତ୍ରବାଦ ଏବଂ ଉଲ୍ଲଂଘନ ବୋଲି କଂଗ୍ରେସ କହିବା ସହ ଏହାକୁ ଏକ ସ୍ନୁପିଙ୍ଗ (ଗୁପ୍ତଚରଗିରି) ଆପ୍ ବୋଲି କହିଥିଲା। ଏହାକୁ ତୁରନ୍ତ ଫେରାଇ ନେବା ଲାଗି ବିରୋଧୀ ଦଳ ଦାବି କରିଥିଲା। ସଞ୍ଚାର ସାଥୀ ଏକ ସ୍ନୁପିଙ୍ଗ ଆପ୍ ଏବଂ ଏହା କୌତୁହଳପ୍ରଦ। ନାଗରିକମାନଙ୍କ ପ୍ରିଭେସି ଅଧିକାର ରହିଛି। ପରିବାର ଓ ବନ୍ଧୁମାନଙ୍କୁ ବାର୍ତ୍ତା ପଠାଇବାର ପ୍ରିଭେସି ଅଧିକାର ପ୍ରତ୍ୟେକଙ୍କର ରହିଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଖବରଦାତାମାନଙ୍କୁ ମଙ୍ଗଳବାର କହିବା ସହ ସରକାର ଦେଶକୁ ଏକଛତ୍ରବାଦ ଆଡ଼କୁ ନେଇଯାଉଥିବା କହିଥିଲେ। ସଞ୍ଚାର ସାଥୀ ପ୍ରସଙ୍ଗକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ସରକାରଙ୍କୁ କଡ଼ା ସମାଲୋଚନା କରି କହିଥିଲେ, ଲୋକଙ୍କ ସ୍ୱରକୁ ଚାପିଦେବା ପାଇଁ ଭାଜପାର ଏହା ଆଉ ଏକ ଉଦ୍ୟମ, ଯାହା ଏକଛତ୍ରବାଦ ସଦୃଶ। ଜୋର୍‌ଦାର ବିରୋଧ ହେବା ପରେ ଟେଲିକମ୍ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଥିଲେ, ଏହି ଆପ୍ ଦ୍ୱାରା ଗୁପ୍ତଚରଗିରି ହେବାର ସମ୍ଭାବନା ନାହିଁ। ଆପ୍‌ରେ ଏହା ହୁଏ ନାହିଁ। ଉକ୍ତ ଆପ୍‌କୁ ଡିଲିଟ୍ କରାଯାଇପାରିବ ବୋଲି ମନ୍ତ୍ରୀ କହିଥିଲେ।

## ଫେବୃଆରୀ ୧୮ରୁ ...

ଲାଇଭ୍ ଷ୍ଟ୍ରିମିଂ ଏବଂ ୱେବ୍ କାଷ୍ଟିଂର ବ୍ୟବସ୍ଥା କରାଯିବ। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବାଧ୍ୟତାମୂଳକ କରାଯାଇଛି। ପ୍ରଥମଥର ପାଇଁ ଏଆଇ ସର୍ଭେଲାନ୍ସରେ ୨୧୦ ପରୀକ୍ଷା ହବ୍ ରହିବ ଓ ପ୍ରାକ୍ଟିକାଲ ପରୀକ୍ଷାର ସୁପରିଚାଳନା ପାଇଁ ଲାଇଭ୍ ଷ୍ଟ୍ରିମିଂ ଏବଂ ୱେବ୍ କାଷ୍ଟିଂ ହେବ, ଯାହାର ମନିଟରିଂ ସିଏଚ୍‌ଏସ୍‌ଇ ମୁଖ୍ୟାଳୟରୁ କରାଯିବ। ଆବଶ୍ୟକ ଅନୁସାରେ ପରୀକ୍ଷା କେନ୍ଦ୍ରଗୁଡିକୁ ବଢ଼ାଯିବାର ବ୍ୟବସ୍ଥା ରହିଛି ବୋଲି ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯୁକ୍ତ୨ ପରୀକ୍ଷା ସରିବାର ୪୦ ଦିନ ଭିତରେ ରେଜଲ୍ଟ ପ୍ରକାଶ ପାଇବ। ପୋଲିସ ସୁରକ୍ଷା ବଳୟ ଭିତରେ ଫେବୃଆରୀ ୧୫ ସୁଦ୍ଧା ପରୀକ୍ଷା କେନ୍ଦ୍ରଗୁଡିକରେ ପ୍ରଶ୍ନପତ୍ର ପହଞ୍ଚିବ। କଡ଼ା ସୁରକ୍ଷା ଭିତରେ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଜିଲାସ୍ତରରେ ପରୀକ୍ଷା ପରିଚାଳନା ପାଇଁ ଅଧିକ ସ୍କ୍ୱାଡ୍ ବ୍ୟବସ୍ଥା କରାଯିବ। ଏଥିସହ ପଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ରହିବ। ପରୀକ୍ଷା କେନ୍ଦ୍ର ପରିସରକୁ କୌଣସି ଛାତ୍ରୀଛାତ୍ର ମୋବାଇଲ କିମ୍ବା ଇଲେକ୍ଟ୍ରୋନିକ୍ସ ଯନ୍ତ୍ର ନେଇପାରିବେ ନାହିଁ। ଯଦି କୌଣସି ପିଲା ପରୀକ୍ଷା ହଲ୍‌ରୁ ଗୋଟିଏ ମିନିଟ୍ ପୂର୍ବରୁ ବାହାରକୁ ଆସେ, ତେବେ ତାଙ୍କ ପାଖରୁ ପ୍ରଶ୍ନପତ୍ର ରଖାଯିବ। ଏହି ପରୀକ୍ଷା ପାଇଁ ମୋଟ ୪ ଲକ୍ଷ ୭୩୭ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି। କଳାରେ ୨ ଲକ୍ଷ ୫୬ ହଜାର ୪୩, ବାଣିଜ୍ୟରେ ୨୪ ହଜାର ୫୩୩, ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୨୩୮ ଏବଂ ଧନ୍ଦାମୂଳକରେ ୫ ହଜାର ୯୨୩ ଛାତ୍ରୀଛାତ୍ର ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩ଲକ୍ଷ ୭୫ ହଜାର ୭୩୮ ଜଣ ରେଗୁଲାର ଓ ୨୪ ହଜାର ୯୯୯ ଜଣ ଏକ୍ସ–ରେଗୁଲାର ପରୀକ୍ଷା ଦେବେ। ଡିସେମ୍ବର ୧୫ ସୁଦ୍ଧା ଛାତ୍ରୀଛାତ୍ରଙ୍କୁ ଆଡ୍‌ମିଟ କାର୍ଡ ପ୍ରଦାନ କରାଯିବ।

## ୧ ଡଲାର ମୂଲ୍ୟ ...

ଅଧିକାଂଶ ପ୍ରମୁଖ ମୁଦ୍ରା ତୁଳନାରେ ଆମେରିକୀୟ ଡଲାର ଶକ୍ତିଶାଳୀ ହେବା ଏବଂ ଅଶୋଧିତ ତେଲର ଅଧିକ ମୂଲ୍ୟ ମଧ୍ୟ ଟଙ୍କାର ଦୁର୍ବଳତା ପଛର କାରଣ। ଏଭଳିସ୍ଥଳେ ଆର୍‌ବିଆଇ ଡିସେମ୍ବର ୫ରେ ସୁଧ ହାର ନିଷ୍ପତ୍ତି ଘୋଷଣା କରିବାକୁ ଯାଉଛି ଏବଂ ସମ୍ଭାବ୍ୟ ସୁଧହାର ହ୍ରାସ ମୁଦ୍ରା ଉପରେ ଅଧିକ ଚାପ ସୃଷ୍ଟି କରିପାରେ ବୋଲି କୁହାଯାଉଛି। କେତେଜଣ ବ୍ୟବସାୟୀ ଆଗକୁ ଟଙ୍କାର ମୂଲ୍ୟ ଆହୁରି ହ୍ରାସ ହୋଇ ୯୧ ସ୍ତରକୁ ଯିବାର ଆଶଙ୍କା କରୁଛନ୍ତି। ବିଶ୍ଳେଷକମାନେ ଚେତାଇ ଦେଇଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କର ନିର୍ଣ୍ଣାୟକ ହସ୍ତକ୍ଷେପ ନ ହେଲେ ଟଙ୍କା ମୂଲ୍ୟ ଅଧିକ ତଳକୁ ଖସିଯାଇପାରେ। ଟଙ୍କା ମୂଲ୍ୟକୁ ନେଇ ଚିନ୍ତା ବଢ଼ିଥିବାବେଳେ କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଭି. ଅନନ୍ତ ନାଗେଶ୍ୱରନ କହିଛନ୍ତି, ୨୦୨୬ ସୁଦ୍ଧା ମୁଦ୍ରାରେ ସୁଧାର ଆସିବା ସମ୍ଭାବନା ରହିଛି। ସରକାର ଆଶା କରୁଛନ୍ତି ଯେ, ମାଇକ୍ରୋ ଇକୋନୋମିକ ସ୍ଥିତି ଦୃଢ଼ ହେବ ଏବଂ ତାହା ଆସନ୍ତା ଆର୍ଥିକ ବର୍ଷ ମୁଦ୍ରାର ସ୍ଥିତି ସୁଧାରରେ ସହାୟକ ହେବ। ସରକାର ଏଭଳି ଭାବେ ଆଶ୍ୱସ୍ତ ରହିଥିବା ବେଳେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ) ମାନେ ସକ୍ରିୟ ଭାବରେ ଇକ୍ୱିଟି ବିକ୍ରି କରୁଛନ୍ତି, ଯାହା ଟଙ୍କା ମୂଲ୍ୟ ହ୍ରାସରେ ସହଯୋଗ କରୁଛି। ବଜାର ବିଶେଷଜ୍ଞମାନେ ଡିସେମ୍ବର ୫ରେ ଆର୍‌ବିଆଇର ସୁଧ ହାର ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି, ଯେଉଁଥିରେ ସମ୍ଭାବ୍ୟ ହସ୍ତକ୍ଷେପର ସଙ୍କେତ ମିଳିପାରେ, କାରଣ କେତେଜଣ ବିଶ୍ଳେଷକଙ୍କ ମତରେ ଆରବିଆଇର ହସ୍ତକ୍ଷେପ ବର୍ତ୍ତମାନ ପର୍ଯ୍ୟନ୍ତ ସୀମିତ ରହିଛି।

## ମାଧୁରୀଙ୍କ ପାଇଁ ...

ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍ ନେନେଙ୍କୁ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତି କରାଯାଇଛି, ଯାହାଦ୍ୱାରା ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ କଳା ଓ ସୁନାମ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚିପାରିବ। ଏହାଫଳରେ ଓଡ଼ିଶା ବୁଣାକାରମାନଙ୍କ ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ ବୋଲି ମନ୍ତ୍ରୀ ବଳସାମନ୍ତ କହିଛନ୍ତି।

## ବିରୂପା ନଦୀକୁ ...

ଖେଳାଳୀ ଋଷିକେଶ ଦ୍ୟାନ୍‌ଦେଓ, ଜୋନ ୧ ଏସିପି ଅରୁଣ କୁମାର ସ୍ୱାଇଁ, ସ୍ଥାନୀୟ ଥାନା ଅଧିକାରୀ ଅନିରୁଦ୍ଧ ନାୟକ, ଚୌଦ୍ୱାର ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ୍ ଓ ସ୍କୁବା ଡ୍ରାଇଭର ନିୟୋଜିତ ଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ଅଗ୍ନିଶମ ବାହିନୀ ଏଂ ଓଡ୍ରାଫ ଟିମ୍ କାର୍‌କୁ ପାଣି ଭିତରୁ ବାହାର କରିଥିଲେ। ହେଲେ କାର୍ ମଧ୍ୟରେ କେହି ନ ଥିବା ଜଣାପଡ଼ିଥିଲା। ଉଦିତ୍‌ଙ୍କ କୌଣସି ପତ୍ତା ମିଳିପାରୁ ନ ଥିବାବେଳେ ତାଙ୍କୁ ତଲାସୀ ଜାରି ରହିଥିବା ପୋଲିସ କହିଛି।

ପ୍ରତ୍ୟକ୍ଷଦର୍ଶୀ ସିଦ୍ଧେଶ୍ୱର ପଣ୍ଡାଙ୍କ କହିବା ମୁତାବକ, ସନ୍ଧ୍ୟା ପ୍ରାୟ ସାଢେ ୬ଟା ସମୟରେ ୫ଜଣ ଯୁବକ ବଟଛକ ରାସ୍ତା ଦେଇ ଏକ ଇଲେକ୍ଟ୍ରିକ କାର୍‌ରେ ପଣ୍ଡାସାହି ତୁଠ ନିକଟରେ ଠିଆ ହୋଇଥିଲେ। କାର୍‌ରୁ ୩ଜଣ ଯୁବକ ଓହ୍ଲାଇଥିଲେ। ଅନ୍ୟ ୨ଜଣ ଆଗକୁ ଯାଇ ଫେରିବାବେଳେ ଭାରସାମ୍ୟ ହରାଇ ବିରୂପା ନଦୀ ଭିତରକୁ କାର୍ ସହ ଖସିପଡ଼ିଥିଲେ। ସିଦ୍ଧେଶ୍ୱର ଏବଂ ତାଙ୍କ ସାଙ୍ଗ ଆବାସ ପଣ୍ଡା, ଦେବାଶିଷ ପଣ୍ଡା, ସୌମ୍ୟ ରଞ୍ଜନ ବାରିକ ମିଶି କାର ଭିତରୁ ଅଭିଷେକଙ୍କୁ ଉଦ୍ଧାର କରି ପାରିଥିଲୁ। କିନ୍ତୁ ଉଦିତ ନଦୀ ସ୍ରୋତରେ ଭାସି ଯାଇଥିଲେ। ଅଭିଷେକଙ୍କୁ ଆମ୍ବୁଲାନ୍ସ ସହାୟତାରେ କଟକ ବଡ଼ ମେଡିକାଲ ପଠାଇଥିଲେ।

# ନାଲ୍‌କୋ ଆଶ୍ ପାଇପ୍ ଫାଟି ଫସଲ ନଷ୍ଟ

■ ୫ ଏକରରୁ ଅଧିକ ଜମିରେ ମାଡ଼ିଗଲା ପାଉଁଶ ପାଣି ■ ଆନ୍ଦୋଳନ କରିବାକୁ ଚାଷୀଙ୍କ ସଜବାଜ

**ଅନୁଗୋଳ,୩।୧୨(ମାନସ ବିଶ୍ୱାଳ)**



ଫାଟି ଯାଇଥିବା ନାଲ୍‌କୋ ଆଶ୍ ପାଇପ୍ ଲାଇନ।

ଅନୁଗୋଳ ସହର ଉପକଣ୍ଠରେ ଥିବା ନାଲ୍‌କୋ ବିରୋଧରେ ପାରିପାର୍ଶ୍ୱିକ ଅଞ୍ଚଳରୁ ଅଭିଯୋଗ ବଢ଼ିବାରେ ଲାଗିଛି। ଏପରି ସ୍ଥିତିରେ ବଣ୍ଡଁରପାଳ ବ୍ଲକ ଡେଣ୍ଟୋଇ ଓ ତେଣୋଲୋଇ ଗ୍ରାମ ଦେଇ ଯାଇଥିବା ନାଲ୍‌କୋ ଆଶ୍ ପାଇପ୍ ସୋମବାର ରାତିରେ ଫାଟି ୫ ଏକରରୁ ଅଧିକ ଜମିରେ ଫସଲ ନଷ୍ଟ କରିଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଧାନ ଅମଳ ହେବା ସମୟ ହୋଇଯାଇଥିବା ବେଳେ ବିଲରେ ପାଉଁଶ ପାଣି ମାଡ଼ିଯାଇଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ନାଲ୍‌କୋ କର୍ତ୍ତୃପକ୍ଷ ଚାଷୀଙ୍କ କଥା ଶୁଣୁ ନ ଥିବାରୁ ରେଲରୋକୋ ଆନ୍ଦୋଳନ ପାଇଁ ଚାଷୀମାନେ ସଜବାଜ ହେଉଥିବା କହିଛନ୍ତି।

କେତେଜଣ ଚାଷୀଙ୍କ କହିବା ଅନୁଯାୟୀ, କିଛି ଦିନ ପୂର୍ବରୁ କର୍ଣ୍ଣପୁର ଠାରେ ସମାନ ଘଟଣା ଦେଖିବାକୁ ମିଳିଥିଲା। ଆଶ୍ ପାଇପ୍ ଲାଇନ ଫାଟି ଚାଷ ଜମି ସହ ଗ୍ରାମର ଏକ ପୋଖରୀରେ ପାଉଁଶ ପାଣି ପଶି ଯାଇଥିଲା। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ସୋମବାର ରାତିରେ ଆଶ୍ ପାଇପ୍ ଫାଟିଯିବାରୁ ଡେଣ୍ଟୋଇ ଗ୍ରାମର ତରଣୀସେନ ନାଏକ, ରାଜକିଶୋର ନାଏକ, ଲମ୍ବୋଦର ନାଏକ, କୈଳାସ ନାଏକ, ଲୋଚନ ନାଏକ, ସଜ ନାଏକଙ୍କ ସମେତ ଅନେକ ଚାଷୀଙ୍କ ଜମିରେ ଫସଲ ନଷ୍ଟ ହୋଇଛି। ଚାଷୀ ରତିକାନ୍ତ ନାଏକ କହିଛନ୍ତି, ପାଉଁଶ ପାଣି ଡେଣ୍ଟୋଇ ଗ୍ରାମର ପାଖାପାଖି ୫ଏକର ଚାଷ ଜମିରେ ମାଡ଼ିଯାଇଛି। ଧାନ ଅମଳ ସମୟରେ ଏପରି ଅବସ୍ଥା ସୃଷ୍ଟି ହୋଇଥିବାରୁ ଜମିକୁ ପଶି ହେଉନି। ନାଲ୍‌କୋ କର୍ତ୍ତୃପକ୍ଷ ଏହାର ତଦନ୍ତ କରି କ୍ଷତିପୂରଣ ଦେବା ସହିତ ପାଇପ୍ ଲାଇନ ମରାମତି କରିବାକୁ ଦାବି କରାଯାଉଛି। ଚାଷୀ ତପନ କୁମାର ନାୟକ କହିଛନ୍ତି, ନାଲ୍‌କୋ ଆଶ୍ ପାଇପ ଲାଇନ ଗାଁ ଦେଇ ଯାଇଛି। ଏହି ପାଇପ୍ କଟି ଚାଷ ଜମିରେ ପାଉଁଶ ପାଣି ମାଡ଼ିଯିବାରୁ ଧାନ କାଟିବାକୁ ଯାଇ ଫେରିବାକୁ ପଡ଼ିଛି। ପାଉଁଶ ମାଡ଼ିଯାଇଥିବାରୁ ଧାନସବୁ ନଷ୍ଟ ହେବାର ସମ୍ଭାବନା ଦେଖାଦେଇଛି। ନାଲ୍‌କୋ କର୍ତ୍ତୃପକ୍ଷ ଚାଷୀଙ୍କ ସମସ୍ୟାକୁ ସବୁବେଳେ ଅଣଦେଖା କରୁଛନ୍ତି। ତେଣୁ ଡେଣ୍ଟୋଇ ଗ୍ରାମ ଦେଇ ଯାଇଥିବା ନାଲ୍‌କୋ ରେଳପଥକୁ ଅବରୋଧ କରାଯିବା ପାଇଁ ଗ୍ରାମବାସୀ ପ୍ରସ୍ତୁତ ହେଉଛନ୍ତି ବୋଲି ଚାଷୀ ନାୟକ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଉକ୍ତ ପାଇପ୍ ଲାଇନ ମରାମତି ଦାୟିତ୍ୱରେ ଥିବା ଠିକା ସଂସ୍ଥାର କାର୍ଯ୍ୟକଳାପ ସମ୍ପର୍କରେ ନାଲ୍‌କୋ ପଦାଧିକାରୀଙ୍କ ନିକଟରେ ଖବର ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ନାଲ୍‌କୋ ଇଡି ସଚ୍ଚିଦାନନ୍ଦ ଜେନା କହିଛନ୍ତି, ବାହାରେ ଥିବାରୁ ଅଭିଯୋଗ ସମ୍ପର୍କରେ ଖବରନାହିଁ। ତୁରନ୍ତ ଏହାର ପ୍ରତିକାର କରାଯିବ।

# ୧୦ ଦିନ ଧରି ଛାତ୍ରଙ୍କ ଗୋଡ଼ରେ ବେଡ଼ି

**ନୀଳଗିରି, ୩।୧୨(ପ୍ରଶାନ୍ତ କୁମାର ବିଶ୍ୱାଳ)**



ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ଜଣେ ୪ର୍ଥ ଶ୍ରେଣୀ ଛାତ୍ରଙ୍କ ଗୋଡ଼ରେ ୧୦ଦିନ ହେଲା ପଡ଼ିଛି ବେଡ଼ି। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବେଗୁନିଆ ୟୁଜିୟୁପି ବିଦ୍ୟାଳୟ ଛାତ୍ରାବାସର ଏଭଳି ଭିଡିଓ ଭାଇରାଲ ହେବା ପରେ ଘଟଣା ସାମ୍ନାକୁ ଆସିଛି। ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଏହା ଜାଣିବା ପରେ ବାଲେଶ୍ୱର ଜିଲାପାଳ, ଜିଲା ମଙ୍ଗଳ ଅଧିକାରୀ ଏବଂ ନୀଳଗିରି ଉପଜିଲାପାଳଙ୍କୁ ଅବଗତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ତେବେ ଛାତ୍ରଜଣକ ବାରମ୍ବାର ହଷ୍ଟେଲରୁ ଲୁଚି ଘରକୁ ପଳାଇ ଯାଉଥିବାରୁ ତାଙ୍କୁ ଶିକୁଳି ପକାଇ ରଖାଯାଇଥିବା ଛାତ୍ରଜଣକ ଭିଡିଓରେ କହୁଛନ୍ତି।

ସୂଚନା ଅନୁଯାୟୀ, ବେଗୁନିଆ ୟୁଜିୟୁପି ବିଦ୍ୟାଳୟରେ ୪୦ ସିଟ୍ ଥିବା ଛାତ୍ରାବାସରେ ଆଖପାଖ ଅଞ୍ଚଳର ପିଲା ରହି ପାଠ ପଢ଼ନ୍ତି। ଉକ୍ତ ହଷ୍ଟେଲରେ ରହୁଥିବା ନିକଟବର୍ତ୍ତୀ କମ୍ବାରଖଲିଆ ଗ୍ରାମର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ର ୧୦ଦିନ ଧରି ଲୁହା ଜଞ୍ଜିରରେ ବନ୍ଧା ହୋଇରହିଛନ୍ତି। ଏ ସମ୍ପର୍କରେ ନୀଳଗିରି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀଙ୍କୁ ପଚରାଯିବାରୁ ସେ ଘଟଣା ବିଷୟରେ ଅବଗତ ଥିବା କହିବା ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।




ନିଆଁ ଆଁରେ ଓଡ଼ିଶା ଜଙ୍ଗଲ




# ପୂଜାଙ୍କୁ ଦେଖା କରିପାରିଲେନି ଅମର

**ବାଲେଶ୍ୱର,୩।୧୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ନାରୀ ସଂଘରେ ରହୁଥିବା ଆମେରିକା ଫେରନ୍ତା ପୂଜା ନାୟକ ଓରଫ୍ ସେଜଲ ଜୋହନଙ୍କୁ ପୁରୁଷ ବନ୍ଧୁ ଅମର ଦାସ ବୁଧବାର ଦେଖା କରିବାକୁ ଆସିଥିଲେ। ତାଙ୍କ ସହ ଆଈ ଓ ଅଜା ଥିଲେ। ନାରୀ ସଂଘ କର୍ତ୍ତୃପକ୍ଷଙ୍କୁ ସେ ନିଜର ପରିଚୟ ପତ୍ର ଦେଖାଇଥିଲେ। ଘଟଣାଟି ତଦନ୍ତ ପରିସରଭୁକ୍ତ ଥିବାରୁ ନାରୀ ସଂଘ ସଭାପତି ତାଙ୍କୁ ଜିଲାପାଳଙ୍କ ଅନୁମତି ଆଣିବା ପାଇଁ କହିଥିଲେ। ଫଳରେ ଆଈ ଓ ଅଜାଙ୍କ ସହ ଅମର ଜିଲାପାଳଙ୍କ ନିକଟକୁ ଯାଇଥିଲେ। ହେଲେ ଜିଲାପାଳଙ୍କୁ ଦେଖା ନ ପାଇ ଅମର ନିରାଶ ହୋଇ ଫେରିଥିବା ଜଣାପଡ଼ିଛି।

ପୂର୍ବରୁ ଗତ ୨୮ ତାରିଖରେ ପୂଜାକୁ ଦେଖା କରିବା ପାଇଁ ଅମର ଆସିଥିଲେ। ତାଙ୍କ ନିକଟରେ କୌଣସି ପରିଚୟ ପତ୍ର ନ ଥିଲା। ସେଠାରେ ସେ ଦେଖାକରିବାକୁ ଜିଦ୍ ଧରିବା ଓ ବାହା ହେବାକୁ ଅଡ଼ି ବସିବା ସହ ନାରୀ ସଂଘ ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ଖବରପାଇ ସହଦେବଖୁଣ୍ଟା ଥାନା ପୋଲିସ ପହଞ୍ଚି ଅମରଙ୍କୁ ଥାନାକୁ ନେଇଥିଲେ। ତଦନ୍ତ କରି ସାରିବା ପରେ ତାଙ୍କୁ ଛାଡ଼ି ଦେଇଥିଲେ। ବୁଧବାର ସେ ନିଜର ଆଧାର କାର୍ଡ ଓ ପାନକାର୍ଡ ନେଇ ଅଜା, ଆଈଙ୍କ ସହ ନାରୀସଂଘକୁ ଆସିଥିଲେ।

# ବନାଗ୍ନି: ୧୭ ମାସରେ ୪,୭୦୯ ହେକ୍ଟର ଜଙ୍ଗଲ ଧ୍ୱଂସ

**ଭୁବନେଶ୍ୱର,୩।୧୨(ରବିନାରାୟଣ ଜେନା)**

ରାଜ୍ୟର ବିଭିନ୍ନ ଜଙ୍ଗଲରେ ବନାଗ୍ନି ଯୋଗୁ ଗତ ୧୭ ମାସରେ ୪ ହଜାର ୭୦୯ ହେକ୍ଟର ଜଙ୍ଗଲ ଧ୍ୱଂସ ହୋଇଗଲାଣି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। କଂଗ୍ରେସ ବିଧାୟକ ରାମଚନ୍ଦ୍ର କାଡ଼ାମଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ସମୁଦାୟ ୫୨,୪୩୩,୫୬ ବର୍ଗକିମି ଜଙ୍ଗଲ ରହିଛି। ଜୁଲାଇ ୨୦୨୪ରୁ ଏପର୍ଯ୍ୟନ୍ତ ୪ ହଜାର ୭୦୯.୩୪୭ ହେକ୍ଟର ଜଙ୍ଗଲ ନିଆଁ ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ଓଡ଼ିଶାରେ ବନାଗ୍ନି ଯେହେତୁ ଭୂପୃଷ୍ଠୀୟ, ସେଥିପାଇଁ କେବଳ ଗୁଳ୍ମଜାତୀୟ ବୃକ୍ଷ କ୍ଷତିଗ୍ରସ୍ତ ହୋଇଥାଏ, ଯାହାକି ବର୍ଷାଋତୁରେ ପୁନର୍ବାର ଜୀବିତ ହୋଇଥାଏ। ଏହି ବନାଗ୍ନି ଦ୍ୱାରା ପଶୁପକ୍ଷୀ ଓ ବନ୍ୟଜନ୍ତୁମାନଙ୍କ ଜୀବନହାନିର କୌଣସି ସୂଚନା ନାହିଁ ବୋଲି ମନ୍ତ୍ରୀ ଗୃହକୁ କହିଛନ୍ତି।

ମନ୍ତ୍ରୀ ପୁଣି କହିଛନ୍ତି, ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବନାଗ୍ନିଜନିତ କ୍ଷୟପ୍ରାପ୍ତ ହେଉଥିବା ଜଙ୍ଗଲ ପ୍ରତିବଦଳରେ ନୂତନ ଜଙ୍ଗଲ ସୃଷ୍ଟି ଲାଗି ବିଭିନ୍ନ ପ୍ରକାର ବନୀକରଣ ଯୋଜନା ହାତକୁ ନିଆଯାଉଛି। ୨୦୨୪-୨୫ ବର୍ଷରେ ୩୦,୯୨୧.୧୪ ହେକ୍ଟର ଜଙ୍ଗଲ ଜମିରେ ୧୯୭.୭୮ ଲକ୍ଷ ଚାରା ରୋପଣ ହୋଇଥିବାବେଳେ ୨୦୨୫-୨୬ରେ ୨୫,୯୫୯.୬୩ ହେକ୍ଟର ଜଙ୍ଗଲ ଜମିରେ ୨୦୫.୧୦ ଲକ୍ଷ ଚାରା ପୋତାଗଲାଣି। ଏହି ଦୁଇବର୍ଷରେ ସମୁଦାୟ ୪୦୨.୮୮ ଲକ୍ଷ ଚାରା ରୋପଣ କରାଯାଇଛି। ଏହାବାଦ୍ ଏହି ଅବଧି ମଧ୍ୟରେ ୪୯,୭୫୩.୨୪ ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରାଯାଇଛି ବୋଲି ମନ୍ତ୍ରୀ ଗୃହକୁ ଜଣାଇଛନ୍ତି।

# ଶ୍ରମିକ ନୁହେଁ ମାଲିକ, ପୁଞ୍ଜିପତିଙ୍କ ସ୍ୱାର୍ଥ ସାଧନ

**ଭୁବନେଶ୍ୱର,୩।୧୨(ସୁନିତ୍ ମିଶ୍ର)**

■ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ପାରିତ
■ ବାଚସ୍ପତି ତାଙ୍କ ଚେୟାରରେ ୫ ଘଣ୍ଟା ଏକକାଳୀନ ବସିପାରୁଛନ୍ତି ତ: ରଣେନ୍ଦ୍ର
■ ମହିଳାଙ୍କ ସୁରକ୍ଷା ପାଇଁ କ'ଣ ବ୍ୟବସ୍ଥା ଅଛି ସେକଥା ଉଲ୍ଲେଖ ହେଲାନି: ଧ୍ରୁବ

ବିଧାନସଭାରେ ବୁଧବାର ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ପାରିତ ହୋଇଯାଇଛି। ହେଲେ ଏହି ବିଲ୍ ଉପରେ ଆଲୋଚନା ସମୟରେ ଶାସକ ଦଳ ଉପରେ ବିରୋଧୀ ପ୍ରବଳ ବର୍ଷିଛନ୍ତି। ଏହାଦ୍ୱାରା ସାଧାରଣ ଗରିବ ଏବଂ ବିଶେଷକରି ଆଦିବାସୀ ଓ ଶ୍ରମିକମାନେ ଶୋଷଣ ହେବା ସହ ବଡ଼ କମ୍ପାନୀଗୁଡ଼ିକୁ ଲାଭ ଦେବା ଉଦ୍ଦେଶ୍ୟରେ ଅଣାଯାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଶ୍ରମମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ କିନ୍ତୁ ବିରୋଧୀ ସରକାର କିଛି ଜନମଙ୍ଗଳକାରୀ କାର୍ଯ୍ୟକଲେ କାହିଁକି ସହିପାରୁ ନାହାନ୍ତି ବୋଲି ପାଲଟା ଉତ୍ତର ରଖିଛନ୍ତି।

ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ସରକାର ଓଡ଼ିଶା ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ(ସଂଶୋଧନ) ଆଇନ-୧୯୫୬ରେ ସଂଶୋଧନ କରିବାକୁ ଚେଷ୍ଟା କରିଛନ୍ତି। ସେଥିଲାଗି ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଆଣିଛନ୍ତି। ପୂର୍ବ ଆଇନ ଅନୁଯାୟୀ ଏହି ଆଇନ ୨୦ କିମ୍ବା ତା'ଠାରୁ ଅଧିକ କର୍ମଚାରୀ ବା ଶ୍ରମିକ ଥିବା ଦୋକାନ ବା ବ୍ୟବସାୟିକ ପ୍ରତିଷ୍ଠାନରେ ହିଁ ଏହା ଲାଗୁହେବ। ୨୦ରୁ କମ୍ କର୍ମଚାରୀ ବା ଶ୍ରମିକ ନିୟୋଜିତ ଥିବା ଦୋକାନ ବା ବ୍ୟବସାୟିକ ପ୍ରତିଷ୍ଠାନ ଏହି ଆଇନରେ ରହିଥିବା ଅଧିକାରରୁ ବଞ୍ଚିତ ହେବେ। ସମସ୍ତେ ଜାଣନ୍ତି ବହୁ ବଡ଼ ବଡ଼ ସଂସ୍ଥା ଓଡ଼ିଶାରେ ଅଛନ୍ତି ଯେଉଁମାନେ ସେମାନଙ୍କ ଅନେକ କାର୍ଯ୍ୟ ସବ୍ ଟେଣ୍ଡରରେ କଣ୍ଟ୍ରାକ୍ଟରମାନଙ୍କୁ ଦେଇଦିଅନ୍ତି। ସେମାନେ ଏଣିକି ୧୯ ଜଣ ଲେଖା କର୍ମଚାରୀ ବା ଶ୍ରମିକଙ୍କୁ ରଖି ଏହି ଆଇନ ପରିସରଭୁକ୍ତ ନ ହୋଇ ଖଟାଇ ଚାଲିବେ। ଏହା କାହାକୁ ଲାଭ ଦେବ ଶ୍ରମିକ ନା ପୁଞ୍ଜିପତିମାନଙ୍କୁ ସୁହାଇବ ବୋଲି ରଣେନ୍ଦ୍ର ପ୍ରଶ୍ନ କରିଛନ୍ତି। ସେହିପରି ରଣେନ୍ଦ୍ର ଆହୁରି କହିଛନ୍ତି, ଏହି ବିଲ୍‌ରେ ଆଉ ଗୋଟେ ଗୁରୁତ୍ୱପୂର୍ଣ୍ଣ ବିଷୟ ଉଲ୍ଲେଖ କରାଯାଇଛି। ଜଣେ କର୍ମଚାରୀ ବା ଶ୍ରମିକ ଆଗରୁ ୫ ଘଣ୍ଟା କାମ କରିବା ପରେ ୩୦ ମିନିଟ୍ ପାଇଁ ବିଶ୍ରାମ କରିପାରିବାର ବ୍ୟବସ୍ଥା ଥିଲା। ତାକୁ ବର୍ତ୍ତମାନ ୬ ଘଣ୍ଟାକୁ ବୃଦ୍ଧି କରାଯାଇଛି। ବାଚସ୍ପତି ମହୋଦୟା ଆପଣ ଏକକାଳୀନ ସେଇ ଚେୟାରରେ ୫ ଘଣ୍ଟା ବସିପାରୁଛନ୍ତି ନା ନାହିଁ ବିଚାର କରିପାରିବେ। ମଝିରେ ମଝିରେ ଆପଣ ଅସୁସ୍ଥ ଅନୁଭବ କରିବାପରେ ବିଜୁଳି ଭାଇ ଯାଇ ବସୁଛନ୍ତି ବୋଲି ସେ କହିଥିଲେ।

ବିଜେଡି ସଦସ୍ୟ ଗଣେଶ୍ୱର ବେହେରା କହିଛନ୍ତି, ସରକାର ଏହି ସଂଶୋଧିତ ବିଲ୍ ଦ୍ୱାରା ଶ୍ରମିକ ଓ କର୍ମଚାରୀମାନଙ୍କୁ ଶୋଷଣ କରିବା ଲାଗି ସମ୍ପୂର୍ଣ୍ଣ ବାଟ ଫିଟାଇ ଦେବାକୁ ଚାହୁଁଛନ୍ତି। କାରଣ ପୂର୍ବ ଆଇନରେ ବିଭିନ୍ନ ଦୋକାନ ବା ବ୍ୟବସାୟିକ ପ୍ରତିଷ୍ଠାନରେ ଶ୍ରମିକମାନଙ୍କୁ ଦୈନିକ ୮ରୁ ୯ ଘଣ୍ଟା ଖଟାଇପାରିବେ ବୋଲି ଉଲ୍ଲେଖ ଥିବାବେଳେ ବର୍ତ୍ତମାନ ସରକାର ଆଣିଥିବା ବିଲ୍ ଦ୍ୱାରା ସେହି ସମୟ ଅବଧିକୁ ୧୦ ଘଣ୍ଟାକୁ ସଂଶୋଧିତ କରାଯାଇଛି ଅର୍ଥାତ୍ ଏହି ଆଇନ କାର୍ଯ୍ୟକାରୀ ହେଲେ ଏସବୁ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ମାଲିକମାନେ ସମାନ ମଜୁରିରେ ଦୈନିକ ଅତିରିକ୍ତ ୧ରୁ ୨ ଘଣ୍ଟା ପର୍ଯ୍ୟନ୍ତ ଖଟାଇପାରିବେ। ଏହାଦ୍ୱାରା ସରକାର ଶ୍ରମିକ ନୁହେଁ ବରଂ ମାଲିକ ଶ୍ରେଣୀ ବା ପୁଞ୍ଜିପତିଙ୍କ ସ୍ୱାର୍ଥ ସାଧାନ କରିବାକୁ ଯାଉଛନ୍ତି। ସରକାର ଗୋଟେ କଥା ସ୍ପଷ୍ଟ କରନ୍ତୁ ଯେଉଁ ଦୋକାନୀ ବା ବ୍ୟବସାୟିକ ପ୍ରତିଷ୍ଠାନ ଅଧିକ ୨ ଘଣ୍ଟା ଶ୍ରମିକ ବା କର୍ମଚାରୀଙ୍କୁ ଖଟାଇବେ ତା'ର ତଥ୍ୟ ରଖିବାକୁ ରେଜିଷ୍ଟର କିମ୍ବା କୌଣସି ବାୟୋମେଟ୍ରିକ ବ୍ୟବସ୍ଥା ଲାଗୁ ଲାଗି କଡ଼ାକଡ଼ି ବ୍ୟବସ୍ଥା ରଖିଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେଡି ସଦସ୍ୟ ଧ୍ରୁବ ଚରଣ ସାହୁ କହିଛନ୍ତି, ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକେ ଲାଗି ସରକାର ଏସବୁ ବ୍ୟବସ୍ଥା କଲେ ସେମାନେ ଉକ୍ତ ଆଇନର ଉଲ୍ଲଂଘନ କଲେ ନା ନାହିଁ ତା'ର ତଥ୍ୟ ରଖିବାକୁ ଶ୍ରମ ବିଭାଗ ପକ୍ଷରୁ ଶ୍ରମ ଇନ୍ସପେକ୍ଟର ରଖିଛନ୍ତି। ସେହିପରି ମହିଳାମାନଙ୍କୁ ରାତିରେ କାମ କରିପାରିବେ ବୋଲି ଯେଉଁ ବ୍ୟବସ୍ଥା କରିଛନ୍ତି, ଏହା ଏକ ସମସ୍ୟା ସୃଷ୍ଟି କରିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ମହିଳାମାନେ ରାତିରେ କାମ କଲେ ସେମାନଙ୍କ ଲାଗି କ'ଣ ସବୁ ସେଫ୍‌ଟି ମେଜର ବ୍ୟବସ୍ଥା କରାଯାଇଛି। ଯେଉଁ ସଂସ୍ଥାରେ ମହିଳାମାନେ ରାତିରେ କାର୍ଯ୍ୟ କରିବେ ସେଠାରେ ସିକ୍ୟୁରିଟି ଗାର୍ଡ ରହିବେ ନା ନାହିଁ, ସିସିଟିଭି ଲଗାଇବା ବାଧ୍ୟତାମୂଳକ କରାଯାଇ କି ନାହିଁ, ସେମାନଙ୍କ ଯିବା ଆସିବା ବ୍ୟବସ୍ଥା ସେହି ବ୍ୟବସାୟିକ ପ୍ରତିଷ୍ଠାନ କରିବ ନା ନାହିଁ ସେସବୁ ସମ୍ପର୍କରେ ବିଲ୍‌ରେ ଉଲ୍ଲେଖ କରାଯାଇ ନାହିଁ। ଶ୍ରମିକଙ୍କ କାମ କରିବାର ସମୟ ୮ ଘଣ୍ଟା କରିବା ଲାଗି ବହୁ ସଂଘର୍ଷ କରିବାକୁ ପଡ଼ିଥିଲା। ଏବେ ସେମାନଙ୍କ କାମ କରିବାର ସମୟ ୧୦ ଘଣ୍ଟା ହେଲେ ସେମାନଙ୍କ ଶାରୀରିକ ଏବଂ ମାନସିକ ସ୍ଥିତି ଖରାପ ହେବ, ଅଧିକ ଲୋକ ଏହାଦ୍ୱାରା ଅସୁସ୍ଥ ହେବେ ବୋଲି ସେ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ, ସନ୍ତୋଷ ଖଟୁଆ, ଦୁଷ୍ମନ୍ତ ନାଏକ ଏବଂ ଜୟ ଢୋଲକିଆ ପ୍ରମୁଖ ଆଲୋଚନାରେ ଭାଗନେଇ ସରକାର ଆଣିଥିବା ଆଇନକୁ ସମର୍ଥନ କରିବା ସହ ବିରୋଧୀ ଉଠାଇଥିବା ପ୍ରସଙ୍ଗ ଉପରେ କଡ଼ା ଜବାବ ରଖି ସମର୍ଥନ କରିଛନ୍ତି।



# ସସୀମରୁ ଅସୀମ



ଦେବଦତ୍ତ ପଟ୍ଟନାୟକ

ଛତିଶଗଡ଼ ବିଳାସପୁର ନିକଟରେ ଅଛି ଛୋଟ ସହର ମଲ୍ଲାର ଏବଂ ଏଠାରେ ଚାରି ବାହୁ ଥିବା ଜଣେ ସୈନିକଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ସେ ହାତରେ ଶଙ୍ଖ, ଚକ୍ର ଓ ଗଦା ଧରିଛନ୍ତି। ଏହାଙ୍କୁ ବିଷ୍ଣୁଙ୍କ ପୁରାତନ ବିଗ୍ରହ ବୋଲି କୁହାଯାଉଛି। ଏଠାରେ ଥିବା ଖ୍ରୀଷ୍ଟପୂର୍ବ ୨୦୦ର ଶିଳାଲେଖରେ ଦର୍ଶାଯାଇଛି, ସୌରାଷ୍ଟ୍ର ଅଞ୍ଚଳର ଗୁପ୍ତବଂଶ ଶାସକ ପର୍ଣ୍ଣଦତ୍ତଙ୍କ ସ୍ତ୍ରୀ ଭରଦ୍ୱାଜାଙ୍କ ଦ୍ୱାରା ଏହି ମୂର୍ତ୍ତି ପ୍ରତିଷ୍ଠା ହୋଇଥିଲା। କଳା କ୍ଷେତ୍ରରେ ମହିଳାଙ୍କ ଅବଦାନର ଏହା ହେଉଛି ସର୍ବପୁରାତନ ନିଦର୍ଶନ ତଥା ଦୃଷ୍ଟାନ୍ତ।

କୋଶାମ୍ବିରୁ ପୁରୀ ପର୍ଯ୍ୟନ୍ତ ଏକ ପୁରାତନ ବାଣିଜ୍ୟ ପଥ ରହିଥିଲା। ଏହି ବାଟରେ ପଡ଼େ ମଲ୍ଲାର। କହିବାକୁ ଗଲେ ଏହା ଥିଲା ପ୍ରଚୀନ ବାଣିଜ୍ୟ ଓ ସଂସ୍କୃତିର ଏକ କରିଡର। ସବୁ ଦିଗରୁ ଅନୁଧ୍ୟାନକଲେ ମଲ୍ଲାରରେ ଥିବା ମୂର୍ତ୍ତି ସମ୍ଭବତଃ ବିଷ୍ଣୁଙ୍କ ବିଗ୍ରହ ହୋଇ ନ ପାରେ। ଏହା ହେଉଛନ୍ତି ମହାଭାରତର ବାସୁଦେବ–କୃଷ୍ଣଙ୍କ ମୂର୍ତ୍ତି, ଯିଏ କି ଅର୍ଜୁନଙ୍କୁ ତାଙ୍କ ଚତୁର୍ଭୁଜ ରୂପ ଦେଖାଇଥିଲେ। ମଲ୍ଲାର ବିଷ୍ଣୁଙ୍କ ଶାନ୍ତ ମୂର୍ତ୍ତି ଅଜଣା ହୋଇ ରହିଛି। ଏହା ଏକ ପରିବର୍ତ୍ତନଶୀଳ କ୍ଷଣକୁ ଦର୍ଶାଏ, ଯେଉଁ ସମୟରେ ବୀର ବସୁଦେବ ଏବକାର ମନ୍ଦିରରେ ପୂଜା ପାଉଥିବା ଦିବ୍ୟ ବିଷ୍ଣୁରେ ପରିଣତ ହୋଇଥିଲେ।

ମଲ୍ଲାର ବିଷ୍ଣୁଙ୍କୁ ଚିହ୍ନଟ କରାଯିବା ପର୍ଯ୍ୟନ୍ତ, ସର୍ବପୁରାତନ କୃଷ୍ଣଙ୍କ ମୂର୍ତ୍ତି ଖ୍ରୀଷ୍ଟପୂର୍ବ ୨୦୦ରେ ଆଫଗାନିସ୍ତାନରୁ ମିଳିଥିବା ଇଣ୍ଡୋ–ଗ୍ରୀକ୍ କ୍ଷୁଦ୍ର ମୁଦ୍ରାରେ ରହିଛି। ଏଥିରେ ଦୁଇମୂର୍ତ୍ତି ପାଖାପାଖି ଠିଆହୋଇଥିବା ଦେଖିବାକୁ ମିଳେ। ଜଣେ ଗଦା ଓ ଶଙ୍ଖ ଧାରଣ କରିଥିବାବେଳେ ଅନ୍ୟ ଜଣେ ହଳ ଓ ଗଦା ଧରିଛନ୍ତି। ଗ୍ରୀକ୍‌ର ବିଦ୍ୱାନ୍‌ମାନେ ସେହି ୨ଜଣଙ୍କୁ ଶଙ୍କର୍ଷଣ ଓ ବାସୁଦେବ ବୋଲି କହିଥାନ୍ତି। ଆଫଗାନିସ୍ତାନ ଓ ପଞ୍ଜାବରେ ଶାସନ କରୁଥିବା ଯବନ ରାଜା ସେତେବେଳେ ଭାରତୀୟଙ୍କ ବୀର ଦେବତାଙ୍କ ପ୍ରତି ଥିବା ଲୋକପ୍ରିୟତାକୁ ଲକ୍ଷ୍ୟ କରିଥିଲେ ଏବଂ ସମ୍ମାନ ଜଣାଇବା ସକାଶେ ସେମାନଙ୍କ ମୂର୍ତ୍ତିଥିବା ମୁଦ୍ରା ପ୍ରଚଳନ କରିଥିଲେ। ସେହି ସମୟରେ ମଧ୍ୟପ୍ରଦେଶର ହେଲିଓଡୋରୁସ ସ୍ତମ୍ଭଲେଖ ବାସୁଦେବ–ବିଷ୍ଣୁ ପ୍ରତି ଥିବା ଭକ୍ତିର ଗାଥା କହେ। ବିଷ୍ଣୁଙ୍କ ସମ୍ମାନାର୍ଥେ ଗ୍ରୀକ୍ ଆମ୍ବାସାଡର ହେଲିଓଡୋରସ୍ ଖ୍ରୀଷ୍ଟପୂର୍ବ ୨ରେ ସ୍ୟାଣ୍ଡଷ୍ଟୋନ୍‌ରେ ଏହି ସ୍ତମ୍ଭ ନିର୍ମାଣ କରିଥିଲେ। କହିବାକୁ ଗଲେ ୨,୨୦୦ ବର୍ଷ ପୂର୍ବରୁ ବସୁଦେବ ଧୀରେ ଧୀରେ ବିଷ୍ଣୁ ହେବାର ପରମ୍ପରା ଆରମ୍ଭ ହୋଇଥିଲା।

ପ୍ରାୟ ଖ୍ରୀଷ୍ଟାବ୍ଦ ୧୦୦ରେ କୁଶାଣଙ୍କ ସମୟରେ, ଭାରତ ଦିବ୍ୟ ମୂର୍ତ୍ତିର ପରୀକ୍ଷାଗାର ପାଲଟିଯାଇଥିଲା। ସେହି ସମୟରେ କଳାକାରମାନେ ବହୁ ମୁଖ ଏବଂ ବହୁ ବାହୁ ଥିବା ମୂର୍ତ୍ତି ଗଢ଼ିବା ଆରମ୍ଭ କରିଦେଇଥିଲେ। ଏପରିକି କେତେଜଣ



ଆକାଶରେ ଭ୍ରମଣ କରୁଥିବା ଆଠଟି ବାହୁ ବିଶିଷ୍ଟ ମୂର୍ତ୍ତି ଗଢ଼ିଥିଲେ। ଆଉ କେତେଜଣ ବାର୍‌ହା ମସ୍ତକ ଥିବା କିମ୍ବା ତିନୋଟି ଶରୀର ଏକାଠି ହୋଇଥିବା ମୂର୍ତ୍ତି ତିଆରି କରିଥିଲେ। ତଥାପି ସେଗୁଡ଼ିକ ବିଷ୍ଣୁ ଥିଲେ କି ନାହିଁ ତାହା ଏଯାବତ ସ୍ଥିର ହୋଇନାହିଁ। ତେବେ କଳାକାରମାନେ ଦେବତାଙ୍କ ବିଭିନ୍ନ ରୂପକୁ ନେଇ ପରୀକ୍ଷା ନିରୀକ୍ଷା ଚଳାଇଥିଲେ। ଦିବ୍ୟଶକ୍ତି ସମ୍ପର୍କରେ ବୈଦିକ ସ୍ତୋତ୍ରରେ କୁହାଯାଇଛି, ''ସେ ହେଉଛନ୍ତି ସେହି ଶକ୍ତି ଯିଏ ସାରା ବ୍ରହ୍ମାଣ୍ଡରେ ବିଚରଣ କରନ୍ତି।'' ସେହି ଦିବ୍ୟଶକ୍ତିକୁ ଦୃଶ୍ୟମାନ କରିବା ପାଇଁ କଳାକାରମାନେ ଏଭଳି ପ୍ରୟାସ ଆରମ୍ଭ କରିଥିଲେ।

ଖ୍ରୀଷ୍ଟାବ୍ଦ ୨୦୦ ସୁଦ୍ଧା ମଥୁରାର କର୍ମଶାଳାରେ କଳାକାରମାନେ କୃଷ୍ଣ ତାଙ୍କ ଭାଇ ଓ ଭଉଣୀଙ୍କୁ ଛିଡ଼ା ହୋଇଥିବା କିମ୍ବା ଘୋଡ଼ା ରାକ୍ଷସ କେଶିନ୍‌ଙ୍କ ସହ ଯୁଦ୍ଧ କରୁଥିବା ଦୃଶ୍ୟ ଖୋଦେଇକରିଥିଲେ। କେତେଜଣ କଳାକାର ଭଗବଦ୍ ଗୀତାରେ ବର୍ଣ୍ଣନା କରାଯାଇଥିବା ଗଦା ଓ ଚକ୍ରଧାରୀ କୃଷ୍ଣଙ୍କୁ ଚତୁର୍ବାହୁ ଦେବତା ଭାବେ ଦର୍ଶାଇଥିଲେ। ସେଠାରେ କୃଷ୍ଣଙ୍କ ବିଶ୍ୱରୂପ ମୂର୍ତ୍ତି ଦେଖିବାକୁ ମିଳେ, ଯେଉଁଥିରେ କୃଷ୍ଣଙ୍କ କଡ଼ରୁ ପ୍ରାଣୀଙ୍କ ମୁଣ୍ଡ ବାହାରିଥିବା ଲକ୍ଷ୍ୟ କରାଯାଏ। ସେହି ସମୟରେ କବିମାନଙ୍କ ଭାବନା ଥିଲା ଯେ, ଦେବତା ମାନବ ରୂପେ ଦୃଶ୍ୟମାନ ହେଉଥିଲେ ବି ସେ ନିଜକୁ ବ୍ରହ୍ମାଣ୍ଡ ଶକ୍ତି ବୋଲି ପ୍ରତିପାଦିତ କରିପାରନ୍ତି । ଏଭଳି ଧାରଣାକୁ ମଧ୍ୟ କଳାକାରମାନେ ମୂର୍ତ୍ତି ମାଧ୍ୟମରେ ପରିପ୍ରକାଶ କରିବାକୁ ଚେଷ୍ଟା କରୁଥିଲେ। ପାଖାପାଖି ଖ୍ରୀଷ୍ଟାବ୍ଦ ୪୦୦ରେ, ଗୁପ୍ତବଂଶ ଶାସନ ସମୟରେ, ଏଭଳି ପରୀକ୍ଷା ନୀରିକ୍ଷା ପରେ ବିଷ୍ଣୁଙ୍କର ଏକ ସାଧାରଣ ରୂପ ସାମ୍ନାକୁ ଆସିଥିଲା ଯେଉଁଥିରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମଧାରୀ ବିଷ୍ଣୁଙ୍କ ଶାନ୍ତ ରୂପକୁ ପ୍ରତିଫଳିତ କରାଯାଇଥିଲା। ମୁହଁ ଓ ଭଙ୍ଗୀ ଥିବା ଏକ ସାଧାରଣ ରୂପରେ ବିଷ୍ଣୁଙ୍କୁ ଦର୍ଶାଗଲା। ସେତେବେଳେ କବିଙ୍କ ଭାବନାକୁ ଆଧାରକରି ମୂର୍ତ୍ତିର ହାତ ମଧ୍ୟ ତିଆରି କରାଯାଇଥିଲା। ଫଳରେ ପୂର୍ବରୁ ଯାହା କୃଷ୍ଣଙ୍କ ଆୟୁଧ ଥିଲା ତାହା ବିଷ୍ଣୁଙ୍କ ପାଖକୁ ଚାଲିଆସିଲା। ଉତ୍ତରପ୍ରଦେଶ ଦେଓଗଡ଼ରେ ଥିବା ଦଶ ଅବତାର ମନ୍ଦିର କାନ୍ଥରେ ସର୍ପ ଉପରେ ବିରାଜିତ ଏକ ଚତୁର୍ବାହୁ ବିଷ୍ଣୁ ଏବଂ ଗରୁଡ଼ ଉପରେ ବସିଥିବା ଅନ୍ୟ ଏକ ବିଷ୍ଣୁଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ବିଷ୍ଣୁଙ୍କ ଏଭଳି ସବୁ ମୂର୍ତ୍ତି ସହ ଆମେ ସମସ୍ତେ ପରିଚିତ।

ଏହି ପରିବର୍ତ୍ତନକୁ ଶାସ୍ତ୍ରଗୁଡ଼ିକ ବି ସମର୍ଥନ କରନ୍ତି। ହରିବଂଶରେ ଉଲ୍ଲେଖ କରାଯାଇଛି ଯେ, ଗୋପାଳକ କୃଷ୍ଣ ନିଜକୁ ବିଷ୍ଣୁ ଭାବେ ପରିପ୍ରକାଶ କରିଛନ୍ତି। ବାଲ୍‌କୃଷ୍ଣଙ୍କ ମାତାପିତା ଅଛନ୍ତି। ହେଲେ ବିଷ୍ଣୁ ସ୍ୱୟଂ ସୃଷ୍ଟ। ଏହିଭଳି ଧାରଣାକୁ ମୂର୍ତ୍ତିଗୁଡ଼ିକରେ ପ୍ରତିପାଦିତ ମଧ୍ୟ କରାଯାଇଥିଲା। ଯୁବକ ତଥା ଦୁଇବାହୁ ବିଶିଷ୍ଟ କୃଷ୍ଣ ରାକ୍ଷସଙ୍କ ସହିତ ଯୁଦ୍ଧକରିବା ଏବଂ ପର୍ବତ ଉଠାଇବା ଭଳି ସିଦ୍ଧାନ୍ତକୁ ମୂର୍ତ୍ତିଗୁଡ଼ିକରେ ଦର୍ଶାଯାଇଥିଲା। ସେହିଭଳି ବ୍ରହ୍ମାଣ୍ଡକୁ ସଞ୍ଚାଳନ କରୁଥିବା ଚତୁର୍ବାହୁ ବିଷ୍ଣୁଙ୍କ ମୂର୍ତ୍ତି କରାଯାଇଥିଲା। କୃଷ୍ଣ ସମୀମ ମରଣଶୀଳ ଅବତାର ଥିଲାବେଳେ ବିଷ୍ଣୁ ଥିଲେ ଅସୀମ ଓ ଅମର। କୃଷ୍ଣଙ୍କ ଅନେକ ସାହସିକ କାର୍ଯ୍ୟ ମଧ୍ୟରୁ ଗିରିଗୋବର୍ଦ୍ଧନ ଉଠାଇବା ମୂର୍ତ୍ତି ଅତ୍ୟନ୍ତ ଲୋକପ୍ରିୟ। ଇନ୍ଦ୍ର ଝଡ଼ ସୃଷ୍ଟିକରି ଯେତେବେଳେ ଗୋପାଳକଙ୍କୁ ଦଣ୍ଡିତ କରିଥିଲେ , ସେତେବେଳେ କୃଷ୍ଣ ତାଙ୍କ କାଣି ଅଙ୍ଗୁଳିରେ ପର୍ବତ ଉଠାଇ ଲୋକଙ୍କୁ ତା' ତଳେ ଆଶ୍ରୟ ଦେଇଥିଲେ। କୃଷ୍ଣଙ୍କ ବ୍ରହ୍ମାଣ୍ଡ ରୂପ ଏବଂ ତିନି ପାଦରେ ସାରା ପୃଥିବୀକୁ ଭ୍ରମଣ କରିଥିବା ବୈଦିକ ବିଷ୍ଣୁଙ୍କ ପ୍ରତିରୂପକୁ ଏହା ସୂଚିତକରେ। ଏଥିରେ ବୃନ୍ଦାବନର ହିରୋଙ୍କୁ ବୈଦିକ ଦେବତା ସହ ଏକାଠି କରାଯାଇଛି।

କୃଷ୍ଣଙ୍କ ପର୍ବତ ଉଠାଇବା କାହାଣୀ ପୂର୍ବ ଉପକୂଳ ଅଞ୍ଚଳକୁ ବ୍ୟାପିବା ପରେ କାମ୍ବୋଡ଼ିଆରେ ପହଞ୍ଚିଥିଲା। ପାଖାପାଖି ଖ୍ରୀଷ୍ଟାବ୍ଦ ୭୦୦ରେ ତାମିଲନାଡୁର ମହାବଳିପୁରମରେ କଳାକାରମାନେ ଗ୍ରାନାଇଟ୍ ଚଟାଣରେ କୃଷ୍ଣ ଗୋବର୍ଦ୍ଧନ ପର୍ବତ ଉଠାଇଥିବା ଏକ ବିଶାଳ ମୂର୍ତ୍ତି ଖୋଦେଇ କରିଥିଲେ। ଏହି ଚିତ୍ରଫଳକରେ ମଧ୍ୟ ଖୋଦିତ ଗାଈ ବାଛୁରୀ ମୂର୍ତ୍ତି ରହିଛି। ଆମ ପାଖରେ ଏହା ପୂର୍ବର କେବଳ ଚୂଳଥିବା ଷଣ୍ଢଙ୍କ ମୂର୍ତ୍ତି ଥିଲା। ଏହି ଚିତ୍ରଫଳକ ବା ଶିଳା କଳାକୃତି ହେଉଛି ବ୍ରହ୍ମାଣ୍ଡ 'ଗାଈ'ଙ୍କ ସ୍ୱର୍ଗ ଭାବେ ଜଣାଶୁଣା ଗୋ–ଲୋକର ପୁରାତନ ଧାରଣାକୁ ସୂଚିତକରେ। ବାସୁଦେବରୁ କିଭଳି ବିଷ୍ଣୁଙ୍କ ପରିପ୍ରକାଶ ହୋଇଛି ତାହା କଳା ଐତିହାସିକମାନେ ଏବେ ଦର୍ଶାଉଛନ୍ତି । କ୍ଷୁଦ୍ର ଇଣ୍ଡୋ–ଗ୍ରୀକ୍ ମୁଦ୍ରାଠାରୁ ଆରମ୍ଭକରି ମଲ୍ଲାର, ମଥୁରା ଓ ମହାବଳିପୁରମର ପଥର ଚଟାଣ ପର୍ଯ୍ୟନ୍ତ ସବୁଥିରେ ମହାଭାରତର ଜଣେ ଗୋପାଳକ ବୀର କିଭଳି ବ୍ରହ୍ମାଣ୍ଡ ରକ୍ଷକ ପାଲଟିଛନ୍ତି ତାହା ଆମେ ଲକ୍ଷ୍ୟ କରିପାରିବା।

–devduttofficial@gmail.com

## ଏଇ ଭାରତରେ

ସୀମା ସଶସ୍ତ୍ର ବଳ(ଏସ୍‌ଏସ୍‌ବି)ରେ ଦେଶକୁ ସୁରକ୍ଷା ଦେବା ଲାଗି ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବା ସହ ଚାଷକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଉତ୍କୃଷ୍ଟ ପାଣ୍ଡେ। ସେ ଉତ୍ତରପ୍ରଦେଶ ପ୍ରତାପଗଡ଼ ଭଦାଉନ୍ ଗାଁରେ ୭ ଏକର ଫାର୍ମରେ ଜୈବିକ ଚାଷ କରୁଛନ୍ତି। ଏହି ଫାର୍ମର ନାମ ରଖିଛନ୍ତି 'ଋଷିଗ୍ରାମ ଅର୍ଗାନିକ୍ସ'। ଜୈବିକ ପଦ୍ଧତିରେ ହଳଦୀ ଏବଂ ଧାନ ଚାଷ କରାଯାଉଛି। ବିଶେଷକରି ସ୍ଥାନୀୟ ଅଞ୍ଚଳର ପୁରୁଣା ତଥା କଳାନମେକ ବାସ୍ନାଧାନ ଚାଷ କରୁଛନ୍ତି। ଫାର୍ମରେ ବିଶେଷକରି କଳା ଓ କସ୍ତୁରୀ ହଳଦୀ ଚାଷ ହେଉଛି। ଏପରିକି ହଳଦୀ ଚାଷ ପାଇଁ ୧୩ଟି ରାଜ୍ୟରେ ୫୦୦ରୁ ଅଧିକ କୃଷକଙ୍କୁ ସହଯୋଗ କରୁଛନ୍ତି। ପାଣ୍ଡେ ଏସ୍‌ଏସ୍‌ବିରୁ ଅବସର ନେବାପରେ ଗାଁକୁ ଫେରି ଜୈବିକ ଚାଷକୁ ପସନ୍ଦ କରିଥିଲେ। ସେ ମଧ୍ୟ ଗୋପାଳନ କରିବା ସହ ସହ ଗୋବରରୁ ଜୈବିକ ଖତ ପ୍ରସ୍ତୁତକରି କ୍ଷେତରେ ବ୍ୟବହାର କରୁଛନ୍ତି। ପାଣ୍ଡେ ଚାଷରେ କେବଳ ଅଟକି ନ ଯାଇ 'ହର୍ ଘର୍ ଚନ୍ଦନ' ଅଭିଯାନ ଚଳାଇଛନ୍ତି। ଏହି ଅଭିଯାନରେ ସେ ୩୦୦୦ରୁ ଊର୍ଦ୍ଧ୍ୱ ଚନ୍ଦନଗଛ ରୋପଣ କରିଛନ୍ତି । ଚନ୍ଦନ ବନ ସୃଷ୍ଟି କରିବା ପାଇଁ ସେ ଏକ ଚନ୍ଦନ ନର୍ସରି କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୪ ଡିସେମ୍ବର ୧୯୭୬**

- ସୋଭିଏତ ରୁଷିଆ ମହାକାଶ ତଥ୍ୟସନ୍ଧାନ ଉଦ୍ଦେଶ୍ୟରେ 'କସ୍ମସ–୮୭୦' ନାମକ ଏକ କୃତ୍ରିମ ଉପଗ୍ରହ ମହାକାଶକୁ ଉତପ୍ରେରଣ କରିଛି।
- ଚୀନର ବହିର୍ବ୍ୟାପାର ମନ୍ତ୍ରୀ ଚିଆଓ କ୍ୱାନ ହ୍ୱାଙ୍କୁ ଅଚାନକ ଭାବେ ପଦରୁ ବରଖାସ୍ତ କରାଯାଇ ତାଙ୍କ ସ୍ଥାନରେ ଜାତିସଂଘସ୍ଥିତ ଚୀନା ରାଷ୍ଟ୍ରଦୂତ ହୁଆଙ୍ଗ ହ୍ୱାଙ୍କୁ ନିଯୁକ୍ତ କରାଯାଇଛି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | 1 | | | | | |
| | 2 | | | 3 | | | | 9 |
| | | 6 | | | | | 4 | |
| | | | | | | | | 2 |
| | | | 4 | | 5 | | | 7 |
| | | 2 | | | 6 | 9 | | |
| | | | | | 7 | | | 6 |
| | 3 | | | | 8 | | 5 | 4 |
| | | | | 6 | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 4 | 7 | 5 | 9 | 3 | 8 | 1 |
| 3 | 5 | 8 | 2 | 6 | 1 | 7 | 4 | 9 |
| 7 | 1 | 9 | 4 | 8 | 3 | 6 | 5 | 2 |
| 9 | 7 | 3 | 1 | 4 | 5 | 8 | 2 | 6 |
| 8 | 6 | 5 | 3 | 2 | 7 | 9 | 1 | 4 |
| 2 | 4 | 1 | 6 | 9 | 8 | 5 | 3 | 7 |
| 5 | 8 | 2 | 9 | 1 | 6 | 4 | 7 | 3 |
| 1 | 9 | 7 | 8 | 3 | 4 | 2 | 6 | 5 |
| 4 | 3 | 6 | 5 | 7 | 2 | 1 | 9 | 8 |

ଗତକାଲିର ଉତ୍ତର

# ଆତଙ୍କବାଦ: ଉତ୍ସ ଓ ଉତ୍ପାଟନ



ଉପେନ୍ଦ୍ର ବିଶ୍ୱାଳ

କେବଳ ମାତ୍ର ତୁମ ନିଜ ବିଶ୍ୱାସକୁ ହିଁ ଜ୍ଞାନ ବୋଲି କହି ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ, ଅଜ୍ଞାନ ଅଥବା ମିଥ୍ୟା ବୋଲି ଅଭିହିତ କରିବା ନିହାତି ମୂର୍ଖାମି – ଯୁଗଋଷି ଶ୍ରୀ ଅରବିନ୍ଦ। ଏହି ମର୍ମରେ ଇତିହାସରେ ସଂଘଟିତ ଅନେକ ସୈତାନୀ କାଣ୍ଡ ମଧ୍ୟରୁ ବିଧ୍ୱସ୍ତ ନାଳନ୍ଦା ବିଶ୍ୱବିଦ୍ୟାଳୟ ଅନ୍ୟତମ। ସେଦିନ ସୈତାନର ବିଚାର ଥିଲା– ''ବିଶାଳକାୟ ଲାଇବ୍ରେରିରେ ଥିବା ବହିଗୁଡ଼ିକରେ ଯାହା ଲେଖାଯାଇଛି ତାହା ଯଦି ଆମ ଧର୍ମଗ୍ରନ୍ଥରେ ଲେଖା ନାହିଁ, ତେବେ ଅଜ୍ଞାନଭରା ବହିଗୁଡ଼ିକର କିଛି ମୂଲ୍ୟ ନାହିଁ। ଏଗୁଡ଼ିକ ରହିବା ଉଚିତ ନୁହେଁ। ଆମ ଧର୍ମଗ୍ରନ୍ଥରେ ଯାହା ଲେଖା ଅଛି ଏଥିରେ ଯଦି ତାହା ଥାଏ, ତେବେ ଏଗୁଡ଼ିକର ଆବଶ୍ୟକତା ଆଉ କ'ଣ? ତେଣୁ ଏ ସବୁକୁ ଜାଳିପୋଡ଼ି ନଷ୍ଟ କରିଦିଅ। ବାସ୍, ବିଶ୍ୱକୁ ଉଦ୍ଭାସିତ କରିବାକୁ ଉଦ୍ଦିଷ୍ଟ ଥିବା ବହୁ ଦୁର୍ଲଭ ମହାର୍ଘ୍ୟ ଗ୍ରନ୍ଥସବୁକୁ ନିଆଁ ଲଗାଇ ଧ୍ୱଂସ କରିଦିଆଗଲା।'' ଆମ ବିଶ୍ୱାସ, ବିଚାର ହିଁ ଶ୍ରେଷ୍ଠ। ଆମ ଈଶ୍ୱର ହେଉଛନ୍ତି ଏକମାତ୍ର ଈଶ୍ୱର। ତାଙ୍କ ବ୍ୟତୀତ ଅନ୍ୟ କାହାକୁ ଈଶ୍ୱରଙ୍କ ଆସନରେ ବସାଇବା ଅର୍ଥ ଈଶ୍ୱରଙ୍କ ବିରୋଧରେ ଯିବା। ଆମ ବିଶ୍ୱାସକୁ ସ୍ୱୀକୃତି ଦେଉ ନ ଥିବା ବ୍ୟକ୍ତି ହେଉଛନ୍ତି ଶତ୍ରୁ। ଯେକୌଣସି ଉପାୟରେ ସେମାନଙ୍କୁ ଦମନ କରିବା ହେଉଛି ଈଶ୍ୱରଙ୍କ ଇଚ୍ଛା। ଈଶ୍ୱରଙ୍କ ଇଚ୍ଛାକୁ ପାଳନ କରିବା ସବୁଠୁ ପୁଣ୍ୟ କାମ। ଏଥିପାଇଁ ଧର୍ମଯୁଦ୍ଧ ହିଁ ବିକଳ୍ପ ମାର୍ଗ। ଶୈଶବରୁ ଯଦି ପିଲାଙ୍କ ମନରେ ଏଭଳି ବିଷାକ୍ତ ଚିନ୍ତାଧାରା ଭରିଦିଆଯାଏ, ତେବେ ବଡ଼ ହେଲେ ସେମାନେ ଆତଙ୍କବାଦୀ ନ ହୋଇ କ'ଣ ମହାପୁରୁଷ ହେବେ?

ପ୍ରସଙ୍ଗକ୍ରମେ ଏଇଠି ମନେପଡ଼େ ମନୋଜ ଦାସଙ୍କ ଏକ କାହାଣୀ। ଜଣେ ରାଜା ଥିଲେ, ଯିଏକି ନିରାକାର ବ୍ରହ୍ମଙ୍କ ଉପାସକ। ରାଜାଙ୍କ ବିଶ୍ୱାସ ସହିତ ରାଜ୍ୟର ପ୍ରଜାମାନେ ବି ହେଲେ ନିରାକାରବାଦୀ। ରାଜ୍ୟର ଦୂର ସୀମାନ୍ତରେ ରହୁଥିବା ଜଣେ ସନ୍ଥ ଥିଲେ ଉଭୟ ନିରାକାର ଓ ସାକାର ରୂପରେ ବିଶ୍ୱାସୀ। ରାଜାଙ୍କ ବିଶ୍ୱାସ ଉପରେ ଏହା ଏକ କୁଠାରାଘାତ। ଏଣୁ ରାଜ୍ୟର ଜ୍ଞାନ ଓ ବିଚାରକୁ ଭ୍ରମିତ କରୁଥିବା ଅପରାଧରେ ସନ୍ଥଙ୍କୁ ଦଣ୍ଡିତ କରିବାକୁ ରାଜା ନିଷ୍ପତ୍ତି ନେଲେ। ଦଣ୍ଡିତ ହେବା ପୂର୍ବରୁ ରାଜାଙ୍କୁ ନିବେଦନଟିଏ ବାଢ଼ିଲେ ସନ୍ଥ। ରାଜାଙ୍କ ସମେତ ତିନି ମନ୍ତ୍ରୀଙ୍କୁ କାଗଜ ଖଣ୍ଡିଏ ଖଣ୍ଡିଏ ବଢ଼ାଇଦେଇ ମିନତି କଲେ ମାମୁଲି ପ୍ରଶ୍ନ 'ମାଟି କ'ଣ'ର ଉତ୍ତର ଲେଖିବାକୁ। ଉତ୍ତରରେ ରାଜା ଲେଖିଲେ– ମାଟି ହେଲା ପୃଥିବୀର ମୌଳିକ ଉପାଦାନ। ପ୍ରଧାନମନ୍ତ୍ରୀଙ୍କ ଉତ୍ତର– ଅବଶେଷରେ ଆମ ଦେହ ଯେଉଁଥିରେ ମଶେ। ଦ୍ୱିତୀୟ ମନ୍ତ୍ରୀଙ୍କ ଉତ୍ତର– ଯାହା ଆମକୁ ଶସ୍ୟ ଯୋଗାଏ। ଅନ୍ୟଜଣେ ମନ୍ତ୍ରୀ ଲେଖିଲେ– ଆମେ ଯାହା ଉପରେ ଯାତାୟାତ କରୁ। ଏଠାରେ ଗୋଟିଏ ପ୍ରଶ୍ନ, କିନ୍ତୁ ଉତ୍ତର ଭିନ୍ନ ଭିନ୍ନ। କୌଣସି ବି ଉତ୍ତର ଭୁଲ୍ ନୁହେଁ। ଏଭଳି



କ୍ଷେତ୍ରରେ ସେମାନେ ଯଦି ଦାବି କରିବସନ୍ତି କେବଳ ନିଜ ନିଜ ଉତ୍ତର ହିଁ ଠିକ୍, ତେବେ ଏଭଳି ଦାବି କରିବା ସେମାନଙ୍କ ପାଗଳପଣ ନୁହେଁ କି? ବିଚାରର ଉନ୍ନତି ବିନା ସମାଜର ଉନ୍ନତି ଅସମ୍ଭବ। ଦୁନିଆ ଯେ ପର୍ଯ୍ୟନ୍ତ ଉନ୍ନତ ଚିନ୍ତନ/ ମାନସିକତାରେ ପୁଷ୍ଟ ନ ହୋଇଛି, ସେ ପର୍ଯ୍ୟନ୍ତ ସୁନ୍ଦର ସମାଜଟିଏ ଆଶା କରିବା ବୃଥା। ବିଚାରର ଦରିଦ୍ରତା/ ରୁଗ୍ଣତା ହିଁ ଗୋଟେ ଦେଶର ଦୁଃଖ ଓ ଦୁର୍ଦ୍ଦଶାର କାରଣ।

ରାଷ୍ଟ୍ରର ସୌଭାଗ୍ୟର ସୌଧ ନିର୍ମିତ ହୁଏ ଭବ୍ୟ ଭାବନାର ଭିତ୍ତିଭୂମି ଉପରେ। ଭୟ ପ୍ରଦର୍ଶନ ଦ୍ୱାରା, ବଳ ପ୍ରୟୋଗ କରି ଅବା ଧ୍ୱଂସ ରଚି ନିଜ ମତକୁ ଜୋର କରି ସାବ୍ୟସ୍ତ କରିବା ଅତି ନିକୃଷ୍ଟ ମାନସିକତା। ସେହି ନିକୃଷ୍ଟ ବିଚାରକୁ ଆଧାର କରି କେହି ଯଦି ଚାହେଁ ଆଜିର ନୂଆ ଭାରତକୁ ଅଧୀନସ୍ଥ କରିବ, ତେବେ ତାହା ହେଉଛି ମୂର୍ଖାମି। ଇଞ୍ଜିନିୟରିଂ କି ଡାକ୍ତରୀ ଡିଗ୍ରୀ ହାସଲ କରିବା ବାହାଦୁରୀପଣିଆ ନୁହେଁ। ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ମଣିଷ ହେବା, ମଣିଷପଣିଆ ଧାରଣ କରିବା, ବ୍ୟକ୍ତିର ବିଚାର ଓ ଭାବନାକୁ ଊର୍ଦ୍ଧ୍ୱମୁଖୀ କରିବା। ଏ ସମ୍ପର୍କରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ କୁହନ୍ତି, "Education is the training of the mind to think better and better." ଚେତନାର ବିକାଶ ନ ଘଟିଲେ ଶିକ୍ଷା ମୂଲ୍ୟହୀନ। ସେଥିରୁ ଉତ୍କୃଷ୍ଟ ବିଚାର ଆଶାକରିବା ବୃଥା। ଜର୍ମାନୀର ବିଶିଷ୍ଟ ବିଦ୍ୱାନ୍, ଚିନ୍ତକ ମାର୍ଟିନ୍ ଲୁଥରଙ୍କ ଭାଷାରେ, ''କୌଣସି ଭୂମିର ଭାଗ୍ୟ, ଭବିଷ୍ୟତ ନିର୍ଭର କରେନା ଭୂଗୋଳ କି ଭୂସମ୍ପଦ ଉପରେ। ନିର୍ଭର ବି କରେନାହିଁ ପ୍ରାଚୁର୍ଯ୍ୟ ଅବା ପ୍ରତିପତ୍ତି ଉପରେ। ବରଂ ନିର୍ଭର କରେ ଭୂମିରେ ବାସ କରୁଥିବା ଲୋକଙ୍କ ମାନସିକତା ଉପରେ, ଲୋକ ଚରିତ୍ର ଉପରେ।'' ଅର୍ଥାତ୍ ନାଗରିକଙ୍କ ସୁସ୍ଥ ମାନସିକତା, ମହତ୍ ଭାବନା ଦେଶର ସୁଖ, ଶାନ୍ତି ଓ ସମୃଦ୍ଧିର କାରଣ ସାଜୁଥିବା ବେଳେ ଦୁଃସ୍ଥ ମାନସିକତା ଡାକିଆଣିଥାଏ ଦେଶର ଦୁର୍ଗତିକୁ।

ଏବେ ଆସିବା ଉପସଂହାରକୁ। କାହିଁକି ଭାରତରେ ଏତେ ଆତଙ୍କବାଦୀ ଆକ୍ରମଣ? ଆତଙ୍କବାଦର ବିଲୋପ ପାଇଁ ଇସ୍ରାଏଲର ଇସ୍ତାହାର କ'ଣ କୁହେ? ୦୭ ଅକ୍ଟୋବର ୨୦୨୩ରେ ହମାସ୍ ଆତଙ୍କବାଦୀଙ୍କ ଆକ୍ରମଣରେ ଇସ୍ରାଏଲ୍‌ର ୧୨୦୦ ଲୋକଙ୍କ ଜୀବନ ଯାଇଥିଲା। ପରିଣତିରେ? ଜାତିସଙ୍ଘ ସମେତ ୫୦ରୁ ଅଧିକ ମୁସ୍‌ଲିମ ଦେଶଙ୍କ ନାଲିଆଖିକୁ ତିଳେମାତ୍ର ଖାତିର ନ କରି ଆତଙ୍କବାଦୀଙ୍କ ମୂଳୋତ୍ପାଟନ ପାଇଁ କଡ଼ାଗଣ୍ଡା ପ୍ରତିଶୋଧ ନେଲା। ଆଜି ଭୂଗୋଳ ପୃଷ୍ଠାରୁ ଗାଜା ଏକପ୍ରକାର ନିଶ୍ଚିହ୍ନ। ପ୍ରାୟ ୧ ଲକ୍ଷ ଲୋକଙ୍କ ଶବ ଉପରେ ଗାଜାର ଅଧା ଅଞ୍ଚଳ ଇସ୍ରାଏଲ ଅକ୍ତିଆରରେ। ଲୁଚିବାକୁ ସେଠାରେ ସାମାନ୍ୟ ଟିକେ ଜାଗା ନ ପାଇ ଭାଗ୍ୟବଶତଃ ବଞ୍ଚି ଯାଇଥିବା ହାତଗଣତି ସ୍ୱଳ୍ପ କେତେଜଣ ହମାସ୍ ଆତଙ୍କବାଦୀ ଆସି ଲୁଚିଛନ୍ତି ପାକିସ୍ତାନରେ ପ୍ରାଣ ଟିକକ ବଞ୍ଚାଇବା ପାଇଁ। ଇସ୍ରାଏଲ୍‌ର ଇସ୍ତାହାର ସମେତ ଭାରତ ବି ବୁଝିବା ଉଚିତ ପଡ଼ୋଶୀ ବେଜିଂର ବ୍ୟାକରଣ। ଏଥିପାଇଁ ଚାଇନାର ଉଇଘର ହେଉଛି ଉତ୍କୃଷ୍ଟ ଉଦାହରଣ। ଆମ ପାଇଁ ତାହା ଉତ୍କର୍ଷର ଉପଲବ୍ଧି। ନକ୍ସଲ ନିପାତ ଅଭିଯାନ ପରି ଆତଙ୍କବାଦର ଉତ୍ପାଟନ ପାଇଁ ଭାରତ ସରକାର କଠୋର ନିଷ୍ପତ୍ତି ନେବା ଉଚିତ। ଉତ୍ପୀଡ଼ନର ଉତ୍ସ ଆତଙ୍କବାଦର ଉତ୍ପାଟନ କରିବାକୁ ହେଲେ ଭାରତ ପ୍ରଦର୍ଶନ କରିଆସୁଥିବା ଉଦ୍‌ବୃତ୍ତ ଉଦାରତାକୁ ଉତ୍ସର୍ଗ କରିବାକୁ ହେବ। କାରଣ, ରାଷ୍ଟ୍ର ସର୍ବୋପରି। ଏହାକୁ ଆମେ ସମସ୍ତେ ହୃଦୟଙ୍ଗମ କରିବା ଦରକାର। ''ରାଷ୍ଟ୍ର ରକ୍ଷା ସମଂ ପୁଣ୍ୟମ୍, ରାଷ୍ଟ୍ର ରକ୍ଷା ସମଂ ବ୍ରତମ୍, ରାଷ୍ଟ୍ର ରକ୍ଷା ସମଂ ଯଜ୍ଞ, ଦୃଷ୍ଟି ନୈବ ନୈବ ଚ''– ଅର୍ଥାତ୍ ରାଷ୍ଟ୍ର ରକ୍ଷା ସମାନ କୌଣସି ପୁଣ୍ୟ ନାହିଁ, ରାଷ୍ଟ୍ର ରକ୍ଷା ସମାନ କୌଣସି ବ୍ରତ ନାହିଁ, ରାଷ୍ଟ୍ର ରକ୍ଷା ସମାନ କୌଣସି ଯଜ୍ଞ ନାହିଁ, ରାଷ୍ଟ୍ର ରକ୍ଷା ସର୍ବୋପରି ହେବା ଉଚିତ।

ମୋ: ୯୪୩୭୪୩୬୦୭୩

# ବୈଦିକ ସଂସ୍କୃତିର ସୌରଭ



ଇଂ. ସଚ୍ଚିଦାନନ୍ଦ ନନ୍ଦ

ବେଦ, ମାନବ ଜାତି ପାଇଁ ଈଶ୍ୱରଙ୍କ ଅମୂଲ୍ୟ ସଂପଦ। ଏହା ପରମାତ୍ମାଙ୍କ ଅମୃତ ବାଣୀ। ଆର୍ଯ୍ୟ ସାହିତ୍ୟର ଅକ୍ଷୟ ଭଣ୍ଡାର। ଏଥିରେ ଥିବା ଈଶ୍ୱର ପ୍ରଦତ୍ତ ଦିବ୍ୟଜ୍ଞାନ ପୃଥିବୀର ଅନ୍ୟ ଗ୍ରନ୍ଥରେ ଦେଖିବାକୁ ମିଳେନାହିଁ। ବେଦର ଶିକ୍ଷା, ବେଦର ଆଦର୍ଶ ଅତୀବ ମହାନ୍, ଦୈନନ୍ଦିନ ଜୀବନରେ ପାଳନ ସାପେକ୍ଷ। ଏହି ଶିକ୍ଷାକୁ ଯଦି କିଞ୍ଚିତ ପରିମାଣରେ ଜନ ସମକ୍ଷରେ ପହଞ୍ଚାଇ ହୁଏ ତାହା ଜନ ସମାଜ ପାଇଁ ଅଶେଷ ମଙ୍ଗଳଦାୟକ ହେବ। ଏହା ଏକ ଆଧ୍ୟାତ୍ମିକ ସେବା ଭାବେ ପରିଣତ ହେବ। ଏହି ଅବଲମ୍ବନରେ ଅନେକ ଭାରତୀୟ ନିଜ ଜୀବନକୁ ଶୁଦ୍ଧ, ପବିତ୍ର ଓ ଶାସ୍ତ୍ରୀୟ କରି ପ୍ରଭୂତ ଉପକାର ଲାଭ କରିଛନ୍ତି। ଏହା ସର୍ବକାଳୀନ ହୋଇଥିବାରୁ ବର୍ତ୍ତମାନ ମଧ୍ୟ ଏହାର ଅବଲମ୍ବନରେ ଜଣେ ମହାନ୍ ଗୁଣର ଅଧିକାରୀ ହୋଇପାରିବ। ଏହି ଜ୍ଞାନ ପରିବାର କ୍ଷେତ୍ରରେ ଉପଯୋଗ କରି ଯେଉଁମାନେ ମହାନ୍ ହୋଇପାରିଥିଲେ ତନ୍ମଧ୍ୟରୁ ଅଗାଧ ଓ ଅସୀମ ପ୍ରତିଭାର ଅଧିକାରୀ, ତାଙ୍କ ସମୟର ସର୍ବୋଚ୍ଚ ଶିକ୍ଷାବିତ୍ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ଭାରତରେ ତଥା ବହୁ ବିଦେଶରେ ନିଜ ପାଣ୍ଡିତ୍ୟର ପରିଚୟ ଦେଇ ଆମ ଦେଶ ସଂସ୍କୃତି ଓ ଭାରତୀୟ ଜ୍ଞାନର ଉପଯୁକ୍ତ ପରିଚୟ ନିଜ କର୍ମ ମାଧ୍ୟମରେ ପ୍ରଦାନ କରିପାରିଥିଲେ। ତାଙ୍କ ବାଲ୍ୟକାଳରୁ ନିଜ ପରିବାରରୁ ସେ ବୈଦିକ ଜ୍ଞାନର ଅଧିକାରୀ ହୋଇଥିଲେ। ତାଙ୍କ ମାତା ପିତା ଏ ବାବଦରେ ତାଙ୍କ ଆଦର୍ଶ ଥିଲେ। ସେ ସମଗ୍ର ପୃଥିବୀବାସୀଙ୍କ ଉଦ୍ଦେଶ୍ୟରେ କହୁଥିଲେ – 'ତୁମେ କେତେ ଜ୍ଞାନର ଅଧିକାରୀ ତାହାର ଏକ ମୁକୁଟ କରି ମଥାରେ ପିନ୍ଧି ବୁଲିଲେ ତାହା ଜ୍ଞାନର ଠିକ ପ୍ରଚାର ହୋଇପାରିବ ନାହିଁ, ତୁମର ଆଚରଣ ଓ ବ୍ୟବହାର ହିଁ ତୁମ ଜ୍ଞାନର ପ୍ରକୃତ ପରିଚୟ।'

ଏହି ଲେଖା ପ୍ରସ୍ତୁତ କରିବା ପୂର୍ବରୁ ବେଦ ପୃଷ୍ଠା ଓଲଟାଇଲାବେଳେ ସେହି କଥା ବେଦରୁ ମଧ୍ୟ ଦେଖିବାକୁ ମିଳିଲା। ଡକ୍ଟର ରାଧାକ୍ରିଷ୍ଣନ ବାଲ୍ୟ କାଳୁ ତାଙ୍କ ପରିବାରରୁ ବୈଦିକ ସଂସ୍କାର ପାଇଥିଲେ, ଯେଉଁଥିରେ ତାଙ୍କ ଶୁଦ୍ଧ ଆଚରଣ ଓ ବ୍ୟବହାରରେ ଅତୀବ ସନ୍ତୁଷ୍ଟ ହୋଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ତାଙ୍କୁ ଡାକି ଆଣି ଦେଶର ସୁନାମ ବଢ଼ାଇବା ଲକ୍ଷ୍ୟରେ ବିଭିନ୍ନ ଦେଶର ରାଷ୍ଟ୍ରଦୂତ କରାଇଥିଲେ। ସେ ନିଜର ବିଦ୍ୟା ଓ ଗୁଣର ପରିଚୟ ଦେଇ ପ୍ରଥମେ ଉପରାଷ୍ଟ୍ରପତି ଓ ପରେ ରାଷ୍ଟ୍ରପତି ପଦ ଅଳଂକୃତ କରିପାରିଥିଲେ। ସେହି ବେଦଜ୍ଞାନରୁ କିଛି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ କରିବାର ସୁଯୋଗକୁ ସଦ୍ ବ୍ୟବହାର କରାଯାଉଛି। ବେଦ କହନ୍ତି – 'ଯଥା ନଃ ଇଜ୍ଜନୋଽନମୀବଃ।' – ଯଜୁ ୩୩/୮୨ ଅର୍ଥ – ଆମେ ପରସ୍ପର ସହିତ ସୌଜନ୍ୟପୂର୍ଣ୍ଣ ବ୍ୟବହାର କରିବା। ସଜ୍ଜନମାନଙ୍କର ବ୍ୟବହାର, ଉଦାରତା, ସହାୟତା ଏବଂ ସ୍ନେହପୂର୍ଣ୍ଣ ହୋଇଥାଏ। 'ଓଁ ଦେବାନାମପି ପନ୍ଥାମଗ୍ନ' – ଅଥର୍ବ ୧୧/୫୯/୩, ଅର୍ଥ – ଯେଉଁ ପଥରେ ସଜ୍ଜନମାନେ ଯାଆନ୍ତି ସେହି ମାର୍ଗରେ ଚାଲ। ଉଦ୍ଦଣ୍ଡ ଓ ଅନୀତି ପଥରେ ଗଲେ ଦୁଃଖ ମିଳେ। 'ଦ୍ୟସତ୍ କୃଣୋଷ୍ୟଧ୍ୱରମ୍' – ଋଗ୍ ୧/୭୪/୪, ଅର୍ଥ – ସଜ୍ଜନମାନେ ସତ୍ କର୍ମରେ ସାହାଯ୍ୟ କରିଥାନ୍ତି। ସତ୍ କର୍ମରେ ସାହାଯ୍ୟ କରିବା ସଜ୍ଜନମାନଙ୍କର ଆବଶ୍ୟକ କର୍ତ୍ତବ୍ୟ । 'ମଧୁମତୀଃ ମଧୁ ମତୀଭିଃ ସଂପୃଚ୍ୟନ୍ତାଂ' – ଯଜୁ ୧/୨୧, ଅର୍ଥ – ମଧୁର ବାଣୀ କହ, ମିଷ୍ଟଭାଷୀଙ୍କ ସହିତ ରହ। ଯେଉଁମାନେ ମଧୁର ବ୍ୟବହାର କରନ୍ତି ତାଙ୍କ ପାଇଁ ସମସ୍ତେ ଆପଣାର ହୋଇଯାଆନ୍ତି। 'ମିତ୍ରସ୍ୟାହଂ ଚକ୍ଷୁସା ସର୍ବାଣି ଭୂତାନି ସମୀକ୍ଷେ' – ଯଜୁ ୩୬/୧୮, ଅର୍ଥ – ସବୁ ପ୍ରାଣୀମାନଙ୍କୁ ମିତ୍ର ଦୃଷ୍ଟିରେ ଦେଖିବା ଆବଶ୍ୟକ। କୌଣସି ପ୍ରାଣୀକୁ ନୁହେଁ ବରଂ ତାହାର କୁକର୍ମକୁ ଘୃଣା କର। 'ଜିହ୍ୱା ମେ ମଧୁମମା' – ତୈତିରୀୟ ୧/୪, ଅର୍ଥ – ମୋ ଜିହ୍ୱା ମିଷ୍ଟ ବଚନ କହୁ। କଟୁ କର୍କଶ ଓ କୁବଚନ କହି ବାଣୀକୁ ଦୂଷିତ କରନାହିଁ।'

ବୈଦିକ ନୀତି ଅନୁଯାୟୀ ଜୀବନଯାପନ କଲେ ସର୍ବଶ୍ରେଷ୍ଠ ଫଳ ଲାଭ ହେବ, କାରଣ ବୈଦିକ ଜ୍ଞାନ ହିଁ ଶ୍ରେଷ୍ଠ ଜ୍ଞାନ। ଭାରତର ପୂର୍ବ ଐତିହ୍ୟ, ଭାରତୀୟ ସଂସ୍କୃତିର ମୂଳାଧାର ବେଦ ଭଗବାନଙ୍କ ଦ୍ୱାରା ଋଷିମାନଙ୍କ ଜରିଆରେ ସମଗ୍ର ମାନବ ଜାତିର ଉଦ୍ଧାରଣ ପାଇଁ ପ୍ରଦତ୍ତ। ତାହାର ପୁନରୁଦ୍ଧାର କରିବା ପାଇଁ ଭଗବାନ ବାବା ଯେଉଁ ସଂକଳ୍ପ କରିଥିଲେ, ଯାହାକୁ ଅଗ୍ରଗତି ଦେଇ ସମ୍ପୂର୍ଣ୍ଣ ଅଜ୍ଞ ଓ ଅଚେତନ ମାନବକୁ ବୈଦିକ ମନ୍ତ୍ରର ସ୍ପର୍ଶ ଦେଇ ସଚେତନ କରିଥିଲେ, ତାହାକୁ ଆଗକୁ ଆଗକୁ ନେବା ପାଇଁ ଆମ୍ଭମାନଙ୍କୁ ଦାୟିତ୍ୱ ଦେଇଥିଲେ, ତାହା ସମ୍ଭବ ହୋଇପାରିବ, ଆମେ ବୈଦିକ ଜ୍ଞାନ ଓ ଉପଦେଶର ପ୍ରସାର ଓ ବ୍ୟବହାର କରାଇପାରିଲେ। ଭଗବାନଙ୍କ ତୃପ୍ତି ଓ ଆମ ଜୀବନର ଅଗ୍ରଗତି ଲକ୍ଷ୍ୟରେ ଧୀରେ ଧୀରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ।

**ଅଲିଶା ବଜାର, କଟକ**
**ମୋ : ୯୩୩୭୨୪୨୯୫୫**

## ଚିରନ୍ତନୀ

ମୁକୁଳାଇ କେଶ ଆକୁଳାଇ ମୋର ହିୟା
କିଏ ସେ ଆଜି ଗୋ ଦୁଆରେ ହୋଇଲ ଠିଆ ?
ଅଙ୍ଗେ ଦୁକୂଳ ବଖାଣଇ ନିଜ ଶୋଭା ।
ଶୂନ୍ୟ ଏ ଘରେ ଆସିଲ କାହାର ପ୍ରିୟା !
–(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପରୀକ୍ଷା ଶୃଙ୍ଖଳିତ ହେଉ

ମହାଶୟ,

୨୦୨୫ ଶେଷ ହେବାକୁ ଯାଉଛି। ୨୦୨୬ ଫେବୃଆରୀ ଓ ମାର୍ଚ୍ଚରେ ଦଶମ, ଦ୍ୱାଦଶ ଏବଂ ଅନ୍ୟାନ୍ୟ ସବୁ ପରୀକ୍ଷା ଆରମ୍ଭ ହେବ। ଆଡ୍‌ମିଟ୍ କାର୍ଡ ଦେବାଠାରୁ ଆରମ୍ଭ କରି ପରୀକ୍ଷା ଖାତା ଦେଖା ସହିତ ରେଜଲ୍ଟ ବାହାରିଲା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଯେପରି ସୂଚାରୁ ରୂପେ ତଥା ଶୃଙ୍ଖଳିତ ଭାବରେ ହେବ, ସେଥିପ୍ରତି ପ୍ରଶାସନ ତତ୍ପର ହେବା ଉଚିତ। ଛାତ୍ରୀଛାତ୍ରଙ୍କ ସହିତ ଯେପରି କୌଣସି ପ୍ରକାର ଅନ୍ୟାୟ ବା ଅବହେଳା ନ ହୁଏ, ସେଥିପାଇଁ ସମସ୍ତ ବନ୍ଦୋବସ୍ତ ଭଲଭାବରେ ତଦାରଖ କରାଯାଉ। ଛାତ୍ରୀଛାତ୍ରଙ୍କ ମାନସିକ ସ୍ଥିତିକୁ ଦେଖି ଯେପରି କୌଣସି ପ୍ରକାର ଖେଳ କେହି ବି ଖେଳିବେ ନାହିଁ। ପ୍ରଶାସନ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପୂର୍ବରୁ ଯାହାସବୁ ଅଘଟଣ ଘଟିଛି, ସେସବୁର ପୁନରାବୃତ୍ତି ନ ହେଉ। ଶିକ୍ଷା ବିଭାଗ ଏବଂ ପରୀକ୍ଷା କର୍ତ୍ତୃପକ୍ଷ ସଜାଗ ରୁହନ୍ତୁ।

**–ପୁଷ୍ପା ମହାନ୍ତି, ସାଇ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଖୋଲିପାରୁନି ୫ରୁ ୪ ଚିନିକଳ

ଭୁବନେଶ୍ୱର,୩।୧୨(ସୁନିତ୍ ମିଶ୍ର)

ରାଜ୍ୟର ୫ଟି ଚିନିକଳ ମଧ୍ୟରୁ ୪ଟି ବନ୍ଦ ହୋଇଯାଇଛି। ବରଗଡ଼, ବଡ଼ମ୍ବା, ନୟାଗଡ଼, ବଲାଙ୍ଗୀର ଏବଂ ଆସିକାଠାରେ ଥିବା ୫ଟି ସମବାୟ ଚିନିକଳ ମଧ୍ୟରୁ ୪ଟି ଅଚଳ ଅବସ୍ଥାରେ ରହିଛି। କଟକ ଜିଲା ବଡ଼ମ୍ବା ଚିନିକଳ ୨୦୧୨ରୁ ବନ୍ଦ ପଡ଼ିଛି। ବଲାଙ୍ଗୀର ସ୍ଥିତ ବିଜୟାନନ୍ଦ ଚିନିକଳ ୨୦୧୪, ବରଗଡ଼ ଚିନିକଳ ୨୦୧୭ ଏବଂ ନୟାଗଡ଼ ଚିନିକଳ ୨୦୧୪ରୁ ବନ୍ଦ ହୋଇଗଲାଣି। ଏସବୁକୁ ପୁନଃ ଆରମ୍ଭ ଲାଗି ବିଗତ ଦିନରେ ବାରମ୍ବାର ଆଲୋଚନା ସତ୍ତ୍ୱେ ତାହା ବିଫଳ ହୋଇଥିବା ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ବିଧାୟକ ପ୍ରଶାନ୍ତ ବେହେରା ପଚାରିଥିବା ଏକ ପ୍ରଶ୍ନର ଲିଖିତ ଉତ୍ତର ରଖିଛନ୍ତି। ମନ୍ତ୍ରୀ କହିଛନ୍ତି, କେବଳ ଆସିକା ସମବାୟ ଚିନିକଳ ଏବେ ଚାଲୁ ରହିଛି। ବିଭିନ୍ନ ପ୍ରତିକୂଳ କାରଣ ଯୋଗୁ ବରଗଡ଼ର ସମବାୟ ଚିନିକଳ ଇତିମଧ୍ୟରେ ସମାପନ କରାଯାଇଛି। ନୟାଗଡ଼ ଚିନିକଳ ବାବଦରେ ବିଭିନ୍ନ ମାମଲା ବିଚାରାଧୀନ ଥିବା ଯୋଗୁ ଏହାକୁ ବର୍ତ୍ତମାନ ପରିସ୍ଥିତିରେ ପୁନଃ କାର୍ଯ୍ୟକ୍ଷମ ଦିଗରେ ନିଷ୍ପତ୍ତି ନେବା ସମ୍ଭବ ହୋଇପାରୁନାହିଁ। କଟକର ବଡ଼ମ୍ବା ଏବଂ ବଲାଙ୍ଗୀରର ବିଜୟାନନ୍ଦ ସମବାୟ ଚିନିକଳ ପୁନଃ କାର୍ଯ୍ୟକ୍ଷମ ଲାଗି ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି।

# ୭ ବର୍ଷରେ ଯାଇଛି ୪୩୨ ପ୍ରବାସୀ ଶ୍ରମିକଙ୍କ ଜୀବନ

ଭୁବନେଶ୍ୱର,୩।୧୨
(ରବିନାରାୟଣ ଜେନା)

ରାଜ୍ୟରେ ଗତ ୭ ବର୍ଷରେ ୪୩୨ ପ୍ରବାସୀ ଶ୍ରମିକଙ୍କ ଜୀବନ ଯାଇଛି ବୋଲି ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏକ ଲିଖିତ ଉତ୍ତରରେ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟ ବାହାରକୁ କାମ କରିବାକୁ ଯାଇ ୨୦୧୯ରୁ ୨୦୨୫ ମଧ୍ୟରେ ୪୩୨ ପ୍ରବାସୀ ଶ୍ରମିକ ପ୍ରାଣ ହରାଇଛନ୍ତି। ତେବେ ବାହାର ରାଜ୍ୟରେ ମୃତ ପ୍ରବାସୀ ଶ୍ରମିକଙ୍କ ମୃତଦେହ ସରକାର ରାଜ୍ୟକୁ ଆଣିବା ସହ ମୃତବ୍ୟକ୍ତିଙ୍କ ପରିବାରକୁ ସହାୟତା ରାଶି ଯୋଗାଇ ଦିଆଯାଉଛି। ୧୪ଟି ପ୍ରବାସୀ ଶ୍ରମିକ ଜିଲାକୁ ୧୫ ଲକ୍ଷ ଲେଖାଏ ସହାୟତା ରାଶି ଦିଆଯାଇଥିବା ବେଳେ ଅନ୍ୟ ୧୬ ଜିଲାକୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ଏସିଏଫ୍ ସୌମ୍ୟଙ୍କ ଫାଇଲ ରିଓପନ୍ ଦାବିକଲେ ପଦ୍ମଲୋଚନ

ଭୁବନେଶ୍ୱର,୩।୧୨
(ରବିନାରାୟଣ ଜେନା)

ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାକୁ ନେଇ ଭାଜପା ସଦସ୍ୟ ପଦ୍ମଲୋଚନ ପଣ୍ଡା ବିଧାନସଭାର ଶୂନ୍ୟକାଳରେ ସରକାରଙ୍କ ଉପରେ ଅସନ୍ତୋଷ ଝାଡ଼ିଛନ୍ତି। ସେ କହିଛନ୍ତି, ଏହି ଘଟଣାକୁ ନେଇ ସୌମ୍ୟଙ୍କ ମାତାପିତାଙ୍କର କାନ୍ଦି କାନ୍ଦି ଦିନ ସରୁନାହିଁ। ଏହି ଘଟଣା ଗୃହରେ ବାରମ୍ବାର ଉଠାଇଥିଲେ ମଧ୍ୟ ସରକାର ଶୁଣୁନାହାନ୍ତି। ଏହି ଫାଇଲ ରିଓପନ୍ ହେଲେ ଏଥିରେ ସଂପୃକ୍ତ ପୂର୍ବତନ ମନ୍ତ୍ରୀଙ୍କ ସହ ତତ୍କାଳୀନ ଡିଏଫ୍ଓ ଏବଂ ଅନ୍ୟ ଅଭିଯୁକ୍ତମାନେ ଧରାପଡ଼ନ୍ତେ। ହେଲେ ସରକାର ଶୁଣୁନାହାନ୍ତି। ଏପରିକି ହାଇକୋର୍ଟଙ୍କ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶନାମା ଥିଲେ ମଧ୍ୟ ସରକାର ତାହାକୁ ପାଳନ କରୁନାହାନ୍ତି। ଯଦି ବାଚସ୍ପତି ଏନେଇ ନିର୍ଦ୍ଦେଶ ନ ଦେବେ ତେବେ ଆଗାମୀ ଦିନରେ ଗୃହରେ ଯାହାକିଛି କରିବାର କଥା କରିବି।

ସେ ଆହୁରି କହିଥିଲେ, ଗୋଟିଏ କୋଠରିରେ ସ୍ୱାମୀ-ସ୍ତ୍ରୀ ରହିଥିବାବେଳେ କିଭଳି ଅଧଲିଟର କିରୋସିନରେ ସୌମ୍ୟଙ୍କ ମୃତ୍ୟୁ ହେଲା ଏବଂ ସ୍ତ୍ରୀ ଜାଣିପାରିଲେ ନାହିଁ? ଏହି ମାମଲାରେ ତତ୍କାଳୀନ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ସମ୍ପୃକ୍ତି ରହିଛି, ତଥାପି ପୂର୍ବ ସରକାରରେ ତାଙ୍କୁ ଓ ତାଙ୍କ ସହଯୋଗୀଙ୍କୁ ବନ୍ଧାଯାଇନାହିଁ। ଆଜି ବି ଉପଯୁକ୍ତ ନ୍ୟାୟ ପାଇବାକୁ ତାଙ୍କ ପରିବାର ସଦସ୍ୟ ଚାହିଁବସିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସରକାର ପାଳନ କରନ୍ତୁ ଏବଂ ମାମଲାର ରିଓପନ୍ କରାଯାଉ ବୋଲି ସେ ବାଚସ୍ପତିଙ୍କଠାରେ ଦାବି ରଖିଥିଲେ।

# ରାଜ୍ୟରେ ୬୯୫୭.୫୭ କୋଟିର ବିଦ୍ୟୁତ୍ ବିଲ୍ ବାକି

ଭୁବନେଶ୍ୱର,୩।୧୨(ସୁନିତ୍ ମିଶ୍ର)



- ବିଭିନ୍ନ ଶିଳ୍ପ ଓ ବାଣିଜ୍ୟିକ ସଂସ୍ଥା ୩୯୮.୯୩ କୋଟି ବିଲ୍ ବାକି ରଖିଛନ୍ତି
- ସ୍ମାର୍ଟ ମିଟର ଭଡ଼ା ଟଙ୍କା କେତେ ଉଲ୍ଲେଖ କଲେନି
- ରାଜ୍ୟର ୮୮ ଲକ୍ଷ ପରିବାର ବିଦ୍ୟୁତ୍ ସଂଯୋଗ କରିଛନ୍ତି
- ୧୬.୭୭ ଲକ୍ଷ ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର

ରାଜ୍ୟର ସକ୍ରିୟ ଗ୍ରାହକ ଏବଂ ସକ୍ରିୟ ଶିଳ୍ପ ଓ ବାଣିଜ୍ୟିକ ଗ୍ରାହକଙ୍କ ଉପରେ ୬୯୫୭.୫୭ କୋଟି ଟଙ୍କାର ବିଦ୍ୟୁତ୍ ବିଲ୍ ବାକିପଡ଼ିଛି। ଏହି ତଥ୍ୟ ବିଦ୍ୟୁତ୍ ବିତରଣ ସଂସ୍ଥାଗୁଡ଼ିକ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି, ରାଜ୍ୟର ସକ୍ରିୟ ଗ୍ରାହକମାନଙ୍କ ଉପରେ ସର୍ବମୋଟ୍ ୬୫୫୮.୬୪ କୋଟି ଟଙ୍କା ବିଜୁଳି ବିଲ୍ ବାକି ପଡ଼ିଛି। ସେହିପରି ବିଭିନ୍ନ ସକ୍ରିୟ ଶିଳ୍ପ ଏବଂ ବାଣିଜ୍ୟିକ ଗ୍ରାହକମାନେ ୩୯୮.୯୩ କୋଟି ଟଙ୍କା ବାକି ରଖିଛନ୍ତି। ରାଜ୍ୟରେ ଟାଟା କମ୍ପାନୀ ବିଦ୍ୟୁତ୍ ବିଲ୍ ଆଦାୟ ଦାୟିତ୍ୱ ନେଇଛି। ଏହା ଅଧୀନରେ ଥିବା ଟିପିସିଓଡିଏଲ୍ ୭୦.୫୨ କୋଟି, ଟିପିଏନ୍ଓଡିଏଲ୍ ୨୨୯.୨୧ କୋଟି, ଟିପିଏସ୍ଓଡିଏଲ୍ ୨୩.୫୮ କୋଟିଏବଂ ଟିପିଡବ୍ଲୁଓଡିଏଲ୍ ୭୫.୬୨ କୋଟି ଟଙ୍କାର ବକେୟା ବିଦ୍ୟୁତ୍ ବିଲ୍ ବିଭିନ୍ନ ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନଠାରୁ ଆଦାୟ କରିନାହାନ୍ତି।

ଏହି ବିଲ୍ ଆଦାୟ ଲାଗି ବିଦ୍ୟୁତ୍ ବିତରଣକାରୀ ସଂସ୍ଥାଗୁଡ଼ିକ ତରଫରୁ ଘରକୁ ଘର ଯାଇ ଦେୟ ଆଦାୟ କରାଯାଉଛି। ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ଲାଗି ବିତରଣକାରୀ ସଂସ୍ଥାଗୁଡ଼ିକ ତରଫରୁ ତାରିଖୱାରି ଶିବିର କରାଯାଇ ବିଲ୍ ଆଦାୟ ଚାଲିଛି। ଯେଉଁ ଉପଭୋକ୍ତାମାନେ ବିଦ୍ୟୁତ୍ ବିଲ୍ ଧାର୍ଯ୍ୟ ତାରିଖରେ ପଇଠ ନ କରନ୍ତି ସେମାନଙ୍କୁ ପୂର୍ବରୁ ନିର୍ଦ୍ଦେଶନାମା ଦିଆଯାଇ ସେମାନଙ୍କ ବିଜୁଳି ସଂଯୋଗ ବିଚ୍ଛିନ୍ନ କରାଯାଉଛି। ଉପଭୋକ୍ତାଙ୍କ ସୁବିଧା ପାଇଁ ତଥା ତତ୍କ୍ଷଣାତ୍ ବକେୟା ବିଲ୍ ପୈଠ ପାଇଁ ଅନ୍‌ଲାଇନ ପେମେଣ୍ଟ ବ୍ୟବସ୍ଥା କରାଯାଇଛି। ପଥପ୍ରାନ୍ତ ନାଟକ ମାଧ୍ୟମରେ ଗ୍ରାମପଞ୍ଚାୟତରେ ଡିଜିଟାଲ ସଚେତନତା ବୃଦ୍ଧି କରାଯାଇଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ବିଧାୟକ ଗୌତମବୁଦ୍ଧ ଦାସ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି, ରାଜ୍ୟରେ ପ୍ରାୟ ୮୮ ଲକ୍ଷ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ସେଥି ମଧ୍ୟରୁ ପ୍ରାୟ ୧୬.୭୭ ଲକ୍ଷ ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ଲଗାଯାଇଛି। ସ୍ମାର୍ଟ ମିଟର ବାବଦରେ ଉପଭୋକ୍ତାମାନଙ୍କଠାରୁ ଓଇଆର୍‌ସିଙ୍କ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଖୁଚୁରା ବିଦ୍ୟୁତ୍ ଯୋଗାଣ ଶୁଳ୍କ ଆଦେଶନାମାରେ ଥିବା ପ୍ରାବଧାନ ଅନୁଯାୟୀ ମିଟର ଭଡ଼ା ଆଦାୟ କରାଯାଉଛି। ସୂଚନାଯୋଗ୍ୟ, ସ୍ମାର୍ଟ ମିଟର ବସାଇବାକୁ କେତେ ଟଙ୍କା ମିଟର ଭଡ଼ା ବାବଦକୁ ଆଦାୟ କରାଯାଉଛି ତା'ର ତଥ୍ୟ ନ ଦେଇ ପ୍ରାବଧାନ ଶବ୍ଦ କଥା କହି ଏହାକୁ ଏଡ଼ାଇଯାଇଛନ୍ତି।

# ଶାରୀରିକ ଅକ୍ଷମତା ପ୍ରତିଭା ବିକାଶରେ ବାଧା ସୃଷ୍ଟିକରେ ନାହିଁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧୨(ସୁଚିସ୍ମିତା ସାହୁ)



**ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ**

ଭିନ୍ନକ୍ଷମଙ୍କ ସମସ୍ୟାକୁ ରାଜ୍ୟ ସରକାର ସବୁବେଳେ ପ୍ରାଥମିକତା ଦେଉଛନ୍ତି। ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ଯତ୍ନ ପ୍ରଦାନ କରି ସମାଜରେ ମୁଖ୍ୟସ୍ରୋତରେ ସାମିଲ କରିବାକୁ ସର୍ବଦା କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଚାଲିଥିବା ତିନିଦିନିଆ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉତ୍ସବ ବୁଧବାର ସୋଆ ଅଡିଟୋରିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ଶାରୀରିକ ଅକ୍ଷମତା ବା ଭିନ୍ନ-କ୍ଷମତା ପ୍ରତିଭାର ବିକାଶରେ କେବେ ବି ବାଧା ସୃଷ୍ଟି କରେ ନାହିଁ। ସମାଜର ସହଯୋଗ ଓ ପରିବାରର ପ୍ରେରଣା ଦ୍ୱାରା ଅନେକ ଭିନ୍ନକ୍ଷମ ବ୍ୟକ୍ତି ବିଭିନ୍ନ କ୍ଷେତ୍ରରେ ସଫଳତା ପ୍ରଦର୍ଶନ କରିଛନ୍ତି। ସରକାର ଭିନ୍ନକ୍ଷମ ବ୍ୟକ୍ତିଙ୍କ ମୁହଁରେ ହସ ଫୁଟାଇବା ସହ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ସ୍ୱୟଂସିଦ୍ଧ କରିବାକୁ ପ୍ରୟାସ କରୁଛନ୍ତି। ଭିନ୍ନକ୍ଷମମାନେ ସମ୍ମାନର ସହ ବଞ୍ଚିବା ଆମର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଟି-୨୦ ଦୃଷ୍ଟିବାଧିତ ମହିଳା ବିଶ୍ୱକପ କ୍ରିକେଟର ୪ଜଣ ଖେଳାଳିଙ୍କ ସମେତ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ୩୩ ଜଣ ଭିନ୍ନକ୍ଷମ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ କୃତୀ ବିଦ୍ୟାର୍ଥୀଙ୍କୁ ଲାପ୍‌ଟପ ବଣ୍ଟନର ଶୁଭାରମ୍ଭ କରିଥିଲେ।

ବିଭାଗୀମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, ଏହି ତିନିଦିନିଆ ଉତ୍ସବରେ ଭିନ୍ନକ୍ଷମ ଭଉଣୀଭାଇମାନେ ନିଜ ପ୍ରତିଭାକୁ ଉତ୍ସାହର ସହ ପ୍ରଦର୍ଶିତ କରିଛନ୍ତି। ସେମାନଙ୍କୁ ସମସ୍ତ ସହଯୋଗ ଓ ସେବା ପ୍ରଦାନ ଜରିଆରେ ସମାଜରେ ସମ୍ମାନଜନକ ସ୍ଥାନରେ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ବିଭାଗୀୟ କମିଶନର ଆର୍. ଏସ୍. ଗୋପାଳନ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶିକା ପାରୁଲ ପଟୱାରୀ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ସଚିବ ରଜନୀ ଦାନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକ, ଅଧ୍ୟାପକ, କର୍ମଚାରୀଙ୍କ ଦାବି ପ୍ରସଙ୍ଗ

# ଉଚ୍ଚସ୍ତରୀୟ କମିଟି ଗଠିତ

ଭୁବନେଶ୍ୱର,୩।୧୨(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ବିଭିନ୍ନ ପ୍ରକାର ସରକାରୀ ଓ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛନ୍ତି। ଏହି ଶିକ୍ଷାନୁଷ୍ଠାନଗୁଡିକର ବିଭିନ୍ନ ଶିକ୍ଷକ/ଅଧ୍ୟାପକ ଏବଂ କର୍ମଚାରୀ ସଂଘ ସେମାନଙ୍କ ବିଭିନ୍ନ ପ୍ରକାର ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଆସୁଛନ୍ତି। ସେମାନଙ୍କର ଏହି ଦାବି ଉପରେ ବିଭିନ୍ନ ସମୟରେ ଆଲୋଚନା ମଧ୍ୟ କରାଯାଇଛି। ଏହାକୁ ରାଜ୍ୟ ସରକାର ଗୁରୁତର ସହ ବିଚାରକରି ଶିକ୍ଷକ/ଅଧ୍ୟାପକ ଏବଂ କର୍ମଚାରୀମାନଙ୍କ ଦାବି ସମୂହର ଅନୁଶୀଳନ ନିମନ୍ତେ ଭାରତୀୟ ପ୍ରଶାସନିକ ସେବା (ଅବସରପ୍ରାପ୍ତ) ଅଫିସର ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି କମିଟି ୬ ମାସ ମଧ୍ୟରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଗୃହରେ ନିଜର ବିବୃତିରେ ସୂଚାଇଛନ୍ତି।

# ଇସ୍ତଫା ଦେଇଥିବା ବ୍ଲକ୍ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଆଣିପାରେ ବିଜେଡି

ଭଦ୍ରକ,୩।୧୨(ସନାତନ ରାଉତ)

୩ ଦିନ ତଳେ ଭଦ୍ରକ ଜିଲାର ଭଦ୍ରକ, ବନ୍ତ, ଭଣ୍ଡାରିପୋଖରୀ ଓ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ବିଜେଡିରୁ ଇସ୍ତଫା ଦେଇଥିବା ବେଳେ ସେମାନଙ୍କ ବିରୋଧରେ ଦଳ ଅନାସ୍ଥା ଆଣିପାରେ ବୋଲି ଚର୍ଚ୍ଚା ହେଉଛି। ବିଶେଷକରି ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ଅଧୀନ ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପାଇଁ କୁଆଡ଼େ ସଜବାଜ ଚାଲିଛି ବୋଲି ଆଲୋଚନା ହେଉଛି। ୨ ବ୍ଲକ୍‌ର ବିଜେଡ଼ି ସମର୍ଥିତ ସମିତିସଭ୍ୟ, ସରପଞ୍ଚ, ବ୍ଲକ୍ ସଭାପତି ଓ ଛାମୁଆ ନେତାଙ୍କୁ ନେଇ ଭଣ୍ଡାରିପୋଖରୀ ବିଧାୟକଙ୍କ ଘରେ ଏକାଧିକବାର ବୈଠକ ହୋଇଥିବା ଜଣାପଡ଼ିଛି।

# ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି

## କାରକେଡ୍ ଭିତରକୁ ପଶିଗଲା ସନ୍ଦିଗ୍ଧ କାର

ଭୁବନେଶ୍ୱର,୩।୧୨(ତ୍ରିନାଥ ମହାନ୍ତି)

ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି ବୁଧବାର ସନ୍ଧ୍ୟାରେ ନଜର ଆସିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାରକେଡ୍ ଯିବା ସମୟରେ ପୂରା ରାସ୍ତାକୁ ପୋଲିସ ସିଲ୍ କରିଥାଏ। ଏପରିକି ସମସ୍ତ ଗାଡ଼ିମୋଟରକୁ କିଛି ସମୟ ପାଇଁ ବନ୍ଦ ରଖାଯାଇଥାଏ। ହେଲେ ଏତେ ସବୁ ପରେ ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ଭିତରକୁ ଏକ ସନ୍ଦିଗ୍ଧ କାର ପଶି ଯାଇଥିଲା। ଏଭଳି ଘଟଣା ପୋଲିସ କମିଶନର ଅଫିସ୍ ସମ୍ମୁଖରେ ଦେଖିବାକୁ ମିଳିଥିବାବେଳେ ପୋଲିସ ଉକ୍ତ ସନ୍ଦିଗ୍ଧ କାର ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା କାରକେଡ୍ ଭିତରକୁ କାର ପଶିଯିବା ପରେ ରାଜଧାନୀର ଟ୍ରାଫିକ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ମୁଖ୍ୟମନ୍ତ୍ରୀ ଯିବା ସମୟରେ ଏକାଧିକ ପୋଲିସ ଏବଂ ଟ୍ରାଫିକ୍ ପୋଲିସ ଜଗି ରହୁଥିବାବେଳେ କିଭଳି କାର ପଶିଆସିଲା କାହାକୁ ନେଇ ପ୍ରଶ୍ନ ଉଠିଛି।

ସନ୍ଧ୍ୟା ପ୍ରାୟ ୬ଟା ସମୟରେ ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ବିଧାନସଭାରୁ ବାହାରି ୧୨୦ ବାଟାଲିୟନ ଦେଇ ଯାଉଥିଲା। ପୋଲିସ କମିଶନର ଅଫିସ ସମ୍ମୁଖରେ କାରକେଡ୍ ଯାଉଥିବା ବେଳେ ହଠାତ୍ ଏକ ଅଜଣା କାର ବିପରୀତ ଦିଗରୁ ପଶି ଆସିଥିଲା। ଏହାପରେ ଉପସ୍ଥିତ ପୋଲିସ କର୍ମଚାରୀମାନେ କାରକୁ ଘେରିଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ଯିବା ପରେ ଗାଡ଼ି ଚାଳକଙ୍କୁ ପଚରାଉଚରା କରାଯାଇଥିଲା। ପୂର୍ବରୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କାରକେଡ୍‌ରେ ତ୍ରୁଟି ଦେଖିବାକୁ ମିଳିଥିଲା। ରସୁଲଗଡ଼ ଛକରେ ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ଯାଉଥିବାବେଳେ ଜଣେ ମହିଳା କାରକେଡ୍ ଭିତରକୁ ପଶି ହୋ ହଲ୍ଲା କରିଥିଲେ।

# ସୁଧୀର ପଣ୍ଡା ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ସଦସ୍ୟ ମନୋନୀତ

ଭୁବନେଶ୍ୱର,୩।୧୨
(ରବି ନାରାୟଣ ଜେନା)



'ପ୍ରତିଦିନ' ଖବରକାଗଜର ସମ୍ପାଦକ ସୁଧୀର କୁମାର ପଣ୍ଡା ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ(ପିସିଆଇ)ର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ପ୍ରେସ୍ କାଉନ୍‌ସିଲ ଆକ୍ଟ-୧୯୭୮ ଅଧିନିୟମ ଅନୁସାରେ କେନ୍ଦ୍ର ସରକାର ୨୦୨୪ ଡିସେମ୍ବର ୨୦ରେ ପ୍ରକାଶ କରିଥିବା ବିଜ୍ଞପ୍ତିରେ ସଂଶୋଧନ ଆଣିଛନ୍ତି। ୨୦୨୫ ଡିସେମ୍ବର ୨ରେ ପ୍ରକାଶ ପାଇଥିବା ସଂଶୋଧିତ ବିଜ୍ଞପ୍ତି ଅନୁସାରେ ସୁଧୀରଙ୍କ ସମେତ ୯ଜଣଙ୍କୁ ପିସିଆଇର ସଦସ୍ୟ ଭାବେ ଗ୍ରହଣ କରାଯାଇଛି। ଯେଉଁ ବ୍ୟକ୍ତିମାନଙ୍କ ଶିକ୍ଷା, ବିଜ୍ଞାନ, ଆଇନ, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ସ୍ୱତନ୍ତ୍ର ଜ୍ଞାନ ରହିଥିବ ସେମାନଙ୍କୁ ପିସିଆଇର ସଦସ୍ୟଭାବେ ଗ୍ରହଣ କରାଯାଇଥାଏ। ସେଥିମଧ୍ୟରୁ ଖବରକାଗଜ ପରିଚାଳନା କିମ୍ବା ମାଲିକ ଥିବା ବ୍ୟକ୍ତିଙ୍କୁ ଚୟନ କରାଯିବା ନେଇ ଥିବା ବିଧି ଅଧୀନରେ ସୁଧୀରଙ୍କୁ ପିସିଆଇର ସଦସ୍ୟଭାବେ ଗ୍ରହଣ କରାଯାଇଛି। ସୁଧୀରଙ୍କ ସମେତ କେରଳରୁ ପ୍ରକାଶିତ 'ମାତୃଭୂମି'ର ଏମ୍.ଭି. ଶ୍ରେୟାମ୍‌ସ କୁମାର, ନୂଆଦିଲ୍ଲୀରୁ ପ୍ରକାଶିତ 'ଇଣ୍ଡିଆନ୍ ଅବ୍‌ଜରଭର'ର ଗୁରିନ୍ଦର ସିଂ, ଲକ୍ଷ୍ନୌରୁ ପ୍ରକାଶିତ 'ଜନ୍ ଏକ୍ସପ୍ରେସ୍'ର ଅରୁଣ କୁମାର ତ୍ରିପାଠୀ ଏବଂ ଜୟ ପ୍ରଦେଶର ଆରତି ତ୍ରିପାଠୀ, ଜୟପୁରରୁ ପ୍ରକାଶିତ 'ଗୁଲାବି ହାଲ୍‌ଚାଲ୍'ର ବ୍ରଜମୋହନଙ୍କୁ ସଦସ୍ୟଭାବେ ମନୋନୀତ କରାଯାଇଛି। ସେହିପରି ପାର୍ଲାମେଣ୍ଟରୁ ମନୋନୀତ ସଦସ୍ୟ ଭାବେ ପୁରୀ ଏମ୍‌ପି ସମ୍ବିତ ପାତ୍ର, ଏମ୍‌ପି ନରେଶ ଗଣପତ୍ ମାସ୍କେ ଏବଂ କାଳି ଚରଣ ମୁଣ୍ଡା ପିସିଆଇର ସଦସ୍ୟଭାବେ ମନୋନୀତ ହୋଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପିସିଆଇ ଭାରତର ଏକ ବୈଧାନିକ ସଂସ୍ଥା। ଗଣମାଧ୍ୟମ ପାଇଁ ଉତ୍ସର୍ଗୀକୃତ ବିଶ୍ୱର ପ୍ରଥମ ସଂସ୍ଥାଗୁଡ଼ିକ ମଧ୍ୟରେ ଏହା ଅନ୍ୟତମ। ପ୍ରେସ୍ କାଉନ୍‌ସିଲ ଆକ୍ଟ ଅନୁଯାୟୀ ସୁପ୍ରିମ୍‌କୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଏହାର ଚେୟାରମ୍ୟାନ୍ ରହିଥାନ୍ତି। ବର୍ତ୍ତମାନ ଏହାର ଚେୟାରମ୍ୟାନ୍ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଞ୍ଜନା ପ୍ରସାଦ ଦେଶାଇ ରହିଛନ୍ତି। ଗଣମାଧ୍ୟମର ପ୍ରତିନିଧି ଭାବେ ପୂର୍ବଭାରତରୁ ସୁଧୀର ଏକମାତ୍ର ସଦସ୍ୟ ହୋଇଥିବାରୁ ବିଭିନ୍ନ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ନୂଆ ଶ୍ରମ ଆଇନ ବିରୋଧରେ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ




ନୂଆଦିଲ୍ଲୀ,୩।୧୨

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଉପରେ ଆଲୋଚନା ପାଇଁ ସରକାର ସମୟ ଧାର୍ଯ୍ୟ କରିବା ପରେ ବିରୋଧୀ ଦଳର ଏମ୍‌ପିମାନେ ନୂଆ ଶ୍ରମ ଆଇନକୁ ବିରୋଧ କରି ବୁଧବାର ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଶ୍ରମ ଆଇନକୁ ଶ୍ରମିକ ବିରୋଧୀ ବୋଲି କହିଛନ୍ତି। ତେବେ ଗୃହ ଭିତରେ ସେମାନେ କାର୍ଯ୍ୟରେ ବ୍ୟାଘାତ ଘଟାଇ ନ ଥିଲେ। ବିକ୍ଷୋଭରେ ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଡିଏମ୍‌କେର ଟି.ଆର୍. ବାଲୁ, ତୃଣମୂଳ କଂଗ୍ରେସର ଦୋଳ ସେନ, ସିପିଆଇଏମ୍‌ର କେ. ରାଧାକ୍ରିଷ୍ଣନ, ଜନ୍ ବ୍ରିଟାସ ପ୍ରମୁଖ ସାମିଲ ହୋଇଥିଲେ।

# ୟୁନିଟ୍ ପିଛା ୩୬ ପଇସା ଅଧିକ ଆଦାୟ ଦାବି ବିଭ୍ରାନ୍ତିକର: ଓଡ଼ିଶା ଡିସ୍‌କମ୍

ଭୁବନେଶ୍ୱର,୩।୧୨
(ରବିନାରାୟଣ ଜେନା)

ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୟୁନିଟ୍ ପିଛା ୩୬ ପଇସା ଅଧିକ ଆଦାୟ କରାଯାଉଥିବା ନେଇ ନିକଟରେ ଯେଉଁ ଅଭିଯୋଗ ହୋଇଛି, ତାହା ସମ୍ପୂର୍ଣ୍ଣ ତଥ୍ୟହୀନ ଏବଂ ଭୁଲ୍ ବୋଲି ଓଡ଼ିଶା ଡିସ୍‌କମ୍ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଏଭଳି ଅଭିଯୋଗ ବିଦ୍ୟୁତ୍ ଆଇନ-୨୦୦୩ ଏବଂ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ଟାରିଫ୍ ନିୟମାବଳୀ-୨୦୨୨ ଅଧୀନରେ ଥିବା ଦର ନିର୍ଦ୍ଧାରଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛି। ପ୍ରତିବର୍ଷ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ଓଇଆର୍‌ସିଙ୍କ ନିକଟରେ ନିଜର ମୋଟ ରାଜସ୍ୱ ଆବଶ୍ୟକତା(ଏଆର୍‌ଆର୍) ଦାଖଲ କରନ୍ତି। ଏହାପରେ ଆୟୋଗ ଉପଭୋକ୍ତା, ସାଧାରଣ ଜନତା, ଓଡ଼ିଶା ସରକାର, ଗ୍ରୀଡ୍‌କୋ, ଓପିଟିସିଏଲ୍ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ମତାମତ ଲୋଡ଼ିଥାନ୍ତି। ଅଡିଟ୍ ହୋଇଥିବା ତଥ୍ୟର ଚିକିନିଖି ଯାଞ୍ଚ ପରେ ହିଁ ଆୟୋଗ ବିଭିନ୍ନ ବର୍ଗର ଉପଭୋକ୍ତାଙ୍କ ପାଇଁ ଟାରିଫ୍ ଚୂଡ଼ାନ୍ତ କରିଥାନ୍ତି।

ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଟାରିଫ୍ ଢାଞ୍ଚାରେ ଆଇନଗତ ଭାବେ ସ୍ୱୀକୃତ କ୍ରସ୍-ସବ୍‌ସିଡି ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥାରେ ଶିଳ୍ପ, ବାଣିଜ୍ୟିକ ଏବଂ ଅନ୍ୟାନ୍ୟ ଅଧିକ ଦେୟ ଦେଉଥିବା ଉପଭୋକ୍ତାମାନେ ଅଧିକ ଦର ବହନ କରନ୍ତି, ଯାହାଫଳରେ ଘରୋଇ ଏବଂ କୃଷି ଉପଭୋକ୍ତାଙ୍କୁ ରିହାତି ଦରରେ ବିଜୁଳି ଯୋଗାଇ ଦିଆଯାଇପାରିବ। ତେଣୁ ସମସ୍ତ ଉପଭୋକ୍ତାଙ୍କଠାରୁ ସମାନ ଭାବରେ ଅଧିକ ଟଙ୍କା ଆଦାୟ କରାଯାଉଛି ବୋଲି କହିବା ଏହି ସ୍ୱଚ୍ଛ ତଥା ଆଇନଗତ ବ୍ୟବସ୍ଥାକୁ ଅସ୍ୱୀକାର କରିବା ସହ ସମାନ। ପ୍ରତି ଆର୍ଥିକ ବର୍ଷ ଶେଷରେ ବିଦ୍ୟୁତ୍ ନିୟାମକ ଆୟୋଗ 'ଟ୍ରୁ-ଅପ୍' ନାମକ ଏକ ସମୀକ୍ଷା ପ୍ରକ୍ରିୟା କରିଥାନ୍ତି। ଏଥିରେ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର ଆନୁମାନିକ ତଥ୍ୟ ସହ ପ୍ରକୃତ ବିକ୍ରି ଓ ଖର୍ଚ୍ଚର ତୁଳନା କରାଯାଏ। ଯଦି କୌଣସି ବଳକା ବା ନିଅଣ୍ଟ ଅର୍ଥ ଥାଏ, ତେବେ ଆଇନ ଅନୁଯାୟୀ ପରବର୍ତ୍ତୀ ବର୍ଷର ଟାରିଫ୍ ନିର୍ଦ୍ଧାରଣ ସମୟରେ ତାହାକୁ ଆଡ୍‌ଜଷ୍ଟ କରାଯାଏ। ଯେହେତୁ ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ 'ଟ୍ରୁ-ଅପ୍' ପ୍ରକ୍ରିୟା ଏବେ ମଧ୍ୟ ବାକି ଅଛି, ତେଣୁ ଅଧିକ କିମ୍ବା କମ୍ ଆଦାୟ ନେଇ ବର୍ତ୍ତମାନ କୌଣସି ନିଷ୍ପତ୍ତିରେ ପହଞ୍ଚିବା ଅପରିପକ୍ୱ ଏବଂ ବିଭ୍ରାନ୍ତିକର ଅଟେ। ୟୁନିଟ୍ ପିଛା ୩୬ ପଇସା ଅଧିକ ଆଦାୟର ଅଭିଯୋଗ କିଛି ଭୁଲ୍ ତଥ୍ୟ ଉପରେ ଆଧାରିତ। ଏହି ଦାବି କରିବା ସମୟରେ ପୁରୁଣା ବକେୟା ଆଦାୟକୁ ରାଜସ୍ୱ ସହ ମିଶାଇ ଭୁଲ୍ ଭାବେ ବ୍ୟାଖ୍ୟା କରାଯାଇଛି ଏବଂ ୨୦୨୪-୨୫ ବର୍ଷର ପ୍ରକୃତ ଖର୍ଚ୍ଚ ତଥ୍ୟକୁ ବିଚାରକୁ ନିଆଯାଇନାହିଁ।

ଏନେଇ ଟାଟା ପାୱାର ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀର ମୁଖପାତ୍ର କହିଛନ୍ତି, 'ଓଡ଼ିଶାର ଟାରିଫ୍ ନିର୍ଦ୍ଧାରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ, ସହଭାଗିତା ଉପରେ ପର୍ଯ୍ୟବସିତ ଏବଂ ଏହା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥାଏ। ଅଧିକ ଟଙ୍କା ଆଦାୟର ଅଭିଯୋଗ ଆଇନଗତ ଢାଞ୍ଚା, କ୍ରସ୍-ସବ୍‌ସିଡି ବ୍ୟବସ୍ଥା ଏବଂ ଟ୍ରୁ-ଅପ୍ ପ୍ରକ୍ରିୟାକୁ ଅଣଦେଖା କରୁଛି। ସର୍ବସାଧାରଣରେ ପ୍ରଚାରିତ ହେଉଥିବା ଏଭଳି କାଳ୍ପନିକ ଏବଂ ଅସମ୍ପୂର୍ଣ୍ଣ ତଥ୍ୟଦ୍ୱାରା ବିଭ୍ରାନ୍ତ ନ ହେବାକୁ ଆମେ ବିନମ୍ର ଅନୁରୋଧ କରୁଛୁ'। ଓଡ଼ିଶାର ବିଦ୍ୟୁତ୍ କ୍ଷେତ୍ରର ସଂସ୍କାର ସର୍ବଦା ସ୍ଥିରତା, ସୁଲଭ ମୂଲ୍ୟ ଏବଂ ଉପଭୋକ୍ତା ସୁରକ୍ଷା ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି। ସ୍ୱଚ୍ଛତା ଏବଂ ନିୟାମକଙ୍କ ତତ୍ତ୍ୱାବଧାନରେ ଗଢ଼ି ଉଠିଥିବା ଏହି ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରିବା ପାଇଁ କିଛି ବିଭ୍ରାନ୍ତି ସୃଷ୍ଟି କରିବା ଦୁର୍ଭାଗ୍ୟଜନକ।

# ଲୋକଙ୍କ ମଙ୍ଗଳ ଚିନ୍ତାକଲେ ବିରୋଧୀ ଆକ୍ରୋଶ କାହିଁକି: ମନ୍ତ୍ରୀ

ଭୁବନେଶ୍ୱର,୩।୧୨(ସୁନିତ୍ ମିଶ୍ର)

## ଓଡ଼ିଆରେ ନାମଫଳକ ଲଗାଇବା ବାଧ: ସରକାରୀ ଦଳ ମୁଖ୍ୟ ସଚେତକ

ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସଂଶୋଧନ ବିଲ୍ ୨୦୨୫କୁ ନେଇ ବିରୋଧୀ ଉଠାଇଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ପ୍ରତିକ୍ରିୟା ଦେଇ ପାଲଟା ଜବାବ ରଖିଛନ୍ତି। ସେ କହିଛନ୍ତି, ଗତ ସରକାର ମନଇଚ୍ଛା ଯାହା ଚାହୁଁଥିଲେ ସେଇଆ କରୁଥିଲେ। ଏବେ ଯେତେବେଳେ ଜନସାଧାରଣଙ୍କ ମଙ୍ଗଳ ପାଇଁ ଆମେ କିଛି କରୁଛୁ ଏତେ ଆକ୍ରୋଶ କାହିଁକି ଦେଖାଉଛନ୍ତି। ଏହି ବିଲ୍‌ରେ ଉଲ୍ଲେଖ କରାଯାଇଛି, ଜଣେ କର୍ମଚାରୀ ବା ଶ୍ରମିକ ଦୈନିକ ୧୦ ଘଣ୍ଟା କାର୍ଯ୍ୟ କରିପାରିବ। ସପ୍ତାହର ୬ ଦିନରେ ଦୈନିକ ୮ ଘଣ୍ଟା ହିସାବରେ ୪୮ ଘଣ୍ଟା ଏବଂ ଯେଉଁ ୧୨ ଘଣ୍ଟା କାର୍ଯ୍ୟ କରିବ ସେଥିଲାଗି ତାଙ୍କୁ ଅଧିକ ପାରିଶ୍ରମିକ ମିଳିବ। ଯଦି ଜଣେ ଚାହିଁବେ ଦିନକୁ ୯ ଘଣ୍ଟା ହିଁ କାମ କରିପାରିବେ, ଅଧିକ କାମ କରିବା ଲାଗି ସେପରି କୌଣସି ବାଧ୍ୟବାଧକତା ନାହିଁ। ଏହି ବିଲ୍‌ରେ ସେପରି କିଛି ପରିବର୍ତ୍ତନ ହୋଇନାହିଁ। ସରକାର ଚିନ୍ତା କରୁଛନ୍ତି ଅଧିକରୁ ଅଧିକ ଲୋକଙ୍କୁ କିପରି ରୋଜଗାର ମିଳିବା ଦରକାର। ସେଥିଲାଗି ଭୁବନେଶ୍ୱର ଭଳି ସହରରେ ୨୪ ଘଣ୍ଟିଆ ଦୋକାନ ବା ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ଯେତିକି ଶିଫ୍ଟରେ ବ୍ୟବସାୟିକ ପ୍ରତିଷ୍ଠାନ ଚାଲିବ ସେତିକି ଅଧିକ ଲୋକଙ୍କୁ ରୋଜଗାର ମିଳିପାରିବ। ଗାଁ ଗହଳିରୁ ଅନେକ ଗରିବ ଲୋକ ରୋଜଗାର ପାଇଁ ଆସି ଭୁବନେଶ୍ୱରରେ ରହୁଛନ୍ତି। ୨୪ ଘଣ୍ଟିଆ ଦୋକାନ ବା ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିଲେ ସେହି ଲୋକମାନେ ମଧ୍ୟ ରୋଜଗାର ପାଇପାରିବେ ବୋଲି ସେ କହିଛନ୍ତି।

ମନ୍ତ୍ରୀ ଖୁଣ୍ଟିଆ ଆହୁରି କହିଛନ୍ତି, ଏହି ବିଲ୍‌ରେ ସେପରି କିଛି ନୂଆ ଜିନିଷ ନାହିଁ। ସାମାନ୍ୟ କିଛି ପରିବର୍ତ୍ତନ କରାଯାଇଛି, ଯଦ୍ୱାରା ଜନସାଧାରଣଙ୍କୁ ସମାନ ଅଧିକାର ମିଳିପାରିବ। ସେହିପରି ୩ ମାସରେ ଓଭର ଟାଇମ କାମ କରିବା ସମୟ ଯାହା ୫୦ ଘଣ୍ଟା ଥିଲା ତାକୁ ୧୪୪ ଘଣ୍ଟାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ଉପରେ ଯେଉଁ କାମ ପୂରଣ କରିବାର ବୋଝ ରହୁଥିଲା ତାହା ସମାଧାନ ହୋଇପାରିବ। ଲିଙ୍ଗଗତ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷା, ମର୍ଯ୍ୟାଦା ଏବଂ କଲ୍ୟାଣମୂଳକ ପଦକ୍ଷେପର ସର୍ତ୍ତାବଳୀ ଅନୁଯାୟୀ ମହିଳା କର୍ମଚାରୀଙ୍କୁ ରାତିରେ କାମ କରିବାକୁ ଅନୁମତି ଦେବା ଲାଗି ଆଇନରେ ଥିବା କଟକଣାକୁ ବାଦ୍ ଦିଆଯାଇଛି। ପୂର୍ବ ସରକାର ମହିଳାମାନଙ୍କୁ ଆଇଟି ସେକ୍ଟରରେ କାର୍ଯ୍ୟ କରିବା ପାଇଁ ଅନୁମତି ଦେଇଥିଲେ, ସେତେବେଳେ କାହିଁକି ଏହାକୁ ତ ବିରୋଧ କରି ନ ଥିଲେ ବୋଲି ମନ୍ତ୍ରୀ କହିଛନ୍ତି।

ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଏକ ସଂଶୋଧନ ପ୍ରସ୍ତାବ ଆଣି କହିଥିଲେ, ୨୦ ବା ତା'ଠାରୁ ଅଧିକ କର୍ମଚାରୀ ବା ଶ୍ରମିକ ଥିବା ସଂସ୍ଥାଗୁଡିକ ବ୍ୟବସାୟିକ ପ୍ରତିଷ୍ଠାନ ଆଗରେ ଓଡ଼ିଆରେ ନାମଫଳକ ଲଗାଇବାକୁ ବାଧ୍ୟ। ଏହାଦ୍ୱାରା ଓଡ଼ିଆ ଅସ୍ମିତା ବୃଦ୍ଧି ପାଇବ। ଏହାସହ ସେଠାରେ କେତେଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି ତା'ର ସଂଖ୍ୟା ମଧ୍ୟ ନୋଟିସ ବୋର୍ଡ ଜରିଆରେ ଉଲ୍ଲେଖ କରିବେ। ମନ୍ତ୍ରୀ ଖୁଣ୍ଟିଆ ଏହି ସଂଶୋଧିତ ପ୍ରସ୍ତାବକୁ ଗ୍ରହଣକରିବା ପରେ ବିଲ୍ ପାସ୍ ହୋଇଥିଲା।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୩।୧୨।୨୦୨୫

| | |
|---|---|
| ୩, ୮୪,୦୦୪ଟଙ୍କା | |
| ସୁନା | ୨୫୦ ମିଲିଗ୍ରାମ୍ |
| ରୁପା | ୨୦.୨୦୦ ଗ୍ରାମ୍ |





କୋଣାର୍କ ମହୋତ୍ସବର ୩ୟ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ବ୍ରହ୍ମଗିରି,୩।୧୨(ସ୍ୱାଧିନ ଚମ୍ପତିରାୟ)**

ବ୍ରହ୍ମଗିରି ବ୍ଲକରେ ବୁଧବାର ଗଡ଼ରୋଡଙ୍ଗସ୍ଥିତ ବିଜେବି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ବାଲ୍‌ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଦର୍ଶନୀକୁ ବ୍ରହ୍ମଗିରି ମଣ୍ଡଳ ଉନ୍ନୟନ ଅଧିକାରୀ ମନିଷା ଷଡ଼ଙ୍ଗୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟାନ୍ୟ ଅତିଥିଭାବେ ବୈଜ୍ଞାନିକ ଚିତ୍ତରଞ୍ଜନ ସାହୁ, ଶ୍ରୀକୁମାର ଆଚାର୍ଯ୍ୟ, ସରପଞ୍ଚ ନମିତା ବଳିଆରସିଂ, ଦିବାକର ଦଳାଇ, ବାବୁଲା ଜେନା, ବ୍ଲକ ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରଦର୍ଶନୀରେ ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟଗୁଡ଼ିକରୁ ୧୪୧ଟି ପ୍ରକଳ୍ପ ପ୍ରଦର୍ଶନୀ ହୋଇଥିଲା। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୭ଟି ବାଲ୍ ବୈଜ୍ଞାନିକ ଓ ୬ଟି ପ୍ରକଳ୍ପ ଚୟନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବ୍ରହ୍ମଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ରତ୍ନବାଳା ବେହେରା, ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦେବାଶିଷ ଜେନା, ରାଜକିଶୋର ମାନସିଂହ ପ୍ରମୁଖ ଯୋଗ ଦେଇଥିଲେ। ଏହି ବାଲ୍ ବୈଜ୍ଞାନିକ ଉଦ୍ଦେଶ୍ୟରେ ବୈଜ୍ଞାନିକ ଚିତ୍ତରଞ୍ଜନ ସାହୁ କହିଥିଲେ, ପ୍ରତ୍ୟେକ ଛାତ୍ର ନିଜେ ନିଜ ପାଇଁ ନୁହେଁ, ସମାଜ ପାଇଁ କରୁଥିବାର ଚିନ୍ତାଧାରା ନେଇ କିଛି କରିବାର ପ୍ରଚେଷ୍ଟା ସମାଜ ବିକାଶର ସହାୟକ ହେବ। ଏହାସହ ସରକାର ପ୍ରତି ଗ୍ରାମାଞ୍ଚଳରେ ବିଜ୍ଞାନ ବିକାଶ ପାଇଁ ବିଭିନ୍ନ ଯୋଜନାମାନ କରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିପାରିଲେ, ଏ ବିଶ୍ୱ ନିଶ୍ଚିତ ଉଚ୍ଚକୋଟିର ବୈଜ୍ଞାନିକ ପାଇପାରିବ। ଏହି ପ୍ରଦର୍ଶନୀର ସଭାକୁ କରୁଣାକର ପ୍ରଧାନ, ଶୁକଦେବ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# କଥକଳି ନୃତ୍ୟନାଟିକାରେ ମହାଭାରତର ଦୁର୍ଯ୍ୟୋଧନ ବଧରେ ଦର୍ଶକ ମୁଗ୍ଧ

**କୋଣାର୍କ,୩।୧୨(ଜ୍ୟୋତିରାଜ ମହାନ୍ତି)**

ଓଡ଼ିଶା ପର୍ଯ୍ୟଟନ ବିଭାଗ, ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଆନୁକୂଲ୍ୟରେ ଆୟୋଜିତ ୩୬ତମ କୋଣାର୍କ ଉତ୍ସବର ତୃତୀୟ ସନ୍ଧ୍ୟାରେ ଓଡ଼ିଶୀ ଓ କଥକଳି ନୃତ୍ୟଶୈଳୀର ଅପୂର୍ବ କଳା ଓ କଳ୍ପନା ଦେଖିବାକୁ ମିଳିଥିଲା। ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପୁରୀ ଅତିରିକ୍ତ ଜିଲାପାଳ ଶରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ଓ ନାଜିୟା ଆଲ୍ଲାମ ସଂଯୋଜନା କରିଥିବା ବେଳେ ଡ. ସଙ୍ଗୀତା ଗୋସାଇଁ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗର ସହାୟକ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀ ପରିଚାଳନା କରିଥିଲେ।

ତୃତୀୟ ସନ୍ଧ୍ୟାର ପ୍ରଥମ ପର୍ଯ୍ୟାୟରେ

**୩୬ତମ କୋଣାର୍କ ଉତ୍ସବର ତୃତୀୟ ଦିବସ**

ଭୁବନେଶ୍ୱରର ସୃଜନ ଅନୁଷ୍ଠାନର ଗୁରୁ ରତିକାନ୍ତ ମହାପାତ୍ର ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଶିଳ୍ପୀମାନଙ୍କ ପ୍ରସ୍ତୁତିରେ ଅଦ୍ୱିତୀୟମ୍, ଅଦ୍ୱିତୀୟମ୍ ଦ୍ରୁତ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ଦ୍ୱାରା କାଳଜୟୀ ଜ୍ଞାନକୁ ପୁନର୍ଜୀବିତ କରି ପ୍ରାଚୀନ ଭିତରେ ଆଧୁନିକତାକୁ ଖୋଜିବା ବେଶ୍ ହୃଦୟସ୍ପର୍ଶୀ ଥିଲା। ଗୁରୁ କେଳୁଚରଣ ମହାପାତ୍ରଙ୍କ ଅମର ଐତିହ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ଓଡ଼ିଶୀରେ ନୂତନ ସୃଜନଶୀଳ ସୀମା ଅନୁସନ୍ଧାନ କରିବା ପାଇଁ ତାଙ୍କର ଦୂରଦୃଷ୍ଟିପୂର୍ଣ୍ଣ ତଥ୍ୟକୁ ସଂରକ୍ଷଣ କରି ଶାସ୍ତ୍ରୀୟ ଶବ୍ଦାବଳୀ ସହିତ ଏହା ବିବର୍ତ୍ତନକୁ ଗ୍ରହଣ କରେ, ପରମ୍ପରାକୁ ନବସୃଜନ ସହିତ ସମନ୍ୱୟ କରେ। ଏହି ପ୍ରସ୍ତୁତିଟିରେ ନୃତ୍ୟ ସଂରଚନା ଗୁରୁ ରତିକାନ୍ତ ମହାପାତ୍ର, ସଙ୍ଗୀତ ସଂଯୋଜନା ପଣ୍ଡିତ ଭୁବନେଶ୍ୱର ମିଶ୍ର, ପଣ୍ଡିତ ରଘୁନାଥ ପାଣିଗ୍ରାହୀ ଏବଂ ଅଗ୍ନିମିତ୍ର ବେହେରା ତଥା ଆଲୋକ ଡିଜାଇନ୍ ଓ ସଞ୍ଚାଳନ ଦେବୀ ପ୍ରସାଦ ମିଶ୍ର କରିଥିଲେ। ତୃତୀୟ ସନ୍ଧ୍ୟାର ଦ୍ୱିତୀୟ ପର୍ଯ୍ୟାୟରେ କେରଳ କଳାମଣ୍ଡଳମ୍‌ର ଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା କଥକଳି ନୃତ୍ୟ। ସେମାନଙ୍କ ପ୍ରସ୍ତୁତିରେ ଥିଲା ମହାଭାରତର ଦୁର୍ଯ୍ୟୋଧନ ବଧ। ଚନ୍ଦ୍ରଭାଗା ବେଳାଭୂମିରେ ୧୫ତମ ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବର ତୃତୀୟ ଦିନର ବିଷୟବସ୍ତୁ ପୁରୁଷ ବାଲୁକାକଳା ଶିଳ୍ପୀଙ୍କ ପାଇଁ ଥିଲା 'ସାମୁଦ୍ରିକ ଜୀବନ' ଏବଂ ମହିଳା ବାଲୁକା କଳା ଶିଳ୍ପୀମାନଙ୍କ ପାଇଁ ଥିଲା 'ମହିଳା ସଶକ୍ତୀକରଣ'।

## ଆଇନ ସଚେତନତା ଶିବିର

**ପୁରୀ,୩।୧୨(ଅଜିତ୍ କୁମାର ମହାନ୍ତି):** ପୁରୀ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲା ଓ ଦୌରାଜଜ୍ ଅଜନ୍ତା ଷଡଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ବୁଧବାର ଖ୍ରୀଷ୍ଟଜ୍ୟୋତି ଆଶ୍ରମ, ବଳିଆପଣ୍ଡା, ପୁରୀ ଠାରେ ଆଇନ ସେବା ପ୍ରାଧିକରଣ ତରଫରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉପଲକ୍ଷେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପରିଦୋଷ କୁମାର ସେଠୀ ଉଦ୍‌ଘାଟନ କରିବା ସହ ପରିଚାଳନା କରି ନିଜ ବକ୍ତବ୍ୟରେ ସେଠାକାର ରହୁଥିବା ଅନ୍ତେବାସୀଙ୍କର ମାନସିକ ସ୍ୱାସ୍ଥ୍ୟ, ତା'ର ନିରାକରଣ ଏବଂ ମାନସିକ ବିକାଶ ଉପରେ ଧ୍ୟାନଦେବାକୁ ପରାମର୍ଶ ଦେଇଥିଲେ। ଡ. ଅଶୋକ କୁମାର ମିଶ୍ର ଉପସ୍ଥିତ ଥିଲେ।



ମହିଳା ସଶକ୍ତୀକରଣ ଉପରେ ପ୍ରଦର୍ଶିତ ବାଲୁକା କଳା ।

## ବାଲୁକା କଳା ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼

**କୋଣାର୍କ,୩।୧୨(ଜ୍ୟୋତିରାଜ ମହାନ୍ତି)**

ଚନ୍ଦ୍ରଭାଗା ବେଳାଭୂମିରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବର ବୁଧବାର ଥିଲା ତୃତୀୟ ଦିବସ। ଚନ୍ଦ୍ରଭାଗା ବେଳାଭୂମିର ସବୁଜ ବନାନୀ ଓ ମନୋରମ ପରିବେଶ ଏବଂ ନୀଳ ଜଳରାଶିର ଆକର୍ଷଣୀୟ ଚୁମ୍ବକୀୟ ମନଲୋଭା ପରିବେଶରେ ବାଲୁକା କଳା ପର୍ଯ୍ୟଟକ ଓ ଜନସାଧାରଣଙ୍କୁ ବିଶେଷ ଭାବେ ଆକର୍ଷିତ କରୁଛି। ଚନ୍ଦ୍ରଭାଗା ବେଳାଭୂମିରେ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଓ ଲୋକଙ୍କ ଭିଡ଼ ପରିଲକ୍ଷିତ ହେଉଛି। ମହୋତ୍ସବର ସୁନ୍ଦର ତୋରଣ ଚଳିତ ବର୍ଷ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି। ତୃତୀୟ ଦିନରେ ଅନ୍ତର୍ଜାତୀୟ ଓ ଦେଶୀୟ ପୁରୁଷ ବାଲୁକା ଶିଳ୍ପୀମାନେ ସଚେତନତା ଧର୍ମୀ ସାମୁଦ୍ରିକ ଜୀବଜନ୍ତୁ ସୁରକ୍ଷା ଓ ପ୍ଲାଷ୍ଟିକ ମୁକ୍ତ ସମୁଦ୍ର ଉପରେ ଆକର୍ଷଣୀୟ ବାଲୁକା କଳା ପ୍ରଦର୍ଶିତ କରିଛନ୍ତି। ମହିଳା ବାଲୁକା ଶିଳ୍ପୀମାନେ ମହିଳା ସଶକ୍ତୀକରଣ ସମ୍ପର୍କିତ ସଚେତନତା ସୃଷ୍ଟି ଉପରେ ବାଲୁକା କଳା ପ୍ରଦର୍ଶିତ କରିଛନ୍ତି। ସୁନ୍ଦର ଓ ମନୋରମ ବାଲୁକା କଳା ଦେଖିବା ପାଇଁ ଚନ୍ଦ୍ରଭାଗା ବେଳାଭୂମି କୂଳରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି। ବାଲୁକା କଳା ମହୋତ୍ସବ ନିମନ୍ତେ ପର୍ଯ୍ୟଟକ ଓ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଓଡ଼ିଆ ଅସ୍ମିତା ଓ ସଂସ୍କୃତି ମୂର୍ତ୍ତିମନ୍ତ ପ୍ରତୀକ ହେଉଛି ବାଲୁକା କଳା।

## ଭିତ୍ତିପ୍ରସ୍ତରକୁ ୫ ମାସ ପୂରିଲା, ଆରମ୍ଭ ହୋଇନି କେନାଲ ବନ୍ଧ ରାସ୍ତା ନିର୍ମାଣ



**ଗୋପ,୩।୧୨(ଭାରତୀ ଭୂଷଣ ଉପାଧ୍ୟାୟ)**

ଗମନାଗମନ କ୍ଷେତ୍ରରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବେଳେ ଗୋପ ଜଳସମ୍ପଦ ବିଭାଗ ପକ୍ଷରୁ ଏହାକୁ ଗୁରୁତ୍ୱ ଦିଆଯାଇ ନାହିଁ। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୋପ ଶାଖା କେନାଲର ଗୁଡ଼ିଆସାହି ନିକଟସ୍ଥ ଶାଖା କେନାଲ ରାସ୍ତା ଲାଗି ଭିତ୍ତିପ୍ରସ୍ତର ସ୍ଥାପନକୁ ୫ ମାସ ପୂରିଥିଲେ ମଧ୍ୟ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗତ ମେ ୨୦ ତାରିଖ ଦିନ ଗୋପ ଜଳସମ୍ପଦ ବିଭାଗର ଏକ ଶାଖା କେନାଲ ଉପରେ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ହେବାପାଇଁ ଭିତ୍ତିପ୍ରସ୍ତର ଦେଇଥିଲେ। ଖୁବ୍ କମ୍ ସମୟ ମଧ୍ୟରେ ଏହି ରାସ୍ତା ନିର୍ମାଣ ଶେଷ ହେବ ସାଧାରଣ ଲୋକମାନେ ଯା'ଆସ କରିବେ ବୋଲି ଘୋଷଣା କରିଥିଲେ। କିନ୍ତୁ ଏହି ଭିତ୍ତିପ୍ରସ୍ତରକୁ ୫ ମାସ ପୂରିଥିଲେ ମଧ୍ୟ ସମ୍ପୃକ୍ତ ଟେଣ୍ଡର୍ ନେଇଥିବା ଠିକାଦାର କାର୍ଯ୍ୟ ଆରମ୍ଭ କରି ନ ଥିବା ଅଭିଯୋଗ ହୋଇଛି। ଶାଖା କେନାଲ ବନ୍ଧର ଜିରୋରୁ ପ୍ରାୟ ୨ କି.ମି. ପର୍ଯ୍ୟନ୍ତ ଏହି ରାସ୍ତା କାର୍ଯ୍ୟ ହେବ ବୋଲି ଜଳସମ୍ପଦ ବିଭାଗର ସହକାରୀ କନିଷ୍ଠ ଯନ୍ତ୍ରୀ ସୂଚନା ଦେଇଥିବା ବେଳେ କାହିଁକି କାମରେ ବିଳମ୍ବ ହୋଇଛି ତାହା ଉପରେ ଉତ୍ତର ଦେଇ ନ ଥିଲେ। ଏହି ଶାଖା କେନାଲ ଉପରେ ଦୈନନ୍ଦିନ ଶତାଧିକ ଲୋକ ଚାଷଜମି ଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟରେ ଯା' ଆସ କରୁଥିବା ବେଳେ କେନାଲ ନିକଟରେ ବାସଗୃହ କରି ରହୁଥିବା ସାଧାରଣ ଲୋକମାନେ ମଧ୍ୟ ଯାତାୟାତ କରିଥାନ୍ତି। ହେଲେ ଠିକାଦାରଙ୍କ ମନମାନି ସାଙ୍ଗକୁ ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳା ଏହାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ଏପରି ଅଭିଯୋଗ ଉପରେ ନିମାପଡ଼ା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥାଳ ଦୃଷ୍ଟିଦେବାକୁ ଦାବି ହୋଇଥିବା ବେଳେ ସମ୍ପୃକ୍ତ ସହକାରୀ ଯନ୍ତ୍ରୀ କେନାଲ ବନ୍ଧ ରାସ୍ତା କାର୍ଯ୍ୟ ଲାଗି ସଫାସୁତୁରା କରାଯାଇଛି ବୋଲି କହିଛନ୍ତି।

## ଜମିବାଡ଼ି ବିବାଦକୁ ନେଇ ହତ୍ୟା: ପୁତୁରା ସମେତ ୫ ଅଟକ

**ବଳଙ୍ଗା,୩।୧୨(କେଦାରେଶ୍ୱର ନନ୍ଦ)**

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ବଳଙ୍ଗା ଥାନା ଅଧୀନ ତୋରିହାଁବନ୍ଧ ଗାଁର ଅମିୟ ପ୍ରଧାନ (୪୬)ଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ମୁଖ୍ୟ ଅଭିଯୁକ୍ତ ପୁତୁରାଙ୍କ ସମେତ ୫ଜଣ ସହଯୋଗୀଙ୍କୁ ବଳଙ୍ଗା ପୋଲିସ ଅଟକ ରଖିଛି। ସେମାନେ ହେଲେ ପୁତୁରା ଅଶ୍ୱିନୀ ପ୍ରଧାନ, ଅଜୟ ପ୍ରଧାନ, ପ୍ରଭାତୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ପ୍ରଧାନ ଓ ଜ୍ୱାଇଁ ସଞ୍ଜୟ ବିଦିକା। ଏନେଇ ଥାନାରେ ନଂ.୨୭୦/୨୫ରେ ହତ୍ୟା ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ବୁଧବାର ମଧ୍ୟାହ୍ନରେ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିଥିବା ବେଳେ ପରେ ଅତିରିକ୍ତ ଏସ୍‌ପି ସଚ୍ଚିନ ପାଇଲଟ୍, ଡିଏସ୍‌ପି ଦେବାଶିଷ ମିଶ୍ର ଓ ବଳଙ୍ଗା ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡା ପ୍ରମୁଖ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

ସୂଚନା ମୁତାବକ, ତୋରିହାଁବନ୍ଧ ଗାଁର ଅମିୟ ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ବଡ଼ଶଙ୍ଖ ନୂଆସାହିରେ ରହୁଛନ୍ତି। ଅମିୟଙ୍କ ବଡ଼ଭାଇ ଅଜୟ ମଧ୍ୟ ଗାଁରୁ ବାହାରି ଆସି ଅନ୍ୟତ୍ର ରହୁଛନ୍ତି। ତୋରିହାଁବନ୍ଧରେ ଥିବା ପୈତୃକ ସମ୍ପତ୍ତିକୁ ନେଇ ଅମିୟଙ୍କ ସହ ଅନ୍ୟ ତିନିଭାଇଙ୍କ ମଧ୍ୟରେ ବିବାଦ ରହିଥିଲା। ବୁଧବାର ଜମି ଭାଗବଣ୍ଟାକୁ କେନ୍ଦ୍ରକରି ଅମିୟ ଓ ତାଙ୍କ ବଡ଼ଭାଇ ଅଜୟଙ୍କ ପୁଅ ଅଶ୍ୱିନୀଙ୍କ ମଧ୍ୟରେ ପାଟିତୁଣ୍ଡ ଓ ହଣାକଟା ହୋଇଥିଲା। ଏଥିରେ ଅମିୟ ସାମାନ୍ୟ ଆହତ ହୋଇଥିଲେ। ଅପରାହ୍ନରେ ଅମିୟ, ତାଙ୍କ ଡ୍ରାଇଭର ମଳୟ ପ୍ରଧାନ ଗାଁର ହନୁମାନ ମନ୍ଦିର ନିକଟରେ ବସିଥିଲେ। ଏହି ସମୟରେ ଅଶ୍ୱିନୀ ତାଙ୍କ ଭଉଣୀ ଗୁନେଇ ପ୍ରଧାନଙ୍କୁ ବାଇକ୍‌ରେ ନେଇ ଯାଉଥିବା ବେଳେ ସେମାନଙ୍କୁ ଅମିୟ ଅଟକାଇଥିଲେ। ଜମି ବିବାଦକୁ ନେଇ କାହିଁକି ଗଣ୍ଡଗୋଳ କରୁଛ ବୋଲି ଅମିୟ ପଚାରିବାରୁ ଅଶ୍ୱିନୀ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହା ଦେଖି ଗୁନେଇ ଚିତ୍କାର କରିବାରୁ ଘଟଣାସ୍ଥଳରେ ଅଜୟଙ୍କ ସ୍ତ୍ରୀ ପ୍ରଭାତୀ, ଅଜୟଙ୍କ ସମ୍ପର୍କୀୟ ଜିତୁ ସ୍ୱାଇଁ ଓ ଜ୍ୱାଇଁ ସଞ୍ଜୟ ପ୍ରଧାନ ଏବଂ ଅଶ୍ୱିନୀ ମାରଣାସ୍ତ୍ରରେ ଅମିୟଙ୍କ ମୁଣ୍ଡକୁ ହାଣି ପକାଇଥିଲେ। ଘଟଣାର ପ୍ରତ୍ୟକ୍ଷଦର୍ଶୀ ମଳୟ ପ୍ରଧାନଙ୍କୁ ମଧ୍ୟ ହତ୍ୟା ଧମକ ଦେଇ ଅଭିଯୁକ୍ତମାନେ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ଅମିୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟ ପଠାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜିଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ

**ପୁରୀ,୩।୧୨(ଅଜିତ୍ କୁମାର ମହାନ୍ତି)**




ଜିଲା ଶିକ୍ଷା ଓ ସମଗ୍ର ଅଭିଯାନ କାର୍ଯ୍ୟାଳୟ ତରଫରୁ ଭିନ୍ନକ୍ଷମ ଦିବସ ପାଳନ କରାଯାଇଛି। ଏଠାରେ ୧୧ଟି ବ୍ଲକରୁ ୧୧୦ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର ପ୍ରତି ବ୍ଲକ ପିଛା ୧୦ଜଣ ଲେଖାଏଁ ଭାଗ ନେଇଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଅତିଥି ପରିଚୟ ଦେଇ ଭିନ୍ନକ୍ଷମ ଦିବସ ଉପରେ ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଭିନ୍ନକ୍ଷମ ବ୍ୟକ୍ତି ଯେଉଁମାନେ ଅକ୍ଷମ ଅଛନ୍ତି ସେମାନେ ତାଙ୍କର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଭାରତରେ ନିକଟରେ T୨୦ କ୍ରିକେଟ ମ୍ୟାଚ୍‌ରେ ଦୃଷ୍ଟିହୀନ ମହିଳାମାନେ କ୍ରିକେଟ ମ୍ୟାଚ୍ ଜିତିଥିଲେ। ଓଡ଼ିଶାର ୪ ଜଣ ଭାଗ ନେଇଥିଲେ। ଶିକ୍ଷା ବିଭାଗ ତରଫରୁ ସ୍ୱତନ୍ତ୍ର ଶାରିରୀକ ଅକ୍ଷମ ପ୍ରତି ବ୍ଲକରେ ଚିହ୍ନଟ କରି ତାଙ୍କର ଆଭିମୁଖ୍ୟ ଜାଣିବା ପାଇଁ ମୋବାଇଲ୍ ୟୁନିଟ କରାଯାଇଛି। ଏଣୁ ଏଥିରେ ଆଖି ଟେଷ୍ଟ କରି ତାଙ୍କୁ ଚଷମା ଯୋଗାଇ ଦିଆଯାଉଛି, ଯାହାର ୭୦% ରୁ ଅଧିକ ଥିବ ତାଙ୍କୁ ୫୦୦୦ ଟଙ୍କା ସରକାରଙ୍କ ତରଫରୁ ପ୍ରୋତ୍ସାହନ ରାଶି ଦିଆଯାଉଛି। ଯାହାର ୭୦%ରୁ କମ୍ ତାଙ୍କୁ ୨୦୦୦ ଟଙ୍କା ଦିଆଯାଉଛି ବୋଲି ପାଢ଼ି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ସ୍ୱାସ୍ଥ୍ୟ ଚିକିତ୍ସକ ଅଧିକାରୀ ମାନସ ରଞ୍ଜନ ଦାସ କହିଥିଲେ, ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ପରୀକ୍ଷା କରାଯାଇ ଶାରୀରିକ ଅକ୍ଷମ ପ୍ରମାଣପତ୍ର ଦିଆଯାଉଛି। ଶେଷରେ ମୁଖ୍ୟ ଅତିଥ ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା ଶିକ୍ଷାଧିକାରୀ ଦିପକ କୁମାର ପାଢ଼ୀ, ଅତିରିକ୍ତ ସ୍ୱାସ୍ଥ୍ୟ ଚିକିତ୍ସକ ମାନସ ରଞ୍ଜନ ଦାସ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ, ପ୍ରତି ବ୍ଲକର ଛାତ୍ରୀଛାତ୍ରଙ୍କ ସମେତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଯୋଗ ଦେଇଥିଲେ।

## ଦାବି ପୂରଣ ନ ହେଲେ ବିଧାନସଭା ଆଗରେ ଆତ୍ମାହୁତି ଚେତାବନୀ

**ଜାତୀୟ ସ୍ୱାସ୍ଥ୍ୟ ମିଶନ ତାଲିମଦାତାଙ୍କ ଖବରଦାତା ସମ୍ମିଳନୀ**

**କାକଟପୁର/ଅସ୍ତରଙ୍ଗ,୩।୧୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ୍)**

ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ଆଶା, ଏଏନ୍‌ଏମ୍, ଆଶା ସାଥୀ, ଜୀବିକା ମିଶନ ସମ୍ପର୍କିତ ବିଭିନ୍ନ ପଦପଦବୀରେ ଥିବା କର୍ମୀଙ୍କୁ ତାଲିମ୍ ପ୍ରଦାନ କରୁଥିବା ପ୍ରଶିକ୍ଷକମାନେ ଆଜି ଅବହେଳିତ। ଏହାକୁ ନେଇ ବୁଧବାର ପୁରୀ ଜିଲା ଅସ୍ତରଙ୍ଗ ଲକ୍ଷ୍ମୀ କଲ୍ୟାଣମଣ୍ଡପରେ ପୁରୀ ଜିଲା ସମ୍ବଳ ବ୍ୟକ୍ତିମାନଙ୍କ ତରଫରୁ ବରିଷ୍ଠ ତାଲିମ୍‌ଦାତା ତଥା ରାଜ୍ୟ ଆବାହକ ସ୍ୱାସ୍ଥ୍ୟ ମିଶନ ସଂଘ ସଭାପତି ଲଳିତ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆବାହକ ସାହୁ




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ତାଲିମଦାତାମାନେ।

କହିଥିଲେ, ସରକାରଙ୍କୁ ନିବେଦନ କରୁ କି ସ୍ୱାସ୍ଥ୍ୟ ମିଶନ ହେଉ ପଞ୍ଚାୟତିରାଜ ବିଭାଗ କର୍ମୀଙ୍କୁ ପ୍ରଶିକ୍ଷକ ବନ୍ଧୁ ଦୀର୍ଘଦିନ ଧରି କାର୍ଯ୍ୟ କରୁଛୁ, ଯେଉଁଥିରେ ଆମ ପରିବାର ଜୀବନ ଜୀବିକା ଥିଲା। ବିଭିନ୍ନ କ୍ଷେତ୍ରରେ ଆମେ ତାଲିମ୍ ପ୍ରଦାନ କରୁଥିଲୁ। କିନ୍ତୁ ପ୍ରଶିକ୍ଷକଙ୍କ ପେଟକୁ ଲାତ୍ ମାରି ୨୦୨୦ ମସିହାରୁ ସରକାର ଚଞ୍ଚକତା କରି ଅବା ପ୍ରଶାସନିକସ୍ତରରେ ଅବହେଳା କରାଯାଇଛି। ସରକାର ଏହାକୁ ଗୁରୁତ୍ୱର ସହ ନେଇ ବିଚାର କରନ୍ତୁ। ପ୍ରଶିକ୍ଷକମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟ କରାଯାଉ ବୋଲି ଦାବି ଉପସ୍ଥାପନ କରିଥିଲେ। ପୁରୀ ଜିଲା ଆବାହକ ଭୃଗୁ ନନ୍ଦନ ରଥ ନିଜ ବକ୍ତବ୍ୟରେ କହିଥିଲେ, ଆମ୍ଭ ପ୍ରଶିକ୍ଷକଙ୍କୁ ଅବହେଳା କରା ନ ଯାଉ। ଯେଉଁମାନଙ୍କୁ ପ୍ରମାଣପତ୍ର ଦେଇଛନ୍ତି ସେହିମାନଙ୍କୁ ପ୍ରଶିକ୍ଷଣ କାର୍ଯ୍ୟରେ ସାମିଲ କରାଯାଉ। ଏହି ତାଲିମ୍‌ଦାତା ତଥା ପ୍ରଶିକ୍ଷକମାନେ ରାଜ୍ୟର ସମ୍ବଳ ବ୍ୟକ୍ତି ଭାବେ ପଞ୍ଚାୟତିରାଜ ପ୍ରତିନିଧି ଯଥା ୱାର୍ଡସଭ୍ୟ, ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ଆଶା, ଏଏନ୍‌ଏମ, ଆଶାସାଥୀ ସେହିପରି ରାଜ୍ୟ ଜୀବିକା ମିଶନ ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର ସମେତ ବିଭିନ୍ନ ବିଭାଗ କର୍ମୀଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ ପ୍ରଶିକ୍ଷକମାନେ ତାଲିମ୍ ପ୍ରଦାନ କରିଥାନ୍ତି। ଆଗାମୀ ଦିନରେ ଯଦି ସରକାର ଦାବି ପୂରଣ ନ କରିବେ ତେବେ ସମସ୍ତ ପ୍ରଶିକ୍ଷକ ନିଜ ପରିବାର ସହ ବିଧାନସଭା ସାମ୍ନାରେ ସମୂହ ଆତ୍ମାହୁତି ଦେବେ ବୋଲି ଖବରଦାତା ସମ୍ମିଳନୀରେ ମଞ୍ଚ ପରିଚାଳକ ତଥା ରାଜ୍ୟ ସହଆବାହକ ପ୍ରଫୁଲ୍ଲ କୁମାର ବେହେରା ଚେତାବନୀ ଦେଇଛନ୍ତି।

## କବି ନିରୁପମା କରଙ୍କ ୨ କବିତା ସଂକଳନ ଉନ୍ମୋଚିତ

ଭୁବନେଶ୍ୱର,୩।୧୨ (ସୌମ୍ୟରଞ୍ଜନ ରାଉତ)

ରତ୍ନଚିରା ପବ୍ଲିକେଶନ ପକ୍ଷରୁ ପ୍ରକାଶିତ କବି ନିରୁପମା କରଙ୍କ ୨ କବିତା ସଂକଳନ 'ସନେଟ୍ ଶତଦଳ' ଓ 'ମେଘରାତିର ମାୟା' ବୁଧବାର ବୁଦ୍ଧମନ୍ଦିରଠାରେ ଉନ୍ମୋଚିତ ହୋଇଯାଇଛି। ଅନୁବାଦିକା ସଂକୁନ୍ତଳା ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ବିଭାଗର ପୂର୍ବତନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ କବି ରକ୍ଷକ ନାୟକ, ଗୀତିକବି ମନୋଜ ପଟ୍ଟନାୟକ, ଲେଖିକା ନିରୂପମା କର, ପୃଷ୍ଟି ମଲ୍ଟିମିଡିଆର ନିର୍ଦ୍ଦେଶକ କରୁଣାକର ପୃଷ୍ଟି ଯୋଗଦେଇଥିଲେ। ସ୍ନେହଲତା ପୃଷ୍ଟି ମଞ୍ଚ ପରିଚାଳନା ଓ କାନନ ବାଳା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଆର୍ଥିକସ୍ତରରେ ସଶକ୍ତ ହେବେ ସହରାଞ୍ଚଳ ମହିଳା

## ସହରାଞ୍ଚଳ ଜୀବିକା ବୃଦ୍ଧି ପାଇଁ ସମନ୍ୱୟ ବୈଠକ

ଭୁବନେଶ୍ୱର,୩।୧୨ (ସୁଚିସ୍ମିତା ସାହୁ)

ଆର୍ଥିକ ଭାବେ ସଶକ୍ତ ହେବେ ସହରାଞ୍ଚଳ ମହିଳା। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଖାରବେଳ ଭବନଠାରେ ମିଶନ ଶକ୍ତି ଏବଂ ଜାତୀୟ ସହରାଞ୍ଚଳ ଜୀବିକା ମିଶନ (ଏନ୍‌ୟୁଏଲ୍‌ଏମ୍)ର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରି କହିଲେ, ସମସ୍ତ ସହରାଞ୍ଚଳରେ ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣକୁ ଆଗକୁ ବଢ଼ାଇବା ପାଇଁ ଏକ ସୁଗମ ସଂସ୍ଥାଗତ ସ୍ଥାପତ୍ୟ କରାଯିବ। ସହରାଞ୍ଚଳରେ ମହିଳା ଗୋଷ୍ଠୀମାନେ ଦକ୍ଷତା, ବଜାର, ଋଣ ଏବଂ ଉଦ୍ୟୋଗିତା ସୁଯୋଗ ପାଇଁ ଉନ୍ନତ ପ୍ରବେଶ ପାଇବା ନିଶ୍ଚିତ କରିବା ହେଉଛି ଆମର ଲକ୍ଷ୍ୟ। ମିଶନ ଶକ୍ତି ଏବଂ ଏନ୍‌ୟୁଏଲ୍‌ଏମର ସମନ୍ୱୟ ସ୍ଥାୟୀ ଓ ମହିଳା ନେତୃତ୍ୱାଧୀନ ଆର୍ଥିକ ଅଭିବୃଦ୍ଧି ପାଇଁ ନୂତନ ରାସ୍ତା ଖୋଲିବ। ଏସ୍‌ଏଚ୍‌ଜି, ଏଏଲ୍‌ଏଫ୍ ଓ ସିଏଲ୍‌ଏଫ୍ ମଧ୍ୟରେ ସମନ୍ୱୟକୁ ସୁଗମ କରିବା, ଦକ୍ଷତା ଓ ଉଦ୍ୟୋଗ ବିକାଶ ଢାଞ୍ଚା ଡିଜାଇନ କରିବା ଏବଂ ସହରାଞ୍ଚଳ ହାଟ, ବ୍ରାଣ୍ଡିଂ ସମର୍ଥନ, ଇ-କମର୍ସ ପ୍ଲାଟଫର୍ମ ଓ ସରକାରୀ କ୍ରୟ ମାଧ୍ୟମରେ ବଜାର ସଂଯୋଗକୁ ସୁଦୃଢ଼ କରାଯିବ। ମହିଳାମାନଙ୍କ ନେତୃତ୍ୱାଧୀନ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ସ୍କେଲିଂ କରିବା ପାଇଁ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଋଣ ପ୍ରବେଶକୁ ବିସ୍ତାର କରିବା ଉପରେ ମଧ୍ୟ ପ୍ରାଥମିକତା ଦିଆଯାଇଥିଲା। ସହଯୋଗମୂଳକ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ମିଳିତ କାର୍ଯ୍ୟ ଯୋଜନା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ବୈଠକରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ମିଶନ ଶକ୍ତି ନିର୍ଦ୍ଦେଶକ ଡ. ମୋନିକା ପ୍ରିୟଦର୍ଶିନୀ, ପିଡି ସୁଡା ରବୀନ୍ଦ୍ର ସାହୁ, ମିଶନ ଶକ୍ତିର ଅତିରିକ୍ତ ସଚିବ ଅବିନାଶ ରାଉତ ଏବଂ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲା ମାଧ୍ୟମିକ ଦମ୍ପତି ଶିକ୍ଷୟିତ୍ରୀଶିକ୍ଷକ ସଂଘ



ସଂଘ କର୍ମକର୍ତ୍ତାମାନେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ଆଲୋଚନା କରୁଛନ୍ତି।

ଭୁବନେଶ୍ୱର,୩।୧୨ (ସୁଚିସ୍ମିତା ସାହୁ)

ବିଭିନ୍ନ ଦାବି ନେଇ ମାଧ୍ୟମିକ ଦମ୍ପତି ଶିକ୍ଷୟିତ୍ରୀଶିକ୍ଷକ ସଂଘ ପକ୍ଷରୁ ଗତ ଶନିବାରଠାରୁ ଲୋୟର ପିଏମ୍‌ଜିଠାରେ ଧରଣା ଦିଆଯାଇଥିଲା। ଶତାଧିକ ଦମ୍ପତି ଶିକ୍ଷୟିତ୍ରୀଶିକ୍ଷକ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣାରେ ସାମିଲ ହୋଇଥିଲେ। ଏଥିସହ ସେମାନେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନାବେଳେ ମନ୍ତ୍ରୀ ଗଣ୍ଡ ୭ଦିନ ଭିତରେ ଦାବିପୂରଣ ନେଇ ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ଗଣଧାରଣାକୁ ସ୍ଥଗିତ ରଖାଯାଇଛି ବୋଲି ସଂଘ ଆବାହକ ପ୍ରଶାନ୍ତ ମେହେର ସୂଚନା ଦେଇଛନ୍ତି। ଅନ୍ୟତମ ଆବାହକ ପ୍ରଭାତ ମହାନ୍ତି କହିଛନ୍ତି, ଚଳିତବର୍ଷ ଟାନ୍ସଫର କ୍ୟାଲେଣ୍ଡର ଅନୁଯାୟୀ ଜିଲା ଶିକ୍ଷାଧିକାରୀ ସ୍ୱୀକୃତିପ୍ରାପ୍ତ ହାଇସ୍କୁଲ୍ ଶିକ୍ଷକ ଦମ୍ପତିଙ୍କ ବଦଳି କରିନାହାନ୍ତି। ସମାନ ବିଭାଗରେ ଥାଇ ପ୍ରାଥମିକ ଶିକ୍ଷକ ଦମ୍ପତି ବଦଳି ହୋଇଥିଲେ ସୁଦ୍ଧା ହାଇସ୍କୁଲ ଶିକ୍ଷକ ଦମ୍ପତିମାନେ ବଞ୍ଚିତ ହୋଇ ରହୁଛନ୍ତି। ବିଭାଗୀୟ ଅଧିକାରୀମାନେ ମନ୍ତ୍ରୀଙ୍କୁ ଭୁଲ୍ ତଥ୍ୟ ଦେଇ ବଦଳି ନ କରିବା ପାଇଁ ବିଭିନ୍ନ ବାହାନା କରୁଛନ୍ତି। ତେବେ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁଯାୟୀ ଯଦି ୭ ଦିନ ମଧ୍ୟରେ ଦାବିପୂରଣ ନ ହୁଏ ତେବେ ପୁଣି ଧରେ ମାଧ୍ୟମିକ ଦମ୍ପତି ଶିକ୍ଷୟିତ୍ରୀଶିକ୍ଷକ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେ ଚେତବନୀ ଦେଇଛନ୍ତି।

## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

### ସାଇଶ୍ରୀ ପଣ୍ଡାଙ୍କୁ 'ସ୍ୱର୍ଗତ ହରିପ୍ରିୟା ଶତପଥୀ ସ୍ମାରକୀ ପୁରସ୍କାର'

ଭୁବନେଶ୍ୱର,୩।୧୨ (ସୁଚିସ୍ମିତା ସାହୁ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୧୧ତମ ପ୍ରତିଷ୍ଠା ଦିବସ ଏବଂ ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀର ୩ଦିନିଆ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ, ମା' ରମାଦେବୀ ତାଙ୍କ ବଡ଼ବାପା ମଧୁସୂଦନ ଦାସଙ୍କଠାରୁ ପ୍ରେରଣା ପାଇ ଖଦି ଗ୍ରହଣ କରିବା ସହ ଗାନ୍ଧୀବାଦୀ ମୂଲ୍ୟବୋଧ ପ୍ରତି ଦୃଢ଼ ଆଗ୍ରହ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ନିବେଦିତା ମହାନ୍ତି ଯୋଗଦେଇଥିଲେ।

ଏହିଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କାର କରାଯାଇଥିଲା। 'ଓଡ଼ିଆ ବିତର୍କ ବିଶ୍ୱବିଦ୍ୟାଳୟ କପ୍' ପାଇଁ ମଙ୍ଗଳପୁର ମହିଳା କଲେଜର ଦେବୀଶ୍ରୀ ବେହେରା ଓ ୨ଇଂଲିଶ ବିତର୍କ ବିଶ୍ୱବିଦ୍ୟାଳୟ କପ୍‌ରେ ଶୈଳାବାଳା ମହିଳା ସ୍ୱୟଂଶାସିତ କଲେଜର ହର୍ଷିତା ପାଣିଗ୍ରାହୀ ବିଜେତା ହୋଇଛନ୍ତି। ସେହିପରି ସାଇଶ୍ରୀ ପଣ୍ଡାଙ୍କୁ 'ସ୍ୱର୍ଗତ ହରିପ୍ରିୟା ଶତପଥୀ ସ୍ମାରକୀ ପୁରସ୍କାର' ପ୍ରଦାନ କରାଯାଇଛି। ଟି-୨୦ ବ୍ଲାଇଣ୍ଡ କପ୍ ବିଜେତା ଏବଂ ମହିଳା ଦୃଷ୍ଟିହୀନ କ୍ରିକେଟ ଉପ-ଅଧିନାୟିକା ଫୁଲ ସୋରେନ, ଫୁଡ୍ ଫେଷ୍ଟ 'ଦି କ୍ୟାଚେ କିଚେନ'ର ବିଜେତା ଏବଂ ଶ୍ରେଷ୍ଠ କଳା ଏବଂ ହସ୍ତଶିଳ୍ପ ଷ୍ଟଲ 'ବ୍ଲିସ୍ଫୁଲ ଗ୍ଲୋ'କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡି ଚରଣ ରଥ, ପ୍ରଫେସର ସୁଚେତା ପ୍ରିୟଦର୍ଶିନୀ, ସିଡିସିର ନିର୍ଦ୍ଦେଶକ ପ୍ରଫେସର ସସ୍ମିତା ମହାନ୍ତି ଓ ରେଜିଷ୍ଟ୍ରାର ମନସ୍ୱିନୀ ସାହୁ ଉପସ୍ଥିତ ଥିଲେ।




ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## 'ଜଗନ୍ନାଥ ସଂସ୍କୃତିର ପ୍ରଚାରକ ଥିଲେ ସନ୍ଥ ଶିଶୁ ଅନନ୍ତ'



ମା' ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର ଓ ଅନ୍ୟ ଅତିଥିଙ୍କ ଗହଣରେ ସମ୍ମାନିତ ଖବରଦାତା ଓ ଅନ୍ୟମାନେ।

ବାଲିପାଟଣା,୩।୧୨ (ଅଭିମନ୍ୟୁ ନାୟକ)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶିଶୁ ଅନନ୍ତ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଜଗନ୍ନାଥଙ୍କ ପରମ ଭକ୍ତ ମହାପୁରୁଷ ଶିଶୁ ଅନନ୍ତଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମଠସ୍ଥିତ ସନ୍ଥଙ୍କ ସମାଧି ପୀଠ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମା' ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର ଯୋଗଦେଇ କହିଥିଲେ, ଶିଶୁ ଅନନ୍ତ ଜଗନ୍ନାଥ ସଂସ୍କୃତିର ପ୍ରଚାରକ। ମୁଖ୍ୟବକ୍ତା ଡ. ନିରଞ୍ଜନ ସାହୁ କହିଥିଲେ, ପଞ୍ଚସଖାଙ୍କ ଆବିର୍ଭାବ ହୋଇ ନ ଥିଲେ ଭାଷା ବଞ୍ଚି ପାରି ନ ଥାନ୍ତା। ପୂର୍ବତନ ମନ୍ତ୍ରୀ ତଥା ଭାଜପା ବରିଷ୍ଠ ନେତା ଡ. ଅରବିନ୍ଦ ଢ଼ାଲି ପୀଠର ଉନ୍ନତି ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଗୁରୁପ୍ରସାଦ ପୃଷ୍ଟି ଶିଶୁ ଅନନ୍ତ ସାଧନା ସମ୍ପର୍କରେ ତଥ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ପ୍ରତିଭାମାନଙ୍କୁ ସମ୍ମାନୀତ କରାଯାଇଥିଲା। ଅବସରପ୍ରାପ୍ତ ଅଧାପିକା ଡ. ପ୍ରତିଭା ମହାରଥୀଙ୍କୁ ଶିଶୁ ଅନନ୍ତ ସମ୍ମାନ, ପୂର୍ବତନ ପ୍ରଶାସକ ଡ. ଅଖିଳ ବିହାରୀ ଓତାଙ୍କୁ ବାଲିପାଟଣା ଗୌରବ ସମ୍ମାନ, କଣ୍ଠଶିଳ୍ପୀ ଗୀତାରାଣୀ ଦାସଙ୍କୁ ବାବା ମଧୁସୂଦନ ସମ୍ମାନ, ଦିଲ୍ଲୀପ ହାଲୀଙ୍କୁ ଚଳଚ୍ଚିତ୍ର ସମୀକ୍ଷକ ସମ୍ମାନ, ଡ. ଇତିରାନୀ ସାମନ୍ତଙ୍କୁ ବଡ଼ଭାଇ ନଦିୟା ବିହାରୀ ସମ୍ମାନ, କବି ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କୁ ଅବଦୁଲ ଓସିଦ ସ୍ମୃତି ସମ୍ମାନ ଓ ବସନ୍ତ କୁମାର୍ ଦାଶଙ୍କୁ ସାମ୍ବାଦିକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ମଧ୍ୟାହ୍ନରେ ବହୁ ସାଧୁସନ୍ଥଙ୍କ ଉପସ୍ଥିତିରେ ସାଧୁ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଉତ୍ସବ ନିମନ୍ତେ ପ୍ରଭାତରୁ ସଙ୍କୀର୍ତ୍ତନ ଓ ଭଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଅଞ୍ଚଳର ସମସ୍ତ ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା। ବହୁ ଲେଖକ, କଳାକାର, ପ୍ରତିଭାବାନ୍ ବ୍ୟକ୍ତିଙ୍କ ସହ ସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ। ଉପସଭାପତି ଭାବଗ୍ରାହୀ ଗୋଛାୟତଙ୍କ ସମେତ ସମିତିର ସଭ୍ୟାସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ପାଲାକୁ ଭଲ ପାଉଥିବା ମଣିଷ ଥିଲେ ଲକ୍ଷ୍ମୀଧର'



ଶ୍ରୀ ଜଗନ୍ନାଥ ପାଲା କଳାକାର ମହାସଂଘର କାର୍ଯ୍ୟକାରିଣୀ ବୈଠକକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ବାଲିଅନ୍ତା,୩।୧୨ (ନୀଳମାଧବ ସାହୁ)

ଶ୍ରୀ ଜଗନ୍ନାଥ ପାଲା କଳାକାର ମହାସଂଘର କାର୍ଯ୍ୟକାରିଣୀ ବୈଠକ ଏବଂ କଳା ଓ ସଂସ୍କୃତି ପ୍ରେମୀ ଲକ୍ଷ୍ମୀଧର ସାହୁଙ୍କ ଏକ ସ୍ମୃତିଚାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭୁବନପୁରର ଅଧିଷ୍ଠାତ୍ରୀ ଦେବୀ ମା' ଉତ୍ତରମୁଖୀ ମନ୍ଦିର ପରିସରରେ ଆୟୋଜିତ ଉକ୍ତ ସଭାରେ ଗାୟକ ବାଗ୍ମୀ ନାରାୟଣ ମହାରଣା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଗାୟକ ରତ୍ନାକର ବନମାଳୀ ପତି, ଗାୟକ ଆହ୍ଲାଦ ସୁରେନ୍ଦ୍ର ଛୋଟରାୟ, ସଂଘ ସଭାପତି ନିରଞ୍ଜନ ସ୍ୱାଇଁ, ସମ୍ପାଦକ ଦୁଷ୍ମନ୍ତ କୁମାର ବେହେରା, ଶିବଶଙ୍କର ମହାରଣା, ବସନ୍ତ ମଞ୍ଜରୀ ପଣ୍ଡା, ସ୍ୱର୍ଣ୍ଣ ପ୍ରଭା ଲେଙ୍କା, କନକଲତା ସାମଲଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଆସିଥିବା ବହୁ ବିଶିଷ୍ଟ ପାଲା ଗାୟକ ଓ କଳାକାରମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ଗ୍ରାମର ବିଶିଷ୍ଟ ବ୍ୟକ୍ତି ଲକ୍ଷ୍ମୀଧର ସାହୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଗାୟକମାନେ ଲକ୍ଷ୍ମୀଧରଙ୍କ ସ୍ମୃତିଚାରଣ କରିଥିଲେ। ପାଲା ପ୍ରତି ତାଙ୍କର ଉତ୍ସର୍ଗୀକୃତ ମନୋଭାବ ଓ ପ୍ରେରଣା ଉପରେ ଗାୟକମାନେ ଆଲୋଚନା କରିଥିଲେ। ପାଲାକୁ ଭଲ ପାଉଥିବା ସେ ଜଣେ ନିଆରା ମଣିଷ ଥିଲେ ବୋଲି ବହୁ ଗାୟକ ମତବ୍ୟକ୍ତ କରିଥିଲେ। ଏଥିସହ ତାଙ୍କର ଯଶ ଓ କୀର୍ତ୍ତି ପାଇଁ ସେ ସ୍ମରଣୀୟ ହୋଇ ରହିବେ ବୋଲି ଉକ୍ତ ସଭାରେ ମତପ୍ରକାଶ ପାଇଥିଲା। ସଭା ପ୍ରାରମ୍ଭରେ ଗାୟକ ବସନ୍ତ ମହାରଣା ମଙ୍ଗଳା ଚରଣ ଗାନ ଓ ଭଗବତପ୍ରେମୀ ମହିଳାମାନଙ୍କ ଦ୍ୱାରା ଗୀତା ପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭୁବନପୁର ଗ୍ରାମର ଦିଲୀପ କୁମାର ସାହୁ, ଶିବପ୍ରସାଦ ସାହୁ, ନାରାୟଣ ସାହୁ ଓ ଭିକାରୀ ଚରଣ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସାନଭାଇଙ୍କୁ ହତ୍ୟା, ବଡ଼ଙ୍କୁ ୪ବର୍ଷ ଜେଲ

ଭୁବନେଶ୍ୱର,୩।୧୨ (ସତ୍ୟଜିତ ରାଉତ)

ଚନ୍ଦକା ଥାନା ଅଞ୍ଚଳରେ ସାନଭାଇଙ୍କୁ ପଥରରେ ଆକ୍ରମଣ କରି ହତ୍ୟା କରିବା ମାମଲାରେ ବଡ଼ଭାଇ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଖୋର୍ଦ୍ଧା ଜିଲା ଓ ଦୌରାଜଜ୍ ବିଚାରପତି ବିରଞ୍ଚି ନାରାୟଣ ମହାନ୍ତି ୧୬ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଆଇପିସି ଦଫା ୩୦୪(୨) (ଉଦ୍ଦେଶ୍ୟ ବିହୀନ ହତ୍ୟା)ରେ ତାଙ୍କୁ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ଜଣକ ହେଲେ ଚନ୍ଦକା ଥାନା ଅନ୍ତର୍ଗତ କନ୍ଦଲେଇ ମୁଣ୍ଡାସାହିର କାର୍ତ୍ତିକ ଛତର। ୨୦୨୩ ଜୁଲାଇ ୧୭ ସନ୍ଧ୍ୟା ପ୍ରାୟ ୫ଟା ବେଳେ ଜଗନ୍ନାଥ, କାର୍ତ୍ତିକ ଏବଂ ଗାଁର ବୀରେନ୍ଦ୍ର ସାମନ୍ତ ଛତାବର ମାର୍କେଟରୁ ବାଇକରେ ଘରକୁ ଫେରୁଥିଲେ। ରାସ୍ତାରେ କାର୍ତ୍ତିକ ଏବଂ ବୀରେନ୍ଦ୍ରଙ୍କୁ ଜଗନ୍ନାଥ ଓହ୍ଲାଇ ଦେଇ କୌଣସି ଏକ କାମରେ ଯାଇ ବିଳମ୍ବରେ ଫେରିଥିଲେ। ଏହି କାରଣକୁ ନେଇ ଜଗନ୍ନାଥଙ୍କୁ କାର୍ତ୍ତିକ ଗାଳିଗୁଲଜ କରିଥିଲେ। ଏଥିରେ କାର୍ତ୍ତିକ ରାଗିଯାଇ ଜଗନ୍ନାଥଙ୍କ ପେଟକୁ ଏକ ପଥରରେ ଆକ୍ରମଣ କରିଥିଲେ। ଜଗନ୍ନାଥଙ୍କ ପେଟରେ ଯନ୍ତ୍ରଣା ହେବାରୁ କାର୍ତ୍ତିକ ତାଙ୍କୁ ମେଣ୍ଢାଶାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଶିକ୍ଷା ବ୍ୟବସ୍ଥାର କଥା କହିଲା 'ବ୍ରେନ୍‌ଗେନ୍ ଡଟ୍ କମ୍'

ଭୁବନେଶ୍ୱର,୩।୧୨ (ସୌମ୍ୟରଞ୍ଜନ ରାଉତ)

ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ଅଜବ ପରିଣତି ଦେଖାଦେଇଛି। ବିଦ୍ୟାଳୟରେ ପିଲାଙ୍କ ସୃଜନଶୀଳତାକୁ ପ୍ରୋତ୍ସାହନ ଦିଆଯାଉଛି ନା ବିଦ୍ୟାକୁ ସୀମିତ କରିଦିଆଯାଉଛି। ବ୍ରେନ୍ ପ୍ରକୃତରେ କିଛି ଗେନ୍ କରୁଛି ନା ବ୍ରେନ୍‌କୁ ଡ୍ରେନ୍ କରିଦିଆଯାଉଛି। ଏକ ପ୍ରକାର ଫିଡିଙ୍ଗ୍ ସିଷ୍ଟମ୍‌ରେ ଆମର ପାଠପଢା ଚାଲିଛି। ଭୁଶୁଡ଼ି ପଡୁଥିବା ଏମିତି ଏକ ଶିକ୍ଷା ବ୍ୟବସ୍ଥାକୁ ନେଇ ବୁଧବାର ଭଞ୍ଜକଳା ମଣ୍ଡପଠାରେ ମଞ୍ଚସ୍ଥ ହୋଇଛି ନାଟକ 'ବ୍ରେନ୍‌ଗେନ୍ ଡଟ୍ କମ୍'। ନାଟକର ନିର୍ଦ୍ଦେଶନା ବିକ୍ରମ କୁମାର ସାହୁ ଦେଇଥିଲାବେଳେ ଡ. ସଞ୍ଜୟ କୁମାର ହାତୀ ଏହାକୁ ରଚନା କରିଛନ୍ତି। ପୁରୀ ଜିଲାର ରଙ୍ଗଶାଳା ଅନୁଷ୍ଠାନର କଳାକାରମାନେ ଅତି ନିଖୁଣ ଭାବରେ ନାଟକକୁ ପରିବେଷଣ କରିଥିଲେ। ଓଡ଼ିଶା ନାଟ୍ୟ ସଂଘ ସଭାପତି ମିହିର କୁମାର ମେହେରଙ୍କ ସଭାପତିତ୍ୱରେ ଅତିଥି ଭାବରେ ଅଭିନେତା ପ୍ରେମାଞ୍ଜନ ପରିଡ଼ା ଯୋଗଦେଇଥିଲେ। ନିର୍ଦ୍ଦେଶକ ବିକ୍ରମ କେଶରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଉପସଭାପତି ଜିତେନ୍ଦ୍ର କୁମାର ପଟ୍ଟନାୟକ ବୈଠକ ପରିଚାଳନା କରିଥିଲେ। ସଂଘର କୋଷାଧ୍ୟକ୍ଷ ଅବିନାଶ ଦଣ୍ଡପାଟ ଧନ୍ୟବାଦ ଦେଇଥିଲେ।



ନାଟକ 'ବ୍ରେନ୍‌ଗେନ୍ ଡଟ୍ କମ୍'ର ଏକ ଦୃଶ୍ୟ।

## ସଙ୍ଗଲାଇ ଶାସନରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

ପୁରୁଣା ଭୁବନେଶ୍ୱର, ୩।୧୨ (ସୁବାସ ଚନ୍ଦ୍ର ପ୍ରଧାନ)

ରାଜଧାନୀ ଉପକଣ୍ଠ ସଙ୍ଗଲାଇ ଶାସନଠାରେ ସଙ୍ଗଲାଇ ଶାଖା ପକ୍ଷରୁ ୩ୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ବୁଧବାର ପାଳିତ ହୋଇଯାଇଛି। ଅଲ୍ ଓଡ଼ିଶା ଡିଜାବଲ୍ ଡେଭଲପମେଣ୍ଟ ରିହାବିଲିଟି ସେଣ୍ଟର ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ପାରଦର୍ଶିତା ଓ କୃତିତ୍ୱକୁ ନେଇ ଭୂୟସୀ ପ୍ରଶଂସା କରିଥିଲେ। ରାଜ୍ୟ ସରକାର ଦିବ୍ୟାଙ୍ଗମାନଙ୍କ ପାଇଁ ନୂତନ ଯୋଜନାମାନ କରୁଛନ୍ତି। ସେମାନଙ୍କ ପ୍ରତ୍ୟେକଟି ସମସ୍ୟା ସମାଧାନ ଉପରେ ଯତ୍ନଶୀଳ ଥିବା ସେ କହିଥିଲେ। ଏହି ଅବସରରେ ଦିବ୍ୟାଙ୍ଗମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ କମ୍ବଳ ବଣ୍ଟନ କରାଯାଇଥିଲା। କୌଶଲ୍ୟାଗଙ୍ଗ ମଣ୍ଡଳ ସଭାପତି ଦୀପକ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାମାଜିକ କର୍ମୀ ଅସିତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀନାରାୟଣପୁର ଗ୍ରାମର ଭାଜପା ସଭାପତି ଅଭୟ ମିଶ୍ର ଦିବ୍ୟାଙ୍ଗମାନଙ୍କ ସମସ୍ୟା ଓ ସଚେତନତା ଉପରେ ମତ ରଖିଥିଲେ। ୱାର୍ଡ ସଭ୍ୟା ବିଷ୍ଣୁପ୍ରିୟା ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନ ସଭ୍ୟାସଭ୍ୟମାନଙ୍କ ଦ୍ୱାରା ସଂଗୀତ ଚିତ୍ର ଏବଂ ବିଭିନ୍ନ କ୍ରୀଡାରେ ପ୍ରତିଯୋଗିତା କରାଯାଇଥିଲା। ଟ୍ରଷ୍ଟ ସଦସ୍ୟା ସଦସ୍ୟମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ ସଭାପତି ଶରତ ମଲିକ, ସମ୍ପାଦକ କଇଁଆ କାହଁର, କୋଷାଧ୍ୟକ୍ଷ ଆଲୋନା ପ୍ରଧାନ, ସାମାଜିକ କର୍ମୀ ରଶ୍ମି ରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତଥିଲେ।




ବିଜେଇଏମ୍ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା 'ଜେଷ୍ଟ-୨୦୨୫'ରେ ବିଜୟୀ ଟିମ୍ ସହ ଅତିଥିମାନେ।

## ସଂଗ୍ରାମ, ସେବାର ମୂର୍ତ୍ତିମନ୍ତ ପ୍ରତୀକ ମା'ରମାଦେବୀ

ଭୁବନେଶ୍ୱର,୩।୧୨ (ସୌମ୍ୟରଞ୍ଜନ ରାଉତ)

ମା' ରମାଦେବୀ ହେଉଛନ୍ତି ସଂଗ୍ରାମ, ତ୍ୟାଗ, ସାମ୍ପ୍ରଦାୟିକ ସଦ୍ଭାବନା, ମାନବିକତା, ପ୍ରତିବଦ୍ଧତା ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ। ପ୍ରାଚୁର୍ଯ୍ୟରୁ ଆସି ସେ ସରଳତାକୁ ଗ୍ରହଣ କରିଥିଲେ। ଘରକୋଣରୁ ବାହାରି ଜାତୀୟ ଆନ୍ଦୋଳନରେ ସାମିଲ ହୋଇଥିଲେ। ଲବଣ ସତ୍ୟାଗ୍ରହ, ଭାରତ ଛାଡ଼ ଓ ଅସହଯୋଗ ଆନ୍ଦୋଳନରେ ତାଙ୍କର ଅଗ୍ରଗଣ୍ୟ ଭୂମିକା ଥିଲା। ଜାତିଭେଦର ସଂକୀର୍ଣ୍ଣ ଅର୍ଗଳି ଛିନ୍ନ କରି ଗ୍ରାମ ସ୍ୱରାଜ, ସାମାଜିକ ନ୍ୟାୟର ପ୍ରବକ୍ତା ଭାବରେ ମା' ରମାଦେବୀ ଦଳିତ, ଅବହେଳିତ ଓ ନିଷ୍ପେଷିତ ବର୍ଗଙ୍କ ପାଇଁ ତ୍ରାଣକର୍ତ୍ତା ପାଲଟିଥିଲେ। ଭୂଦାନ ଓ ସର୍ବୋଦୟ ଭଳି ରଚନାତ୍ମକ କାର୍ଯ୍ୟରେ ମନୋନିବେଶ କରିଥିଲେ। ଓଡ଼ିଶାରେ ମହିଳାଙ୍କ ସାମାଜିକ, ରାଜନୈତିକ ଭୂମିକାକୁ ସେ ଉଚ୍ଚତର ସ୍ତରକୁ ନେବାରେ ଶକ୍ତିଶାଳୀ ଅବଦାନ ପ୍ରକଟ କରିଥିରେ। ଲାଞ୍ଛନା, ନିର୍ଯାତନା, ଶୋଷଣ, ଲାଠିମାଡ଼, ଜେଲବରଣକୁ ଖାତିର ନ କରି ମା' ରମାଦେବୀ ସ୍ୱାଧୀନତା ଲାଗି ତାଙ୍କର ଅତୁଳନୀୟ ଅବଦାନ ପ୍ରକଟ କରି ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ବୋଲି ଅତିଥିମାନେ ମତ ରଖିଛନ୍ତି।



ମା' ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଶିଷ୍ଟ ବ୍ୟକ୍ତିମାନେ।

### ବିଧାନସଭା ପରିସରରେ ଥିବା ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କଲେ ବାଚସ୍ପତି, ମୁଖ୍ୟମନ୍ତ୍ରୀ

ବୁଧବାର ବିଧାନସଭା ପରିସରସ୍ଥ ମା' ରମାଦେବୀଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଫକୀର ନାୟକ, ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ଓ ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗଦେଇ ମା' ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ବୋଲଗଡ଼,୩।୧୨ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଆରିକମା ପଞ୍ଚାୟତ ଅନ୍ତର୍ଗତ ଶଙ୍କରପୁର ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୨ବର୍ଷୀୟା ଶିଶୁକନ୍ୟା ପୋଖରୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ପ୍ରୀତିପ୍ରଜ୍ଞା ପଲେଇ। ସୂଚନା ଅନୁଯାୟୀ, ସକାଳେ ଗ୍ରାମର ପରମାନନ୍ଦ ପଲେଇଙ୍କ ସ୍ତ୍ରୀ ଲିଲି ପଲେଇ ନିଜ ବାଡ଼ିପଟ ପୋଖରୀରେ ମାଣସଜ ଧୁଆଧୋଇ କରୁଥିବାବେଳେ ତାଙ୍କ ଅଲକ୍ଷ୍ୟରେ ତାଙ୍କର ଶିଶୁକନ୍ୟା ପ୍ରୀତିପ୍ରଜ୍ଞା ପୋଖରୀକୁ ଖସିପଡ଼ିଥିଲେ। ପରେ ତାଙ୍କୁ ଗଭୀର ଜଳରୁ ଉଦ୍ଧାର କରି ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ୨୧ରୁ କଣ୍ଟାବାଡ଼ରେ କ୍ରିକେଟ ଟୁର୍ନାମେଣ୍ଟ

ବେଗୁନିଆ,୩।୧୨ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କଣ୍ଟାବାଡ଼ ଗ୍ରାମସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ସ୍ପୋର୍ଟସ୍ ଆସୋସିଏଶନ୍ ପକ୍ଷରୁ ଷଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି। ଏହା ଚଳିତ ମାସ ୨୧ ତାରିଖରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଟୁର୍ନାମେଣ୍ଟରେ ୮ଟିଦଳ ଅତ୍ରି, ଆଇଆର୍‌ସି ଭିଲେଜ୍, ମେଣ୍ଢାଶାଳ, କିଆଖରେ, କୁମାରବସ୍ତ, ହାଜିପୁର, ଢେଙ୍କାନାଳ ଓ ଭାଲିଆବାଡ଼ି କ୍ରିକେଟ ଟିମ୍ ଭାଗନେବେ ବୋଲିଆୟୋଜକମାନେ ସୂଚନା ଦେଇଛନ୍ତି।

# ୨୦ରୁ ଉର୍ଦ୍ଧ୍ୱ ବ୍ଲାକ୍‌ସ୍ପଟ୍ ଚିହ୍ନଟ

ଖୋର୍ଦ୍ଧା/ନିରାକାରପୁର,୩।୧୨ (ପ୍ରଭାତ ପାଣିଗ୍ରାହୀ/ ମାନସ ଚନ୍ଦ୍ର ପଟ୍ଟନାୟକ)

**ଜିଲାସ୍ତରୀୟ ସଡ଼କ ସୁରକ୍ଷା ସମୀକ୍ଷା**
- ଲାଗିବ ସାଇନ୍‌ବୋର୍ଡ, ଚେକିଂ ହେବ ଜୋର୍‌ଦାର
- ନିୟମ ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଏସ୍‌ପି


ଏସ୍‌ପି ବିବେକାନନ୍ଦ ଶର୍ମା ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ଖୋର୍ଦ୍ଧା ଜିଲାକୁ ସଂଯୋଗ କରୁଛି ଭୁବନେଶ୍ୱର-ଚେନ୍ନାଇ ୧୬ନମ୍ବର ଏବଂ ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥ। ଏହି ଦୁଇ ରାଜପଥରେ ଦୈନିକ ଦୁର୍ଘଟଣା ଘଟୁଛି। ଖୋର୍ଦ୍ଧା ଜିଲାରେ ଦୁର୍ଘଟଣା ହାର ହ୍ରାସ ପାଇଁ ଏସ୍‌ପି ବିବେକାନନ୍ଦ ଶର୍ମା ବୁଧବାର ଜିଲାସ୍ତରୀୟ ରୋଡ୍ ସୁରକ୍ଷା ସମୀକ୍ଷା କରିଛନ୍ତି। ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଯାଇଛି। ଏ ସଂକ୍ରାନ୍ତରେ ଜିଲା ପ୍ରଶାସନ, ଆଞ୍ଚଳିକ ପରିବହନ ବିଭାଗ, ପୂର୍ତ୍ତ ବିଭାଗ, ଜାତୀୟ ରାଜପଥ ପ୍ରାଧିକରଣ ଏବଂ ସଡ଼କ ସୁରକ୍ଷା ଅଭିଯାନ କର୍ତ୍ତୃପକ୍ଷ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ରାଜପଥର ବିଭିନ୍ନ ସ୍ଥାନରେ ଘଟୁଥିବା ଦୁର୍ଘଟଣାର କାରଣ ଓ ଏହାର ନିରାକରଣ ଉପରେ ଆଲୋଚନା ହୋଇଥିଲା। ଏହି ସ୍ଥଳ ସବୁ ପରିଦର୍ଶନ ପରେ ଆବଶ୍ୟକ ସ୍ଥାନରେ ପ୍ରତିରୋଧମୂଳକ ବ୍ୟବସ୍ଥା ସହ ଯେପରି ଯାତ୍ରା ସମୟରେ ଯାତ୍ରୀଙ୍କ ସମସ୍ୟା ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପଯୁକ୍ତ ସଂକେତ ଫଳକ, ଗତିସୀମା ପାଳନରେ କଟକଣା ଓ ସଡ଼କ ଯାନ୍ତ୍ରିକ ତ୍ରୁଟି ସୁଧାରକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ସମନ୍ୱୟ, ଅଧିକ କଡ଼ା ଆଇନ, ସଚେତନତା ଅଭିଯାନ ଉପରେ ଏସ୍‌ପି ଗୁରୁତ୍ୱ ଦେଇଥିଲେ। ସମସ୍ତ ଯାତ୍ରୀଙ୍କ ପାଇଁ ସୁରକ୍ଷିତ, ସ୍ଥିର ଓ ସହଜ ଯାତାୟାତ ସୁନିଶ୍ଚିତ କରିବା ପାଇଁ ନିରୀକ୍ଷଣ ଉପରେ ପ୍ରତିବଦ୍ଧତା ଜରୁରୀ ବୋଲି ଏସ୍‌ପି କହିଛନ୍ତି।

ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାଫଲ୍ୟ ମଣ୍ଡିତ ପ୍ରଧାନ, ବୋଲଗଡ଼ ତହସିଲଦାର ବିଜୟ ସେଠୀ, ବେଗୁନିଆ ତହସିଲଦାର ତାପସ ବିଶି, ଖୋର୍ଦ୍ଧା ଅତିରିକ୍ତ ତହସିଲଦାର ଡି.ଗୋପାଳ ରେଡ୍ଡୀ, ଅତିରିକ୍ତ ଏସ୍‌ପି ଅନାଦି ଚରଣ ସେଠୀ, ସଦର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ, ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ, ଜଙ୍କିଆ ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରା ଏବଂ ଅନ୍ୟ ଥାନାର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ପିଙ୍କ ନେତୃତ୍ୱରେ ଜିଲାସ୍ତରୀୟ ରୋଡ୍ ସୁରକ୍ଷା ସମୀକ୍ଷା ଟିମ୍ ଜାତୀୟ ରାଜପଥ ୧୬ ନମ୍ବର ଅନ୍ତର୍ଗତ ଖୋର୍ଦ୍ଧା ଆଦର୍ଶ ଥାନା, ଶିଳ୍ପାଞ୍ଚଳ, ସଦର, ଜଙ୍କିଆ ଓ ନିରାକାରପୁର ପୋଲିସ ଥାନା ଅଞ୍ଚଳର ଦୁର୍ଘଟଣାପ୍ରବଣସ୍ଥଳଗୁଡ଼ିକ ପରିଦର୍ଶନ କରିଥିଲେ। ସେଠାରୁ ୫୭ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ଆଦର୍ଶ ଥାନା, ବାଘମାରୀ, ବୋଲଗଡ଼ ଓ ବେଗୁନିଆ ଥାନା ଅଞ୍ଚଳରେ ସମୀକ୍ଷାକାଳୀନ ଟିମ୍ ଗୁରୁତ୍ୱପୂର୍ଣ୍ଣ 'ବ୍ଲାକ୍‌ସ୍ପଟ' ଚିହ୍ନଟ ସହ ପୁନଃ ଦୁର୍ଘଟଣା ଘଟୁଥିବାର ପ୍ରମୁଖ କାରଣ ସମୀକ୍ଷା କରାଯାଇଥିଲା। ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଯାଇଛି। ସ୍ଥାନ ସମୀକ୍ଷା ସମୟରେ ଏସ୍‌ପି ଅଧିକାରୀମାନଙ୍କୁ ନିରାକରଣ ଉପାୟ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରୋଡ୍ ସାଇନବୋର୍ଡ, ଦ୍ରୁତଗତି ନିୟନ୍ତ୍ରଣ ବ୍ୟବସ୍ଥା ଓ ଯାନ୍ତ୍ରିକ ତ୍ରୁଟିର ସୁଧାର ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଏହାଦ୍ୱାରା ଯାତ୍ରୀଙ୍କ ପାଇଁ ସୁରକ୍ଷିତ ଯାତାୟାତ ସୁନିଶ୍ଚିତ କରାଯାଇପାରିବ। ଭୁବନେଶ୍ୱର ଛକଠାରୁ ବାଣପୁର ବାଇପାସ ମଧ୍ୟରେ ଖଣ୍ଡଗିରି ଛକ, ଜାଁହା, ପିତାପଲ୍ଲୀ ଛକ, ଜଟଣୀ ବାଇପାସ୍, ପ୍ରାଣନାଥ କଲେଜ ଛକ, ଜିଲାପାଳଙ୍କ କାର୍ଯ୍ୟାଳୟ, ତୋଟାପଡା ଛକ, ଦଳେଇପୁଟ ଛକ, ତାପଙ୍ଗ ଛକ, ଓସିଏ ଛକ, ଦଧିମାଛଗାଡ଼ିଆ ଛକ, ମଳିପଡ଼ା, ରାମେଶ୍ୱର ଛକ, ଟାଙ୍ଗୀ, କୁହୁଡ଼ି, ବାଣପୁର ଓ ବାଲୁଗାଁ ବାଇପାସ୍ ମଧ୍ୟରେ ଦୈନିକ ଦୁର୍ଘଟଣା ଘଟୁଛି। ସେପଟେ ୫୭ନମ୍ବର ରାଜପଥ ଅନ୍ତର୍ଗତ ଚଣ୍ଡିଚୁଆ ଛକ, ମେଡିକାଲ ଛକ, ଚିଙ୍ଗୁଡି ଝର, ତରତୁଆ, ଶରଧାପୁର ଛକ, ଜାଗୁଳିପାଟଣା, ପୁରୁସାହି, ଜନମଙ୍ଗଳ ଛକ, ସାରୁଅ, ବାଘମାରୀ ଛକ, ବାଘମାରୀ ଠାରୁ ବୋଲଗଡ଼, ବେଗୁନିଆ, ରାଜସୁନାଖଳା ପ୍ରଭୃତି ଛକ ବିପଦସଙ୍କୁଳ ପାଲଟିଛି। ଏନେଇ ଏସ୍‌ପି ବିବେକାନନ୍ଦ ଶର୍ମା କହିଛନ୍ତି, ରାଜ୍ୟ ସରକାର ଶୂନ୍ୟ ଅଘଟଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଖୋର୍ଦ୍ଧା ପୋଲିସ ପକ୍ଷରୁ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ ଲକ୍ଷ୍ୟରେ ରାଜପଥରେ ନିୟମିତ ଚେକିଂ, ବ୍ଲକିଂ କରାଯାଉଛି। ମଦ୍ୟପାନ କରି ଗାଡ଼ିଚାଳନା, ଟ୍ରାଫିକ ନିୟମ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଯାତ୍ରୀଙ୍କ ସୁରକ୍ଷା, ଦୁର୍ଘଟଣା-ପ୍ରବଣ ଅଞ୍ଚଳ ଉପରେ ଅଧିକ ଫୋକସ କରାଯିବ।

## ଆମ ସେବା କେନ୍ଦ୍ରର ଭିଏଲ୍‌ଇଙ୍କୁ ପ୍ରଶିକ୍ଷଣ


ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସହ ଭିଏଲ୍‌ଇମାନେ।

ନିରାକାରପୁର,୩।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ୍‌ର ୨୬ ପଞ୍ଚାୟତରେ ଥିବା 'ଆମ ସେବା କେନ୍ଦ୍ର'ର ଗ୍ରାମସ୍ତରୀୟ ଉଦ୍ୟୋଗୀ (ଭିଏଲଇ)ମାନଙ୍କୁ ନେଇ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ବୁଧବାର ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରସ୍ଥ ଆମ ସେବା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆମ ସେବା କେନ୍ଦ୍ରର ପରିଚାଳକ ମାନସ ଚନ୍ଦ୍ର ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ସହଜର ଜିଲା ପରିଚାଳକ ଏସ୍.କେ. ମୁଣ୍ଡୀ ଉପସ୍ଥିତ ରହି ଭିଏଲଇମାନଙ୍କୁ ପ୍ରଶିକ୍ଷଣ ଦେବା ସହିତ ଆଗାମୀ ଦିନରେ ସହଜ ଓ ଆମ ସେବାକେନ୍ଦ୍ର କିଭଳି ଶକ୍ତିଶାଳୀ ହୋଇ ଭଲ ରୋଜଗାର ଦେଇପାରିବ ସେ ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଭିଏଲ୍‌ଇ ପଦ୍ମଚରଣ ସାମନ୍ତରାୟ, ସୁଦର୍ଶନ ପାଇକରାୟ, ଅକ୍ଷୟ କୁମାର ରାଉତ, ବିନୋଦ କୁମାର ବଳିୟାରସିଂହ, ଗଣେଶ କୁମାର ସାହୁ, ଚକ୍ରଧର ପାଇକରାୟ, ଲକ୍ଷ୍ମୀପ୍ରିୟା ନାୟକ, ମଳୟ ରଞ୍ଜନ ରାଉତରାୟ, ସୁଶାନ୍ତ କୁମାର ପଟ୍ଟନାୟକ, ମହେନ୍ଦ୍ର କୁମାର ପ୍ରଧାନ, ଅକ୍ଷୟ କୁମାର ସାହୁ ଏବଂ ରାଜୀବ ପ୍ରଧାନ ପ୍ରମୁଖ ଜିଲାପରିଚାଳକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଟାଙ୍ଗୀ ବ୍ଲକ୍‌ସ୍ତରୀୟ ଦିବ୍ୟାଙ୍ଗ ଦିବସ ପାଳିତ



ଗାଁ ପରିକ୍ରମା ପାଇଁ ବାହାରିଥିବା ଶୋଭାଯାତ୍ରା।

ଟାଙ୍ଗୀ,୩।୧୨ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ବୁଧବାର ଟାଙ୍ଗୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଶିକ୍ଷକ ପ୍ରଶାନ୍ତ କୁମାର ମହାପାତ୍ର, ରୋଜାଲିନ ମିଶ୍ର, ହୃଷୀକେଶ ପାଣିଗ୍ରାହୀ, କ୍ରୀଡ଼ା ଶିକ୍ଷକ ସୁନିଲ କୁମାର ତ୍ରିପାଠୀ, ତିଳୋତ୍ତମା ଜେନାଙ୍କ ନେତୃତ୍ୱରେ ସମସ୍ତ ପଞ୍ଚାୟତର ଦିବ୍ୟାଙ୍ଗ ଓ ସେମାନଙ୍କ ଅଭିଭାବକମାନଙ୍କୁ ନେଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ବିଦ୍ୟାଳୟରେ ଆୟୋଜିତ ବୈଠକରେ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୁଲତା ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡାକ୍ତର ମଧୁସୂଦନ ସେନାପତି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ ଶ୍ରୀଚନ୍ଦନ ଏବଂ ସିଆର୍‌ସିସି ଦେବାନନ୍ଦ ବେହେରା ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ କୁମୁଦିନୀ ସାହୁ ଧନ୍ୟବାଦ ଦେଇଥିଲେ।

## ଏଡ୍‌ସ ସଚେତନତା ଶୋଭାଯାତ୍ରା

କୃଷ୍ଣପ୍ରସାଦ,୩।୧୨ (କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡ଼ାସ୍ଥିତ ପଞ୍ଚାୟତ ସ୍ନାତକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ୟୁଥ ରେଡ୍‌କ୍ରସ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରକାଶ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାତପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଭାସ୍କର ଚନ୍ଦ୍ର ଜେନା ଯୋଗଦେଇ ଏଡ୍‌ସ ରୋଗର ଭୟାବହତା ଓ ନିରାକରଣ ସମ୍ପର୍କରେ ସଚେତନ କରିଥିଲେ। ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ଅଞ୍ଚଳ ପରିକ୍ରମା କରିବା ସହ ପଥଚାରୀମାନଙ୍କୁ ଏଡ୍‌ସ ସମ୍ବନ୍ଧୀୟ ଲିଫ୍‌ଲେଟ୍ ବଣ୍ଟନ କରିଥିଲେ। ଶୋଭାଯାତ୍ରାରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଅଧ୍ୟକ୍ଷ ଡ. ଜେନା ଅନୁଷ୍ଠାନ ପରିସରରେ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେହିପରି ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦଳାଇ, ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ, ୟୁଥ ରେଡ୍‌କ୍ରସ୍ କାଉନସେଲର ଅଧ୍ୟାପକ ପବିତ୍ର ମୋହନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ସଚେତନତା ଶୋଭାଯାତ୍ରା।

## ସାହିତ୍ୟ ସାଧକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ଅବଦାନ ଅତୁଳନୀୟ


ଅତିଥିଙ୍କ ଗହଣରେ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀମାନେ।

ବାଲୁଗାଁ,୩।୧୨ (ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ 'କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ସାରସ୍ୱତ ଦିଗ୍‌ବଳୟ' ଶୀର୍ଷକ ଜାତୀୟ ସମ୍ମାନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପୂର୍ବତନ ପ୍ରଫେସର ବିଜୟ କୁମାର ଶତପଥୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଳାବିକାଶ କେନ୍ଦ୍ରର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ମୁଖ୍ୟ ଅତିଥି, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ସାହିତ୍ୟ ବିଭାଗର ମୁଖ୍ୟ ଦିଲୀପ କୁମାର ସ୍ୱାଇଁ ମୁଖ୍ୟ ବକ୍ତା ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ସହକାରୀ ପ୍ରଫେସର ରଘୁନାଥ ଓଝା ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ଜୀବନୀ, ଖୋର୍ଦ୍ଧା ମାଟିର ବୀରତ୍ୱ ଗାଥା, ଓଡ଼ିଆ ଭାଷା ଓ ସାହିତ୍ୟ ଭଣ୍ଡାରକୁ କବିଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କର ସାହିତ୍ୟ ସାଧନା ଓଡ଼ିଶାର ସର୍ବଶ୍ରେଷ୍ଠ ସମ୍ପତ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାହିତ୍ୟ ବିଭାଗ ମୁଖ୍ୟ ଝରଣା ନାଥଙ୍କ ସମ୍ପାଦନାରେ ପ୍ରକାଶିତ ପ୍ରାଚୀର ପତ୍ରିକା 'ସ୍ପନ୍ଦନର ସ୍ୱର' ର ତୃତୀୟ ସଂସ୍କରଣ ଉନ୍ମୋଚନ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ସଭାପତିତ୍ୱ ଏବଂ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଧୋବିଚରଣ ପରିଡ଼ା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ଯୋଗଦେଇଥିବା ସୁସାହିତ୍ୟିକ, କବି ଏବଂ ଗାଳ୍ପିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଶାସନିକ ଅଧିକାରୀ, ଦର୍ଶନ ବିଭାଗର ମୁଖ୍ୟ ଡ.କୈଳାସ ଚନ୍ଦ୍ର ମହାରଣା ମଞ୍ଚ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଡ.ପୂର୍ଣ୍ଣ ଚନ୍ଦ୍ର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ସକ୍ଷମ ଭାରତ ସେବାଶ୍ରମର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ

ଝାଁଳା,୩।୧୨ (ବୁଲା ବାରିକ)

ଓଗାଳପଡ଼ାସ୍ଥିତ ସକ୍ଷମ ଭାରତ ସେବାଶ୍ରମର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ ବୁଧବାର ସ୍ଥାନୀୟ ଉତ୍କଳ ସେବା ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ଆବାହକ ବିଷ୍ଣୁପ୍ରସାଦ ଦଳେଇଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲାପାଳ ଦେବରାଜ ସେନାପତି ଯୋଗଦେଇ ଭିନ୍ନକ୍ଷମଙ୍କ ସେବାକୁ ପ୍ରକୃତ ମାଧବ ସେବା ଦର୍ଶାଇ ଅନୁଷ୍ଠାନର ଉତ୍ତରୋତ୍ତର କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜ ସଂସ୍କାରକ ରମାକାନ୍ତ ଦାସ, ରାଜ୍ୟ କୃଷି ପ୍ରଶିକ୍ଷଣ କେନ୍ଦ୍ରର ଅବସରପ୍ରାପ୍ତ ଅଧ୍ୟକ୍ଷ ତ୍ରିନାଥ ପାଣିଗ୍ରାହୀ, ଶିକ୍ଷକ ଲଲାଟେନ୍ଦୁ ମହାପାତ୍ର, ଆଇନ ପ୍ରାଧ୍ୟାପକ ଅମ୍ବରୀଶ ମଙ୍ଗରାଜ, ସାମାଜିକ କର୍ମୀ ଶରତ ସାହୁ ଯୋଗଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଭିନ୍ନକ୍ଷମ ଭଉଣୀ ଭାଇଙ୍କୁ କମ୍ବଳ, ଶାଢ଼ି, ହ୍ୱିଲ ଚେୟାର, ଆଶାବାଡ଼ି ଇତ୍ୟାଦି ବଣ୍ଟନ କରାଯାଇଥିଲା। ସମସ୍ତ ବ୍ୟବସ୍ଥା ପାଇଁ ଅନୁଷ୍ଠାନର କର୍ମକର୍ତ୍ତା ସିଦ୍ଧାର୍ଥ ଦାସ, ସୁଦର୍ଶନ ସାମଲ ଓ ଦେବବ୍ରତ ଦଳେଇ ସହଯୋଗ କରିଥିଲେ। ସଭାରେ ବାଉରୀବନ୍ଧୁ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ଶେଷରେ କାମିନୀକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

## ବୋଲଗଡ଼ ମଣ୍ଡଳରେ ସ୍କାଉଟ୍ସ ଓ ଗାଇଡ୍ସ ପ୍ରଶିକ୍ଷଣ

ବୋଲଗଡ଼,୩।୧୨ (ଦେବବ୍ରତ ହୋତା)

ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ପିଚୁକୁଲିସ୍ଥିତ ରଘୁନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସୁଧୀର କୁମାର ସେଠୀଙ୍କ ପୌରୋହିତ୍ୟରେ ବୋଲଗଡ଼ ମଣ୍ଡଳସ୍ତରୀୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ପୂର୍ବତନ ଖୋର୍ଦ୍ଧା ଜିଲା ସ୍କାଉଟ କମିଶନର ପୀତବାସ ପଟ୍ଟନାୟକ ଉଦ୍‌ଘାଟନ କରି ଯୁବବର୍ଗଙ୍କୁ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ିତୋଳୁଛି ସ୍କାଉଟ୍ସ ଓ ଗାଇଡ୍ସ ବୋଲି କହିଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁଙ୍କ ବେଦ ମନ୍ତ୍ର ପାଠ ସହ ପୂଜାର୍ଚ୍ଚନା ପରେ ଆୟୋଜିତ ଉତ୍ସବରେ ବୋଲଗଡ଼ ମଣ୍ଡଳ ସ୍କାଉଟ୍ସ ଓ ଗାଇଡ୍ସର ସମ୍ପାଦକ ରବୀନ୍ଦ୍ର ବେହେରା, ଉପସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ବେହେରା, ଅଶୋକ କୁମାର ଦାସ, ଯୁଗ୍ମ ସମ୍ପାଦିକା ଶୁଭଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍କାଉଟ୍ସ ଓ ଗାଇଡ୍ସ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ପଟ୍ଟନାୟକ ବ୍ଲକର ସରକାରୀ ଓ ବେସରକାରୀ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ୬୨ଜଣ ସ୍କାଉଟ୍ସ ଓ ଗାଇଡ୍ସଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆସନ୍ତା ୧୧ ତାରିଖରେ ଖୋର୍ଦ୍ଧା ବିଜେବି ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ କ୍ୟାମ୍ପୋରିରେ ୧୪ଟି ପ୍ରତିଯୋଗିତା ପାଇଁ ୨୬ଜଣ ସ୍କାଉଟ୍ସ ମାଷ୍ଟର ଓ ଗାଇଡ୍ସ କ୍ୟାପଟେନମାନେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରସ୍ତୁତି କରିବାକୁ ନିଯୁକ୍ତ ହୋଇଥିବା ବେଳେ ଅସରଳା ହରିହର ବିଦ୍ୟାପୀଠ ପ୍ରଧାନଶିକ୍ଷକ କ୍ଷେତ୍ରମୋହନ ରଣା ଏବଂ କମିଟି ସଭ୍ୟାସଭ୍ୟମାନେ ପ୍ରତିଯୋଗିତାର ବିଭିନ୍ନ ଇଭେଣ୍ଟ ଅନୁଯାୟୀ ସେମାନଙ୍କୁ ଦାୟିତ୍ୱ ବଣ୍ଟନ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ପ୍ଲାଷ୍ଟିକ୍, ପଲିଥିନ୍‌କୁ ନା କହିଲେ ପରିବେଶ ସୁରକ୍ଷିତ ରହିବ

ଖୋର୍ଦ୍ଧା,୩।୧୨ (ପ୍ରଭାତ ପାଣିଗ୍ରାହୀ)

**ଜିଲାସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବାଲ୍ ବିଜ୍ଞାନ ମେଳା**



ଉତ୍ସବରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ଓ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଜିଲାସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବାଲ୍ (ଶିଶୁ) ବୈଜ୍ଞାନିକ ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲାର ୧୦ଟି ବ୍ଲକ୍ ଓ ଭୁବନେଶ୍ୱର ମହାନଗର ନିଗମକୁ ନେଇ ୬୬ଟି ପ୍ରକଳ୍ପ ଏବଂ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୬୮ଟି ପ୍ରକଳ୍ପ ସ୍ଥାନ ପାଇଥିଲା।

ଚଳିତବର୍ଷର ମୁଖ୍ୟ ବାର୍ତ୍ତା 'ଆମେ କିପରି ପ୍ଲାଷ୍ଟିକ୍‌ର ବ୍ୟବହାର କମାଇ ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା' ଉପରେ ବିଜ୍ଞାନ ଶିକ୍ଷକମାନଙ୍କୁ ନେଇ ଏକ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଥିଲା। ପ୍ଲାଷ୍ଟିକ ଓ ପଲିଥିନ୍‌କୁ ନା କହିଲେ ପରିବେଶ ସୁରକ୍ଷିତ ରହିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ମେଳାକୁ ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଉଦ୍‌ଘାଟନ କରି ଜିଜ୍ଞାସା ଓ ବୈଜ୍ଞାନିକ ମନୋଭାବ ରଖି ଆଗକୁ ବଢ଼ିବାକୁ ଶିଶୁ ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ନିଜ ପାଖରେ ଥିବା ସମ୍ବଳର ବ୍ୟବହାର କରି ନୂତନ ଆବିଷ୍କାର ବଡ଼ ଉପଲବ୍ଧି ହେବ। ପିଲାଙ୍କ ଭିତରେ ଥିବା ବୈଜ୍ଞାନିକ ଭାବକୁ ପରିପ୍ରକାଶ କରିବା ଦିଗରେ ବିଜ୍ଞାନ ଶିକ୍ଷକଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ରାୟ କହିଥିଲେ।

ଅପରାହ୍ଣରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଜାତୀୟ ବିଜ୍ଞାନ ଓ ଶିକ୍ଷା ଗବେଷଣା ସଂସ୍ଥାନ (ନାଇଜର)ର ପଦାର୍ଥ ବିଜ୍ଞାନ ପ୍ରଫେସର ତପନ ମିଶ୍ର ଯୋଗଦେଇ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ବୁଲି ଦେଖିବା ସହ ଉତ୍ସାହିତ କରିଥିଲେ। ସମୃଦ୍ଧ ଭାରତର ସ୍ୱପ୍ନକୁ କୁନି ବୈଜ୍ଞାନିକ ସାକାର କରିପାରିବେ। ଏଥିଲାଗି ନିରନ୍ତର ପ୍ରୟାସ ଓ ଏକାଗ୍ରତା ରଖ, ବିଫଳତାରୁ ସଫଳତା ମିଳିଥାଏ ବୋଲି ସେ କହିଥିଲେ। ନିଜ ଆତ୍ମବିଶ୍ୱାସ ଦୃଢ ରଖି ଆଗକୁ ବଢ଼ିବାକୁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ, ଜଟଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି, ଚିଲିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦ୍ୱାରିକାନାଥ ବେହେରା, ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ରଥ, ବାଲିଅନ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତ ବତ୍ସଳ ମହାପାତ୍ର, ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ ଏବଂ ବିଜେବି ହାଇସ୍କୁଲ ପ୍ରଧାନଶିକ୍ଷକ ବିଭୂପ୍ରସାଦ ସେନାପତି ଯୋଗଦେଇଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରଯାଇଥିଲା। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦିଲୀପ କୁମାର ମୁଦିଙ୍କ ସମେତ କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ, ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

**ଚୋରି ସାମଗ୍ରୀ ସହ ୨ ଗିରଫ**

କଟକ ସଦର,(ସୁଶାନ୍ତ କୁମାର ଜେନା): କିଶନନଗର ଥାନା ପୋଲିସ ବୁଧବାର ଘରୁ ଚୋରି କରିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ ନାରଦା ଗ୍ରାମର ଶୁଭ୍ରାଂଶୁ ଶେଖର ମଲ୍ଲିକ (୩୨) ଓ ଟିକିନା ଭୋଇ (୩୫)। ପୋଲିସ ସେମାନଙ୍କଠାରୁ ପାଣି ମୋଟର, ଇନଭର୍ଟର, ୱାଟର ଫିଲଟର, ପଙ୍ଖା ଆଦି ଚୋରି ସାମଗ୍ରୀ ଜବତ କରିଥିଲା। ଘରେ କେହି ନ ଥିବା ବେଳେ ଉଭୟ ଅତି ଚତୁରତାର ସହିତ ବିଭିନ୍ନ ସାମଗ୍ରୀ ଚୋରି କରିଥିଲେ। ଗତ ସେପ୍ଟେମ୍ବର ୩ରେ ଏକ ଘରୁ ଅଭିଯୁକ୍ତମାନେ ଚୋରି କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୨୨୫/୨୫) ରୁଜୁ ହୋଇଛି।

# 'ମସ୍ତିଷ୍କ ପକ୍ଷାଘାତ ଭିନ୍ନକ୍ଷମଙ୍କୁ ମିଳିବ ସ୍ୱତନ୍ତ୍ର ଟ୍ରାଇସାଇକେଲ'

କଟକ,୩।୧୨(କାର୍ତ୍ତିକ ସାହୁ)



ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟ ଅତିଥି।

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ**

ଦିବ୍ୟାଙ୍ଗମାନେ ସମାଜର ମୁଖ୍ୟସ୍ରୋତର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେମାନେ ନିଜକୁ କୌଣସି ଗୁଣରେ କମ ଭାବିବା ଉଚିତ ନୁହେଁ। ଜୀବନରେ ଯେକୌଣସି ସମସ୍ୟାର ମୁକାବିଲା ନିମନ୍ତେ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରାଇବା ଉଚିତ୍। ଅନ୍ତର୍ଭୁକ୍ତି ଏବଂ ଅଭିଗମ୍ୟତା ଦ୍ୱାରା ଭିନ୍ନକ୍ଷମମାନଙ୍କ ସଶକ୍ତୀକରଣ ସମ୍ଭବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯାଉଛି। ସେମାନଙ୍କୁ ଆତ୍ମନିର୍ଭର କରାଇବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ଖୁବଶୀଘ୍ର ଜିଲାର ସମସ୍ତ ମସ୍ତିଷ୍କ ପକ୍ଷାଘାତ ଭିନ୍ନକ୍ଷମମାନଙ୍କୁ ସ୍ୱତନ୍ତ୍ର ଟ୍ରାଇସାଇକେଲ ପ୍ରଦାନ କରାଯିବ ବୋଲି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବୁଧବାର ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ କାର୍ଯ୍ୟକ୍ରମରେ କହିଛନ୍ତି। ଜିଲା ପ୍ରଶାସନ ଏବଂ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ କାର୍ଯ୍ୟାଳୟ ପକ୍ଷରୁ ବାରବାଟୀ ପ୍ୟାଲେସଠାରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଜିଲାର ବିଭିନ୍ନ ଭିନ୍ନକ୍ଷମମାନଙ୍କୁ ହ୍ୱିଲଚେୟାର ବଣ୍ଟନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଡ. ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଦିବ୍ୟାଙ୍ଗମାନଙ୍କ ଉନ୍ନତି ପାଇଁ ଉତ୍ସର୍ଗୀକୃତ ମନୋଭାବ ସହ କାମ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରସନ୍ନ କୁମାର ହୋତା, ଆଇଡି ସଂଯୋଜକ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଦିବ୍ୟାଙ୍ଗମାନେ ନିଜର ସ୍ୱତନ୍ତ୍ର ଗୁଣ ସମ୍ପର୍କରେ ଅବଗତ ହୋଇ ସେହି ଗୁଣକୁ ବିକଶିତ କରି ଭିନ୍ନକ୍ଷମତାକୁ ଅତିକ୍ରମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜାତୀୟ ପାରା ସ୍ପୋର୍ଟ୍ସ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ନିଶ୍ଚିନ୍ତକୋଇଲିର ପ୍ରଦୀପ୍ତ କୁମାର ସ୍ୱାଇଁଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଭିନ୍ନକ୍ଷମ ଛାତ୍ରୀଛାତ୍ର ଓ ସେମାନଙ୍କ ପିତାମାତାଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଓ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଅବସରରେ ସକାଳେ ବାରବାଟୀ ଷ୍ଟାଡିୟମର ସଚିନ ତେନ୍ଦୁଲକର କମ୍ପ୍ଲେକ୍ସଠାରୁ ଏକ ରାଲି ବାହାରି ବାରବାଟୀ ପ୍ୟାଲେସ ପର୍ଯ୍ୟନ୍ତ ଯାଇଥିଲା। ଏହି ରାଲିରେ ଜିଲାର ୧୩ଟି ସ୍ୱତନ୍ତ୍ର ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଭାଗ ନେଇଥିଲେ।

## ଡିଏମ୍ଏକ୍ସ ଶୋ'କୁ ନେଇ ଦ୍ୱନ୍ଦ୍ୱ

କଟକ,୩।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ପ୍ରଥମଥର ନିମନ୍ତେ ବାରବାଟୀରେ ଡିଏମ୍ଏକ୍ସ ଶୋ' ଲାଗି ଯୋଜନା କରାଯାଇଛି। ହେଲେ ଏବେ ଏହି ଡିଏମ୍ଏକ୍ସ ଶୋ' ପାଇଁ ହୋଇଥିବା ଘୋଷଣାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଚଳିତ ବର୍ଷ ଫେବୃଆରୀରେ ଭାରତ-ଇଂଲଣ୍ଡ ଦିନିକିଆ ମ୍ୟାଚ୍ ବେଳେ ଫ୍ଲଡ୍‌ଲାଇଟ୍ ତ୍ରୁଟି ଯୋଗୁ ବାରବାଟୀ ଲଜ୍ଜିତ ହୋଇଥିଲା। ଏଣୁ ଫ୍ଲଡ୍‌ଲାଇଟ୍ ଭରସାରେ ଶୋ' କରାଯିବାକୁ ନେଇ ଏବେ ଓସିଏ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରୁନାହିଁ। ସୂଚନାଯୋଗ୍ୟ, ଡିଏମ୍ଏକ୍ସ ଶୋ'ରେ ସଙ୍ଗୀତର ତାଳେ ତାଳେ ଫ୍ଲଡ୍‌ଲାଇଟ୍ ଜରିଆରେ ମ୍ୟାଚ୍ ପୂର୍ବରୁ ଏବଂ ଇନିଂସ୍ ମଧ୍ୟରେ ଏହି କାର୍ଯ୍ୟକ୍ରମ ପରିବେଷଣ କରାଯିବାର ଯୋଜନା ରହିଛି।

## ଶ୍ରୀ ସିମେଣ୍ଟର ନୂତନ ଉତ୍ପାଦ 'ବାଙ୍ଗୁର ମାର୍ବଲ ସିମେଣ୍ଟ' ବଜାର ପ୍ରବେଶ



'ବାଙ୍ଗୁର ମାର୍ବଲ ସିମେଣ୍ଟ' ବଜାର ପ୍ରବେଶ ଅବସରରେ ଉପସ୍ଥିତ ଅତିଥି।

ଖୁଣ୍ଟୁଣୀ,୩।୧୨(ସଚ୍ଚିଦାନନ୍ଦ ପଣ୍ଡା)

ଦେଶର ସିମେଣ୍ଟ ବଜାରରେ ଆଜି ଉତ୍କୃଷ୍ଟ ମାନର ସିମେଣ୍ଟ ପ୍ରବେଶ କରିଛି। କଟକ ଜିଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଚନ୍ଦ୍ରାବଳୀଶ୍ୟାମପୁରଠାରେ ପ୍ରତିଷ୍ଠିତ ଦେଶର ଅନ୍ୟତମ ଅଗ୍ରଣୀ ସିମେଣ୍ଟ ଉତ୍ପାଦ କମ୍ପାନୀ ଶ୍ରୀ ସିମେଣ୍ଟ ବୁଧବାର ମଧ୍ୟାହ୍ନରେ ଓଡ଼ିଶା ବଜାରରେ ତାର ନୂତନ ଉତ୍ପାଦିତ ବ୍ରାଣ୍ଡ 'ବାଙ୍ଗୁର ମାର୍ବଲ ସିମେଣ୍ଟ'କୁ ଉନ୍ମୋଚନ କରାଯାଇଛି। ଶ୍ରୀ ସିମେଣ୍ଟର ପ୍ରଡକ୍ଟ ୟୁନିଟ ଓଡ଼ିଶା ସିମେଣ୍ଟ ପ୍ଲାଣ୍ଟ ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ପ୍ଲାଣ୍ଟର ୟୁନିଟ ହେଡ୍ ଦିପେନ୍ଦ୍ର ଭରଦ୍ୱାଜ, ପବନ ଖାରେ, ରବୀନ୍ଦ୍ର ପାଢ଼ୀ ପ୍ରମୁଖ ଶ୍ରୀ ସିମେଣ୍ଟର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଶ୍ରୀ ସିମେଣ୍ଟର ଉତ୍ପାଦିତ ଏହି ନୂଆ ବ୍ରାଣ୍ଡ 'ବାଙ୍ଗୁର ମାର୍ବଲ ସିମେଣ୍ଟ'କୁ ପୂଜାର୍ଚ୍ଚନା କରିବା ପରେ ଓଡ଼ିଶା ବଜାରରେ ପ୍ରଥମ କରି ପ୍ରବେଶ କରିବାର ଶୁଭାରମ୍ଭ କରିଥିଲେ। ଏହି ନୂତନ ସିମେଣ୍ଟ ଅନ୍ୟ ସିମେଣ୍ଟଠାରୁ ଖୁବ ଉତ୍କୃଷ୍ଟ ମାନର ଓ ଉତ୍ତମ ଗୁଣବତ୍ତା ସମ୍ପନ୍ନ ହୋଇଥିବାରୁ ଏହା ଖୁବଶୀଘ୍ର ଓଡ଼ିଶା ଜନସାଧାରଣଙ୍କ ମଧ୍ୟରେ ଆସ୍ଥାଭାଜନ ହୋଇ ପାରିବ ବୋଲି ପ୍ଲାଣ୍ଟ ମୁଖ୍ୟ ଭରଦ୍ୱାଜ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ସିମେଣ୍ଟ ଲୋକ ସମ୍ପର୍କ ଅଧିକାରୀ ପ୍ରଶାନ୍ତ କୁମାର ପୂଜାରୀ, କାରଖାନାର ଅନ୍ୟାନ୍ୟ ଅଫିସର କର୍ମଚାରୀ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଉତ୍ପାଦନର ପ୍ରଥମ ଦିନରେ ଶ୍ରୀ ସିମେଣ୍ଟର ଘଣ୍ଟିଖାଲ ପ୍ଲାଣ୍ଟରୁ ୧ ହଜାର ଟନ, ପ୍ରାୟ ୨୦ ହଜାର ପ୍ୟାକେଟ ସିମେଣ୍ଟକୁ କମ୍ପାନୀର ପଞ୍ଜୀକୃତ ବିଭିନ୍ନ ଡିଲରଙ୍କ ନିକଟକୁ ପଠାଯାଇଥିବା ସୂଚନା ମିଳିଛି।

**ସଂକ୍ଷେପରେ**

### ଜନଶୁଣାଣି ପୋର୍ଟାଲରେ ଦୀଘମାସ ହେବ ଅଭିଯୋଗ ବିଚାରାଧୀନ

କଟକ ସଦର,୩।୧୨(ସୁଶାନ୍ତ କୁମାର ଜେନା)

ଜନଶୁଣାଣି ପୋର୍ଟାଲ ଅଭିଯୋଗର ତଦନ୍ତ ରିପୋର୍ଟ ଅପଲୋଡ କରୁ ନ ଥିବା ଅଧିକାରୀମାନଙ୍କ ଦରମା ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ କଟକ ଜିଲାରେ କେତେଜଣ ଅଧିକାରୀଙ୍କ ଦରମା ବନ୍ଦ କରାଯାଇଛି। ମାତ୍ର କିଶନନଗର ତହସିଲ ଅନ୍ତର୍ଗତ ବାରଦା ଗ୍ରାମର ଅରୂପ ଦତ୍ତ ନାମକ ବ୍ୟକ୍ତି ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଏକ ଅଭିଯୋଗ ଦାଖଲ କରିଥିଲେ। ଦୀର୍ଘ ମାସ ବିତିଯାଇଥିଲେ ସୁଦ୍ଧା ଏହା ଅଦ୍ୟାବଧି ବିଚାରାଧୀନ ରହିଛି। ଡିଏମ୍ ୨୦୨୫୧୧୪୫୬୩/୨୭।୩।୨୦୨୫ ନମ୍ବରରେ ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ରିପୋର୍ଟ ଆଜିପର୍ଯ୍ୟନ୍ତ ଅପଲୋଡ ହୋଇନାହିଁ। ଏପରିକି ଅଭିଯୋଗକାରୀଙ୍କୁ ମଧ୍ୟ କୌଣସି ସୂଚନା ଦିଆଯାଇ ନାହିଁ ବୋଲି ଦତ୍ତ କହିଛନ୍ତି। ଜିଲାପାଳ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଜଣକ ନିବେଦନ କରିଛନ୍ତି।

### ଶ୍ରମିକ ନେତା ବନମାଳୀ ଦାସଙ୍କ ଶ୍ରାଦ୍ଧୋତ୍ସବ

ଚୌଦ୍ୱାର,୩।୧୨(ଆଶୁତୋଷ ଦାସ)

ପୌରପାଳିକା ୧୧ ନଂ. ୱାର୍ଡ ଓଟିଏମ୍ କଲୋନୀରେ ବିଶିଷ୍ଟ ଶ୍ରମିକ ନେତା ସ୍ୱର୍ଗତ ବନମାଳୀ ଦାସଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଆଡ୍‌ଭୋକେଟ ସରିତା ଦାସଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ, ସମ୍ପାଦକ ଦିବ୍ୟଜ୍ୟୋତି ପାଣି, ଡା. ପୀତାମ୍ବର ରାଉତରାୟ, ମାନସ ରଞ୍ଜନ ସାମଲ, ଆଡ୍‌ଭୋକେଟ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ଅଧ୍ୟାପକ ପ୍ରଦୀପ ଦାସ, ଆଇନଜୀବୀ ମାନସ ରଞ୍ଜନ ଧଳ ପ୍ରମୁଖ ସ୍ୱର୍ଗତ ଦାସଙ୍କ ଜୀବନାଦର୍ଶ ଓ କାର୍ଯ୍ୟଶୈଳି ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସବିତା ଦାସ, ସୁଜାତା ଦାସ, ଜେ.କେ.ଦାସ, ସୁନୀତା ଦାସ, ମଳୟ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଉ

କଣ୍ଟାପଡ଼ା,୩।୧୨(ସୁରନାରାୟଣ ସାହୁ)





ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ଜଣେ ଭିନ୍ନକ୍ଷମ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ଏସ୍‌ଭି ନିରତାରରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ**

କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନ କଟକ ଜିଲା ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ ସଂସ୍ଥାନ ଏସ୍‌ଭି ନିରତାରରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୫ ବୁଧବାର ପାଳିତ ହୋଇଯାଇଛି। ଅନୁଷ୍ଠାନ ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କ୍ୟାପିଟାଲ ହସ୍ପିଟାଲର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଚିତ୍ତରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଗୁରୁତ୍ୱାରୋପ କରିଥିଲେ। ବୈଷୟିକ ଉପନିର୍ଦ୍ଦେଶକ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ଡାକ୍ତର ମହାନ୍ତି ଅନୁଷ୍ଠାନର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଉପରେ ଉପସ୍ଥିତ ଦିବ୍ୟାଙ୍ଗ ଭଉଣୀଭାଇମାନଙ୍କୁ ସୂଚନା ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ହୋଇଥିବା ବିଭିନ୍ନ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଦିବ୍ୟାଙ୍ଗ ଭଉଣୀଭାଇମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ ସେମାନଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ଜାତୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ପାଇଥିବା ଲିଟନ ସାହୁ, ବଳରାମ ସ୍ୱାଇଁ ଓ ବିକାଶ ବରାଳଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପନିର୍ଦ୍ଦେଶକ ଇଂ ସତ୍ୟଜିତ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିବା ସହ ଅନୁଷ୍ଠାନର କର୍ମଚାରୀ ଏବଂ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଜନ ଠକେଇ: ୨ ବର୍ଷରେ ୧୫୩ ମାମଲା

ଭୁବନେଶ୍ୱର,୩।୧୨(ସତ୍ୟଜିତ ରାଉତ)

**୩ ଲକ୍ଷ ୧୨ ହଜାର ୩୨୬ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ାଉ**

ଅସାଧୁ ବ୍ୟବସାୟୀମାନେ ମାପ ଏବଂ ଓଜନରେ ଚଞ୍ଚକତା କରି ରାଜ୍ୟର ସାଧାରଣ ଖାଉଟିଙ୍କୁ ଠକୁଛନ୍ତି। ଏଥିସହ ବିଭିନ୍ନ ଭାବେ ମଧ୍ୟ ଖାଉଟିମାନେ ଠକେଇର ଶିକାର ହେଉଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ହେଉଥିବାବେଳେ ମାପ ଏବଂ ଓଜନ ବିଭାଗ ପକ୍ଷରୁ ଗତ ୨ବର୍ଷରେ ୩ ଲକ୍ଷ ୧୨ ହଜାର ୩୨୬ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ ହୋଇଛି। ଏହି ଚଢ଼ାଉରୁ ମୋଟ ୩ କୋଟି ୧୧ ଲକ୍ଷ ୭୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ତେବେ କେବଳ ମାପ ଏବଂ ଓଜନ ଠକେଇ ସମ୍ପର୍କରେ ମୋଟ ୧୫୩ଟି ମାମଲା ରୁଜୁ କରାଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୁଧବାର ବିଧାନସଭାରେ ସୂଚନା ଦେଇଛନ୍ତି।

ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ ପାତ୍ର କହିଛନ୍ତି, ମାପ ଏବଂ ଓଜନ ବିଭାଗ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷରେ ୧ ଲକ୍ଷ ୫୭ ହଜାର ୧୮୪ ଏବଂ ୨୦୨୪-୨୫ରେ ୧ ଲକ୍ଷ ୫୫ ହଜାର ୨୪୨ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଛି। ଠକେଇ ନେଇ ୨୦୨୩-୨୪ ଆର୍ଥିକ ବର୍ଷରେ ୫ ହଜାର ୭୩୯ ମାମଲା ଏବଂ ୨୦୨୪-୨୫ରେ ୫ ହଜାର ୧୭ଟି ମାମଲା ପଞ୍ଜୀକୃତ କରାଯାଇଛି। ଏହା ମଧ୍ୟରୁ କେବଳ ଓଜନ ଓ ମାପ ଠକେଇ ସଂକ୍ରାନ୍ତରେ ପ୍ରଥମ ବର୍ଷରେ ୧୧୦ ଏବଂ ଦ୍ୱିତୀୟ ବର୍ଷରେ ୪୩ଟି ମାମଲା ହୋଇଛି। ବିଭିନ୍ନ ବେଆଇନ କାରବାରକୁ ନେଇ ବ୍ୟବସାୟୀଙ୍କଠାରୁ ୨୦୨୩-୨୪ ଆର୍ଥିକ ବର୍ଷରେ ୧ କୋଟି ୬୯ ଲକ୍ଷ ୪୦ ହଜାର ୬୫୦ ଟଙ୍କା ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ୧ କୋଟି ୪୧ ଲକ୍ଷ ୬୦ ହଜାର ୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାମଧ୍ୟରୁ କେବଳ ଓଜନ ଓ ମାପ ଠକେଇରୁ ଜରିମାନା ଆଦାୟ ଯଥାକ୍ରମେ ୧୬ ଲକ୍ଷ ୮୪ ହଜାର ଏବଂ ୬ ଲକ୍ଷ ୬୭ ହଜାର ୧୦୦ ଟଙ୍କା ରହିଛି। ତେବେ ଏହି ଦୁଇ ଆର୍ଥିକ ବର୍ଷରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨୮ ହଜାର ୩୭୭ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିବା ବେଳେ ଗଞ୍ଜାମ ଜିଲାରୁ ସର୍ବାଧିକ ୩୧ ଲକ୍ଷ ୯୬ ହଜାର ୫୫୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ତଥ୍ୟ ଦିଆଯାଇଛି।

## ସେବାର ପ୍ରତୀକ ଥିଲେ ମା' ରମାଦେବୀ

କଟକ,୩।୧୨(କାର୍ତ୍ତିକ ସାହୁ)

ଓଡ଼ିଶାରେ ସେବାର ପ୍ରତୀକ ଥିଲେ ମା' ରମାଦେବୀ। ତାଙ୍କର ସାହଚର୍ଯ୍ୟ ଯୋଗୁ ସମଗ୍ର ଚୌଧୁରୀ ପରିବାର ସ୍ୱାଧୀନତା ଆନ୍ଦୋଳନକୁ ଜୀବନର ଧ୍ୟେୟ ଭାବରେ ଗ୍ରହଣ କରିଥିଲେ। ତାଙ୍କ ମାତୃସୁଲଭ ନେତୃତ୍ୱ ଯୋଗୁ ଓଡ଼ିଶାର ପୁରପଲ୍ଲୀର ଅସୂର୍ଯ୍ୟଂପଶା ଝିଅ ବୋହୂମାନେ ଘର କୋଣରୁ ବାହାରି ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିଲେ। ରମାଦେବୀ ଲବଣ ସତ୍ୟାଗ୍ରହ ଓ ହରିଜନ ପଦଯାତ୍ରା କାଳରେ ନିଜ ସାଙ୍ଗଠନିକ ଦକ୍ଷତା ବଳରେ ମହାତ୍ମା ଗାନ୍ଧୀଙ୍କ ଅତ୍ୟନ୍ତ ପ୍ରିୟ ହୋଇପାରିଥିଲେ। ସ୍ୱାଧୀନତା ପରେ ଭୂଦାନ, ଗ୍ରାମଦାନ ଆନ୍ଦୋଳନଠାରୁ ଆରମ୍ଭ କରି ନିଶା ନିବାରଣ, ନାରୀ ଜାଗରଣ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେବା କାର୍ଯ୍ୟ, ସାମ୍ପ୍ରଦାୟିକତା ଓ ଯୁଦ୍ଧ ବିରୋଧରେ ଶାନ୍ତି ସେନା କାର୍ଯ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ତଥା ଜରୁରୀ ପରିସ୍ଥିତି ବିରୋଧୀ ସଂଗ୍ରାମର ନେତୃତ୍ୱ ନେଇ ପ୍ରତି ଓଡ଼ିଆ ଘରେ ରମାଦେବୀ ମା' ରୂପରେ ପରିଚିତି ଲାଭ କରିପାରିଛନ୍ତି। ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟ ପକ୍ଷରୁ ଗାନ୍ଧୀଭବନଠାରେ ବୁଧବାର ରମାଦେବୀଙ୍କ ୧୨୫ତମ ଜୟନ୍ତୀ ଉଦ୍‌ଯାପନ ସମାରୋହ ଅବସରରେ ବକ୍ତାମାନେ ଏହି ମତପ୍ରକାଶ କରିଛନ୍ତି। ଟ୍ରଷ୍ଟର ସଭାନେତ୍ରୀ ପ୍ରଫେସର ସୀତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଉତ୍କଳ ଗାନ୍ଧୀ ସ୍ମାରକନିଧିର ସମ୍ପାଦକ ଜୟନ୍ତ କୁମାର ଦାସ, ମୁଖ୍ୟବକ୍ତା କଟକ ମହାନଗର ନିଗମର ମେୟର ସୁଭାସ ସିଂହ ଯୋଗଦେଇଥିଲେ। ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ ଅତିଥି ପରିଚୟ ଓ ଟ୍ରଷ୍ଟର ଉପସଭାନେତ୍ରୀ ନମିତା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଟ୍ରଷ୍ଟର ସମ୍ପାଦିକା ଅନ୍ନପୂର୍ଣ୍ଣା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଦେବ ମହାରଣା, ସ୍ୱପ୍ନା ମହାପାତ୍ର, ଅନିମା ରାୟ, ନିକୁଞ୍ଜ ଭୁତିଆ, ଉମାଶଙ୍କର ମିଶ୍ର, ମୀରା ବେଉରା, ପ୍ରଭାବତୀ ପଣ୍ଡା, ବିଦ୍ୟୁତ କୁମାରୀ ଲାଲା, ଧ୍ରୁବାନନ୍ଦ ଶରଣ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

ସେହିପରି ମା' ରମାଦେବୀ ୧୨୫ ଜନ୍ମବାର୍ଷିକୀ କମିଟି, ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଉତ୍କଳ ସର୍ବୋଦୟ ମଣ୍ଡଳ ଏବଂ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ବର୍ଷ ବ୍ୟାପୀ ଜୟନ୍ତୀ କାର୍ଯ୍ୟକ୍ରମ କରାଯାଇଥିଲା। ଯାଜପୁର ଜିଲା ବାଲିପଡ଼ିଆ ଠକ୍କରବାପା ଆଶ୍ରମରୁ ଆରମ୍ଭ କରି ଭୁବନେଶ୍ୱର ଓ କଟକ ପରେ ସତ୍ୟଭାମାପୁରଠାରେ ବୁଧବାର ଏହାର ସମାପନ ହୋଇଛି। ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହକୁ ୧୨୫ ଜନ୍ମବାର୍ଷିକୀ କମିଟିର ଆବାହକ ଡାକ୍ତର ବିଶ୍ୱଜିତ ସଂଚାଳନ କରିଥିଲେ। ମୁଖ୍ୟ ଅତିଥି ଲୋହିଆ ଏକାଡେମୀର ସମ୍ପାଦକ ଦେବ ପ୍ରସାଦ ରାୟ, ମୁଖ୍ୟ ବକ୍ତା ଗାନ୍ଧିବାଦୀ ଡକ୍ଟର ବାସନ୍ତୀ ମହାନ୍ତି, ସମ୍ମାନିତ ଅତିଥି ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ବିଶିଷ୍ଟ ଅତିଥି କସ୍ତୁରବା ଟ୍ରଷ୍ଟର ରାଷ୍ଟ୍ରୀୟ ଉପସଭାନେତ୍ରୀ ଗାୟତ୍ରୀ ଦାସ, ଡ. ସ୍ୱପ୍ନା ମହାପାତ୍ର ଏବଂ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଯୋଗଦେଇ ମା' ରମାଦେବୀଙ୍କ ସ୍ମୃତିଚାରଣ କରିଥିଲେ।





ଗାନ୍ଧୀ ଭବନଠାରେ ଅନୁଷ୍ଠିତ ରମାଦେବୀଙ୍କ ଜନ୍ମବାର୍ଷିକୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ମା' ରମାଦେବୀଙ୍କ ୧୨୫ ତମ ଜନ୍ମବାର୍ଷିକୀ ଉଦ୍‌ଯାପିତ**

**ଫଟୋରେ ଖବର**



ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍ ଦେଖିବାକୁ ଶୃଙ୍ଖଳାର ସହ ଟିକେଟ୍ କିଣିବା ପାଇଁ ବ୍ୟାରିକେଡ୍ ପ୍ରସ୍ତୁତ କରାଯାଉଛି।



କଟକ ଜିଲା ଜଗତପୁର ଥାନା ୪୮ ନମ୍ବର ୱାର୍ଡ ପଣ୍ଡାସାହି ନିକଟ ବିରୂପା ନଦୀକୁ ଏକ କାର ଭାରସାମ୍ୟ ହରାଇ ଖସିପଡ଼ିବା ପରେ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

# ଡିଲରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଲାନି ବିଭାଗ

## ଏକାଧିକ ରାଶନ କାର୍ଡ ହାତେଇଛନ୍ତି ଡିଲର

ପୁରୀ,୩।୧୨(ଅଜିତ୍ କୁମାର ମହାନ୍ତି)

ସଦର ବ୍ଲକ ଅନ୍ତର୍ଗତ ଚାଳିଶିବାଟିଆ ପଞ୍ଚାୟତ ଅନ୍ତର୍ଗତ ଓଡ଼ଶମଲ ଗ୍ରାମର ଡିଲର୍ ପ୍ରଭାତ କୁମାର ପ୍ରଧାନ ନିଜ ପରିବାର ସଦସ୍ୟଙ୍କ ନାମରେ ଏକାଧିକ ରାଶନ କାର୍ଡ ହାତେଇଥିବା ୨୦୨୪ ମସିହାରେ ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ଅଭିଯୋଗ ଉପରେ ପୁରୀ ସଦର ବ୍ଲକ ଯୋଗାଣ ନିରୀକ୍ଷକ ବିଭାଗୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏକାଦଶୀ ପ୍ରଧାନ, ସୁଧାଂଶୁବାଳା ପ୍ରଧାନ ଓ ଗୀତାଞ୍ଜଳି ପ୍ରଧାନଙ୍କୁ ୭ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ଓପିଡିଏସ ଆଦେଶ ୨୦୧୬ ଆଧାରରେ ଖାଉଟି ସାମଗ୍ରୀ ବାବଦ ଟଙ୍କା ଭରଣା କରିବାକୁ ନୋଟିସ୍ ଜାରି ମଧ୍ୟ କରିଥିଲେ। ଅନ୍ୟ ଦୁଇଟି କାର୍ଡ ଡିପିଏଲ୍ ଆତ୍ମସମର୍ପଣ ଏବଂ ଗୋଟିଏ କାର୍ଡ ଯୋଗ୍ୟ ବ୍ୟକ୍ତିଙ୍କୁ ଦିଆଯାଇଥିବା ତାଙ୍କ ତଦନ୍ତ ରିପୋର୍ଟ ବିଡିଓଙ୍କୁ ପ୍ରଦାନ କରିଥିଲେ। ବିଡିଓ ସେହି ରିପୋର୍ଟ ବେସାମରିକ ଯୋଗାଣ ଅଧିକାରୀ ପୁରୀଙ୍କୁ ପ୍ରଦାନ କରିଥିଲେ।

ସୂଚନା ଅଧିକାରୀ ଆଇନ ବଳରେ ମିଳିଥିବା ସୂଚନା ଅନୁଯାୟୀ, ସୁଧାଂଶୁବାଳା ପ୍ରଧାନଙ୍କ ନାମରେ ଥିବା ରାଶନ କାର୍ଡ ନଂ. ୨୬୧୦୧୦୧୧୨୦୭ରେ ୪୦ କି.ଗ୍ରା. ଚାଉଳ, ଏକାଦଶୀ ପ୍ରଧାନଙ୍କ ନାମରେ ଥିବା ରାଶନ କାର୍ଡ ନଂ. ୨୬୧୦୧୦୧୨୮୬୨ରେ ୧୮୦ କି.ଗ୍ରା. ଚାଉଳ ଓ ଗୀତାଞ୍ଜଳି ପ୍ରଧାନଙ୍କ ନାମରେ ଥିବା ରାଶନ କାର୍ଡ ନଂ. ୨୬୧୦୧୦୧୧୨୪୭ରେ ୯୪୦ କି.ଗ୍ରା. ଚାଉଉ ଉଠାଉଥିଲେ। ଏହି ବାବଦ ଅର୍ଥ ଯଥା ସୁଧାଂଶୁବାଳା ପ୍ରଧାନଙ୍କ ଠାରୁ ୧୨୩୮ ଟଙ୍କା, ଏକାଦଶୀ ପ୍ରଧାନଙ୍କ ଠାରୁ ୫୫୬୯ ଟଙ୍କା ଓ ଗୀତାଞ୍ଜଳି ପ୍ରଧାନଙ୍କ ଠାରୁ ୨୯୦୮୪ ଟଙ୍କା ଜରିମାନା ଆଦାୟ କରାଯାଇଛି। କିନ୍ତୁ ଏହି ଅର୍ଥ ଚଳିତ ବର୍ଷ ୨୦୨୫ ମସିହା ସେପ୍ଟେମ୍ବର ୨ ତାରିଖରେ ଦାଖଲ ହୋଇଛି। କିନ୍ତୁ ୭ ଦିନ ମଧ୍ୟରେ ଓପିଡିଏସ୍ ଆଦେଶ ୨୦୧୬ ଅନୁଯାୟୀ ଜରିମାନା ଅର୍ଥ ଦାଖଲ କରି ନ ଥିବା ପ୍ରମାଣିତ ହୋଇଥିଲେ ମଧ୍ୟ ଆଇନ ଅନୁଯାୟୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ସେହିପରି ଡିଲର୍ଙ୍କ ପତ୍ନୀ ତଥା ପୁରୀ ପୌରସଂସ୍ଥା ୱାର୍ଡ ନଂ ୨୨ର ପୂର୍ବତନ ପୌର ସଦସ୍ୟା ସୁଧାଂଶୁବାଳା ପ୍ରଧାନଙ୍କ ରାଶନ କାର୍ଡ ୨୦୧୫ ମସିହାରେ ଜାରି ହୋଇଥିବା ବେଳେ ୯ ବର୍ଷ ମଧ୍ୟରେ କେବଳ ୪୦ କି.ଗ୍ରା. ଚାଉଳ ଗ୍ରହଣ କରିବା ନେଇ ପ୍ରଶ୍ନ ଉଠିଛି। ସମାନ ଭାବେ ଏକାଦଶୀ ପ୍ରଧାନଙ୍କ ରାସନ କାର୍ଡ ୨୦୨୧ ମସିହାରେ ଜାରି ହୋଇଥିବା ବେଳେ ଚାରି ବର୍ଷ ମଧ୍ୟରେ କେବଳ ୧୮୦ କେଜି ଚାଉଳ ଗ୍ରହଣ କରିଥିବା ବିଭାଗ ଦର୍ଶାଇଛି। ରାଶନ କାର୍ଡ ନମ୍ବର – ୨୬୧୦୧୦୧୨୯୬୬, ୨୬୧୦୧୦୧୨୫୬୪ ଡିପିଏଲ୍ ଆତ୍ମସମର୍ପଣ ହୋଇଥିବା ଅଧିକାରୀ କହୁଥିବା ବେଳେ ତାହାର କାରଣ ଓ କେତେ ଚାଉଳ ଗ୍ରହଣ କରିଛନ୍ତି ତାହାର ସୂଚନା ମିଳି ନାହିଁ। ବିଏସ୍କେୱାଇ କାର୍ଡରୁ କେତେ ଅର୍ଥ ଖର୍ଚ୍ଚ ହୋଇଛି ସେ ବାବଦରେ କୌଣସି ତଥ୍ୟ ପୁରୀ ସଦର ବ୍ଲକ ଯୋଗାଣ ବିଭାଗରେ ଉପଲବ୍ଧ ନାହିଁ। ତେଣୁ ଏହି ସବୁ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଡିଲର୍ଙ୍କ ବିରୋଧରେ ନିଆଯାଇ ନ ଥିବାରୁ ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଏନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି ଓ ଖୁବ୍ଶୀଘ୍ର ରାଶନକାର୍ଡ ଦୁର୍ନୀତି ବିରୋଧରେ ଭିଜିଲାନ୍ସର ଦ୍ୱାରସ୍ଥ ହେବା ନେଇ ସୂଚନା ଦେଇଛନ୍ତି।

# ଓଡ଼ିଶା କ୍ରୀଡ଼ା ଛାତ୍ରାବାସ ଚାମ୍ପିୟନ

## କନିଷ୍ଠ ଖୋ ଖୋ ପ୍ରତିଯୋଗିତା ଉଦ୍ଯାପିତ

ପୁରୀ,୩।୧୨(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ଖୋ ଖୋ ସଂଘ ଦ୍ୱାରା ୨୭ ନଭେମ୍ବରରୁ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ କନିଷ୍ଠ ଖୋ ଖୋ ପ୍ରତିଯୋଗିତା ଉଦ୍ଯାପିତ ହୋଇଯାଇଛି। ଏହି ସମାରୋହରେ ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପୁରୀ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଅନୁଗୁଳ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂ, ଓଡ଼ିଶା ଖୋ ଖୋ ସଂଘ କାର୍ଯ୍ୟକାରୀ ସଦସ୍ୟ ଭୁବନ ମୋହନ ଦାସ ଓ କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥସାରଥୀ ମହାପାତ୍ର, ଓଡ଼ିଶା ମୁଖ୍ୟ ପ୍ରଶିକ୍ଷକ ଅନିଲ ଲକ୍ଷ୍ମଣ ଗଞ୍ଜବେ, ଏଚ୍ପିସିର ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା ଯୋଗଦେଇ ଓଡ଼ିଶାର ୨୩ଗୋଟି ଜିଲାରୁ ଆସିଥିବା ୩୪୫ ବାଳକଙ୍କୁ ଖୋ ଖୋ କ୍ରୀଡ଼ାରେ ନିଜର ଜୀବିକା ଓ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ସରକାରଙ୍କ ପ୍ରୋତ୍ସାହନରେ ଓଡ଼ିଶାର ଅନେକ ଖୋ ଖୋ କ୍ରୀଡ଼ାବିତ୍ ଅନ୍ତର୍ଜାତୀୟସ୍ତରରେ ପ୍ରତିଭା ପ୍ରତିପାଦନ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସରକାରୀ ଚାକିରିରେ ସ୍ଥାନ ପାଇ ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ପ୍ରକାଶ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଓ ଅକ୍ଷୟ କୁମାର ସିଂ ଏକ ସମୃଦ୍ଧ କ୍ରୀଡ଼ା ଓଡ଼ିଶା ଗଠନରେ ନୂତନ ପିଢ଼ିର ଅବଦାନକୁ ଆହ୍ୱାନ ଦେଇ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ ଜଣାଇଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା କ୍ରୀଡ଼ା ଛାତ୍ରାବାସ ସେମିଫାଇନାଲ୍ରେ ସୁନ୍ଦରଗଡ଼କୁ ୧୫ ପଏଣ୍ଟରେ ଓ ଜଗତ୍ସିଂହପୁର କିସ୍ ବିଶ୍ୱବିଦ୍ୟାଳୟକୁ ୨ ପଏଣ୍ଟରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲା। ଫାଇନାଲ୍ ମ୍ୟାଚ୍ରେ ଓଡ଼ିଶା କ୍ରୀଡ଼ା ଛାତ୍ରାବାସ ଜଗତ୍ସିଂପୁର ଟିମ୍କୁ ୨୨ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଚାମ୍ପିୟନ ଟ୍ରଫି ହାସଲ କରିଥିଲେ। ଏହାସହ ୪୦ ଜଣ ବୈଷୟିକ ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

# ଓଡ଼ିଶା ମହିଳା ଟିମ୍ ବିଜୟୀ

## ଓଡ଼ିଶା-ଆସାମ ବନ୍ଧୁତ୍ୱପୂର୍ଣ୍ଣ ମହିଳା କ୍ରିକେଟ ମ୍ୟାଚ୍

ପୁରୀ,୩।୧୨(ଅଜିତ୍ କୁମାର ମହାନ୍ତି): ପୁରୀ ଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ଆସାମ ଏବଂ ଓଡ଼ିଶାର ବରିଷ୍ଠ ମହିଳା କ୍ରିକେଟର୍ଙ୍କ ମଧ୍ୟରେ ଏକ ରୋମାଞ୍ଚକର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁତ୍ୱ ପୂର୍ଣ୍ଣ ମ୍ୟାଚ୍ରେ ଓଡ଼ିଶା ମହିଳା କ୍ରିକେଟ ଟିମ୍ ଆସାମ ମହିଳା କ୍ରିକେଟ ଟିମ୍କୁ ୫ ରନ୍ରେ ହରାଇ ବିଜୟୀ ହୋଇଥିଲା। ଏଥିରେ ଓଡ଼ିଶାର ପ୍ରଥମ ମହିଳା କୋଚ୍ ରଶ୍ମିତା ମହାନ୍ତି କ୍ୟାପଟେନ ଭାବେ ମ୍ୟାଚ୍ର ଦାୟିତ୍ୱ ଖୁବ୍ ସୁନ୍ଦର ଭାବେ ପରିଚାଳନା କରିଥିଲେ। ପୁରୀରୁ ସୁନୀତା ମିଶ୍ର, ରାଜଲକ୍ଷ୍ମୀ ଦାସ ଏବଂ ଭାଗ୍ୟଲକ୍ଷ୍ମୀ ଦାସ ଏହି ମ୍ୟାଚ୍ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ବରିଷ୍ଠ କ୍ରିକେଟର୍ ମଧୁସ୍ମିତା ମହାପାତ୍ର, ରାଜଲକ୍ଷ୍ମୀ ଦାସ ଏବଂ ସୁନୀତା ମିଶ୍ରଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ବେଶ୍ ସଫଳ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଗୀତା ଆବୃତ୍ତି ଦ୍ୱାରା ବ୍ୟକ୍ତିର ଅନ୍ତଃକୋଣ ଶୁଦ୍ଧ ହୋଇଥାଏ

ସାକ୍ଷୀଗୋପାଳ,୩।୧୨(ପ୍ରଶାନ୍ତ କୁମାରବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାସୁକେରା ସାକ୍ଷୀଗୋପାଳ ପରିସରରେ ଗୀତା ଜୟନ୍ତୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି। ଉତ୍ସବରେ ବିଭିନ୍ନ ବିଦ୍ୟାଳୟରୁ ଯୋଗ ଦେଇଥିବା ୭୬ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ୩ଟି ବିଭାଗ ଯଥା କିଶୋର, ବାଲ୍ ଓ ଶିଶୁ ବିଭାଗ ପ୍ରସ୍ତୁତ କରାଯାଇ ଶ୍ରୀମଦ୍ ଭଗବତ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କିଶୋର ବିଭାଗରୁ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଓମ୍ ପ୍ରକାଶ ଦାସ, ବାଲ୍ ବିଭାଗରୁ ମଧ୍ୟ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଶୁଭଶ୍ରୀ ପରିଡ଼ା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାସୁକେରା ସାକ୍ଷୀଗୋପାଳର ଛାତ୍ର ସ୍ୱୟଂ ପ୍ରକାଶ ରଥ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପଣ୍ଡିତ ଟୁକୁନା କର ଓ ସମ୍ମାନିତ ଅତିଥି ଭାବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦେବ କୁମାର ମିଶ୍ର ଯୋଗ ଦେଇଥିଲେ। ଅତିଥି ଭାବେ ଶ୍ରୀମଦ ଭଗବତ ଗୀତା ପାରିଷଦ ସତ୍ୟବାଦୀ ଅନୁଷ୍ଠାନର ସଂଯୋଜକ ଆଇନଜୀବୀ ସୁଶାନ୍ତ କୁମାର ରଥ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ବାଉରୀବନ୍ଧୁ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷାବିତ୍ ସତ୍ୟବାଦୀ ଦାଶ, ରବୀନ୍ଦ୍ର ନାଥ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

# କିଶୋର କ୍ଲବକୁ ହରାଇ କଟକ ଜୁଭେନାଇଲ୍ କ୍ଲବ ସେମିରେ

## ରାଜ୍ୟସ୍ତରୀୟ ନିମାପଡ଼ା ବାରବାଟୀ କପ୍ କ୍ରିକେଟ




ନିମାପଡ଼ା,୩।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏସ୍ ପି ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ନିମାପଡ଼ା ବାରବାଟୀ କପ୍ ଓ ୫ମ ଟୁବୁଲି ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ବୁଧବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍ରେ କିଶୋର କ୍ଲବ ଭୁବନେଶ୍ୱରକୁ ୧୫ ରନ୍ରେ ପରାସ୍ତ କରି ଜୁଭେନାଇଲ୍ କଟକ ବିଜୟ ହାସଲ କରି ସେମି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି କଟକ ଜୁଭେନାଇଲ ଦଳ ନିର୍ଦ୍ଧାରିତ ୨୫ ଓଭର ଖେଳରେ ସମସ୍ତ ୱିକେଟ ହରାଇ ୧୩୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ସର୍ବାଧିକ ୬୦ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଭୁବନେଶ୍ୱର କିଶୋର କ୍ଲବର ବୋଲର୍ ବିଶ୍ୱରଞ୍ଜନ ମାଝୀ ସର୍ବାଧିକ ୪ଟି, ଏସ୍ କେ ସଲମନ ୨ଟି ୱିକେଟ ନେଇଥିଲେ। ଏହାର ଜବାବରେ ଦ୍ୱିତୀୟାର୍ଦ୍ଧରେ ବ୍ୟାଟିଂ କରି ଭୁବନେଶ୍ୱର କିଶୋର କ୍ଲବ ୨୪. ୧ ଓଭରରେ ସମସ୍ତ ୱିକେଟ ହରାଇ ୧୨୩ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲେ। ଦଳ ପକ୍ଷରୁ ରାଜେଶ ବେହେରା ସର୍ବାଧିକ ୩୮ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ କଟକ ଜୁଭେନାଇଲ୍ ଦଳର ବୋଲର ରାମଚନ୍ଦ୍ର ବେହେରା ୨ଟି, ସତ୍ୟ ତ୍ରିପାଠୀ ୨ଟି, ସୌଭାଗ୍ୟ ମିଶ୍ର ୨ଟି, ଶାଶ୍ୱତ ମହାନ୍ତି ୨ଟି ୱିକେଟ ଅକ୍ତିଆର କରିଥିଲେ। ଅମ୍ପାୟାର ଭାବେ ଅଭିନନ୍ଦନ ପାତ୍ର ଓ ତ୍ରିଭୁବନନାଥ ଦାଶ ମ୍ୟାଚ ପରିଚାଳନା କରିଥିଲେ। ଅନିସ ପ୍ରଧାନ ଓ ପ୍ରିୟାଂଶୁ ପଲେଇ ସ୍କୋରର ଥିଲେ। ବୁଧବାର ମ୍ୟାଚରେ କଟକ ଜୁଭେନାଇଲ୍ ଦଳର ଖେଳାଳି ରାମଚନ୍ଦ୍ର ବେହେରା ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ଏନ୍ଏସିର ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ସାମାଜିକ କର୍ମୀ ଅକ୍ଷୟ କୁମାର ସାହୁ, ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ କୃତୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ।


**ସର୍ବସାଧାରଣ ବିଜ୍ଞପ୍ତି**

ଫର୍ମ ୪ଏ — ମୂଳ — କୋର୍ଟ ରୁମ୍ ନଂ.୩

**ଦିଣ୍ଡୋଶୀସ୍ଥିତ ସିଟି ସିଭିଲ କୋର୍ଟରେ**
**ବାଣିଜ୍ୟିକ ସାରାଂଶ ମକଦ୍ଦମା ସଂ. ୨୦୨୦ର ୮୯୯**
**(ସିଭିଲ କାର୍ଯ୍ୟବିଧି ସଂହିତା, ୧୯୦୮ର ଆଦେଶ XXXVII, ଆର୍ ୨ ଅଧୀନରେ)**

ଆରାମେକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍,
ଏହାର ପଞ୍ଜୀକୃତ କାର୍ଯ୍ୟାଳୟ ସ୍ଥାନ ୮୨୧,
ସଲିଟାୟର୍ କର୍ପୋରେଟ୍ ପାର୍କ, ଅନ୍ଧେରୀ ଘାଟକୋପର
ଲିଙ୍କ୍ ରୋଡ୍, ଚକାଲା, ଅନ୍ଧେରୀ (ପୂର୍ବ), ମୁମ୍ବାଇ-୪୦୦ ୦୯୩ )... **ବାଦୀ**
ବନାମ
ୱାଇକାର୍ଟ ଟ୍ରେଡର୍ସ ପ୍ରାଇଭେଟ୍ ଲିମିଟେଡ୍
ଏହାର ପଞ୍ଜୀକୃତ କାର୍ଯ୍ୟାଳୟ ସ୍ଥାନ ପ୍ଲଟ୍ ନଂ. ୧୪୭୮,
ଶହୀଦ ନଗର, ଭୁବନେଶ୍ୱର,
ଖୋର୍ଦ୍ଧା, ଓଡ଼ିଶା - ୭୫୧୦୦୭ ଓ ଆହୁରି ମଧ୍ୟ
ପ୍ଲଟ୍ ନଂ. ୧୩୦/ଏ, ଲ୍ୟାଣ୍ଡ ମାର୍କ, ପ୍ୟାଣ୍ଟାଲୁନ୍ସ **ସମୀପ**
ପଛ ପାର୍ଶ୍ୱରେ, ଶହୀଦ ନଗର, ଭୁବନେଶ୍ୱର - ୭୫୧୦୦୭ )...**ପ୍ରତିବାଦୀ**

**ପ୍ରାପ୍ତେଷୁ, ୱାଇକାର୍ଟ ଟ୍ରେଡର୍ସ ପ୍ରାଇଭେଟ୍ ଲିମିଟେଡ୍**
ଉପରନାମିତ ପ୍ରତିବାଦୀ

ନୋଟିସ ଗ୍ରହଣ କରନ୍ତୁ ଯେ, ଏହି ମକଦ୍ଦମା ନିମ୍ନଲିଖିତ ଉପଶମ ପାଇଁ ୪ ଡିସେମ୍ବର, ୨୦୨୫, ପୂର୍ବାହ୍ନ ୧୧.୦୦ ଘଟିକା କିମ୍ବା ତତ୍ପଶ୍ଚାତ୍ ଯେକୌଣସି ସମୟରେ ମାନ୍ୟବର ବିଚାରପତି ଶ୍ରୀମତୀ ଏସ୍.ଏସ୍. ତୋଡ଼କରଙ୍କ ଇଜିଲାସରେ କୋର୍ଟ ରୁମ୍ ନଂ.୩ ରେ ତାଲିକାଭୁକ୍ତ ହେବ:-
କ. ଉକ୍ତ ମାନ୍ୟବର ଅଦାଲତ ପ୍ରତିବାଦୀଙ୍କୁ ଡିକ୍ରି ଓ ଆଦେଶ ଦେଉଛନ୍ତି ଯେ ସେ ବାଦୀଙ୍କୁ ଏକ୍ଜିବିଟ୍-ଏଲ୍ ଅନୁଯାୟୀ ସବିଶେଷ ଦାବି ଅନୁସାରେ ଟ.୩,୩୮,୪୧୯/- (ତିନିଲକ୍ଷ ଅଠତିରିଶ ହଜାର ଚାରିଶହ ଉଣେଇଶ ଟଙ୍କା) ସମେତ ଡିକ୍ରି ଏବଂ/କିମ୍ବା ପରିଶୋଧ କିମ୍ବା ଖର୍ଚ୍ଚର ଅସୁଲି ପର୍ଯ୍ୟନ୍ତ ବାର୍ଷିକ @୧୮% ହାରରେ ପରବର୍ତ୍ତୀ ସୁଧ ପୈଠ କରିବେ;
**ତାରିଖ: ଅଦ୍ୟ ୨୫ ନଭେମ୍ବର, ୨୦୨୫**

(ମୋହର ଦାତା)

**ରେଜିଷ୍ଟ୍ରର, ସିଟି ସିଭିଲ କୋର୍ଟ ଦିଣ୍ଡୋଶୀ ପାଇଁ**
**ମେସର୍ସ ହାଲାଇ ଆଣ୍ଡ କୋ.,**
**ବାଦୀଙ୍କ ଅଧିବକ୍ତା,**
**୧୮୬/୧୮୭, ୧ମ ମହଲା, ଅଶୋକ ଶପିଂ ସେଣ୍ଟର, ଏଲ୍.ଟି. ମାର୍ଗ,**
**ଜି.ଟି. ହସ୍ପିଟାଲ ସମୀପ, ମୁମ୍ବାଇ-୪୦୦୦୦୧ । ମୋବାଇଲ ନଂ. ୯୮୨୦୯୫୨୩୫୬**
**ଇମେଲ୍ ଠିକଣା: halai_co@yahoo.com**



**// न्यायालय नायब तहसीलदार बेरला, जिला बेमेतरा (छ.ग.) //**

रा.प्र.क्र..../अ-27 /वर्ष 2024-25

**// उपस्थिति हेतु समंश //**

एतद द्वारा सर्व साधारण को सूचित किया जाता है कि आवेदक मो. हनीफ पिता मो. अब्दुल कय्यूम निवासी ग्राम सबलपुर तहसील व जिला धमतरी के द्वारा आवेदन पत्र पेश किया गया है कि ग्राम राका प.ह.न. 19. तह, बेरला. जिला बेमेतरा छ.ग. स्थित भूमि ख.न. क्रमशः 79, 81/1, 471, 553. 926, 930, 931 1317 रकबा क्रमशः 0.42, 1.03, 0.14, 2.72, 0.34 0.04 3.00, 0.57 हे. कुल ख.न. 08 कुल रकबा 8.26 हे. भूमि राजस्व अभिलेख में आवेदक मो. हनीफ पिता मो. अब्दुल कययूम एवं अन्य सहखातेदार के नाम पर सयुक्त खाते में दर्ज है। उपरोक्त खसरे की भूमि जो आवेदक एवं अनावेदकगण क्रमांक 1.4, 5 के मध्य चार समान भागो मे खाता विभाजन किया जाने हेतु आवेदन पत्र, शपथ पत्र, तलवाना फार्म पेश किया गया है।

इस संबंध में पेशी दिनांक 17/12/2025 को अनावेदकगण सहखातेदार भूमिस्वामी कर्नल मकबूल अहमद खान आ मसूद अहमद खान पता - म.नं. 45 कहकशा, काम्पलेक्स, फेस-2, कोहेफिजा भोपाल (म.प्र.) एवं डॉ. शहनाज रहीम आ. मसूद अहमद खान प्लाट नंबर 1281, सेक्टर-6, सीडीए अरिनभ, बिडानासी कटक, (उड़ीसा) की उपस्थिति हेतु नियत किया गया है।

आज दिनांक 28/11/2025 को इस न्यायालय की पद मुद्रा एवं मेरे हस्ताक्षर से ईश्तहार जारी किया।

तहसीलदार बेरला, जिला- बेमेतरा



**କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ**
ସା/ପୋ.: କେନ୍ଦୁଝରଗଡ଼, କେନ୍ଦୁଝର – ୭୫୮୦୦୧ (ଓଡ଼ିଶା)
**KEONJHAR CENTRAL CO-OPERATIVE BANK LTD.**
At/P.O.: Keonjhargarh, Keonjhar - 758001 (Odisha)
Telephone: (06766) 255183, 251745, Fax: 253137
Email: kendujharccb@gmail.com

No. KCCB/5808/HRD/2025-26 — Date: 03.12.2025

**CORRIGENDUM NOTICE**

In reference to the Expression of Interest (EOI) notice published on **2nd December, 2025** in the Newspapers The Dharitri and The Anupam Bharat, it is hereby clarified that the Group Mediclaim Insurance Policy is applicable only to the employees of the Bank and not to the Directors of the Bank.
All concerned are requested to take note of this correction.
**Sd./- Chief Executive Officer**
**Keonjhar Central Cooperative Bank Ltd.**



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: SBP-ELECT-2025-T-266

**କାର୍ଯ୍ୟର ନାମ :** ଗୋଡ଼ଭଗା(GBQ) ଠାରେ ନବ ନିର୍ମିତ ଟ୍ରାକ୍ ମେସିନ୍ (TM) ସାଇଡ଼ିଙ୍ଗ ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 14,40,187.97, EMD/ବିଡ୍ ସୁରକ୍ଷା ଜମା (₹) : 28,800.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LoA)ଜାରୀ ହେବା ତାରିଖ ଠାରୁ 06 (ଛଅ) ମାସ।
| | (iii) Date, time & venue of Bid opening (Online) | On Dt.15.12.2025 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online) |
| | (iv) Date, time & venue of transparent lottery for finalization of bids, if required | On Dt.24.12.2025 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar |

*Further details can be seen from the Government of Odisha website https://tendersodisha.gov.in.
OIPR-32298/11/0032/2526 Sd./-Superintending Engineer R.L.B. Canal Division, Kamakhyanagar



**ODISHA PUBLIC SERVICE COMMISSION CUTTACK**

**NOTICE**

No. 8377 / P.S.C., Dt. 03.12.2025
(DR-IV)(2PF-01-2025-26)

**Recruitment to the post of Veterinary Assistant Surgeon/AVAS**
**(Advt. No. 04 of 2025-26)**

**No.D-271** : It is for information of all 86 (35-w) provisionally qualified candidates that, the Document Verification for recruitment to the post of **Veterinary Assistant Surgeon/AVAS**, pursuant to Advertisement No. 04 of 2025-26 will be held on **11.12.2025 and 12.12.2025** in the Office of Commission, at 19, Dr. P. K. Parija Road, Cuttack - 753001 as per the programme detailed below:-

| Date of Verification | Time of verification | Roll Number of the candidates |
|---|---|---|
| 11.12.2025 | 11.00 A.M. to 01.30 P.M. | 100002, 100003, 100004, 100005, 100006, 100007, 100009, 100010, 100011, 100012, 100013, 100014, 100015, 100016, 100017, 100019, 100020, 100021, 100022, 100024, 100025, 100026, 100027 = **23 Candidates** |
| | 02.30 P.M. to 05.30 P.M. | 100028, 100029, 100030, 100031, 100032, 100033, 100034, 100036, 100037, 100038, 100039, 100040, 100042, 100043; 100044, 100045, 100046, 100047, 100048, 100051 = **20 Candidates** |
| 12.12.2025 | 11.00 A.M. to 01.30 P.M. | 100052, 100053, 100054, 100055, 100056, 100057, 100058, 100060, 100061, 100062, 100064, 100066, 100067, 100068, 100069, 100070, 100071, 100073, 100074, 100076, 100077, 100078, 100079 = **23 Candidates** |
| | 02.30 P.M. to 05.30 P.M. | 100082, 100084, 100087, 100088, 100089, 100090, 100091, 100092, 100093, 100094, 100095, 100096, 100099, 100100, 100101, 100103, 100104, 100105, 100107, 100108 = **20 Candidates** |

N.B.- The candidates are required to report **30 minutes before** the commencement of document verification in the scheduled programme.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL DOCUMENTS ALONG WITH A SET OF SELF ATTESTED PHOTOCOPIES OF ALL CERTIFICATES/DOCUMENTS AT THE TIME OF DOCUMENT VERIFICATION FAILING WHICH THEIR CANDIDATURE WILL BE REJECTED.**

1. Hard copy of online Application form **mentioning Roll No. at the Top Right-Hand Corner**. Application Forms are available in the website of the Commission.
   The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in.
2. **Four (04) recent passport size photographs** within six months (unsigned & unattested) tagged with the Application Form.
3. **H.S.C. or Equivalent Certificate** in support of declaration of age.
4. **B.V. Sc. & A.H. Degree Certificate** issued by the recognized University/ College/Institution.
5. Mark-lists in support of all the aforesaid examinations (H.S.C to Degree in B.V.Sc. & A.H.) passed including fail marks, if any, issued by the concerned Board/Council/University;
6. **Conversion Certificate/ Conversion Formula** in case of award of "GRADE MARKS" from the concerned University indicating the actual equivalent percentage of marks and the conversion formula, wherever applicable.
7. **Permanent Registration Certificate under the Odisha Veterinary Practitioners Act, 1970. (Issued within last date** of submission of online application form i.e., **31.07.2025**).
8. Required **Odia Test Pass Certificate** issued within **31.07.2025**.
9. **Caste Certificate by birth (SC/ST) issued within the last date i.e 31.07.2025.**
10. **Recent SEBC Certificate** (issued within the last three years by the submission date of online application form), wherever applicable.
11. **Permanent Disability Certificate (indicating percentage of disability i.e. 40% or more) issued by the concerned Medical Board wherever applicable issued within the last date i.e. 31.07.2025.**
12. **Discharge** Certificates in case of Ex-Servicemen **issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Department notification No.22586-Gen., dt.16.10.1985**, wherever applicable.
13. **Sports Identity Card/Certificate** issued by the Director of Sports, Odisha **(issued within the last date i.e. 31.07.2025)**; wherever applicable.
14. **No Objection Certificate** issued by the Competent Authority in case of in-service candidates; wherever applicable.
15. **Any proof of photo Identity**.
16. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission).
17. Any other documents as per Para-11 of the Advertisement.

The candidates are required to mention **"Submitted by me and Certified as genuine and has not been cancelled"** and put their full signature and date on the same.

OIPR-12002/11/0337/2526 **Sd./- Secretary**

# ହ୍ୱାଟ୍ସ ଆପ୍, ଟେଲିଗ୍ରାମ୍‌ରେ ପଠାଯାଇଥିଲା ପ୍ରଶ୍ନପତ୍ର

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

- ୨ ଦିନିଆ ରିମାଣ୍ଡ ସରିବା ପରେ ଜେଲ ଗଲେ ଅରବିନ୍ଦ
- ଶଙ୍କର, ମୁନା, ସୁରେଶଙ୍କୁ ୫ଦିନିଆ ରିମାଣ୍ଡ ପାଇଁ ଆବେଦନ

ଭୁବନେଶ୍ୱର,୩।୧୨(ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ୨ଦିନିଆ ରିମାଣ୍ଡରେ ଆସିଥିବା ଅରବିନ୍ଦ ଦାସଙ୍କ ରିମାଣ୍ଡ ଅବଧି ଶେଷ ହୋଇଛି। ବୁଧବାର ଅପରାହ୍ଣରେ ସିବିଆଇ କୋର୍ଟରେ ଅରବିନ୍ଦଙ୍କୁ ହାଜର କରିବା ପରେ କୋର୍ଟ ତାଙ୍କୁ ପୁଣି ଝାରପଡ଼ା ଜେଲକୁ ପଠାଇ ଦେଇଛନ୍ତି। ରିମାଣ୍ଡ ସମୟରେ ସିବିଆଇ ତାଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିବାବେଳେ ଏହି ଆଧାରରେ ତଦନ୍ତ ଆଗକୁ ବଢ଼ିଛି। ପରୀକ୍ଷା ପୂର୍ବରୁ ଏକାଧିକ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଦିଆଯାଇଥିବା ସିବିଆଇ ଜାଣିବାକୁ ପାଇଛି। ବହୁ ପରୀକ୍ଷାର୍ଥୀଙ୍କଠାରୁ ଟଙ୍କା ନେବା ପରେ ହ୍ୱାଟ୍ସଆପ୍ ଏବଂ ଟେଲିଗ୍ରାମ୍ ମାଧ୍ୟମରେ ପ୍ରଶ୍ନପତ୍ର ପଠାଯାଇଥିଲା। ତେଣୁ ସିବିଆଇ ଟେଲିଗ୍ରାମ୍ ଓ ହ୍ୱାଟ୍ସଆପ୍‌ର ତଥ୍ୟ ଦେବାକୁ 'ମେଟା'କୁ ମାଗିଥିବା ଜଣାପଡ଼ିଛି। ଏହି ତଥ୍ୟ ଆସିବା ପରେ କିଏ ପ୍ରଶ୍ନପତ୍ର ପରୀକ୍ଷାର୍ଥୀଙ୍କୁ ପଠାଉଥିଲା ତାହା ସ୍ପଷ୍ଟ ହେବ। ଆହୁରି ମଧ୍ୟ ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି, ମୁନା ମହାନ୍ତି ଏବଂ ସୁରେଶଙ୍କୁ ୫ଦିନିଆ ରିମାଣ୍ଡରେ ଆଣିବାକୁ ସିବିଆଇ କୋର୍ଟରେ ଆବେଦନ କରିଛି। ଅନୁମତି ମିଳିବା ପରେ ୩ଜଣଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରି ଅଧିକ ତଥ୍ୟ ହାସଲ କରିବ। ମାଷ୍ଟରମାଇଣ୍ଡ ଶଙ୍କରଙ୍କ ସହଯୋଗୀ ଥିବା ଅରବିନ୍ଦଙ୍କ ଆପରାଧିକ ତାଲିକା ପାଇଛି ସିବିଆଇ। ପରୀକ୍ଷାର୍ଥୀଙ୍କଠାରୁ ଆଦାୟ ଟଙ୍କାକୁ ଶଙ୍କର ଶେୟାର ମାର୍କେଟରେ ଲଗାଇଥିବା ସିବିଆଇ ଜାଣିବାକୁ ପାଇଛି। ସେହିପରି ଶଙ୍କର ରାଜ୍ୟ ବାହାରେ ରହି ପୂରା ରାକେଟକୁ ଚଳାଉଥିଲା। ଫୋନ୍ କଲ୍‌ରେ ପିଲା ଯୋଗାଡ଼ଠାରୁ ଆରମ୍ଭ କରି ପ୍ରଶ୍ନପତ୍ର ଲିକ୍ କରିବା କାର୍ଯ୍ୟ ସବୁ ହେଉଥିଲା। ତାଙ୍କୁ ସହଯୋଗ କରୁଥିଲେ ମୁନା ମହାନ୍ତି। ସେ ଗାଁରେ ଆଲିସାନ ଘର କରିବା ସହ ଏକାଧିକ ଟ୍ରକ୍ ଏବଂ ପେଟ୍ରୋଲ ପମ୍ପ କରିଛନ୍ତି। ଆହୁରି ମଧ୍ୟ ମୁନା ନୟାଗଡ଼ର ଏକାଧିକ ବାଲିଘାଟକୁ କରାୟତ୍ତ କରିଥିଲେ। ସିବିଆଇ ଶଙ୍କର ଏବଂ ମୁନାର ସମ୍ପତ୍ତି ତାଲିକା କରିଛି। ରିମାଣ୍ଡରେ ଆଣିବା ପରେ କଳାଧନ, ଶେୟାର ମାର୍କେଟ କାରବାର ଆଦି ବିଭିନ୍ନ ସମ୍ପର୍କରେ ପଚରାଉଚରା କରି ଅଧିକ ତଥ୍ୟ ହାସଲ କରିବାକୁ ସିବିଆଇ ଲକ୍ଷ୍ୟ ରଖିଛି।

ସୂଚନାଯୋଗ୍ୟ, ପୋଲିସ ଏସ୍‌ଆଇ ପରୀକ୍ଷା ପାଇଁ ଅଭିଯୁକ୍ତମାନେ ପିଲା ପିଛା ୨୫ଲକ୍ଷ ଟଙ୍କା ଡିଲ୍ କରିଥିଲେ। ପ୍ରଶ୍ନପତ୍ର ଦେବା ସହ ପୂରା ଉତ୍ତର ଘୋଷିବାକୁ ବ୍ୟବସ୍ଥା ହୋଇଥିଲା। ଏହି ମାମଲାରେ ମୋଟ ୧୨୬ଜଣଙ୍କୁ ଗିରଫ କରାଯାଇଥିବାବେଳେ ଏମାନଙ୍କ ମଧ୍ୟରୁ ୧୧୪ଜଣ ପରୀକ୍ଷାର୍ଥୀ ଓ ୫ଜଣ ଦଲାଲ ରହିଛନ୍ତି। ତେବେ କେଳେଙ୍କାରୀରେ ଆହୁରି ଦଲାଲଙ୍କ ସମ୍ପୃକ୍ତି ଥିବା ସିବିଆଇ ତଦନ୍ତରୁ ଜାଣିବାକୁ ପାଇଛି।

# କୁଲଡିହା ଅଭୟାରଣ୍ୟରୁ ୫ ଶିକାରୀ ଗିରଫ

**୨ ଦେଶୀ ବନ୍ଧୁକ ଜବତ**

ନୀଳଗିରି, ୩।୧୨(ପ୍ରଶାନ୍ତ ବିଶ୍ୱାଳ)



ଜବତ ମାରଣାସ୍ତ୍ର ସହ ଗିରଫ ଅଭିଯୁକ୍ତ।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କୁଲଡ଼ିହା ଅଭୟାରଣ୍ୟରେ ବୁଧବାର ବନବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ୫ ଶିକାରୀଙ୍କୁ ଗିରଫ କରାଯାଇଛି। ୨ ଦେଶୀ ବନ୍ଧୁକ ଜବତ ହୋଇଛି। ବିଗତ ଦେଢ଼ବର୍ଷ ମଧ୍ୟରେ ୬୦ରୁ ଉର୍ଦ୍ଧ୍ୱ ଶିକାରୀଙ୍କୁ କାବୁ କରି ଜେଲ୍ ପଠାଗଲାଣି। କୁଲଡିହା ବନବିଭାଗର ଏସିଏଫ୍ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ବୁଧବାର ବନବିଭାଗର ଏକ ଟିମ୍ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଝୁଲିଆପୁଆ ମୁହଁ ପ୍ରବେଶ ପଥରେ ଜଗି ରହିଥିବା ବେଳେ ଶିକାର ଉଦ୍ଦେଶ୍ୟରେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିବା ୫ଜଣ ଶିକାରୀଙ୍କୁ କାବୁ କରିବା ସହିତ ସେମାନଙ୍କୁ ବନ୍ୟଜନ୍ତୁ ଆଇନ ଧାରା ୫୧ ଅନୁଯାୟୀ ଗିରଫ କରିଛି। ଅଭିଯୁକ୍ତ ଶିକାରୀ ହେଲେ ନିର୍ମଳ ସିଂ(୪୩), ଚିନ୍ତାମଣି ସିଂ(୪୫), ଶ୍ୟାମ ସିଂ(୩୦), ବ୍ରଜକିଶୋର ସିଂ(୫୧) ଏବଂ ହରିମୋହନ ସିଂ(୪୦)। ସମସ୍ତ ଅଭିଯୁକ୍ତ ନୀଳଗିରି ଥାନା ଊପଦା ବ୍ଲକ୍ କାଣ୍ଡଗରଡ଼ି ପଞ୍ଚାୟତ ଝୁଲିଆ ଗ୍ରାମର। ସେମାନଙ୍କ ନିକଟରୁ ୨ଟି ଗୁଳି ଭର୍ତ୍ତି ଦେଶୀବନ୍ଧୁକ ଜବତ କରାଯିବା ସହିତ ୧୦ଗ୍ରାମ ଲାଲବାରୁଦ, ୧୦୦ଗ୍ରାମ କଳାବାରୁଦ, ୩ଟି ଧନୁ, ୧୭ଟି ତୀର, କାଚଗୁଳି ଆଦି ବିଭିନ୍ନ ପ୍ରକାରର ଶିକାରସାମଗ୍ରୀ ଜବତ କରିଛି। ଏନେଇ ବନବିଭାଗ ପକ୍ଷରୁ ଏକ ମାମଲା (ନଂ.୧୩କେ-୨୫/୨୬) ରୁଜୁ କରି ଅଭିଯୁକ୍ତ ଶିକାରୀଙ୍କୁ ଗିରଫ କରାଯାଇଛି।

# ସାଇନପଡ଼ା ପୋଷ୍ଟମାଷ୍ଟର ଗିରଫ

**ସୁକନ୍ୟା ଯୋଜନା ଟଙ୍କା ଆତ୍ମସାତ୍ ଘଟଣା**

କ.ନୂଆଗାଁ/ବାଲିଗୁଡ଼ା ୩।୧୨ (କାଳି ପ୍ରସାଦ ତ୍ରିପାଠୀ/ ସଞ୍ଜୟ କୁମାର ପାଣିଗ୍ରାହୀ)



ଗିରଫ ସାଇନପଡ଼ା ଶାଖା ପୋଷ୍ଟମାଷ୍ଟର ରମେଶ ଚନ୍ଦ୍ର ସାହୁ।

କନ୍ଧମାଳ ଜିଲା କ.ନୂଆଗାଁ ଥାନା ଅନ୍ତର୍ଗତ ସାଇନପଡ଼ା ଶାଖା ପୋଷ୍ଟମାଷ୍ଟର (ବିପିଏମ୍) ରମେଶ ଚନ୍ଦ୍ର ସାହୁ (୩୨) ଜନସାଧାରଣଙ୍କ ଲକ୍ଷାଧିକ ଟଙ୍କା ଠକି ଧରାପଡ଼ିଛନ୍ତି। ତାଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବାଲିଗୁଡ଼ା ଜେଲକୁ ପଠାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ, ସାଇନପଡା ପୋଷ୍ଟ ଅଫିସରେ ୨୦୨୧ରୁ ରମେଶ ବିପିଏମ୍ ଭାବେ କାର୍ଯ୍ୟରତ ଥିଲେ। ସେ ବାଲିଗୁଡ଼ାର ଭଗାମୁଣ୍ଡାଠାରେ ରହି ସାଇନପଡା କାର୍ଯ୍ୟାଳୟକୁ ଯାତାୟାତ କରି ଅଫିସ୍ କରୁଥିଲେ। ଗ୍ରାମାଞ୍ଚଳର ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ରମେଶ ସେମାନଙ୍କୁ ସୁକନ୍ୟା ଯୋଜନା, ଆରଡି ସହ ବିଭିନ୍ନ ଯୋଜନାରେ ପୋଷ୍ଟ ଅଫିସରେ ଟଙ୍କା ବାନ୍ଧିବା ପାଇଁ ପ୍ରବର୍ତ୍ତାଇଥିଲେ। ବିଭିନ୍ନ ଯୋଜନାରେ ଟଙ୍କା ବାନ୍ଧିବା ଲାଗି ସେ ଲୋକଙ୍କଠାରୁ ଟଙ୍କା ସଂଗ୍ରହ କରି ଏହାକୁ ନ ବାନ୍ଧି ଆତ୍ମସାତ୍ କରୁଥିଲେ। ପୋଷ୍ଟମାଷ୍ଟରଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଲୋକେ ଜାଣିବା ପରେ ସେ ଛୁଟି ନେଇ ଫେରାର ହୋଇଯାଇଥିଲେ। ଟଙ୍କା ଫେରିପାଇବାକୁ ଗତ ୩୦।୯।୨୫ରେ ସାଇନପଡାର କଳ୍ପନା ମଲ୍ଲିକ, ରୁକ୍ମିଣୀ ବେହେରା, ପ୍ରାଣକୃଷ୍ଣ ମହାପାତ୍ର କ.ନୂଆଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ନଂ.୧୪୮/୨୫ରେ ଏକ ମାମଲା ରୁଜୁ କରି ଏହି ଠକେଇ ଘଟଣାର ତଦନ୍ତ ଜାରି ରଖିଥିଲା। ବ୍ରହ୍ମପୁରର ପାର୍କସାହିରେ ଅଭିଯୁକ୍ତ ପୋଷ୍ଟମାଷ୍ଟର ରମେଶ ଥିବା ଜାଣି ମଙ୍ଗଳବାର ତାଙ୍କୁ ସେଠାରୁ ପୋଲିସ ଗିରଫ କରିଥିଲା। ଏହି ଠକେଇ ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଅଶୋକ ହାଁସଦା କହିଛନ୍ତି। ତେବେ ବିଭିନ୍ନ ଯୋଜନାରେ ବାନ୍ଧିଥିବା ଟଙ୍କା ଲୋକେ ଫେରିପାଇବେ କି ନାହିଁ ସେନେଇ ସେମାନେ ଚିନ୍ତାରେ ଅଛନ୍ତି।

# ସ୍ତ୍ରୀଙ୍କ ନାମରେ ଜାଲ୍ ଡକ୍ୟୁମେଣ୍ଟ କରି ୪୦ ଲକ୍ଷ ଋଣ

## ଠକେଇ ମାମଲାରେ ସ୍ୱାମୀଙ୍କୁ ଗିରଫ କଲା ପୋଲିସ

ଭୁବନେଶ୍ୱର,୩।୧୨(ତ୍ରିନାଥ ମହାନ୍ତି)

ସ୍ତ୍ରୀଙ୍କ ନାମରେ ଜାଲ ଦସ୍ତାବିଜ୍ ଏବଂ ଦସ୍ତଖତ କରି ଏକ ଘରୋଇ ଫାଇନାନ୍ସ ସଂସ୍ଥାରୁ ୪୦.୫ଲକ୍ଷ ଟଙ୍କା ଋଣ ଉଠାଇବା ଘଟଣାରେ ଖାରବେଳନଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସତ୍ୟନଗରରେ ରହୁଥିବା ଦୁର୍ଗା ପ୍ରସାଦ ସାମଲ। ତାଙ୍କ ନିକଟରୁ ଏକାଧିକ ଜାଲ୍ ଦସ୍ତଖତ ଥିବା କାଗଜାତକୁ ଜବତ କରାଯାଇଛି।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀଙ୍କ ସ୍ୱାମୀ ଦୁର୍ଗା ପ୍ରସାଦ ୨୦୨୦ ଫେବୃଆରୀ ୧୮ରେ ଜାଲ୍ ଦସ୍ତଖତ ଏବଂ ଡକ୍ୟୁମେଣ୍ଟ ବ୍ୟବହାର କରି ଏକ ଘରୋଇ ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ ସଂସ୍ଥାରୁ ୪୦.୫ଲକ୍ଷ ଟଙ୍କାର ଏକ ମର୍ଟଗେଜ ଋଣ ହାସଲ କରିଥିଲେ। ଉକ୍ତ ଋଣ ପରିଶୋଧ ତାଙ୍କ ଅଜାଣତରେ ବ୍ୟାଙ୍କ ଆକାଉଣ୍ଟ ନମ୍ବରରୁ କରାଯାଇଥିଲା। ଅନ୍ୟ ଦୁଇଟି ଅନଧିକୃତ ଆର୍ଥିକ କାରବାର ଯଥା ୩୪ ଲକ୍ଷ ୮୧ ହଜାର ୭୭୩ ଟଙ୍କା ଏବଂ ୪ଲକ୍ଷ ୫୪ ହଜାର ୭୭ ଟଙ୍କା ଆକ୍ସିସ ବ୍ୟାଙ୍କ ଆକାଉଣ୍ଟରୁ ହୋଇଥିଲା, ଯାହାକୁ ସେ କେବେ ଅନୁମତି ଦେଇ ନ ଥିଲେ। ତଦନ୍ତକାରୀ ଅଧିକାରୀ ଅଭିଯୋଗକାରିଣୀ ଏବଂ ଘରୋଇ ଫାଇନାନ୍ସିଆଲ ସର୍ଭିସେସଠାରୁ ଆବଶ୍ୟକ କାଗଜପତ୍ର ଜବତ କରିଥିଲେ। ଜାଲ୍ କାଗଜପତ୍ର ଯୋଗାଇବାରେ ସମ୍ପୃକ୍ତ ଅଭିଯୁକ୍ତ ଅନସୂୟା ଦାସଙ୍କୁ ଗତ ନଭେମ୍ବର ୧୪ତାରିଖରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବାବେଳେ ଦୁର୍ଗାପ୍ରସାଦ ଫେରାର ଥିଲେ। ଖାରବେଳ ନଗର ପୋଲିସ କେନ୍ଦୁଝର ଜିଲା ଆନନ୍ଦପୁରସ୍ଥିତ ଦୁର୍ଗାପ୍ରସାଦଙ୍କ ଘରେ ସ୍ଥାନୀୟ ପୋଲିସ ସହାୟତାରେ ଚଢାଉ କରିଥିଲା। ସେଠାରୁ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଅଣାଯାଇଥିଲା। ପରେ ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବନ୍ଧୁ ସାଜିଥିଲେ ଷଡ଼ଯନ୍ତ୍ରକାରୀ

## ଖଣ୍ଡା ବୁଲାଇ କାର୍‌ରୁ ୨୦ ଲକ୍ଷ ଲୁଟ୍ ଘଟଣା

- ୨ ଗିରଫ, ନଗଦ ୫.୭୦ ଲକ୍ଷ ଟଙ୍କା ଜବତ
- ସିଡିଆର୍‌ରୁ ମିଳିଲା ସୁରାକ୍, ୩ ସହଯୋଗୀଙ୍କୁ ଖୋଜୁଛି ପୋଲିସ

ଭୁବନେଶ୍ୱର,୩।୧୨(ସତ୍ୟଜିତ ରାଉତ)

ଟଙ୍କା ପାଇଁ ବନ୍ଧୁ କରିଥିଲେ ଷଡ଼ଯନ୍ତ୍ର। ଲୋକ ଲଗାଇ ନିଜ ବନ୍ଧୁଙ୍କ କାର୍‌ରୁ ଲୁଟ୍ କରାଇବା ପରେ ନେଇଯାଇଥିଲେ ନିଜ ଭାଗ ଟଙ୍କା। ୧୬ ନଂ ଜାତୀୟ ରାଜପଥ ପାହାଲ ନିକଟରେ ୮ ଦିନ ତଳେ ଖଣ୍ଡା ବୁଲାଇ କାର୍‌ରୁ ୨୦ ଲକ୍ଷ ଲୁଟ୍ ଘଟଣାରେ ପୋଲିସ ରହସ୍ୟ ଉନ୍ମୋଚନ କରିଛି। ଷଡ଼ଯନ୍ତ୍ରକାରୀ ବନ୍ଧୁଙ୍କ ସହ ୨ ଜଣଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଆଳି ଅଞ୍ଚଳର ସରୋଜ ସୂତାର(୩୦) ଓ କଟକ ତେଲେଙ୍ଗାପେଣ୍ଠ ଗ୍ରାମର ବବୁଲ ବେହେରା ଓରଫ ନିକୁ(୨୫)। ସରୋଜଙ୍କଠାରୁ ଲକ୍ଷେ ୭୦ ହଜାର ଓ ବବୁଲଙ୍କ ଠାରୁ ୪ ଲକ୍ଷ, ଗୋଟିଏ ବାଇକ, ଗୋଟିଏ ଖଣ୍ଡା ଜବତ ହୋଇଛି। କୋର୍ଟ ଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଫେରାର ଥିବା ଜଗନ୍ନାଥଙ୍କ ସମେତ ୩ ସହଯୋଗୀଙ୍କୁ ପୋଲିସ ଧରିବାକୁ ପ୍ରୟାସ ଚଳାଇଛି।

ସୂଚନା ଅନୁଯାୟୀ, ବାଲେଶ୍ୱରର ପ୍ରଭାତ କୁମାର ସାହୁ (୨୮) ଘରୋଇ ବ୍ୟବସାୟୀଙ୍କ ପାଇଁ ଜିଏସ୍‌ଟି ଏବଂ ଆଇଟି ରିଟର୍ନ ପରିଚାଳନା କରନ୍ତି। ନଭେମ୍ବର ୨୪ରେ କଟକରୁ ମିଳିଥିବା ୨୦ ଲକ୍ଷ ଟଙ୍କା ଧରି ସେ କାର୍‌ରେ ଭୁବନେଶ୍ୱର ଆସିଥିଲେ। ରାତିରେ ତାଙ୍କ ସହ ବନ୍ଧୁ ଅଭିଯୁକ୍ତ ସରୋଜ ଓ ସୁରେଶ ତମାଣ୍ଡୋ ଅଞ୍ଚଳକୁ ଏକ ହୋଟେଲକୁ ଖାଇବାପାଇଁ ଯାଇଥିଲେ। ପ୍ରଭାତ ମୋଟା ପରିମାଣର ଟଙ୍କା ଆଣିଥିବା ଜାଣି ସରୋଜ ଲୋଭରେ ପଡ଼ି ଯାଇଥିଲେ। ଏହି ଟଙ୍କା ଲୁଟ୍ କରିବା ପାଇଁ ସେ ଷଡ଼ଯନ୍ତ୍ର ରଚିଥିଲେ। ଏଥିପାଇଁ ସେ ବବୁଲ୍, ଜଗନ୍ନାଥ ଓ ଅନ୍ୟ ୨ଜଣଙ୍କୁ କହି ଲୁଟ୍ ଯୋଜନା କରିଥିଲେ। ଏପଟେ ପାହାଳଠାରେ ପ୍ରଭାତ କାର୍ ଥୋଇ ସରୋଜ ଓ ସୁରେଶଙ୍କ ସହ ଚା' ପିଉଥିବାବେଳେ ୪ଜଣ ଅଭିଯୁକ୍ତ ଦୁଇ ବାଇକ୍‌ରେ ଖଣ୍ଡା ଧରି ପହଞ୍ଚି ଭୟ ସୃଷ୍ଟି କରିଥିଲେ। ଧମକ୍ ଦେଇ କାର୍‌ରେ ଥିବା ୨୦ ଲକ୍ଷ ଟଙ୍କା ନେଇଯାଇଥିଲେ। ଏନେଇ ପ୍ରଭାତଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୪୫/୨୦୨୫) ରୁଜୁକରି ତଦନ୍ତ କରିଥିଲା। ତେବେ ତଦନ୍ତ ବେଳେ ସରୋଜଙ୍କ ବୟାନରୁ ପୋଲିସର ସନ୍ଦେହ ହୋଇଥିଲା। ୩ସାଙ୍ଗଙ୍କ ସିଡିଆର୍ (କଲ୍ ଡିଟେଲ୍ସ ରିପୋର୍ଟ) ମଗାଯିବାରୁ ସରୋଜ ଘଟଣା ସମୟରେ ଅଭିଯୁକ୍ତଙ୍କ ସହ କଥା ହୋଇଥିବା ଜଣାପଡିଥିଲା। ଏହାପରେ ପୋଲିସ ଜେରା କରିବାରୁ ସେ ସତ ମାନିବା ସହ ଲୁଟ୍ ଟଙ୍କାରୁ ୨ଲକ୍ଷ ଟଙ୍କା ଭାଗ ମଧ୍ୟ ନେଇଥିବା ମାନିଥିଲେ।

# ସ୍ତ୍ରୀ ସାମ୍ନାରେ ସ୍ୱାମୀଙ୍କୁ ଛୁରାମାଡ଼

**ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,୩।୧୨(ସତ୍ୟଜିତ ରାଉତ)

ବଡ଼ଗଡ଼ ଥାନା ଅନ୍ତର୍ଗତ ରାଜାରାଣୀ ବସ୍ତିରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ସ୍ତ୍ରୀ ସାମ୍ନାରେ ଛୁରାମାଡ଼ ହୋଇଛି। ମଙ୍ଗଳବାର ରାତିରେ ଏହି ଘଟଣା ଘଟିଛି। ଛୁରାମାଡ଼ରେ ଆହତ ବ୍ୟକ୍ତିଜଣକ ହେଲେ ଉକ୍ତ ବସ୍ତିରେ ରହୁଥିବା ଶଙ୍କର ସାମନ୍ତରାୟ। ପ୍ରାଥମିକ ଚିକିତ୍ସା ପରେ ଶଙ୍କର ଏନେଇ ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା (ନଂ.୬୬୪/୨୦୨୫) ରୁଜୁ କରି ଅଭିଯୁକ୍ତ ତଥା ରାଜାରାଣୀ ବସ୍ତିରେ ରହୁଥିବା ଜଟଣୀ ଅଞ୍ଚଳର କାଳିଆ ଓରଫ ଅମରଜିତ୍ ପ୍ରଧାନ (୨୯)ଙ୍କୁ ଗିରଫ କରିଛି। ଏଥିସହ ତାଙ୍କଠାରୁ ଅପରାଧରେ ବ୍ୟବହୃତ ଏକ ବଡ଼ ଛୁରିକୁ ଜବତ କରାଯାଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତ କାଳିଆଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଶଙ୍କର ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ କାଳିଆ ଘର ନିକଟ ରାସ୍ତାରେ ତାଙ୍କୁ ଅଟକାଇଥିଲେ। ହଠାତ୍ ଏକ ଛୁରିରେ ଶଙ୍କରଙ୍କୁ କାଳିଆ ଆକ୍ରମଣ କରିଥିଲେ। ଫଳରେ ଶଙ୍କରଙ୍କ ହାତ ଓ ମୁଣ୍ଡରେ କ୍ଷତ ସୃଷ୍ଟି ହୋଇ ରକ୍ତପାତ ହୋଇଥିଲା। ଶଙ୍କରଙ୍କ ସ୍ତ୍ରୀ ଏହା ଦେଖି ଚିତ୍କାର କରିବା ପରେ କାଳିଆ ଘଟଣାସ୍ଥଳରୁ ପଳାଇଥିଲେ। ଏହାପରେ କାଳିଆ ତାଙ୍କ ସାନଭାଇ ବବୁଲଙ୍କ ସହ ମିଶି ଶଙ୍କରଙ୍କ ଘରେ ପଶି ଟିଭି, ଆଲମିରା ଆଦି ସାମଗ୍ରୀକୁ ନଷ୍ଟ କରି ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ଜଣାପଡିଛି। ଗିରଫ କାଳିଆଙ୍କ ଭାଇ ବବୁଲଙ୍କୁ ମଧ୍ୟ ପୋଲିସ ଧରିବାକୁ ପ୍ରୟାସ ଚଳାଇଛି। କାଳିଆଙ୍କ ନାମରେ ପୂର୍ବରୁ ବଡ଼ଗଡ଼ ଥାନାରେ ଆପରାଧିକ ମାମଲା ରହିଛି।

# କଳା ତାଲିକାଭୁକ୍ତ ହେଲା ସିଲିକନ୍ ଟେକ୍

**ସଂସ୍ଥା ସହ ସମସ୍ତ ଚୁକ୍ତି ବାତିଲକଲେ ସରକାର**

ଭୁବନେଶ୍ୱର,୩।୧୨(ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତିରେ ସାମିଲ ଥିବା ସିଲିକନ୍ ଟେକ୍ ଲାବ୍ ସଂସ୍ଥାକୁ କଳା ତାଲିକାଭୁକ୍ତ(ବ୍ଲାକ୍‌ଲିଷ୍ଟ) କରାଯାଇଛି। ସଂସ୍ଥା ସହ ସମସ୍ତ ଚୁକ୍ତି ରାଜ୍ୟ ସରକାର ବାତିଲ କରିଛନ୍ତି। ଏସ୍‌ଆଇ ପରୀକ୍ଷାରେ ସିଲିକନ୍ ସଂସ୍ଥା ବ୍ୟାପକ ଅନିୟମିତତା କରିଥିଲା। ସଂସ୍ଥା ମାଲିକ ସୁରେଶ ନାୟକଙ୍କୁ ଏହି ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଏବେ ସେ ଝାରପଡ଼ା ଜେଲରେ ଅଛନ୍ତି। ନିକଟରେ ହୋଇଥିବା ଏଏସ୍‌ଓ ପରୀକ୍ଷାରେ ଜାଲିଆତି ସନ୍ଦେହ କରି ହାଇକୋର୍ଟ ପରୀକ୍ଷା ପୁଣି ଥରେ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଏଏସଓ ପରୀକ୍ଷା ଦାୟିତ୍ୱ ସିଲିକନ୍ ଟେକ୍ ଲାବ୍ ବୁଝୁଥିଲା। ପୋଲିସ ଏସ୍‌ଆଇ ପରୀକ୍ଷା କରାଇବା ଦାୟିତ୍ୱ ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ(ଓପିଆରବି)ଠାରୁ ପଶ୍ଚିମବଙ୍ଗର ଆଇଟିଆଇ ସଂସ୍ଥା ନେଇଥିଲା। ଆଇଟିଆଇ ସଂସ୍ଥା ସବ୍‌ଲିଜ୍‌ରେ ହାଇଦ୍ରାବାଦର ସିଲିକନ୍ ଟେକ୍ ଲାବ୍‌କୁ ଦେଇଥିଲେ। ସିଲିକନ୍ ସଂସ୍ଥା ପୁଣି ଶଙ୍କର ପୃଷ୍ଟିର ପଞ୍ଚସଫ୍ଟ ସଂସ୍ଥାକୁ ଦେଇଥିଲା। ସମସ୍ତେ ମିଳିମିଶି ଏସ୍‌ଆଇ ପରୀକ୍ଷା କେଳେଙ୍କାରୀରେ ସାମିଲ ରହିଥିଲେ।

# ୨ ହାତୀଦାନ୍ତ ଜବତ, ୩ ଗିରଫ

ଚମ୍ପୁଆ,୩।୧୨(ମହେଶ୍ୱର ଦାସ)



ଜବତ ହାତୀଦାନ୍ତ

କେନ୍ଦୁଝର ବନଖଣ୍ଡ ଚମ୍ପୁଆ ରେଞ୍ଜରେ ବେଆଇନଭାବେ ହାତୀଦାନ୍ତ ବିକ୍ରି ଯୋଜନା ବେଳେ ବନ ବିଭାଗ ଚଢ଼ାଉକରି ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ ଖଣ୍ଡ ହାତୀଦାନ୍ତ ଜବତ ହୋଇଛି। ଅଭିଯୁକ୍ତ ଢେଙ୍କାନାଳ ଜିଲା କୈଳାସ ତିରିଆ, ଝାଡ଼ଖଣ୍ଡ ରାଜ୍ୟର ଗୁରୁଚରଣ କେରାଇ ଓ ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଅନ୍ତର୍ଗତ ବଳଭଦ୍ରପୁର ଗାଁର ମିଶ୍ର ମୁଣ୍ଡା ବୋଲି ବୁଧବାର ଚମ୍ପୁଆ ବନ ବିଭାଗ କାର୍ଯ୍ୟାଳୟରେ ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ ଖବରଦାତାଙ୍କୁ ସୂଚନା ପ୍ରଦାନ କରିଛନ୍ତି।

ସୂଚନା ଅନୁସାରେ, ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ରାମଲା ଫଙ୍ଗୁପୋଲ ନିକଟବର୍ତ୍ତୀ ଜଣଙ୍କ ଘରେ ପୂଜାପାଠ ଆଳରେ ହାତୀ ଦାନ୍ତ ବିକ୍ରି ଯୋଜନା ହେଉଥିଲା। ଖବର ପାଇ ବନ ବିଭାଗର ଯୁଗ୍ମ ଟାକ୍ସଫୋର୍ସ, ସ୍ଥାନୀୟ ପୋଲିସ ଓ ରାଜସ୍ୱ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷାକରି ବନ ସଂରକ୍ଷକଙ୍କ ନେତୃତ୍ୱରେ ବନ କର୍ମଚାରୀ ଚଢ଼ାଉ କରିଥିଲେ। ସେଠାରୁ ଅବୈଧ ହାତୀଦାନ୍ତ ମୁଲଚାଲରେ ଲିପ୍ତ ୩ ଜଣଙ୍କୁ ଟିମ୍ ଗିରଫ କରିଥିଲା। ଚଢ଼ାଉ ସମୟରେ ୧୪.୩ କି.ଗ୍ରା. ଓଜନର ୨ ଟି ହାତୀଦାନ୍ତ, ୩ ମୋବାଇଲ, ୨ଟି ବାଇକ୍(ଓଏଫ୍ ୦୬ ଏଏନ୍ ୪୧୨୨), (ଓଡି ୦୯ ଏଏଫ୍ ୫୨୧୪) ଏବଂ ସ୍କୁଟି (ଜେଏଚ୍ ୦୬ ୟୁ ୭୦୫୧) ଜବତ କରାଯାଇଛି। ଏ ନେଇ ମାମଲା (ନଂ. ୧୨ ସିଏଚ୍/୨୦୨୫-୨୬) ଏବଂ ବନ୍ୟପ୍ରାଣୀ ସୁରକ୍ଷା ଅଧିନିୟମ ୧୯୭୨ର ଧାରା ୯,୩୯(୩) ଏବଂ ୪୯ (ଖ) ଅନୁଯାୟୀ ମକଦ୍ଦମା ପଞ୍ଜୀକୃତ ହୋଇଛି। ପୋଲିସ ସହାୟତାରେ ବନ ସଂରକ୍ଷକ ଅଶୋକ ଦାସ ଘଟଣାର ଅଧିକ ତଦନ୍ତ କରୁଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

**ରାଜ୍ୟ ଖବର**

# ଡିସେମ୍ବର ୩୧ ଯାଏ ବଢ଼ିଲା ଇ-କେୱାଇସି

ଭୁବନେଶ୍ୱର,୩।୧୨(ରବିନାରାୟଣ ଜେନା)

ରାଜ୍ୟରେ ଡିସେମ୍ବର ୩୧ ଯାଏ ରାଶନ କାର୍ଡ ଇ-କେୱାଇସି ସଂଶୋଧନ ପ୍ରକ୍ରିୟା ଜାରି ରହିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଇ-କେୱାଇସି ପ୍ରକ୍ରିୟା ଓ କ୍ଷେତ୍ର ତର୍ଜମା ସମୟରେ ୬ ଲକ୍ଷ ୮୩ ହଜାର ୯୯୫ ଜଣ ମୃତବ୍ୟକ୍ତି ଚିହ୍ନଟ ହୋଇଛନ୍ତି। ସେହିପରି ୩୩,୧୨୮ଟି ଅଯୋଗ୍ୟ ରାଶନ କାର୍ଡକୁ ବାତିଲ କରାଯାଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୪,୭୪୭ଟି ଜାଲ୍ ରାଶନ କାର୍ଡ ଧରାପଡ଼ିଛି। ସେହିପରି ଦ୍ୱିତୀୟରେ କଟକରୁ ୨,୯୦୫ ଏବଂ ତୃତୀୟରେ ସୁନ୍ଦରଗଡ଼ ଜିଲାରୁ ୨,୩୫୭ ଗୋଟି ଜାଲ୍ ରାଶନ କାର୍ଡ ଧରାପଡ଼ିଛି। ଜୁନ୍ ୨୦୨୪ଠାରୁ ରାଶନ କାର୍ଡ ପାଇଁ ମୋଟ ୧୫ ଲକ୍ଷ ୩୩ ହଜାର ୧୫୩ଟି ଆବେଦନ ହସ୍ତଗତ ହୋଇଛି। ତନ୍ମଧ୍ୟରୁ ୩ ଲକ୍ଷ ୨୩ ହଜାର ୧୪୫ଟି ଆବେଦନ କ୍ଷେତ୍ର ତର୍ଜମା ପରେ ଯୋଗ୍ୟ ବିବେଚିତ ହୋଇ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ଭାବେ ଅନ୍ତର୍ଭୁକ୍ତ ହୋଇଛି। ସେହିଭଳି ୭ ଲକ୍ଷ ୩୭ ହଜାର ୫୩୦ ଆବେଦନ 'ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ଲକ୍ଷ୍ୟଭିତ୍ତିକ ସାଧାରଣ ବଣ୍ଟନ' ବ୍ୟବସ୍ଥା ନିୟମ ଅନୁଯାୟୀ ଅଗ୍ରାହ୍ୟ କରାଯାଇଛି। ବଳକା ଥିବା ଏବଂ ସଦ୍ୟ ହସ୍ତଗତ ହେଉଥିବା ୪ ଲକ୍ଷ ୭୨ ହଜାର ୪୭୮ ଗୋଟି ଆବେଦନର ବ୍ଲକ ଏବଂ ପୌରାଞ୍ଚଳ ସ୍ତରରେ କ୍ଷେତ୍ର ତର୍ଜମା ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ସୁଆଦ ବିଞ୍ଝାରପୁର ଗାଈକ୍ଷୀର: ପ୍ରମିଳା

ଭୁବନେଶ୍ୱର,୩।୧୨ (ରବିନାରାୟଣ ଜେନା)

ମୁଖ୍ୟମନ୍ତ୍ରୀଙ୍କୁ ଯାଜପୁର ଜିଲା ବିଞ୍ଝାରପୁର ଦେଶୀଗାଈ କ୍ଷୀରରେ ପ୍ରସ୍ତୁତ ଚା' ଭାରି ସୁଆଦିଆ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି।

ବିଧାନସଭାର ପ୍ରଶ୍ନକାଳରେ ପ୍ରମିଳା ଦେଶୀଗାଈ ପ୍ରସଙ୍ଗ ଉଠାଇ କହିଛନ୍ତି ଯେ, ଏକ ବୈଠକରେ ମୁଖ୍ୟମନ୍ତ୍ରୀ ଉପରୋକ୍ତ କଥା କହିଛନ୍ତି, ଯେଉଁ ବୈଠକରେ ବାଚସ୍ପତି ମଧ୍ୟ ଉପସ୍ଥିତ ଥିଲେ। ତେଣୁ ସରକାର ଦେଶୀଗାଈ ବଂଶବୃଦ୍ଧି ପାଇଁ କ'ଣସବୁ ଯୋଜନା ରଖିଛନ୍ତି ତାହା ଗୃହକୁ ଜଣାନ୍ତୁ। ସେ ପୁଣି କହିଛନ୍ତି, ପ୍ରତ୍ୟେକ ଚାଷୀଙ୍କୁ ସରକାର ଦେଶୀଗାଈ ଯୋଗାଇଦେବେ କି? ଏହାସହିତ ଯେଉଁ ଗୋରୁ ବୁଢ଼ା ହେଉଛନ୍ତି ତାଙ୍କ ସୁରକ୍ଷା ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି ଜଣାନ୍ତୁ। ଉତ୍ତରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, ରାଜ୍ୟ ସରକାର ଦେଶୀଗାଈ ବଂଶ ବୃଦ୍ଧିକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ପ୍ରତିଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାରେ ୧ ଟନ୍ ଦେଶୀଘିଅ ଲଗାଯାଉଛି। ଆଗାମୀ ଦିନରେ ଜାତୀୟସ୍ତର ସହିତ ଓଡ଼ିଶାରେ କିଭଳି ଦୁଗ୍ଧ ଅଧିକ ଉତ୍ପାଦନ ହେବ, ସେଥିପ୍ରତି ଗୁରୁତ୍ୱ ଦିଆଯିବ।

ଏହି ଅବସରରେ ମୂଳ ପ୍ରଶ୍ନକର୍ତ୍ତା ବିଜେଡି ସଦସ୍ୟ ଅରୁଣ ସାହୁ ଜାତୀୟସ୍ତରରେ ଏବଂ ରାଜ୍ୟରେ ମୁଣ୍ଡ ପିଛା ଦୁଗ୍ଧ ଉତ୍ପାଦନ କେତେ ରହିଛି ତା'ର ତୁଳନାତ୍ମକ ତଥ୍ୟ ମନ୍ତ୍ରୀଙ୍କଠାରୁ ଲୋଡ଼ିଥିଲେ। ଏହାସହିତ ଲକ୍ଷ୍ୟଧାର୍ଯ୍ୟ ପୂରଣ ଲାଗି ସରକାରଙ୍କ କ'ଣସବୁ ଯୋଜନା ରହିଛି ଏବଂ ଅଦ୍ୟାବଧି କେତେଜଣ କୃଷକଙ୍କୁ କେତେ ପରିମାଣର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି ପ୍ରଶ୍ନ କରିଥିଲେ। ମନ୍ତ୍ରୀ ଉତ୍ତରରେ କହିଛନ୍ତି, ଜାତୀୟସ୍ତରରେ ଦୁଗ୍ଧ ମୁଣ୍ଡ ପିଛା ୩୦୦ ଗ୍ରାମ୍ ଉତ୍ପାଦନ ହେଉଥିବାବେଳେ ରାଜ୍ୟରେ ଏହି ହାର ୧୬୫ ଗ୍ରାମ୍ ରହିଛି। ଗ୍ରାମାଞ୍ଚଳ ଦୁଗ୍ଧଚାଷୀଙ୍କ ବିକାଶ ଲାଗି ସରକାର ବହୁବିଧ ଯୋଜନା କରିଛନ୍ତି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୫,୩୫୪ ହିତାଧିକାରୀଙ୍କୁ ୬୪.୮୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟରେ ୯୬ ହଜାର ଲିଟର ଦୁଗ୍ଧ ଉତ୍ପାଦନ ବଢ଼ିଛି ବୋଲି ମନ୍ତ୍ରୀ କହିଥିଲେ।

# ରମାଦେବୀଙ୍କ ଜୟନ୍ତୀ ପାଳନରେ ସରକାରଙ୍କ ଟାଳଟୁଳ ନୀତି: ବିଜେଡି

ଭୁବନେଶ୍ୱର, ୩।୧୨(ସୁନିତ୍ ମିଶ୍ର)

ସ୍ୱାଧୀନତା ସଂଗ୍ରାମୀ ରମାଦେବୀ ଚୌଧୁରୀଙ୍କ ଜୟନ୍ତୀ ପାଳନକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ବିଜେଡି ପ୍ରଶ୍ନ ଉଠାଇ ବର୍ଷିଛି। ପୂଜ୍ୟପୂଜା ପରମ୍ପରା ଓଡ଼ିଆ ସଂସ୍କୃତିର ପ୍ରତୀକ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଏହି ଆଭିମୁଖ୍ୟ ଓଡ଼ିଆ ଅସ୍ମିତା ପ୍ରତି କୁଠାରାଘାତ ସଦୃଶ ବୋଲି ବିଜେଡି କହିଛି। ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଈପ୍ସିତା ସାହୁ କହିଛନ୍ତି, ରମାଦେବୀଙ୍କ ୧୨୫ ତମ ଜୟନ୍ତୀ ବର୍ଷବ୍ୟାପୀ ପାଳନ କରାଯିବ ବୋଲି ରାଜ୍ୟ ସରକାର କହିଥିଲେ। ବର୍ଷବ୍ୟାପୀ ପାଳନ ତ ଦୂରର କଥା, ତାଙ୍କ ଜୟନ୍ତୀ ପାଳନ କରିବା ପାଇଁ ମଧ୍ୟ ଟାଳଟୁଳ ନୀତି ଦେଖିବାକୁ ମିଳିଛି। ତାଙ୍କ ଜୟନ୍ତୀ ଅତ୍ୟନ୍ତ ହାଲୁକା ଭାବେ କଳିଙ୍ଗ ଷ୍ଟାଡିୟମର ଟେନିସ କୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ସମ୍ଭବତଃ ରାଜ୍ୟ ସରକାର ରମାଦେବୀଙ୍କ ଜୟନ୍ତୀକୁ ଭୁଲିଯାଇଥିଲେ, କେହି ଜଣେ ମନେପକାଇବା ପରେ ତରବରିଆ ଭାବେ ଏହାକୁ ପାଳନ କରାଯାଉଛି। ଦୁଃଖ ଓ ପରିତାପର ବିଷୟ ରମାଦେବୀଙ୍କ ପରି ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ ପାଳନ ପାଇଁ ରାଜ୍ୟ ସରକାର ଗୋଟିଏ ଅଡିଟୋରିୟମ ମଧ୍ୟ ଯୋଗାଡ଼ କରିପାରିଲେ ନାହିଁ। ରମାଦେବୀ କଂଗ୍ରେସ ସଦସ୍ୟ ଥିଲେ, ଏହି କାରଣରୁ ମୁଖ୍ୟମନ୍ତ୍ରୀ ତାଙ୍କ ଜନ୍ମଦିନ ପାଳନ ଲାଗି ଅନୁମୋଦନ ଦେଇ ନ ଥିଲେ। ରାଜ୍ୟ ସରକାରଙ୍କ ଏହି ହୀନ ଉଦ୍ୟମକୁ ଓଡ଼ିଶାବାସୀ କେବେ ବି କ୍ଷମା ଦେବେ ନାହିଁ ବୋଲି ଈପ୍ସିତା କହିଛନ୍ତି।

# ରମାଦେବୀଙ୍କୁ ଉଚିତ ସମ୍ମାନ ମିଳୁ: ବିରୋଧୀ

**ସରକାର ଗୁରୁତ୍ୱ ଦେବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର,୩।୧୨ (ରବିନାରାୟଣ ଜେନା)

ସର୍ବୋଦୟ ଆନ୍ଦୋଳନର ମୁଖ୍ୟ ପୁରୋଧା ତଥା ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ନାରୀନେତ୍ରୀ ମା' ରମାଦେବୀଙ୍କୁ ଉଚିତ ସମ୍ମାନ ଦିଆଯିବା ନେଇ ଶୂନ୍ୟକାଳରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ, ସଦସ୍ୟ ଅରୁଣ ସାହୁ ଏବଂ ଗୌତମବୁଦ୍ଧ ଦାସ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସଦସ୍ୟଗଣ କହିଛନ୍ତି, ସରକାର ରମାଦେବୀଙ୍କ ଅବଦାନକୁ ଭୁଲିଯାଇଛନ୍ତି। ତାଙ୍କ ୧୨୬ତମ ଜୟନ୍ତୀ ଉପଲକ୍ଷେ ଯେଉଁଭଳି ବର୍ଷବ୍ୟାପୀ କାର୍ଯ୍ୟକ୍ରମ କରାଯିବା କଥା ତାହା କରାଯାଉନାହିଁ। ତାଙ୍କ ପାଇଁ ରାଜଧାନୀରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ କରିବା ଲାଗି କୌଣସି ପ୍ରେକ୍ଷାଳୟ ମିଳିଲାନାହିଁ ଯେ କଳିଙ୍ଗ ଷ୍ଟାଡିୟମ୍‌ର ଟେନିସ୍ ପଡ଼ିଆରେ କରାଯିବା ସମ୍ପୂର୍ଣ୍ଣ ଭାବେ ଅସମ୍ମାନ। ସମସ୍ତେ ତାଙ୍କ ଜନ୍ମ ଜୟନ୍ତୀରେ ସାମିଲ ହେବା ନିମନ୍ତେ ବାଚସ୍ପତି ମଧ୍ୟ ନିର୍ଦ୍ଦେଶ ଦେବାର ଥିଲା, ହେଲେ ତାହା ଆପଣ କଲେନାହିଁ। ଯେମିତି ଅନ୍ୟମାନଙ୍କ ଜୟନ୍ତୀ ଆସିଲେ ସବୁଆଡ଼େ ଫଟୋ ରାଜଧାନୀରେ ଛାଇଯାଉଛି, ଠିକ୍ ସେହିପରି ମହିଳାମାନଙ୍କ ବିକାଶ ଲାଗି ତାଙ୍କ ଅବଦାନକୁ ନେଇ ଯେଉଁଭଳି କାର୍ଯ୍ୟକ୍ରମମାନ କରାଯିବା କଥା ତାହା କରାଗଲାନାହିଁ ବୋଲି ବିରୋଧୀ କହିଛନ୍ତି।

ଏହାକୁ ନେଇ ଭାଜପା ସଦସ୍ୟ ଇରାଶିଷ୍ ଆଚାର୍ଯ୍ୟ କହିଥିଲେ, ରମାଦେବୀଙ୍କ ଜୟନ୍ତୀ ବର୍ଷତମାମ୍ ପାଳନ ହେବ। ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମ୍‌ରେ ବହୁତ ଉତ୍ସାହର ସହ ପାଳନ ହେବ। ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବାକୁ ସେ ଅନୁରୋଧ କରିଥିଲେ। ଇରାଶିଷ୍ ପୁଣି କହିଥିଲେ, ରମାଦେବୀଙ୍କ ବଳିଦାନ ଉପରେ ପ୍ରସ୍ତୁତ ପୁସ୍ତକ ବଣ୍ଟନ ହେବ। ଫଟୋଚିତ୍ର ପ୍ରଦର୍ଶନ ସହ ନାଟକ ମଧ୍ୟ ପରିବେଷଣ କରାଯିବ। ବିରୋଧୀ ଏବଂ ଶାସକଙ୍କ ଆଲୋଚନା ଶୁଣିବା ପରେ ବାଚସ୍ପତି ପାଢ଼ୀ ସରକାରଙ୍କୁ ଏକ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ, ରମାଦେବୀଙ୍କୁ ଉପଯୁକ୍ତ ସମ୍ମାନ ପାଇଁ କ'ଣସବୁ କାର୍ଯ୍ୟଖସଡ଼ା ରହିଛି ତା'ର ପୁନର୍ବିଚାର ସହିତ ଆଉ କ'ଣ ଅତିରିକ୍ତ କାର୍ଯ୍ୟକ୍ରମ କରାଯାଇପାରିବ ତାହା କରାଯାଉ।

# ଅଜୟଙ୍କ ପ୍ରଶଂସାରେ ରକୁଲ୍


ରକୁଲ୍-ଅଜୟ

ପ୍ରଥମେ 'ଦେ ଦେ ପ୍ୟାର ଦେ' ଆଉ ପୁଣି ଥରେ ଏହାର ସିକୁଏଲ 'ଦେ ଦେ ପ୍ୟାର ଦେ ୨'ରେ ଅଜୟ ଦେବଗନଙ୍କ ସହ ତାଙ୍କୁ ଦେଖିବାକୁ ମିଳିଛି। ପୁଣି ସିନେମାଦ୍ୱୟ ବକ୍ସ ଅଫିସରେ ଭଲ ବିଜନେସ୍ କରିଛି। ତେବେ ଏହାର ଶୁଟିଂ ସମୟର ସ୍ମୃତିକୁ ରୋମନ୍ଥନ କରି ଅଜୟଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ସେ। ହଁ, ଏହି ନାୟିକା ଜଣକ କିଏ ଜାଣନ୍ତି ? ସେ ହେଲେ ରକୁଲ୍ ପ୍ରୀତ୍ ସିଂ। ଏ ବିଷୟରେ ରକୁଲ୍ କହନ୍ତି, ''ଯେତେବେଳେ 'ଦେ ଦେ ପ୍ୟାର ଦେ ୨'ର ଅଫର ମୋତେ ମିଳିଲା ଆଉ ମୁଁ ଜାଣିବାକୁ ପାଇଲି ଯେ ଏଥିରେ ଅଜୟ ମୋ ନାୟକ ସାଜିବେ ସେତେବେଳେ ମୋତେ ଯେମିତି ଖୋଜିଲା ଚିଜ ମିଳିଯାଇଥିଲା। ଏହାର ଶୁଟିଂ ସମୟରେ ଅଜୟ ମୋତେ ଆକ୍ଟିଂ ବିଷୟରେ ଅନେକ କିଛି ଟିପ୍ସ ଦେଇଥିଲେ। ସବୁଠାରୁ ଖାସ୍ କଥା ହେଲା ଅଜୟଙ୍କ ଆକ୍ଟିଂ ମୋତେ ଭାରି ପ୍ରଭାବିତ କରିଛି। ଆକ୍ଟିଂକୁ ନେଇ ମୋ ମନରେ ଥିବା ଅନେକ ସନ୍ଦେହ ସେ ଦୂର କରିଦେଇଥିଲେ। ମୋ ମନରେ ଏକ ଅବସୋସ ରହିଛି। ତାହା ହେଲା ଅଜୟଙ୍କ ନିର୍ଦ୍ଦେଶନାରେ ଏକ ସିନେମାରେ କାମ କରିବାକୁ।'' ରକୁଲ୍ ସିନା ଏମିତି ଭାବିଛନ୍ତି, ହେଲେ ତାଙ୍କର ଏହି ଆଶା କେବେ ପୂରଣ ହେବ ତାହା ଦେଖିବାକୁ ବାକି ରହିଲା।





'ହିରୋ'ରୁ ହିରୋ ଜ୍ୟାକି ଶ୍ରଫ। ଏହି ଫିଲ୍ମଟି ତାଙ୍କୁ ରାତାରାତି ନାୟକ ଦୌଡ଼ରେ ସାମିଲ କରିଦେଇଥିଲା। କେବଳ ସେତିକି ନୁହେଁ, ସୁବାସ ଘାଇଙ୍କର ଏହି ଫିଲ୍ମ ବଲିଉଡ୍‌ର ଅନ୍ୟତମ ସ୍ମରଣୀୟ ଫିଲ୍ମ ଭାବରେ ପରିଗଣିତ ହୋଇଥାଏ। ହେଲେ ଅଭିନୟ ପୂର୍ବରୁ ଜ୍ୟାକି ମଡେଲିଂ ସହ ଜଡ଼ିତ ଥିଲେ। ହେଲେ ଏଥିରେ କିପରି ତାଙ୍କୁ ସୁଯୋଗ ମିଳିଲା ତା'ପଛରେ ଏକ ମଜାଦାର କାହାଣୀ ରହିଛି। ଏ ନେଇ ଜ୍ୟାକି କହନ୍ତି, ''ଏକଦା ମୁଁ ଏକ ବସ୍ ଷ୍ଟପ୍‌ରେ ଠିଆ ହୋଇଥାଏ। ସେତିକି ବେଳେ ଜଣେ ଯୁବକ ଆସି ମୋତେ କହିଲେ, 'ତୁମେ ମଡେଲିଂ କରିବ ?' ମୁଁ ପ୍ରଥମେ ଟିକେ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ହେଲେ ସେତବେଳର ସଂଘର୍ଷମୟ ଜୀବନରେ ତାହା ଏକ ଆଶାର କିରଣ ସୃଷ୍ଟି କରିଥିଲା। ଯୁବକଙ୍କ କଥା ମାନି ମୁଁ ମଡେଲିଂ ଦୁନିଆରେ ପାଦ ଦେଇଥିଲି। ଆଉ ତା'ପରେ ଆରମ୍ଭ ହୋଇଥିଲା ଅଭିନୟ। ଯାହାହେଉ ଦର୍ଶକଙ୍କ ଭଲ ପାଇବା ଯୋଗୁ ଆଜି ମଧ୍ୟ ମୁଁ ଅଭିନୟ ଜାରି ରଖିଛି।''

## ରହସ୍ୟ ଖୋଲିଲେ ଜ୍ୟାକି

ଜ୍ୟାକି ଏପର୍ଯ୍ୟନ୍ତ ୧୩ଟି ଭାଷାରେ ପ୍ରାୟ ୨୨୦ରୁ ଅଧିକ ସିନେମାରେ ଅଭିନୟ କରିସାରିଲେଣି। ତାଙ୍କର ପ୍ରକୃତ ନାମ ଥିଲା ଜୟକିଶନ କାକୁଭାଇ ଶ୍ରଫ। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କର ବାପା ଏହି ନାମକୁ ପରିବର୍ତ୍ତନ କରି ଜ୍ୟାକି ଶ୍ରଫ ରଖିଥିଲେ।

## ରିଲିଜ ଅପେକ୍ଷାରେ...
# ମହାକାଳ


'ମହାକାଳ' ଫିଲ୍ମର ପୋଷ୍ଟର

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ମହାକାଳ'। କାହାଣୀ ଅନୁସାରେ ଏକ ସଂରକ୍ଷିତ ଜଙ୍ଗଲରେ କୌଣସି କାରଣରୁ ନିଆଁ ଲାଗିଯାଏ। ହେଲେ କୁଚକ୍ରୀ ଗୋଷ୍ଠୀ ଏହାର ଦୋଷ ଜଣେ ନିରୀହ ଆଦିବାସୀ ଯୁବକ ଉପରେ ଲଦି ଦିଅନ୍ତି। ଏହା ପଛରେ ଥିବା ପ୍ରକୃତ ଦୋଷୀ କିଏ ? ଜଙ୍ଗଲରେ ନିଆଁ ଲାଗିଥିଲା ନା ଲଗାଇ ଦିଆଯାଇଥିଲା ? ଏଭଳି ରହସ୍ୟର ଉନ୍ମୋଚନ ହୋଇଛି ଏହି ସିନେମାରେ। ଏହାର ମୁଖ୍ୟ ଭୂମିକା (ସମ୍ଭବ)ରେ ଅଭିନୟ କରିଛନ୍ତି ଦେବ୍। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ମୋନାଲି। ଏମାନଙ୍କ ବ୍ୟତୀତ ଅସୀତ ପତି, ବ୍ରଜ ସିଂ, ଡିସ୍କୋ ରେଡ୍ଡି, ମନ୍ମଥ ମିଶ୍ର, ବବଲୁ, ରାଜଶ୍ରୀ, ପ୍ରତୀକ୍ଷା ଏବଂ ଶକ୍ତି ସାଧନା ପ୍ରମୁଖ କଳାକାର। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ନିର୍ଦ୍ଦେଶନା ଭାରସମ୍ଭାଳିଛନ୍ତି ଡିପି। ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ଦେବ୍‌ସ ଏଣ୍ଟରଟେନମେଣ୍ଟ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୁଡଲି ରଥ। ଏହି ସିନେମା ଚଳିତ ମାସ ୧୨ ତାରିଖରେ ରିଲିଜ ହେବାର ଯୋଜନା ରହିଛି।

## ସେଇ କେଇ ପଦ କଥା...

ପରିଣୀତି ଚୋପ୍ରା ଅଭିନୟ ଦୁନିଆରେ ପ୍ରବେଶ କରିବା ପୂର୍ବରୁ ବଲିଉଡ୍‌ର ଅନ୍ୟତମ ନାମୀ ପ୍ରଯୋଜନା ସଂସ୍ଥା ୟଶ ରାଜ ଫିଲ୍ମସ (ୱାଇଆର୍‌ଏଫ୍)ରେ କିଛି ଦିନ ପିଆର୍‌ଓ ଭାବରେ କାମ କରିଥିଲେ। କେବଳ ସେତିକି ନୁହେଁ, ସେହି ସମୟରେ ସେ ରାଣୀ ମୁଖାର୍ଜୀଙ୍କ ପର୍ସନାଲ ଆସିସଷ୍ଟାଣ୍ଟ ଭାବରେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ଆଉ ସେହି ସମୟରେ କିଛି ସ୍ମରଣୀୟ ସ୍ମୃତିଗୁଡିକୁ ଏବେ ମନେ ପକାଉଛନ୍ତି ପରିଣୀତି। ଏକଦା ଅଭିନୟକୁ ନେଇ ତାଙ୍କ ସହ ଅନେକ ସମୟ କଥା ହୋଇଥିଲି। ଆଉ ସେହି ସମୟରେ ସେ ମୋତେ ଯେଉଁ କେଇ ପଦ କଥା କହିଥିଲେ ତାହା ଆଜି ବି ତାଙ୍କର ମନେପଡୁଛି। ଏ ବିଷୟରେ ପରିଣୀତି କହନ୍ତି,''ରାଣୀ ମାଡାମଙ୍କ ସହ କଥା ହେବା ସମୟରେ ସେ ପ୍ରଥମେ ମୋତେ କହିଲେ, ତୁମେ କାହିଁକି ଆକ୍ଟିଂ ଲାଇନ୍‌ରେ ଏଣ୍ଟ୍ରି କରୁନ ? ତୁମକୁ ଯେତିକି ଷ୍ଟଡି କରିଛି ତୁମ ଠାରେ ଅଭିନୟ ଦକ୍ଷତା ରହିଛି। ତୁମେ ତାକୁ ଉପଯୋଗ କଲେ ନିଶ୍ଚୟ ଆଗକୁ ଯାଇପାରିବ। ଯେତେବେଳେ ମୋତେ ପ୍ରଥମେ ବଲିଉଡ୍‌ରେ ସୁଯୋଗ ମିଳିଲା ସେତେବେଳର ତାଙ୍କର ସେହି କେଇ ପଦ କଥା ମୋ କାନରେ ବାରମ୍ବାର ପ୍ରତିଧ୍ୱନିତ ହୋଇଥିଲା। ଆଉ ମୋର ପ୍ରଥମ ସିନେମା ମଧ୍ୟ ମୋତେ ବେଶ୍ ମାଇଲେଜ ଦେଇଥିଲା।'' ପରିଣୀତି ୨୦୧୧ରେ ହିନ୍ଦୀ ସିନେମାରେ ପ୍ରଥମେ ଅଭିନୟ କରିବାର ସୁଯୋଗ ପାଇଥିଲେ। ଫିଲ୍ମଟି ଥିଲା 'ଲେଡିଜ୍ ଭର୍ସେସ ରିକି ବହଲ'। ପ୍ରଥମ ସିନେମା ପାଇଁ ତାଙ୍କୁ ଅନେକ ପୁରସ୍କାର ମଧ୍ୟ ମିଳିଥିଲା।


ପରିଣୀତି

# ହାପି ଡେଜ୍‌ରେ ଅଭିନୟ କରି ନ ଥିଲେ...

ତମନ୍ନା ଭାଟିଆ ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ। ଅଭିନୟ ପୂର୍ବରୁ ସେ ମଡେଲିଂ କରୁଥିଲେ। ତା'ପୂର୍ବରୁ ପୃଥ୍ୱୀ ଥିଏଟରରେ ସେ କିଛି ଦିନ ଷ୍ଟେଜ ପ୍ରଡକ୍ସନ ଦାୟିତ୍ୱ ତୁଲାଇଥିଲେ। ମ୍ୟୁଜିକ ଭିଡିଓରେ ଅଭିନୟ କରିବା ପରେ ୨୦୦୩ରେ ତାମିଲ ଫିଲ୍ମ 'ଇନ୍ନାକୁ ୨୦ ଉନ୍ନାକୁ ୧୮'ରୁ ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। କିନ୍ତୁ ସଫଳତା ପାଇବାକୁ ତାଙ୍କୁ ଆହୁରି ଚାରି ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ୨୦୦୭ରେ ତେଲୁଗୁ ଫିଲ୍ମ 'ହାପି ଡେଜ୍' ତମନ୍ନାଙ୍କ ଭାଗ୍ୟ ବଦଳାଇ ଦେଇଥିଲା। ଏହି ଫିଲ୍ମଟି ସୁପରହିଟ୍ ସାବ୍ୟସ୍ତ ହୋଇଥିଲା ଏବଂ ତା'ପରେ ତାଙ୍କୁ ଅଫର ପରେ ଅଫର ମିଳିବାକୁ ଲାଗିଲା। ଏ ବିଷୟରେ ତମନ୍ନା କହନ୍ତି, ''ଯେତେବେଳେ ମୋତେ 'ହାପି ଡେଜ୍' ଅଫର ମିଳିଲା ସେତେବେଳେ ତାହାକୁ ଗ୍ରହଣ କରିବି କି ନାହିଁ ତାକୁ ନେଇ ଟିକେ ଦ୍ୱନ୍ଦ୍ୱରେ ପଡିଥିଲି। କିନ୍ତୁ ପରବର୍ତ୍ତୀ ସମୟରେ ମନକୁ ସ୍ଥିର କରି ଏଥିରେ ଅଭିନୟ କରିବାକୁ ସମ୍ମତି ଜଣାଇଥିଲି। ହେଲେ ଫିଲ୍ମଟି ଯେ ଏପରି ଦର୍ଶକାଦୃତ ହେବ ତାହା କେବେ କଳ୍ପନା କରି ନ ଥିଲି। ମୋଟ ଉପରେ କହିଲେ ଯଦି ଏହି ସୁଯୋଗଟିକୁ ମୁଁ ହାତଛଡ଼ା କରିଥାଆନ୍ତି, ତେବେ ହୁଏତ ମୋତେ ନାୟିକା ଦୌଡରେ ସାମିଲ ହେବାକୁ ଆଉ କିଛି ବର୍ଷ ସଂଘର୍ଷ କରିବାକୁ ପଡ଼ିଥାଆନ୍ତା।'' କିନ୍ତୁ ଏହା ପୂର୍ବରୁ ତମନ୍ନା ବଲିଉଡ୍‌ରେ ମଧ୍ୟ ଅଭିନୟ କରସାରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଚାନ୍ଦ୍ ସା ରୋଶନ ଚେହେରା'। ତମନ୍ନା ଏପର୍ଯ୍ୟନ୍ତ ଅନେକ ତାମିଲ ଏବଂ ତେଲୁଗୁ ସିନେମାରେ ଅଭିନୟ କରିସାରିଲେଣି।


ତମନ୍ନା

# ଯାହା ଭାବିଥିଲେ ବିଶ୍ୱରୂପ


'ସପନର ଆର ପାରି ଗାଁ' ଫିଲ୍ମରେ ବିଶ୍ୱରୂପ-ଶୁଭଲକ୍ଷ୍ମୀ

ବିଶ୍ୱରୂପ ମିଶ୍ର ଯାହା ଭାବିଥିଲେ ତାହା ନିକଟରେ ପୂରଣ ହୋଇଛି। ଆଉ ନିଜ ଆକ୍ଟିଂ କ୍ୟାରିୟରରେ ଏଭଳି ଏକ ଭିନ୍ନଧରଣର ଭୂମିକାଟିଏ ପାଇବା ପରେ ତାଙ୍କ ଖୁସି କହିଲେ ନ ସରେ। କଥା କ'ଣ କି ସେ ଏବେ ନିର୍ମାଣାଧୀନ ଓଡ଼ିଆ ସିନେମା 'ସପନର ଆର ପାରି ଗାଁ'ର ନାୟକ ସାଜିଛନ୍ତି। ଆମ ରାଜ୍ୟର ହଜିଯାଉଥିବା ଏକ ପରମ୍ପରାକୁ ନେଇ ଉକ୍ତ ଚିତ୍ରର କାହାଣୀ ଗତିଶୀଳ। ଏ ବିନୋଦିନୀ କ୍ରିଏସନ୍ସ ଡ୍ରିମ୍‌ସ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ସସ୍ମିତା ପାଢ଼ୀ। ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ଓମ୍ ପ୍ରକାଶ ରାଉତରାୟ। 'ବିଶ୍ୱରୂପ ବର୍ନ ଟୁ ଫାଇଟ' ଏବଂ ଐତିହାସିକ ସିନେମା 'ଜୟୀ ରାଜଗୁରୁ' ପରେ ଏହି ଫିଲ୍ମକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ବିଶ୍ୱରୂପ। ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶାନ୍ତନୁ ନାୟକ। ସଂଳାପ ଲେଖିଛନ୍ତି ଜିତେନ୍ଦ୍ର ବରାଳ। ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ,କୁଳଦୀପ ପଟ୍ଟନାୟକ, ଅନ୍ତରା ଚକ୍ରବର୍ତ୍ତୀ ଏବଂ ଶାନ୍ତନୁ ନାୟକ। ଏଥିରେ ବିଶ୍ୱରୂପଙ୍କ ନାୟିକା ସାଜିଛନ୍ତି ଶୁଭଲକ୍ଷ୍ମୀ ରାଉତରାୟ। ଶୁଭଲକ୍ଷ୍ମୀ ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ଅଭିନୟରେ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିଛନ୍ତି। ଏମାନଙ୍କ ବ୍ୟତୀତ ଇଲୁ ବାନାର୍ଜୀ, ଧରିତ୍ରୀ ଖଣ୍ଡୁଆଳ, ଚନ୍ଦନ ରାଉତରାୟ ପ୍ରମୁଖ ଅଭିନୟ କରିଛନ୍ତି। ଏହାର ପ୍ରଥମ ରାଉଣ୍ଡ ଶୁଟିଂ ଶେଷ ହୋଇଛି ଏବଂ ପରବର୍ତ୍ତୀ ସିଡ୍ୟୁଲ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ରହସ୍ୟ ଖୋଲିବ ମିଡ୍ ନାଇଟ୍


'ମିଡ୍ ନାଇଟ୍' ଫିଲ୍ମରେ (ବାମରୁ) ବୀରେନ, ମନୁ, ଅକ୍ଷୟ

ଏକ ରହସ୍ୟ ରୋମାଞ୍ଚପୂର୍ଣ୍ଣ କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ମିଡ୍ ନାଇଟ୍'। କାହାଣୀ ଅନୁସାରେ ତିନି ଜଣ ବାନ୍ଧବୀ ନୂଆ ବର୍ଷ ସେଲିବ୍ରେଟ କରିବାକୁ ଚନ୍ଦ୍ରାଭାଗା ଯାଉଥାଆନ୍ତି। ହେଲେ ହଠାତ୍ ଗାଡିଟି ଖରାପ ହୋଇଯାଏ, ଆଉ ଉପାୟଶୂନ୍ୟ ହୋଇ ସେମାନେ 'ମିଡ୍ ନାଇଟ୍' ନାମକ ଏକ ହୋଟେଲରେ ରହନ୍ତି। ଆଉ ତା'ପରେ କ'ଣ ଘଟୁଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଉକ୍ତ ସିନେମାର ପ୍ରଯୋଜନା କରିଛନ୍ତି ଅଭିନେତା ମନୁ ଦ୍ୱିବେଦୀ। ଖାସ୍ କଥା ହେଲା କିଛି ବର୍ଷର ଗ୍ୟାପ୍ ପରେ ପୁଣି ଥରେ ବଡ ପରଦାକୁ ଫେରୁଛନ୍ତି ସ୍ୱର ସଂଯୋଜକ ପ୍ରଶାନ୍ତ ପାଢ଼ୀ। କେବଳ ସେତିକି ନୁହେଁ ଏହାର ଗୀତଗୁଡିକ ଚଳଚ୍ଚିତ୍ରର ଅନ୍ୟତମ ଆକର୍ଷଣ ହେବ ବୋଲି କହନ୍ତି ସେ। ମନୁ ଦ୍ୱିବେଦୀ ଫିଲ୍ମସ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ମନୁ ଦ୍ୱିବେଦୀ। ସହକାରୀ ନିର୍ଦ୍ଦେଶକ ଭାର ସମ୍ଭାଳିଛନ୍ତି ସୁରେଶ ଦାଶ। ମନୁ ଦ୍ୱିବେଦୀ, ବୀରେନ ମିଶ୍ର, ଅକ୍ଷୟ ବସ୍ତିଆ, ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଡାଏନା, ସୁଇଟି, ଆଲିୟା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।

# ନବଜାତ ଶିଶୁକୁ କୁମାରୀ ମା'ଙ୍କ ହତ୍ୟା ଉଦ୍ୟମ

ଭବାନୀପାଟଣା/କଳମପୁର, ୩।୧୨ (ଉତ୍ତମ କୁମାର ଦାଶ/ଗଣେଶ ରାମ ବାଗ)

କଳାହାଣ୍ଡି ଜିଲ୍ଲା କଳମପୁର ଥାନା ଅଞ୍ଚଳରେ ବୁଧବାର ଜଣେ କୁମାରୀ ମା' ନିଜ ନବଜାତ ଶିଶୁପୁତ୍ରକୁ ହତ୍ୟା ଉଦ୍ୟମ କରିଛନ୍ତି। ସକାଳେ ଅବିବାହିତ ଯୁବତୀଜଣକ ଶିଶୁପୁତ୍ର ଜନ୍ମ କରିଥିଲେ। ପରେ ନିରୁପାୟ ହୋଇ ନବଜାତକକୁ ଫିଙ୍ଗି ମାରିବାକୁ ଚେଷ୍ଟା କରିଥିଲେ। ପଡ଼ୋଶୀଙ୍କଠାରୁ ସୂଚନା ପାଇ ବଡ଼କୁଟରୁ ସରପଞ୍ଚ ଗଣେଶ କୁମାର ପଣ୍ଡା ଓ ଆଶା କର୍ମୀ ଘଟଣାସ୍ଥଳରେ ପହଞ୍ଚ ନବଜାତ ଶିଶୁକୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ଉଭୟ ମା' ଓ ଶିଶୁ ସୁସ୍ଥ ଅଛନ୍ତି। ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାଶିଷ ସାଇଁ ସମସ୍ତ ଘଟଣା ଜାଣିବା ପରେ ତୁରନ୍ତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିର୍ଭିସିନୀ ଦେଈ ଏବଂ ଶିଶୁ ସୁରକ୍ଷା ସମିତିକୁ ସୂଚନା ଦେଇଥିଲେ। 'ଏହାସହ ମା' ପାଖରେ ଶିଶୁ ଅସୁରକ୍ଷିତ ଥିବା ଜଣାପଡ଼ିଥିଲେ। ଶିଶୁ ସୁରକ୍ଷା ସମିତି ଉଭୟ ମା' ଓ ଶିଶୁଙ୍କୁ ଶିଶୁ ସୁରକ୍ଷା ସମିତିକୁ ପଠାଇବା ପାଇଁ ଡାକ୍ତର ସ୍ୱାଇଁଙ୍କୁ ଅନୁରୋଧ କରିଥିଲେ। ଅନ୍ୟପଟେ କୁମାରୀ ମା'ଙ୍କ କେହି ସମ୍ପର୍କୀୟ ନ ଥିବାବେଳେ ପଡ଼ୋଶୀ ଜଣେ ମହିଳା ଶିଶୁକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିବା ସରପଞ୍ଚ ପଣ୍ଡା ସୂଚନା ଦେଇଛନ୍ତି।

# ମୃତଦେହକୁ କାନ୍ଧଦେଲେନି ଜାତିଭାଇ

ବଉଣ୍ଡା,୩।୧୨(ପରିକ୍ଷିତ ସାହୁ)

**ଅନ୍ୟ ଜାତିରେ ବିବାହ କରିଥିବାରୁ ବାସନ୍ଦ ହୋଇଥିଲେ**

ଅନ୍ୟ ଜାତିରେ ବିବାହ କରିଥିବାରୁ ବାସନ୍ଦ କରିଥିଲା ଜାତି ସମାଜ। ଏପରି କି ବାସନ୍ଦର ୩୦ ବର୍ଷ ପରେ ବି ଏହି କଟକଣା ଜାରି ରହିଥିବାରୁ ମୃତ୍ୟୁ ପରେ କାନ୍ଧ ଦେବାକୁ ଆସିଲେନି ଜାତିଭାଇ। ଦୀର୍ଘ ୩୦ ଘଣ୍ଟା ମୃତଦେହ ପଡ଼ିରହିବା ପରେ ବୁଧବାର ପୋଲିସ ଓ ପଞ୍ଚାୟତ ପକ୍ଷରୁ ସତ୍କାରର ବ୍ୟବସ୍ଥା କରାଯାଇଥିଲା। ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ରାମପୁର ଗ୍ରାମରେ ଘଟିଥିବା ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ରାମପୁର ଗ୍ରାମର ପଣ୍ଡେଇ ଭୋଇ ୩୦ ବର୍ଷ ତଳେ ଅନ୍ୟଜାତିର ରାଣୀ ନାୟକଙ୍କୁ ବିବାହ କରିଥିଲେ। ଏଥିଯୋଗୁ ପଣ୍ଡେଇଙ୍କୁ ତାଙ୍କ ଜାତି ସମାଜ ବାସନ୍ଦ କରାଯାଇଥିଲା। ଫଳରେ ସେ ନିଜ ଜାତିର କୌଣସି କାର୍ଯ୍ୟରେ ଯୋଗଦେଇପାରୁ ନ ଥିଲେ। ତାଙ୍କର କୌଣସି ସନ୍ତାନ ନ ଥିବା ବେଳେ ସେ ଓ ତାଙ୍କ ସ୍ତ୍ରୀ ସାହିର କାହା ସହିତ ମିଶୁ ନ ଥିଲେ। ପଣ୍ଡେଇ କିଛି ବର୍ଷ ହେବ କିଡ୍ନୀ ରୋଗରେ ପୀଡ଼ିତ ଥିବାବେଳେ ମଙ୍ଗଳବାର ସକାଳ ୧୦ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ରାଣୀ ଜାତିଲୋକଙ୍କୁ ଜଣାଇଥିଲେ। କେତେଜଣ ବ୍ୟକ୍ତି ଆସି ପଣ୍ଡେଇଙ୍କ ମୃତଦେହକୁ ଦେଖିଯାଇଥିଲେ ହେଁ କେହି କାନ୍ଧ ଦେଇ ନ ଥିଲେ। ରାତିତମାମ ମୃତଦେହ ଘରେ ପଡ଼ି ରହିଥିଲା। ବୁଧବାର ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଏ ନେଇ ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନକୁ ଜଣାଇଥିଲେ। ପ୍ରଶାସନର ନିର୍ଦ୍ଦେଶକ୍ରମେ ଠାକୁରଗଡ଼ ପୋଲିସ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପରିଡ଼ାଙ୍କ ଉପସ୍ଥିତିରେ ଅପରାହ୍ନ ୪ଟାରେ ପଣ୍ଡେଇଙ୍କ ମୃତଦେହ ସତ୍କାର ବ୍ୟବସ୍ଥା କରାଯାଇଥିଲା। ଏଥିସହ ପଣ୍ଡେଇଙ୍କ ସ୍ତ୍ରୀଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ନିର୍ବାହୀ ଅଧିକାରୀ ପ୍ରଦାନ କରିଥିଲେ।

# ଆତ୍ମନିର୍ଭରଶୀଳତାକୁ ଗୁରୁତ୍ୱ

**ଆଜି ଭାରତୀୟ ନୌସେନା ଦିବସ**



ଭାରତୀୟ ନୌସେନାର ସାହସ, ଶୃଙ୍ଖଳା ଏବଂ ଶକ୍ତିକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଡିସେମ୍ବର ୪ରେ 'ଭାରତୀୟ ନୌସେନା ଦିବସ' ପାଳନ ହୋଇଆସୁଛି। ଏହା ସାମୁଦ୍ରିକ ସୀମାକୁ ସୁରକ୍ଷିତ ରଖିବା, ସାମୁଦ୍ରିକ ବାଣିଜ୍ୟ ମାର୍ଗକୁ ସୁରକ୍ଷା ଦେବା ଏବଂ ଦକ୍ଷତାର ସହ ସଙ୍କଟର ମୁକାବିଲା କରିବାରେ ଭାରତୀୟ ନୌସେନାର ଭୂମିକାକୁ ସମ୍ମାନକରେ। ଏହି ଦିବସ ଭାରତୀୟ ନୌସେନାର ବର୍ଦ୍ଧିତ କ୍ଷମତା, ଆତ୍ମନିର୍ଭରଶୀଳତା,ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଉପରେ ଅଧିକ ଗୁରୁତ୍ୱ ଦେଇ ଭାରତ ମହାସାଗରରେ ଏକ ଶକ୍ତିଶାଳୀ ନୌବାହିନୀଙ୍କ ଶକ୍ତି ହେବାର ପ୍ରତିବଦ୍ଧତାକୁ ପ୍ରତିଭାତ କରେ।

୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଡିସେମ୍ବର ୪ରେ ହୋଇଥିବା ଅପରେଶନ 'ଟ୍ରାଇଡେଣ୍ଟ'ର ସ୍ମୃତିଚାରଣ ଭାରତୀୟ ନୌସେନା ଦିବସର ମୂଳ ଭିତ୍ତିଭୂମି। ତେବେ ଏହି ଅଭିଯାନରେ ଭାରତୀୟ ନୌସେନା ପାକିସ୍ତାନର କରାଚୀ ବନ୍ଦର ଉପରେ ଏକ ନିର୍ଣ୍ଣାୟକ ଆକ୍ରମଣ କରିଥିଲା। ଭାରତୀୟ ଜାହାଜଗୁଡ଼ିକ ପାକିସ୍ତାନୀ ଇନ୍ଧନ ଡିପୋ, ଯୋଗାଣ ଜାହାଜ ଏବଂ ଉପକୂଳ ପ୍ରତିଷ୍ଠାନଗୁଡ଼ିକୁ ନଷ୍ଟ କରିଦେଇଥିଲେ, ଯାହା ପାକିସ୍ତାନ ନୌସେନା କ୍ଷମତାକୁ ଯଥେଷ୍ଟ ଦୁର୍ବଳ କରିଦେଇଥିଲା। ଆଇଏନ୍‌ଏସ୍ ବିକ୍ରାନ୍ତରୁ ବିମାନ ଅଭିଯାନ ଏକକାଳୀନ ଚିଟାଗଙ୍ଗ ଏବଂ ଖୁଲ୍‌ନାରେ ଶତ୍ରୁ ବିମାନ କ୍ଷେତ୍ରଗୁଡ଼ିକୁ ଟାର୍ଗେଟ କରିଥିଲା, ଯାହା ୧୯୭୧ ମସିହାର ଯୁଦ୍ଧରେ ନୌସେନାର ଅବଦାନ ରଖିଥିଲା। ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ଯୁଦ୍ଧ ପାଇଁ ପ୍ରସ୍ତୁତ, ସମନ୍ୱିତ ଏବଂ ଆତ୍ମନିର୍ଭରଶୀଳ'। ବିଷୟବସ୍ତୁଟି ଯୁଦ୍ଧ ପାଇଁ ପ୍ରସ୍ତୁତ, ସମନ୍ୱିତ ଏବଂ ଆତ୍ମନିର୍ଭରଶୀଳ ପଥକୁ ମାର୍ଗଦର୍ଶନ ଦେବା ଉପରେ ଆଲୋକପାତ କରେ।


idco — ODISHA NEW OPPORTUNITIES

No.CAD-2556

## OFFICE OF THE DIVISIONAL HEAD, IDCO, CUTTACK DIVISION, JAGATPUR (NEW), CUTTACK-754021

Tender Call Notice No- IDCO/CTC/CIV/E:2382, Dated 26.11.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Name of the Work: Selection of an Agency for Setting up and Operation of a Canteen at Jagatpur Industrial Estate.
1. Estimated Cost: Rs.12/- per sq.ft. excluding GST
2. Period of operation of Restaurant : 5 years
3. Other details :

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Divisional Head, IDCO, Cuttack Division | Bid ID/Tender Reference No.CTC/CIV/EST/ E- 04/2025-26 | 05.12.2025 at 17.00 Hrs. | 15.12.2025 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in. and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in

Sd./-Divisional Head
IDCO, Cuttack Division

OIPR-14003/11/0255/2526

GOVERNMENT OF ODISHA

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH

No.O-1627

AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com

No. Tender Online - RWCCESNG - 24 of 2025-26, Letter No. 3754 / Dtd. 28.11.2025

e-Procurement NOTICE

1. Type of the Work : Road (MMSY TRIP), 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 24 of 2025-26 | 05.12.2025 11:00 A.M. | 20.12.2025 5:00 P.M. | 19.12.2025 5:00 P.M. | 22.12.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0084/2526

GOVERNMENT OF ODISHA

## OFFICE OF THE SUPERINTENDING ENGINEER RURAL WORKS DIVISION, BOLANGIR

E-mail ID: eerw_blgr@yahoo.co.in

No.O-1622: e-Procurement Notice

IFB IDENTIFICATION NO. EEBLGR-Online-20/2025-26

| | | |
|---|---|---|
| 1 | Name of Work | Building Work |
| 2 | Total No. of Works | 1 (One) No. |
| 3 | Approximate Estimated Cost | Rs.83.21 Lakh |
| 4 | Time for Completion | 6 (Six) Calendar Months |
| 5 | Mode of Submission of tender | Tender should be submitted online in www.tendersodisha.gov.in |
| 6 | Other details are as follows | As per TCN No. EEBLGR-Online-20/2025-26 |

| Procurement Officer | Bid Identification No. | Availability of Tender Online for bidding | | Last date and time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W.Division., Bolangir | EEBLGR-Online-20/2025-26 | 04.12.2025 at 11.00 A.M. | 11.12.2025 upto 5.00 PM | 10.12.2025 upto 1.00 P.M. | 12.12.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in.
- Any Corrigendum/ Addendum will be displayed in the above e tender website only.

OIPR-25068/11/0053/2526 Sd./- Executive Engineer, R.W.Division, Bolangir

GOVERNMENT OF ODISHA

## OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARGARH

E-mail:eemisundargarh@yahoo.co.in

'e' Procurement Notice

Bid Reference No. SE MID SNG 16/2025-26

No.A-1053: Bid documents consisting names of work, Estimated Cost, Cost of tender paper, EMD, Time of Completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the Works:- | Civil Construction Work |
| 2 | No. of Works:- | 08 (Eight) Nos. |
| 3. | Estimated Cost:- | Varies from Rs.53.43 lakh to Rs.89.61 lakh (Approximately) |
| 4. | Period of Completion:- | 04 (Four) Calendar Months |
| 5. | Date and Time of availability of bid documents in the Portal:- | From dt.05.12.2025 at 10.00 A.M. to dt.19.12.2025 upto 5.30 PM |
| 6. | Last date/time of receipt of bids in the Portal:- | Dt.19.12.2025 upto 5.30 P.M. |
| 7. | Date of Opening of Technical Bid (Cover-I):- | Dt.20.12.2025 at 11.00 AM onwards |
| 8. | Name and address of the OIT:- | Superintending Engineer, Minor Irrigaton Division, Sundargarh. |

** Further details can be seen from the e-Procurement market place http://tendersodisha.gov.in.

Sd./- Superintending Engineer
M.I. Division, Sundargarh

OIPR-32124/11/0043/2526

## OFFICE OF THE PANCHAYAT SAMITI, JASHIPUR, MAYURBHANJ

AT/PO/PS-Jashipur, District-Mayurbhanj, Odisha-757091
Tel/Fax-06797-232435, E-mail: ori-jashipur@nic.in

No.i-403: DTCN No.03, Dated 02.12.2025

1. The Block Development Officer, Jashipur invites Sealed tender in offline/ online mode on percentage rate basis for 01 (One) No. of Construction work as mentioned in the DTCN from eligible Civil Contractors of the State PWD (R&B)/ Water Resource/ Rural Works/ M.I./ C.P.W.D.
2. No. of Work: 01 (One) No.
   **Name of the Work**: **Providing infrastructure Facilities at Mini Stadium Located in Mahardapalsa, Jashipur Block, Mayurbhanj** — **Value of Work**: **Rs.28,39,560.00**
3. Cost of Tender Paper : **Rs.6,000/- (Rupees Six Thousand) per unit for each work respectively.**
4. Class of Contractors : **"B" & "C" Contractors**
5. Date & Time of available the Tender document (DTCN & BOQ) : In District NIC website (www.mayurbhanj.odisha.gov.in) from **Dt.03.12.2025 to Dt.10.12.2025 till 05.30 P.M.** (On working days only).
6. Last date of Receipt of Bids: **Dt.10.12.2025 till 05.30 P.M.**
7. Mode of Receipt : **Through Speed Post/ Regd. Post only.**
8. Date of Tender Opening: **Dt.11.12.2025 at 11.00 AM**

\# For more details, visit our District Administration website: www.mayurbhanj.odisha.gov.in. # All amendments, time extension, clarification etc. will be uploaded in the website only. Bidders should regularly visit the above website to keep themselves updated.

Sd./- Block Development Officer, Jashipur

OIPR-19279/11/0005/2526

## ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି

No.H-43: ଏତଦ୍ଦ୍ୱାରା ଗଜପତି ଜିଲ୍ଲାର ସମସ୍ତ କପା ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଗତ ସେପ୍ଟେମ୍ବର ମାସଠାରୁ ଚଳିତ ବର୍ଷର କପା ବିକ୍ରୟ ପାଇଁ ''କପାସ୍ କିଶାନ ଆପ୍'' ଦ୍ୱାରା ନିଜେ ନିଜର ପଞ୍ଜୀକରଣ କରିପାରିବେ ଓ ସେଥିପାଇଁ ନିଜର ପଟ୍ଟା, ଆଧାର କାର୍ଡ, ଚାଷ କରୁଥିବା ଜମିର ସାର୍ଟିଫିକେଟ୍ (କୃଷି ଅଧିକାରୀଙ୍କଠାରୁ ଆଣିବେ) ଓ ତାହାକୁ ନିଜେ ନିଜର ମୋବାଇଲ ଫୋନ୍‌ରେ ପଞ୍ଜୀକରଣ କରିପାରିବେ । ଯଦି ଭାଗଚାଷୀ ହୋଇଥିବେ ତେବେ ନିଜର ପୋଟା, ଆଧାର କାର୍ଡ, ଚାଷ କରୁଥିବା ଜମିର ସାର୍ଟିଫିକେଟ (କୃଷି ଅଧିକାରୀଙ୍କଠାରୁ ଆଣିବେ), ସମ୍ମତି ପତ୍ର (ରାଜସ୍ୱ ନିରୀକ୍ଷକଙ୍କଠାରୁ ଆଣିବେ) ଓ ଲିଜ ଏଗ୍ରିମେଣ୍ଟ ସହ ନିଜର ମୋବାଇଲ ଫୋନରେ ପଞ୍ଜୀକରଣ କରିପାରିବେ ।

ପଞ୍ଜୀକରଣର ଅନ୍ତିମ ତାରିଖ ହେଲା ୩୧.୧୨.୨୦୨୫ । ସବିଶେଷ ବିବରଣୀ ନିମନ୍ତେ ଚାଷୀମାନେ ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି କାର୍ଯ୍ୟାଳୟକୁ ଆସି ଯୋଗାଯୋଗ କରନ୍ତୁ ।

ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି

OIPR-07070/11/0001/2526

GOVERNMENT OF ODISHA

## OFFICE OF THE SUPERINTENDING ENGINEER RURAL WORKS DIVISION, DEOGARH

E-mail Id - eerw_deogarh@yahoo.co.in

No. O-1650

E-Procurement Notice

BID IDENTIFICATION No. EERWDGH-Online-09/2025-26

1. No. of Building Works : (01 No.)
2. Estimated Cost : Approx. Rs.82.80 Lakhs
3. Mode of submission of tender : Tender shall be submitted online in **www.tendersodisha.gov.in**.
4. Availability of tender for online bidding : 05.12.2025, 10.00 A.M. to 15.12.2025 upto 5.00 P.M.
5. Date and time of opening of tender : 16.12.2025, 11.00 A.M.
6. Other details can be seen from the website **www.tendersodisha.gov.in**.
7. Corrigendum/Addendum if any shall only be published in the above website.

Sd./- Superintending Engineer
R.W. Division, Deogarh

OIPR-25087/11/0027/2526

## OFFICE OF THE CHIEF EXECUTIVE, RPRC, BHUBANESWAR

(e-mail Id : rprcbbsr@gmail.com)
Tel : (0674)-2557925

No.-1955/RPRC Date : 02.12.2025

REQUEST FOR PROPOSAL

Bid Identification No. RPRC/ 41 / 2025-26

**No.MM-333** : The Chief Executive, RPRC, Bhubaneswar on behalf of Forest, Environment & Climate Change Department, Govt. of Odisha invites Request for Proposal for "Selection of an Agency to Manage media, communications, infocomm, techcomm and multimedia during Annual Flower Show: 2026 in RPRC, Bhubaneswar" from eligible bidders though e-tendering process though two bid system. The bidders fulfilling the eligibility criteria of the RFP document can access and download the complete RFP and other details from RPRC website www.rprcbbsr.in/ e-portal https://rprc.ewizard.in. The bid calendar under the end-to-end process are-

| EMD in Rs. | Cost of Bid Document in Rs. | Availability of RFP document (online) | | Date of Opening of (Technical Bid) | Event duration |
|---|---|---|---|---|---|
| | | From | To | | |
| 35,000/- (online) | 6,000.00 (Online) | 03.12.2025 / 10.00 A.M. | 17.12.2025 / 11.00 A.M. | 17.12.2025 / 11.30 A.M. | 03 days (during January-2026) |

Addendum/Corrigendum/ Cancellation, if any, will be published in RPRC website and e-portal. Bidder needs to register on the portal after successful Registration and send a mail to eprochelpdesk.101@gmail.com with details (For New Bidders). For any other queries regarding registration & online tender submission contact to: Mr. Shivendra Kumar, Mobile-9355030613 and Jitesh Kumar, Mobile- **9355030613**, e-mail: eprochelpdesk.101@gmail.com

Sd./- Chief Executive,
RPRC, Bhubaneswar

OIPR-08004/11/0046/2526

## ODISHA PUBLIC SERVICE COMMISSION

19, DR. P. K. PARIJA ROAD, CUTTACK
No. 8387/PSC, Dt. 03.12.2025
1M-16-2024-25 (Store)

Quotation Call Notice

**No.-D-270** : Sealed Quotations for following items are invited from the intending Authorized Agencies/Dealers having valid GST registration. They should submit their applications along with copies of GST Registration Certificate, valid OEM Authorization Certificate for the quoted product & PAN Card. The detailed specifications of those items are enclosed at Annexure-A along with this Quotation Call Notice.

| | | | |
|---|---|---|---|
| 1. | Monitor | - | 1 No. |
| 2. | Multifunction Printer (A4) | - | 4 Nos. |
| 3. | Multifunction Printer (A3) | - | 1 No. |

The Sealed Quotation should reach the undersigned at 11 A.M. on or before 08.12.2025 and shall be opened on the same day at 3:30 P.M. in the Office Chamber of Secretary, O.P.S.C. The undersigned reserves the right to cancel/reject any or all the quotations without assigning any reason thereof.

OIPR-12002/11/0335/2526 Sd./- Secretary

## ZILLA SWASTHYA SAMITI, MAYURBHANJ

Office of the CDM&PHO-cum-District Mission Director, NHM, Mayurbhanj, Odisha, 757001

Advt.No.5552/NHM/2025-26 Dt.02.12.2025

TENDER CALL NOTICE

**No.E-563:** Sealed short tenders are invited from the interested eligible bidders for **"Request For Proposal For Accommodation Facility For Trainees Under Various Training in Baripada Municipality Area Under ZSS, Mayurbhanj."** The eligible criteria, the terms of reference and the formats for submission of bid as set forth in the tender document can be downloaded from the website https://mayurbhanj.odisha.gov.in/. Interested bidders fulfilling the eligibility criteria may submit their proposal(s) with EMD, Tender Paper Cost & document as per tender call notice. The bidders have to submit their proposal(s) at the O/o. The CDM & PHO cum District Mission Director, Mayurbhanj. Proposal(s) complete in all respect should reach the undersigned on or before 04.00 PM of dt.26.12.2025 through Regd/Speed Post/ Courier and the same will be opened on 29.12.2025 at 11.30 AM. The undersigned reserves the right to reject any or all the tender(s) without assigning any reason thereof.

Sd./- Chief District Medical & Public Health Officer, Mayurbhanj

OIPR-10020/11/0050/2526

OFFICE OF THE PRINCIPAL

## K.K.S. WOMEN'S COLLEGE, BALASORE

NAAC ACCREDITED B++
At: Manikhamb, P.O.: Motiganj, Dist.: Balasore - 756003
Ph. No.: 06782-295558, e mail id: kks_wc@yahoo.co.in
Website: www.kksgovwc.org

No. 3997 Date: 29.11.25

NOTICE

WALK-IN-INTERVIEW FOR TEACHING POSTS (GUEST FACULTIES) FOR INTEGRATED TEACHER EDUCATION PROGRAMME (ITEP), K.K.S. WOMEN'S COLLEGE, BALASORE

No. N-218: Eligible candidates may attend the Walk-in-Interview for engagement of 22 (Twenty Two) Nos. of Guest Faculties for Integrated Teacher Education Programme (ITEP), K.K.S. Women's College, Balasore for the Academic Session 2026-27.

The interview is scheduled to be held from 10.12.2025 to 11.12.2025 at 10 A.M. at K.K.S. Women's College, Balasore.

